# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୧/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, August 21/2023 | Page 14 | ₹ 7.00

୪୯ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 266 | ମୂଲ୍ୟ ₹୭/-




## ରିଷଭ ଜିତିଲେ ୭ ପଦକ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ମହାରାଷ୍ଟ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ୭ ପଦକ ହାସଲ କରିଛନ୍ତି ଓଡ଼ିଶାର ରିଷଭ ଦାସ।

୧୪

୧୦

## ସେପ୍ଟେମ୍ବର ୨୫ରେ ବିବାହ କରିବେ ପରିଣୀତି

ଚଳିତବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ଆପ୍ ଲିଡର ରାଘବ ଚଢା ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି।



# ସମ୍ବିଧାନ ଉପରେ ନଜର

ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍) ଅଧ୍ୟକ୍ଷ ବିବେକ ଦେବରାୟ କହିଛନ୍ତି ଯେ, ଭାରତରେ ଏକ ନୂଆ ସମ୍ବିଧାନର ଆବଶ୍ୟକତା ହେଲାଣି। ବିବେକ ନିଜେ ଜଣେ ଦକ୍ଷ ଅର୍ଥନୀତିଜ୍ଞ ବୋଲି କୌଣସି ପ୍ରମାଣ ନାହିଁ। ଯେଉଁ ବ୍ୟକ୍ତି ନିଜେ ଜୀବନରେ ଏବଂ ନିଜେ ବାଛିଥିବା କ୍ଷେତ୍ରରେ ସର୍ବୋଚ୍ଚ ସଫଳତା ପ୍ରାପ୍ତ କରିନାହାନ୍ତି, ସେହିଭଳି ବ୍ୟକ୍ତିମାନେ ଏବେ ଭାରତର ୧୫୦ କୋଟି ନାଗରିକଙ୍କର ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ଆଗେଇ ଆସିଛନ୍ତି। ଅବଶ୍ୟ ଏହା ନିଶ୍ଚିତ ଭାବେ କହିହେବ ଯେ, ବିବେକ ଦେବରାୟଙ୍କ ଭଳି ବ୍ୟକ୍ତି ନିଜ ବୁଦ୍ଧିରୁ ଏହି ଚିନ୍ତା ବାହାର କରି ନ ଥିବେ। ଯେତେବାଟ ଜଣାପଡୁଛି ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟ ଅତନୁ ଦେ ଏହି ସମ୍ବିଧାନ ବଦଳାଇବାର ଚିନ୍ତାଧାରାକୁ ଉତ୍ସାହିତ କରିଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ନିଜର କ୍ଷୁଦ୍ର ସ୍ୱାର୍ଥ ହାସଲ କରିବା ପାଇଁ ମାତୃଭୂମିକୁ ଛାଡ଼ି ପଳାଇଥିବା ଅତି ଭଦ୍ରଲୋକମାନେ ଏବେ ହଠାତ୍ ଭାରତର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ନିଜର ମତ ପ୍ରକାଶ କରୁଛନ୍ତି, ଯାହାକୁ ଦେଶ ଭିତରେ ଥିବା ବ୍ୟବସ୍ଥାର ଅଂଶଧାରୀମାନେ ଦୋହରାଇବାକୁ ଆଗଭର ହେଉଛନ୍ତି। ଭାରତର ନୂତନ ଏବଂ ଆଧୁନିକ ଚିନ୍ତାର ଘୋର ଅଭାବ ରହିଛି ବୋଲି ଅନେକ ଯୁଗରୁ ଜଣା। ଏବେ ପରିବର୍ତ୍ତନ ଘଟିଛି ଯେଉଁଥିରେ ନିଜେ ଚିନ୍ତା କରିପାରୁ ନ ଥିବା ବ୍ୟକ୍ତିମାନେ କ୍ଷମତାକୁ ପାଇଯାଇଛନ୍ତି। ସେମାନଙ୍କୁ ପ୍ରବାସୀ ଭାରତୀୟମାନେ ଅତି ଆକର୍ଷଣୀୟ ଲାଗୁଛନ୍ତି।

ଅଗଷ୍ଟ ୧୫ରେ 'ଦି ମିଣ୍ଟ' ଖବରକାଗଜରେ ବିବେକଙ୍କ ''ଦେଆର ଇଜ୍ ଏ କେସ୍ ଫର୍ 'ଉଇ ଦି ପିପୁଲ' ଟୁ ଏମ୍ବ୍ରେସ୍ ଏ ନ୍ୟୁ କନ୍‌ଷ୍ଟିଚ୍ୟୁଶନ' ଶୀର୍ଷକ ଲେଖା ପ୍ରକାଶ ପାଇଥିଲା। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଭାରତୀୟ ସମ୍ବିଧାନ ଗଭର୍ନମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ-୧୯୩୫ ଉପରେ ପର୍ଯ୍ୟବସିତ। ସେହି ଦୃଷ୍ଟିରୁ ବିଚାର କଲେ ଏହା ଏକ ଉପନିବେଶିକ ଚିନ୍ତାଧାରା ବହନ କରୁଛି। ୨୦୦୨ରେ ସମ୍ବିଧାନର କାର୍ଯ୍ୟକାରିତା ଉପରେ ସମୀକ୍ଷା ପାଇଁ ଗଠିତ ଏକ କମିଶନଙ୍କ ରିପୋର୍ଟ ଆସିଥିଲା। ହେଲେ ସେହି ଦିଗରେ ବିଶେଷ ଅଗ୍ରଗତି ହେଲା ନାହିଁ ବୋଲି ବିବେକ କହିଛନ୍ତି। ନିଜ ଯୁକ୍ତିକୁ ସିଦ୍ଧ କରିବା ଲାଗି ସେ ଏକ ଷ୍ଟଡି ବା ଅଧ୍ୟୟନର ଅବତାରଣା କରିଛନ୍ତି। ୟୁନିଭର୍ସିଟି ଅଫ୍ ଶିକାଗୋ ଲ' ସ୍କୁଲ ବିଭିନ୍ନ ଦେଶ ଉପରେ ଅଧ୍ୟୟନ କରି ଏକ ଲିଖିତ ସମ୍ବିଧାନର ହାରାହାରି ଆୟୁଷ ୧୭ ବର୍ଷ ବୋଲି ଦେଇଥିବା ରିପୋର୍ଟ ସମ୍ବନ୍ଧରେ ବିବେକ ତଥ୍ୟ ରଖିଛନ୍ତି। ସେ ଗୋଟିଏ ବିଶ୍ୱବିଦ୍ୟାଳୟର ଏକତରଫା ମତ ଦେଇ ନିଜର ଲେଖାକୁ ଶକ୍ତିଶାଳୀ କରିବାକୁ ଚେଷ୍ଟା କରିଛନ୍ତି। ମନେରଖିବାକୁ ହେବ ଯେ, ପୃଥିବୀର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷାଗାରରେ ସବୁବେଳେ ଭିନ୍ନ ମତର ସନ୍ଦର୍ଭ (ଥେସିସ୍) ବାହାରି ଚାଲିଛି। ଗୋଟିଏ ସ୍ଥାନରେ ଲିଖିତ ସମ୍ବିଧାନକୁ ୧୭ ବର୍ଷ ଆୟୁଷ ଦିଆଯାଇଥିବା ବେଳେ ଖୋଦ୍ ଆମେରିକା ସମ୍ବିଧାନ ଅଷ୍ଟାଦଶ ଶତାବ୍ଦୀରୁ ସଂଶୋଧନ ସହ ହୃଷ୍ଟପୁଷ୍ଟ ଭାବେ ବଞ୍ଚିରହିଛି। ଅନ୍ୟପଟେ ବ୍ରିଟେନର କୌଣସି ଲିଖିତ ସମ୍ବିଧାନ ନାହିଁ।

**ତଥାଗତ ସତପଥୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଭାବେ ବିବେକଙ୍କ ଏହି ଲେଖା ପ୍ରକାଶ ପାଇବା ପରେ ସରକାର ଏହି ବିବାଦଠାରୁ ନିଜକୁ ଦୂରେଇ ରଖୁଛନ୍ତି ବୋଲି ଘୋଷଣା କରିଛନ୍ତି। ଏହି ଚେଷ୍ଟା ପଛରେ କେଉଁପ୍ରକାର ଉଦ୍ଦେଶ୍ୟ ରହିଛି ତାହା ବୁଝିବା କଷ୍ଟକର ନୁହେଁ। ଲୋକଙ୍କ ସମ୍ମୁଖରେ ଗୁଡ଼ି ଉଡ଼ାଇଲା ଭଳି ବିବେକଙ୍କ ମାଧ୍ୟମରେ ଏହି ଚିନ୍ତାଧାରାକୁ ଉଡ଼ାଯାଉଛି। ଯେତେ ସମୟ ବିତିବ ସେତିକି ପୁରୁଣା ହେବ ଏହି ଚିନ୍ତା। ନୂତନ ଭାରତ ସୃଷ୍ଟି କରିବା ଆଳରେ ପୂର୍ବର ସବୁ ସକାରାତ୍ମକ କାର୍ଯ୍ୟଗୁଡ଼ିକୁ ଭାଙ୍ଗିଦେବାର ପ୍ରବଳ ଚେଷ୍ଟା ଚାଲିଛି। ଏହା ସତ୍ୟ ଯେ ପ୍ରତ୍ୟେକ ମଣିଷ ନୂଆ ଗାଡ଼ି, ନୂଆ ଘର ଏବଂ ଜୀବନରେ ସବୁକିଛି ନୂଆ ପାଇଲେ ଖୁସି ହୁଅନ୍ତି। ତଥାପି ପ୍ରାୟ ସମସ୍ତେ ନିଜର ବୟସ୍କ ମାତାପିତା, ପରିବାରର ସାଙ୍ଗିଆଙ୍କୁ ଭଲପାଇବା ସହିତ ଭାରତକୁ ଅତି ପ୍ରାଚୀନ ସଭ୍ୟତା କହି ଗୌରବାନ୍ୱିତ ହୁଅନ୍ତି। ମନେରଖିବାକୁ ହେବ ଯେ ଭାରତର ସମ୍ବିଧାନକୁ ପ୍ରସ୍ତୁତ କରିବା ପାଇଁ କନ୍‌ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ସୃଷ୍ଟି କରାଯାଇଥିଲା, ଯେଉଁଥିରେ ପ୍ରତ୍ୟେକ ଭାଷା, ଧର୍ମ, ଅଞ୍ଚଳ ବା ପ୍ରାନ୍ତ ଏବଂ ବିଭିନ୍ନ ବୟସର ଲୋକଙ୍କୁ ନେଇ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ କାଳ ଆଲୋଚନା କରାଯିବା ପରେ ବାବାସାହେବ ବି.ଆର୍. ଆମ୍ବେଡ୍‌କରଙ୍କ ଭଳି ଆହୁରି ଅନେକ ଦେଶପ୍ରେମୀ ମିଶିକରି ଏହି ସମ୍ବିଧାନକୁ ପ୍ରଣୟନ କରିଥିଲେ। ସେହି ଲୋକମାନେ ଦେଶର ସ୍ୱାଧୀନତା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ। ସେମାନଙ୍କ ଦ୍ୱାରା ଭବିଷ୍ୟତର ଭାରତ ପାଇଁ ଦିଗ୍‌ଦର୍ଶକ ଭାବେ ପ୍ରସ୍ତୁତ କରାଯାଇଥିବା ସମ୍ବିଧାନକୁ ଆଜି ବିବେକ ଏବଂ ଅତନୁଙ୍କ ଭଳି ବ୍ୟକ୍ତି ଔପନିବେଶିକ ମନୋଭାବରେ ଏହି ସମ୍ବିଧାନ ପ୍ରସ୍ତୁତ କରାଯାଇଛି ବୋଲି କହିବାର ଆସ୍ପର୍ଦ୍ଧା ଆମ ଦେଶ ପାଇଁ ମାରାତ୍ମକ।

ଯେଉଁ ସରକାର ନିରପେକ୍ଷତାକୁ ଜଳାଞ୍ଜଳି ଦେଇ ନିର୍ବାଚନ କମିଶନର ନିଯୁକ୍ତି କମିଟିରୁ ଭାରତର ପ୍ରଧାନ ବିଚାରପତିଙ୍କୁ ପାର୍ଲାମେଣ୍ଟରେ ବିଲ୍ ଆଗତ କରି ଆଇନ ମାଧ୍ୟମରେ ବାଦ୍ ପକାଉଛନ୍ତି, ସେଭଳି ମାନସିକତା ଦ୍ୱାରା ଏକ ନୂଆ ସମ୍ବିଧାନ ଲେଖାହେଲେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏହି କମିଟିରୁ ପ୍ରଧାନ ବିଚାରପତିଙ୍କୁ ହଟାଇବା ଏହା ମଧ୍ୟ ଦର୍ଶାଉଛି ଯେ ଆଜିର କ୍ଷମତାସୀନ ବ୍ୟକ୍ତିମାନେ ନିଜର ଭବିଷ୍ୟତ ସମ୍ପର୍କରେ ଅନିଶ୍ଚିତତା, ଭୟ ଏବଂ ଅବିଶ୍ୱାସରେ ବୁଡ଼ି ରହିଛନ୍ତି।



କେରଳର ଏର୍ଣାକୁଲମ୍‌ସ୍ଥିତ ରାମକ୍ରିଷ୍ଣ ମଠ ପରିସରରେ ଓନମ ଉତ୍ସବ ପାଳନ ଅବସରରେ ରବିବାର ଆୟୋଜିତ ଦଉଡ଼ି ଭିଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ମହିଳା ଏବଂ ପୁରୁଷ।

## ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ର୍‍ୟାଗିଂ

........ ୩ ........

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଆମେ ଅହଂକାରୀ ନୋହୁଁ। ରାଜସ୍ଥାନବାସୀ ଭାଜପାକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ସରକାରକୁ ପୁଣି ସୁଯୋଗ ଦେବେ।

-ଅଶୋକ ଗେହଲଟ୍,
ରାଜସ୍ଥାନ ମୁଖ୍ୟମନ୍ତ୍ରୀ






# ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କର୍ମଚାରୀଙ୍କ ବିରୋଧରେ ସର୍ବାଧିକ ଦୁର୍ନୀତି

## ୨୦୨୨ରେ ୪୬,୬୪୩ ଅଭିଯୋଗ ଆସିଛି: ସିଭିସି

ନୂଆଦିଲ୍ଲୀ,୨୦।୮

ଦେଶରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନାକତଳେ ସର୍ବାଧିକ ଦୁର୍ନୀତି ଚାଲିଛି। ତାଙ୍କ ଅଧୀନରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାବୁମାନେ ସବୁଠୁ ଅଧିକ ଦୁର୍ନୀତିରେ ଲିପ୍ତ। ଏହି କଥାର ପ୍ରମାଣ ଦେଇଛନ୍ତି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)।

ସିଭିସି ପକ୍ଷରୁ ସଦ୍ୟ ଜାରି ବାର୍ଷିକ ରିପୋର୍ଟ ଅନୁସାରେ ଗତବର୍ଷ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନଙ୍କ ବିରୋଧରେ ସର୍ବାଧିକ ଦୁର୍ନୀତି ଅଭିଯୋଗ ଆସିଥିଲା। ଭ୍ରଷ୍ଟାଚାର କ୍ଷେତ୍ରରେ ଏହା ତଳକୁ ରହିଛନ୍ତି ରେଲୱେ ଓ ବ୍ୟାଙ୍କ କର୍ମଚାରୀ। ରିପୋର୍ଟ ଅନୁଯାୟୀ, ୨୦୨୨ରେ କେନ୍ଦ୍ର ସରକାରଙ୍କ ଅଧୀନ ବିଭାଗ ଓ ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ ସବୁ ବର୍ଗର ଅଧିକାରୀ ଓ କର୍ମଚାରୀମାନଙ୍କ ବିରୋଧରେ ମୋଟ ୧,୧୫,୨୦୩ ଦୁର୍ନୀତି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୮୫,୪୩୭ ମାମଲାର ଫଇସଲା ହୋଇଥିବାବେଳେ ୨୯,୭୬୬ ମାମଲା ପଡ଼ିରହିଛି। ୨୨,୦୩୪ ମାମଲା ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗଡୁଛି। ସିଭିସି ୩ ମାସ ମଧ୍ୟରେ ଅଭିଯୋଗଗୁଡ଼ିକର ଯାଞ୍ଚ ଓ ତଦନ୍ତ କରିବା ପାଇଁ ମୁଖ୍ୟ ଭିଜିଲାନ୍ସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଗତବର୍ଷ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏହାର କର୍ମଚାରୀମାନଙ୍କ ବିରୋଧରେ ୪୬,୬୪୩ ଅଭିଯୋଗ ଆସିଥିବାବେଳେ ରେଲୱେ ଏବଂ ବ୍ୟାଙ୍କଗୁଡ଼ିକରେ କାର୍ଯ୍ୟରତ ବାବୁଙ୍କ ବିରୋଧରେ ଯଥାକ୍ରମେ ୧୦,୫୮୦ ଓ ୮,୧୨୯ ଅଭିଯୋଗ ଆଗତ ହୋଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ କର୍ମଚାରୀଙ୍କ ନାଁରେ ଥିବା ଅଭିଯୋଗ ମଧ୍ୟରୁ ୨୩,୯୧୯ଟିର ଫଇସଲା ହୋଇଥିବାବେଳେ ୨୨,୭୨୪ ବିଚାରାଧୀନ ରହିଛି। କେବଳ ୧୯,୧୯୮ ଅଭିଯୋଗ ୩ ମାସରୁ ଅଧିକ ସମୟ ଧରି ଗଡୁଛି। ସେହିପରି ରେଲୱେ ବାବୁଙ୍କ ବିରୋଧରେ ଥିବା ଅଭିଯୋଗ ମଧ୍ୟରୁ ୯,୬୬୩ଟିରେ ଫଇସଲା ହୋଇଥିବାବେଳେ ୯୧୭ ବିଚାରାଧୀନ ରହିଛି। ସେଥିରୁ ୯ଟି ଅଭିଯୋଗ ଗତ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗଡୁଛି। ବ୍ୟାଙ୍କଗୁଡ଼ିକ ୭,୭୬୨ ଦୁର୍ନୀତି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିବାବେଳେ ୩୬୭ ବିଚାରାଧୀନ ରହିଛି। ୭୮ ଅଭିଯୋଗ ୩ ମାସରୁ ଅଧିକ ସମୟ ହେଲା ଗଡୁଛି। ସେହିପରି ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀ ସରକାରଙ୍କ ଅଧୀନ କର୍ମଚାରୀଙ୍କ ବିରୋଧରେ ୭,୩୭୦ ଅଭିଯୋଗ ଆସିଥିଲା, ଯହିଁରୁ ୬,୮୦୪ଟିର ଫଇସଲା ହୋଇଥିବାବେଳେ ୫୬୬ ବିଚାରାଧୀନ ରହିଛି। ୩ ମାସରୁ ଅଧିକ ସମୟ ଧରି ଗଡୁଥିବା ମାମଲା ସଂଖ୍ୟା ୧୮।

ସିଭିସି ରିପୋର୍ଟରେ ଆହୁରି କୁହାଯାଇଛି, ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ, ଦିଲ୍ଲୀ ମେଟ୍ରୋ ରେଳ ନିଗମ, ଦିଲ୍ଲୀ ଅର୍ବାନ ଆର୍ଟ କମିଶନ ସମେତ ଆଉ କେତେକ ସଂସ୍ଥା ଅଧୀନରେ ଥିବା କର୍ମଚାରୀଙ୍କ ବିରୋଧରେ ୪,୭୧୦ ଅଭିଯୋଗ ଆସିଥିଲା। ସେଥିରୁ ୩,୮୮୯ ଅଭିଯୋଗର ଶୁଣାଣି ଶେଷ ହୋଇଥିବାବେଳେ ୮୨୧ ବିଚାରାଧୀନ ରହିଛି। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, କୋଇଲା ମନ୍ତ୍ରଣାଳୟର ୪,୩୦୪ ଅଭିଯୋଗ ମଧ୍ୟରୁ ☞ପୃଷ୍ଠା-୪

# ଚନ୍ଦ୍ରରେ ଧକ୍କା ହେଲା ଲୁନା-୨୫

## ୪୭ ବର୍ଷ ପରେ ରୁଷିଆର ମୁନ୍ ମିଶନ ବିଫଳ

ମସ୍କୋ,୨୦।୮



ଦୀର୍ଘ ୪୭ ବର୍ଷ ପରେ ରୁଷିଆର ପ୍ରଥମ ମୁନ୍ ମିଶନ ଚନ୍ଦ୍ରରେ ଧକ୍କା ହୋଇଛି। ଶନିବାର ଲୁନା-୨୫ ମହାକାଶ ଯାନ ଲ୍ୟାଣ୍ଡିଂ ପୂର୍ବବର୍ତ୍ତୀ ମାନୋଭର ବେଳେ ନିର୍ଦ୍ଧାରିତ କକ୍ଷପଥକୁ ଯାଇପାରି ନ ଥିଲା। ପରେ ଏହା ଚନ୍ଦ୍ରରେ ଧକ୍କା ହୋଇଥିବା ରୁଷିଆ ମହାକାଶ ସଂସ୍ଥା ରସ୍‌କସ୍‌ମସ୍ ରବିବାର ସୂଚନା ଦେଇଛି। ଶନିବାର ଅପରାହ୍ନ ୨ଟା ୫୭ରୁ ଲୁନା-୨୫ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହାର ଲ୍ୟାଣ୍ଡର ଚନ୍ଦ୍ର ପୃଷ୍ଠରେ ପିଚିହୋଇ ନଷ୍ଟ ହୋଇଯାଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି ବୋଲି ରସକସ୍‌ମସ ପକ୍ଷରୁ କୁହାଯାଇଛି। ୧୯ ଓ ୨୦ ତାରିଖରେ ଲୁନା-୨୫ ସହ ଯୋଗାଯୋଗ ☞ପୃଷ୍ଠା-୪

# 'ଚନ୍ଦ୍ରୟାନ-୩' ଉପରେ ନଜର

ବେଙ୍ଗାଲୁରୁ,୨୦।୮(ପି.ଟି.)

### ବୁଧବାର ସନ୍ଧ୍ୟା ୬ଟା ୪ରେ ସଫ୍ଟ ଲ୍ୟାଣ୍ଡିଂ ସୂଚନା

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଚନ୍ଦ୍ରୟାନ-୩ ମିଶନର ଲ୍ୟାଣ୍ଡର ମଡ୍ୟୁଲ୍ ସଫଳତାର ସହ ଏହାର କକ୍ଷ ହ୍ରାସ କରିଚାଲିଛି। ଆସନ୍ତା ୨୩ ତାରିଖ ବୁଧବାର ସନ୍ଧ୍ୟା ୬ଟା ୪ ମିନିଟ୍ ସମୟରେ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ଏହା ସଫ୍ଟ ଲ୍ୟାଣ୍ଡିଂ କରିବା ଆଶା କରାଯାଉଛି ବୋଲି ରବିବାର ଇସ୍ରୋ ପକ୍ଷରୁ କୁହାଯାଇଛି। ଲ୍ୟାଣ୍ଡର ମଡ୍ୟୁଲ (ଏଲ୍‌ଏମ୍)ରେ ଲ୍ୟାଣ୍ଡର 'ବିକ୍ରମ' ଏବଂ ରୋଭର 'ପ୍ରଜ୍ଞାନ' ରହିଛନ୍ତି। ବୁଧବାର ଅପରାହ୍ନ ୫ଟା ୪୭ରେ ଏହା ସଫ୍ଟ ଲ୍ୟାଣ୍ଡିଂ କରିବ ବୋଲି ଇସ୍ରୋ ପୂର୍ବରୁ ସୂଚନା ଦେଇଥିଲା ବେଳେ ସେଥିରେ ୧୭ ମିନିଟ ବିଳମ୍ବ ହେବ। ଏଲ୍‌ଏମ୍‌ର ଦ୍ୱିତୀୟ ତଥା ଚୂଡ଼ାନ୍ତ ଡିବୁଷ୍ଟିଂ ମାନୋଭର (ବେଗ ହ୍ରାସ ପ୍ରକ୍ରିୟା) ଶନିବାର ରାତି ୧ଟା ୫୦ରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଫଳରେ ଚନ୍ଦ୍ରଠାରୁ ଏହାର ସର୍ବନିମ୍ନ ଦୂରତା ୨୫ କିଲୋମିଟର ଏବଂ ସର୍ବାଧିକ ଦୂରତା ୧୩୪ କିଲୋମିଟରକୁ ହ୍ରାସ ପାଇଛି। ସଫ୍ଟ ଲ୍ୟାଣ୍ଡିଂ ପୂର୍ବରୁ ଲ୍ୟାଣ୍ଡର ମଡ୍ୟୁଲ୍ ଏହାର ଆଭ୍ୟନ୍ତରୀଣ ଯାଞ୍ଚ କରିନେବ ଏବଂ ଲ୍ୟାଣ୍ଡିଂ ସ୍ଥାନରେ ସୂର୍ଯ୍ୟ ଉଦୟ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବ। ଲୁନା-୨୫ ଚନ୍ଦ୍ରରେ ଧକ୍କା ହେବା ପରେ ଚନ୍ଦ୍ରୟାନ-୩ ସଫଳ ଲ୍ୟାଣ୍ଡିଂ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ପୁଅ ହିନ୍ଦୁ ଯୁବତୀଙ୍କୁ ନେଇଯିବାରୁ ମୁସଲମାନ ଦମ୍ପତିଙ୍କୁ ପିଟି ହତ୍ୟା

ସୀତାପୁର,୨୦।୮

ଉତ୍ତରପ୍ରଦେଶର ସୀତାପୁର ଅଞ୍ଚଳରେ ଏକ ମୁସଲମାନ ଦମ୍ପତିଙ୍କୁ ତାଙ୍କ ପଡୋଶୀମାନେ ଲୁହା ରଡ୍ ଓ ଲାଠିରେ ପିଟି ହତ୍ୟା କରିଛନ୍ତି। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ମୃତ ଦମ୍ପତି ଆବ୍ବାସ ଏବଂ କାମ୍ରୁଲ ନିଶାଙ୍କ ପୁଅ ଜଣେ ହିନ୍ଦୁ ଝିଅଙ୍କୁ ନେଇ ପଳାଇଥିଲେ। ଏହାକୁ ନେଇ ଉତ୍ତେଜନାରୁ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତଙ୍କ ମଧ୍ୟରେ ପଳାଇଯାଇଥିବା ଯୁବତୀଙ୍କ ବାପା ଅଛନ୍ତି। ଗାଁ ଲୋକଙ୍କ କହିବା ଅନୁଯାୟୀ କିଛି ବର୍ଷ ପୂର୍ବରୁ ଆବ୍ବାସଙ୍କ ପୁଅ ସୌକତ ଏବଂ ପଡୋଶୀ ରାମପାଲ୍‌ଙ୍କ ଝିଅ ରୁବିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ୨୦୨୦ରେ ରୁବି ନାବାଳିକା ଥିବାବେଳେ ସୌକତ ତାଙ୍କୁ ☞ପୃଷ୍ଠା-୪

# ଅନ୍ଧବିଶ୍ୱାସରୁ ଯାଉଛି ଜୀବନ

ଭୁବନେଶ୍ୱର,୨୦।୮
(ସତ୍ୟଜିତ୍ ରାଉତ)

### ବିଜ୍ଞାନର ବିକାଶ ପରେ ବି କମୁନି ଗୁଣିଗାରେଡ଼ି

### ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ ଆଇନ

ପ୍ରାଚୀନ ଯୁଗରେ ଗୁଣିଗାରେଡ଼ି, ଯାଦୁବିଦ୍ୟା, ତନ୍ତ୍ରସାଧନ, ଝଡ଼ାଫୁଙ୍କା ଆଦି ଅନ୍ଧବିଶ୍ୱାସ ଉପରେ ଲୋକମାନେ ଅଧିକ ବିଶ୍ୱାସ କରୁଥିଲେ। ଏବେ ବିଜ୍ଞାନର ଅଗ୍ରଗତି ପରେ ମଧ୍ୟ କେତେ ଲୋକଙ୍କ ମନରୁ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରୁନାହିଁ। ଫଳରେ ଏହାକୁ ନେଇ ବିଭିନ୍ନ ପ୍ରକାର ଅପରାଧ ବୃଦ୍ଧି ପାଉଛି। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଯୋଗୁ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି, ଯାହା ଚିନ୍ତାର ବିଷୟ ହୋଇଛି। ପୂର୍ବରୁ ଉପାନ୍ତ ଅଞ୍ଚଳରେ ଏଭଳି ଘଟଣା ନଜରକୁ ଆସୁଥିଲା। ହେଲେ ଏବେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳୁଛି। କେତେବେଳେ ତନ୍ତ୍ର ସାଧନ ପାଇଁ ନିରୀହ ଶିଶୁଙ୍କୁ ବଳି ଚଢ଼ାଯାଉଛି ତ ଆଉ କେତେବେଳେ ତନ୍ତ୍ର ସାଧନ କରୁଥିବା ବ୍ୟକ୍ତିଙ୍କୁ ଗୁଣିଆ କହି ହତ୍ୟା କରାଯାଉଛି। ଗୁଣିଗାରେଡ଼ି ଯୋଗୁ ଏଭଳି ହିଂସାକାଣ୍ଡ ଘଟୁଥିବାରୁ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରୁଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ, ୨୦୧୯ରୁ ୨୦୨୧ ମଧ୍ୟରେ ଦେଶରେ ଗୁଣିଗାରେଡ଼ି ସନ୍ଦେହରେ ୨୫୮ ଜଣଙ୍କୁ ହତ୍ୟା କରାଯାଇଛି। ଓଡ଼ିଶାରେ ଏହି ସଂଖ୍ୟା ୨୯ ରହିଛି। ଗତ କିଛି ମାସରେ ରାଜ୍ୟରେ ଘଟିଥିବା କିଛି ଘଟଣାକୁ ଦେଖିବାକୁ ଗଲେ ଗୁଣିଗାରେଡ଼ିଜନିତ ହତ୍ୟାକାଣ୍ଡ ବଢ଼ିଥିବା ଜଣାପଡ଼ିଛି। ଗତ ଜୁଲାଇ ୨୮ରେ ପୁରୀ ଗୁରୁକୃପା ଆଶ୍ରମ ରକ୍ତପାତ ହୋଇଥିଲା। ବିଷ୍ଣୁବାବାଙ୍କ ଆକ୍ରମଣରେ ଅର୍ଜୁନ ଏବଂ ଦୟାନିଧି ବାବାଙ୍କର ମୃତ୍ୟୁ ☞ପୃଷ୍ଠା-୪

### ଆଇନ କ'ଣ କହୁଛି

ରାଜ୍ୟରେ ଗୁଣିଗାରେଡ଼ି ଜନିତହତ୍ୟାକାଣ୍ଡ ରୋକିବାକୁ ୨୦୧୩ରେ ଓଡ଼ିଶା ସରକାର 'ଦି ଓଡ଼ିଶା ପ୍ରିଭେନଶନ୍ ଅଫ୍ ୱିଚ୍-ହଣ୍ଟିଂଗ୍ ଆକ୍ଟ,୨୦୧୩' ଆଇନ ଆଣିଥିଲେ। ରାଜ୍ୟପାଳଙ୍କ ଅନୁମୋଦନକ୍ରମେ ୨୦୧୪ରେ ଏହି ଆଇନ ଲାଗୁ ହୋଇଛି। ଏହି ଆଇନ ଅନୁଯାୟୀ, କୌଣସି ମହିଳାଙ୍କୁ ଡାହାଣୀ କହିବା କିମ୍ବା ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଦଣ୍ଡନୀୟ ଅପରାଧ। ଗୁଣି, ଝଡ଼ାଫୁଙ୍କା, ହଟ ବିଦ୍ୟା, କୁଳ ବିଦ୍ୟା, ନଖ ଦର୍ପଣ ଆଦି ନାମରେ ରହିଥିବା ତନ୍ତ୍ରବିଦ୍ୟା ଯଦି କୌଣସି ଲୋକଙ୍କ କ୍ଷତିସାଧନ ପାଇଁ କରାଯାଉଥାଏ ତେବେ ଉକ୍ତ ବ୍ୟକ୍ତି ଦଣ୍ଡିତ ହେବେ। ତାଙ୍କୁ ବର୍ଷେରୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୫ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାକୁ ଆଇନରେ ଦର୍ଶାଯାଇଛି। ଏପରିକି ସରକାର ଏନେଇ ଏକରୁ ଅଧିକ ଯୋଜନା କରି ଅନ୍ଧବିଶ୍ୱାସ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରିବେ। ତେବେ ଏହି ଆଇନ ଠିକ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ କମୁ ନ ଥିବା କୁହାଯାଉଛି।

# ସନି ଦେଓଲଙ୍କ ଜୁହୁ ବଙ୍ଗଳା ନିଲାମ ହେବ

## ବ୍ୟାଙ୍କରୁ ନେଇଥିବା ୫୬ କୋଟିର ଋଣ ଶୁଝିନାହାନ୍ତି

ମୁମ୍ବାଇ,୨୦।୮



ବଲିଉଡ୍ ଅଭିନେତା ସନି ଦେଓଲଙ୍କର ମୁମ୍ବାଇର ଜୁହୁଠାରେ ଥିବା ବଙ୍ଗଳାକୁ ବ୍ୟାଙ୍କ ଅଫ୍ ବରୋଦା ନିଲାମ କରିବାକୁ ଯାଉଛି। ସନି ବ୍ୟାଙ୍କରୁ ଋଣ ନେଇ ଶୁଝି ନାହାନ୍ତି। ଋଣ ଓ ସୁଧ ମିଶି ୫୬ କୋଟି ଟଙ୍କାରେ ପହଞ୍ଚିଲାଣି। ବ୍ୟାଙ୍କ ସନିଙ୍କ ସମେତ ତାଙ୍କ ଭାଇ ବବି ଦେଓଲ, ବାପା ଧର୍ମେନ୍ଦ୍ର ଏବଂ ସନିଙ୍କ କମ୍ପାନୀକୁ ନିଲାମ ନୋଟିସ ପଠାଇଛି। ରବିବାର ଏକ ଜାତୀୟ ଖବରକାଗଜରେ ମାଧ୍ୟମରେ ଉକ୍ତ ନିଲାମ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ 'ଗଦର-୨' ଷ୍ଟାରଙ୍କ ପ୍ରକୃତ ନାମ ଅଜୟ ସିଂ ଦେଓଲ, ଜୁହୁ ଭିଲ୍ଲାର ନାଁ ସନି ଭିଲ୍ଲା ଏବଂ ଋଣର ଅନ୍ୟାନ୍ୟ ବିବରଣୀ ରହିଛି। ବବି ଦେଓଲ (ପ୍ରକୃତ ନାମ ବିଜୟ ସିଂ ଦେଓଲ), ବାପା ଧର୍ମେନ୍ଦ୍ର ସିଂ ଦେଓଲ, ସନି ଦେଓଲଙ୍କ କମ୍ପାନୀ ସନି ସାଉଣ୍ଡସ୍ ପ୍ରା. ଲିଃ ଋଣର ଗ୍ୟାରେଣ୍ଟର ଓ କର୍ପୋରେଟ୍ ଗ୍ୟାରେଣ୍ଟର ରହିଛନ୍ତି। ବ୍ୟାଙ୍କ ଉକ୍ତ ବଙ୍ଗଳାର ରିଜର୍ଭ ପ୍ରାଇସ୍ ୫୧.୪୩ କୋଟି ଟଙ୍କା ରଖିଥିବାବେଳେ ନିଲାମ ପାଇଁ ଅମାନତ ଜମା ପରିମାଣ ୫.୧୪ କୋଟି ରହିଛି।



କର୍ନାଟକର ଚିତ୍ରଦୁର୍ଗରେ ତାପସ୍ ଡ୍ରୋନ୍ ପରୀକ୍ଷଣବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ(ଡିଆର୍‌ଡିଓ)ର ସ୍ୱୟଂଚାଳିତ ଉଡ଼ନ୍ତା ଯାନ(ୟୁଏଭି) ରବିବାର ସକାଳେ ଚିତ୍ରଦୁର୍ଗ ଅଞ୍ଚଳରେ ଥିବା ଏକ ଚାଷ ଜମିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେତେବେଳେ ଏହାର ପରୀକ୍ଷଣ ଚାଲିଥିଲା। ଏହାକୁ ଡିଆର୍‌ଡିଓ ହିଁ ବିକଶିତ କରିଥିଲା। ଦୁର୍ଘଟଣା କେଉଁ ପରିସ୍ଥିତିରେ ଘଟିଲା ତଦନ୍ତ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

## ସଂକ୍ଷେପରେ

### ଖାତକୁ ବସ୍ ଖସି ୭ ମୃତ

**ଡେରାଡୁନ୍, ୨୦।୮:** ଗୁଜରାଟରୁ ତୀର୍ଥଯାତ୍ରୀଙ୍କୁ ନେଇ ଯାଇଥିବା ଏକ ବସ୍ ରବିବାର ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ଏକ ଖାତକୁ ଖସିପଡ଼ିବାରୁ ୭ ଜଣଙ୍କ ମୃତ୍ୟୁ ଘଟିଛି। ବସ୍‌ରେ ୩୫ ଯାତ୍ରୀ ଥିଲେ। ବସ୍‌ଟି ଗଙ୍ଗୋତ୍ରୀରୁ ଫେରୁଥିବାବେଳେ ଗଙ୍ଗନାନିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨୭ ଜଣଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଦୁର୍ଘଟଣା ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କ ସହ କଥା ହୋଇ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

#### କୋଇଲା ଦୁର୍ନୀତି

### ଇସ୍ପାତ ମନ୍ତ୍ରଣାଳୟର ପୂର୍ବତନ ଅଧିକାରୀଙ୍କୁ ସର୍ବାଧିକ ଦଣ୍ଡ ଦାବିକଲା ସିବିଆଇ

**ନୂଆଦିଲ୍ଲୀ, ୨୦।୮ (ପି.ଟି.):** ଛତିଶଗଡ଼ରେ କୋଇଲା ଖଣି ଆବଣ୍ଟନରେ ଅନିୟମିତତାର ତଦନ୍ତ କରୁଥିବା ସିବିଆଇ ଇସ୍ପାତ ମନ୍ତ୍ରଣାଳୟର ପୂର୍ବତନ ଅଧିକାରୀ ଗୌତମ କୁମାର ବସାକଙ୍କୁ ସର୍ବାଧିକ ୭ ବର୍ଷ ଜେଲଦଣ୍ଡ ପାଇଁ ଦିଲ୍ଲୀ କୋର୍ଟରେ ଦାବି କରିଛି। କୋଇଲା ଖଣି ଆବଣ୍ଟନ ବେଳେ ଗୌତମ ଇସ୍ପାତ ମନ୍ତ୍ରଣାଳୟର ଜଏଣ୍ଟ ପ୍ଲାଣ୍ଟ କମିଟିରେ କାର୍ଯ୍ୟନିର୍ବାହୀ ସଚିବ ଥିଲେ। ଗମ୍ଭୀର ଅପରାଧ କରିଥିବା ଏହି ଅଫିସର ଦଣ୍ଡ କୋହଳ କରାଯିବା ଲାଗି ହକ୍‌ଦାର ନୁହନ୍ତି ବୋଲି ସିବିଆଇ ସ୍ୱତନ୍ତ୍ର ବିଚାରପତି ଅରୁଣ ଭରଦ୍ୱାଜଙ୍କୁ କହିଛି। ଗତ ୧୮ ତାରିଖରେ ଗୌତମଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରିଥିବାବେଳେ ମଙ୍ଗଳବାର ଦଣ୍ଡ ଶୁଣାଇବେ।

#### ମାଓବାଦୀଙ୍କ ଅସ୍ତ୍ର ଜବତ ମାମଲା

### ୧୬ ଜଣଙ୍କ ନାଁରେ ଏନ୍‌ଆଇଏ ଚାର୍ଜଶିଟ୍

**ନୂଆଦିଲ୍ଲୀ, ୨୦।୮ (ପି.ଟି.):** ଝାଡ଼ଖଣ୍ଡର ସିପିଆଇ(ମାଓବାଦୀ)ଙ୍କ ଗୁପ୍ତ ଆଡ୍ଡାରୁ ଗତବର୍ଷ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଜଣେ ମହିଳାଙ୍କ ସମେତ ୧୬ ଅଭିଯୁକ୍ତଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଛି। ଶନିବାର ସ୍ୱତନ୍ତ୍ର କୋର୍ଟରେ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ଆଇପିସିର ବିଭିନ୍ନ ଦଫା ସାଙ୍ଗକୁ ଅସ୍ତ୍ରଶସ୍ତ୍ର ଆଇନ, ବିସ୍ଫୋରକ ସାମଗ୍ରୀ ଆଇନ, ଆପରାଧିକ ଆଇନ ସଂଶୋଧନ ଅଧିନିୟମ ଏବଂ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନର ବିଭିନ୍ନ ଧାରା ଲାଗୁ ହୋଇଥିବା ଏନ୍‌ଆଇଏ ମୁଖପାତ୍ର କହିଛନ୍ତି। ଗତବର୍ଷ ଫେବୃୟାରୀ ୨୧ରେ ଲୋହାରଡାଗେର ପେଶରାର ଥାନା ଅଞ୍ଚଳରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହେବା ସହ କେତେଜଣ ମାଓବାଦୀ କ୍ୟାଡର ଗିରଫ ହୋଇଥିଲେ। ମେ' ୧୮ରେ ଝାଡ଼ଖଣ୍ଡ ପୋଲିସ ଅନ୍ୟ ୯ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଏର କରିଥିଲା। ସେହିବର୍ଷ ଜୁନ୍ ୧୪ରେ ଏନ୍‌ଆଇଏ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା।



ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ ଅବସରରେ ନୂଆଦିଲ୍ଲୀର ବୀରଭୂମି ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ତାଙ୍କ ଝିଅ ତଥା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା।



### ଆଖି ବୁଜିଲା ସବୁଠୁ ବୟସ୍କ କିଲର୍ ହ୍ୱେଲ୍

**ମିଆମି, ୨୦।୮:** ଆମେରିକାର ଫ୍ଲୋରିଡାସ୍ଥିତ ମିଆମି ସିକ୍ୱାରିୟମ୍‌ରେ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା ବିଶ୍ୱର ସବୁଠୁ ବୟସ୍କ କିଲର ହ୍ୱେଲ ଲୋଲିତାର ମୃତ୍ୟୁ ଘଟିଛି। ୫୭ ବର୍ଷୀୟ ଏହି ବିଶାଳକାୟ ମାଈ ତିମିର ଓଜନ ୨୨୬୮ କେ.ଜି. ଥିଲା। ଟୋକି ନାମରେ ପରିଚିତ ଓର୍କା ପ୍ରଜାତିର ସାମୁଦ୍ରିକ ଜୀବକୁ ଦେଖିବା ପାଇଁ ପ୍ରତ୍ୟହ ଲକ୍ଷାଧିକ ପର୍ଯ୍ୟଟକ ସେଠାକୁ ଧାଉଁଥିଲେ। ୧୯୭୦ ଅଗଷ୍ଟ ୮ରେ ୱାଶିଂଟନ୍‌ର ସିଏଟଲରେ ଏହାକୁ ଅନ୍ୟ ୬ କିଲର ହ୍ୱେଲ୍ ସହ ଧରାଯାଇଥିଲା। ସେତେବେଳେ ଟୋକିକୁ ୪ ବର୍ଷ ହୋଇଥିଲା। ସ୍ୱାସ୍ଥ୍ୟରେ ହଠାତ୍ ଅବନତି ଆସିବା ପରେ ଶୁକ୍ରବାର ଅପରାହ୍ନରେ ଟୋକି ଆଖି ବୁଜିଦେଇଛି। ପ୍ରାଣୀ ଅଧିକାର କର୍ମୀଙ୍କ ସମେତ ଦର୍ଶକମାନଙ୍କୁ ଏହି ଘଟଣା ମର୍ମାହତ କରିଛି।

# ଖାର୍ଗେଙ୍କ ନୂଆ ଟିମ୍‌ରେ ଥରୁର, ସଚିନ

## ୩ ବର୍ଷ ପରେ ସିଡବ୍ଲ୍ୟୁସି ପୁନର୍ଗଠିତ

**ନୂଆଦିଲ୍ଲୀ, ୨୦।୮ (ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରବିବାର ଦଳର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ କମିଟି ସିଡବ୍ଲ୍ୟୁସିର ପୁନର୍ଗଠନ କରିଛନ୍ତି। ୮୪ ଜଣିଆ ନୂଆ କଂଗ୍ରେସ ୱାର୍କିଂ କମିଟିରେ ଶଶୀ ଥରୁର ଓ ଆନନ୍ଦ ଶର୍ମାଙ୍କ ଭଳି ପୂର୍ବ ଅସନ୍ତୁଷ୍ଟ ଗୋଷ୍ଠୀ ଜି୨୩ର କେତେଜଣ ନେତାଙ୍କୁ ସେ ସାମିଲ କରିଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ନିଜ ଘର ସଜାଡ଼ିବା ଆରମ୍ଭ କରିଛି। ମୁଖିଆ ମଲ୍ଲିକାର୍ଜୁନ ଖାର୍ଗେ ଦାୟିତ୍ୱ ଗ୍ରହଣ କରିବାର ୧୦ ମାସ ପରେ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ପୁନର୍ଗଠନ କରିଛନ୍ତି। ଏଥିରେ ସେ ଗତ ନିର୍ବାଚନ ବେଳେ ପ୍ରତିଦ୍ୱନ୍ଦ୍ୱୀ ସାଜିଥିବା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କୁ ସ୍ଥାନିତ କରିଛନ୍ତି। ସିଡବ୍ଲ୍ୟୁସିରେ ଅନେକ ନୂଆମୁହଁଙ୍କୁ ସାମିଲ କରାଯାଇଛି, ଯାହାଙ୍କ ବୟସ ୫୦ ବର୍ଷରୁ କମ୍। ସେହିପରି ଦୁର୍ବଳ ବର୍ଗର କେତେଜଣ ନେତା ଓ ୧୫ ମହିଳାଙ୍କୁ



ମଲ୍ଲିକାର୍ଜୁନ ଖାର୍ଗେ



ଶଶୀ ଥରୁର



ସଚିନ ପାଇଲଟ

ମଧ୍ୟ ଏଥିରେ ସୁଯୋଗ ଦିଆଯାଇଛି।

ନୂଆ ସିଡବ୍ଲ୍ୟୁସିରେ ୩୯ ଜଣ ନିୟମିତ ସଦସ୍ୟ, ୩୨ ସ୍ଥାୟୀ ନିମନ୍ତ୍ରିତ ଓ ୧୩ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ କେତେଜଣ ରାଜ୍ୟ ପ୍ରଭାରୀ ଥିବାବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ ଯୁବ କଂଗ୍ରେସ, ନ୍ୟାଶନାଲ ଷ୍ଟୁଡେଣ୍ଟ୍‌ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ), ମହିଳା କଂଗ୍ରେସ ଓ ସେବା ଦଳର ଅଧ୍ୟକ୍ଷମାନେ ରହିଛନ୍ତି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ନେତୃତ୍ୱ ପରିବର୍ତ୍ତନ ପାଇଁ ପତ୍ର ଲେଖିଥିବା ଜି୨୩ର ଅସନ୍ତୁଷ୍ଟ ନେତା ମୁକୁଲ, ୱାସ୍‌ନିକ, ଆନନ୍ଦ ଶର୍ମା ଓ ଥରୁରଙ୍କ ସମେତ ମନୀଷ ତିୱାରୀ ଏବଂ ବୀରାପ୍ପା ମୋଇଲିଙ୍କୁ ମଧ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ରଖାଯାଇଛି। ରାଜସ୍ଥାନରେ ନିଜ ଦଳର ସରକାର ବିରୋଧରେ ବିଦ୍ରୋହୀ ସାଜିଆସିଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କୁ ମଧ୍ୟ ସ୍ଥାନ ମିଳିଛି। ନୂଆ ସିଡବ୍ଲ୍ୟୁସିରେ ସ୍ଥାନିତ ଅନ୍ୟ ପ୍ରମୁଖ ଚେହେରାମାନେ ହେଲେ ରାଜସ୍ଥାନର ପୂର୍ବତନ ଏମ୍‌ପି ରଘୁବୀର ସିଂ ମୀନା, ଜୟପ୍ରକାଶ ଅଗ୍ରୱାଲ, ଦୀନେଶ ଗୁଣ୍ଡୁରାଓ, ଏଚ୍. କେ. ପାଟିଲ, କେ.ଏଚ୍. ମୁନିଆପ୍ପା, ପ୍ରମୋଦ ତିୱାରୀ ଏବଂ ରଘୁ ଶର୍ମା। ଗୁଣ୍ଡୁରାଓ ଏବଂ ମୁନିଆପ୍ପା କର୍ନାଟକ ସରକାରରେ ଏବେ ମନ୍ତ୍ରୀ ଅଛନ୍ତି। ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ସମେତ ପ୍ରତିଭା ସିଂଙ୍କୁ ମଧ୍ୟ ଏଥିରେ ରଖାଯାଇଛି। ସେହିପରି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ, ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇଙ୍କୁ ନିୟମିତ ସଦସ୍ୟ ଭାବେ ସ୍ଥାନ ମିଳିଛି। ଅନ୍ୟ ନିୟମିତ ସଦସ୍ୟଙ୍କ ମଧ୍ୟରୁ ପ୍ରମୁଖ ଚେହେରାମାନେ ହେଲେ ଖାର୍ଗେ ଓ ସୋନିଆଙ୍କ ସମେତ ମନମୋହନ ସିଂ, ରାହୁଲ ଗାନ୍ଧୀ, ଅଧୀର ରଞ୍ଜନ ଚୌଧୁରୀ, ଏ.କେ. ଆଣ୍ଟୋନି, ଅମ୍ବିକା ସୋନି, ମୀରା କୁମାର, ଦିଗ୍‌ବିଜୟ ସିଂ, ପି. ଚିଦାମ୍ବରମ୍, ତାରିକ୍ ଅନ୍‌ୱର, ଆନନ୍ଦ ଶର୍ମା, ଅଜୟ ମାକେନ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ କୁମାରୀ ସେଲ୍‌ଜା। ଏହା ପୂର୍ବରୁ ସୋନିଆ ଅଧ୍ୟକ୍ଷା ଥିବାବେଳେ ୨୦୨୦ ସେପ୍ଟେମ୍ବର ୧୧ରେ ସିଡବ୍ଲ୍ୟୁସି ପୁନର୍ଗଠନ କରାଯାଇଥିଲା। ସଚିନ ପାଇଲଟ୍ ଏହି ଅବସରରେ କଂଗ୍ରେସ ହାଇକମାଣ୍ଡଙ୍କୁ କୃତଜ୍ଞତା ଜଣାଇବା ସହ ଦଳୀୟ ବିଚାରଧାରାକୁ ମଜଭୁତ କରିବା ପାଇଁ ଶପଥ ନେଇଛନ୍ତି। ସେହିପରି ଥରୁର କହିଛନ୍ତି, ଅଧିକ ସମାବେଶୀ ଭାରତ ଚାହୁଁଥିବା ଅଗଣିତ ଭାରତୀୟଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ସେ ଉଦ୍ୟମ ଜାରି ରଖିବେ।

### ମଣିପୁରରେ ମା' ପୁଅଙ୍କୁ ଜିଅନ୍ତା ଜାଳିଦେବା ମାମଲା ସିବିଆଇ ହାତକୁ ଗଲା

**ଇମ୍ଫାଲ, ୨୦।୮**

ମଣିପୁରରେ ଜଣେ ୭ ବର୍ଷୀୟ ଶିଶୁ ସମେତ ତାଙ୍କ ମା' ଓ ଖୁଡ଼ୀଙ୍କୁ ଆମ୍ବୁଲାନ୍ସରେ ଜାଳି ଦିଆଯାଇଥିଲା। ମଣିପୁର ପୋଲିସ ବର୍ତ୍ତମାନ ଏହି ମାମଲା ସମେତ ଅନ୍ୟ ୨୦ ମାମଲାକୁ ସିବିଆଇକୁ ହସ୍ତାନ୍ତର କରିଛି। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ ଦାବିକୁ ବିରୋଧ କରି 'ଆଦିବାସୀ ଏକତା ମୋର୍ଚ୍ଚା' ପକ୍ଷରୁ ଗତ ମେ ୩ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାକୁ ନେଇ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିଲେ। ଜୁନ ୪ ତାରିଖରେ ପଶ୍ଚିମ ଇମ୍ଫାଲର ଇରୋଇସେମ୍ବା ଜିଲାରେ ୭ ବର୍ଷୀୟ ଶିଶୁ ଟନସିଙ୍ଗ୍ ହଙ୍ଗ୍‌ସିଙ୍ଗ୍‌ଙ୍କ ମୁଣ୍ଡରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କ ମା' ମୀନା ହଙ୍ଗ୍‌ସିଙ୍ଗ୍ ଏବଂ ଖୁଡୀ ତାଙ୍କୁ ମଣିପୁରସ୍ଥିତ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନେଉଥିଲେ। ବାଳକଙ୍କ ମା' ମୈତେଇ ସମ୍ପ୍ରଦାୟର ହୋଇଥିବାବେଳେ ବାପା କୁକି ସମ୍ପ୍ରଦାୟର।



## ଅଖିଳେଶଙ୍କୁ ଭେଟିଲେ ରଜନୀକାନ୍ତ

**ଲକ୍ଷ୍ନୌ, ୨୦।୮ (ପି.ଟି.)**

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବର୍ଷୀୟାନ ଅଭିନେତା ରଜନୀକାନ୍ତ ସୌଜନ୍ୟମୂଳକ ସାକ୍ଷାତ କରିବାର ଦିନକ ପରେ ରବିବାର ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ନିଜର ସଦ୍ୟତମ ଚଳଚ୍ଚିତ୍ର 'ଜେଲର'ର ସଫଳତା ପାଇଁ ପ୍ରଚାରରେ ଥିବା ରଜନୀକାନ୍ତ କହିଛନ୍ତି, ଏକ ଦଶନ୍ଧି ପରେ ସେ ତାଙ୍କ ବନ୍ଧୁ ଅଖିଳେଶଙ୍କ ସହ ଏକାଠି ହେବାରେ ଖୁସି ଅନୁଭବ କରୁଛନ୍ତି। ୯ ବର୍ଷ ପୂର୍ବେ ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ସେ ଅଖିଳେଶଙ୍କୁ ଭେଟିଥିଲେ। ସେବେଠୁ ଉଭୟଙ୍କ ମଧ୍ୟରେ ବନ୍ଧୁତା ଓ ଫୋନ୍‌ରେ କଥାବାର୍ତ୍ତା ଜାରି ରହିଛି। ସେମାନଙ୍କ ସାକ୍ଷାତ ସମୟର କେତେକ ଫଟୋକୁ ଅଖିଳେଶ ଟୁଇଟ୍ କରିଛନ୍ତି। ଗତ ୧୦ ତାରିଖରେ ମୁକ୍ତିଲାଭ କରିଥିବା 'ଜେଲର'ର ପ୍ରମୋଟ ପାଇଁ ରଜନୀକାନ୍ତ ଶୁକ୍ରବାର ଲକ୍ଷ୍ନୌରେ ପହଞ୍ଚିଥିଲେ। ସେ ଶନିବାର ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ଏହା ପରେ ସେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ସହ ଏକ ମଲ୍‌ରେ 'ଜେଲର' ଦେଖିଥିଲେ।

#### ନାବାଳିକାଙ୍କୁ ବଳାତ୍କାର

### ବରିଷ୍ଠ ଅଧିକାରୀଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ, ୨୦।୮**

ଦିଲ୍ଲୀ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହୋଇଛି। ପୀଡ଼ିତା ଜଣକ ଦ୍ୱାଦଶ ଶ୍ରେଣୀ ଛାତ୍ରୀ। ପୋଲିସ ପୋକ୍ସୋ ଆଇନରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତଙ୍କ ସ୍ତ୍ରୀ ମଧ୍ୟ ଏହି ମାମଲାରେ ସମ୍ପୃକ୍ତ ଥିବାରୁ ପୋଲିସ ତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରିଛି। ନାବାଳିକାଙ୍କ ବାପା ଓ ଅଭିଯୁକ୍ତ ଅଧିକାରୀ ବନ୍ଧୁ ଥିଲେ। ଅଧିକାରୀ ଜଣଙ୍କ ନାବାଳିକାଙ୍କୁ ଆଶ୍ୱାସନା ଦେବା ସହ ନିଜ ଘରକୁ ନେଇ ଆସିଥିଲେ। ଏହାପରେ ଅଧିକାରୀ ନାବାଳିକାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ବର୍ଷେ ଧରି ବଳାତ୍କାର କରିଥିଲେ। ନାବାଳିକା ଜଣକ ଯେତେବେଳେ ଗର୍ଭବତୀ ହୋଇଥିଲେ ଅଭିଯୁକ୍ତଙ୍କ ସ୍ତ୍ରୀ ତାଙ୍କୁ ଗର୍ଭ ନଷ୍ଟ କରିବା ଲାଗି ଔଷଧ ଦେଇଥିଲେ।

## ପାକିସ୍ତାନରେ ବିସ୍ଫୋରଣ: ୧୧ ଶ୍ରମିକଙ୍କ ମୃତ୍ୟୁ

**ପେଶାୱର, ୨୦।୮**

ପାକିସ୍ତାନର ଖାଇବର ପଖତୁନଖ୍ୱା ଅଞ୍ଚଳରେ ରବିବାର ଆତଙ୍କବାଦୀମାନେ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ୧୧ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଆତଙ୍କବାଦୀମାନେ ଗୁଲମିର୍ କୋଟିନ ଶାୱଲ ଅଞ୍ଚଳରେ ଥିବା ଏକ ଗାଡ଼ିରେ ବିସ୍ଫୋରକ ଲଗାଇଥିଲେ। ରବିବାର ସକାଳେ ସେହି ଗାଡ଼ିରେ ୧୬ ଜଣ ଶ୍ରମିକ ଯାଉଥିବାବେଳେ ବିସ୍ଫୋରଣ ଘଟିଥିଲା ବୋଲି ଉତ୍ତର ୱାଜିରସ୍ତାନ ପୋଲିସ ଅଧିକାରୀ ରେହନ ଗୁଲ୍ ଖଟ୍ଟକ କହିଛନ୍ତି। ଏକ ସରକାରୀ କୋଠା ନିର୍ମାଣ କାମରେ ନିୟୋଜିତ ୧୧ ଜଣ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଥିଲେ ଏବଂ ୩ ଜଣ ନିଖୋଜ ହୋଇଥିଲେ ବୋଲି ଖଟ୍ଟକ କହିଛନ୍ତି। ଅପରପକ୍ଷେ ଏହି ଘଟଣାକୁ କାମଚଳା ପ୍ରଧାନମନ୍ତ୍ରୀ ଅନୱର ଉଲ୍ ହକ୍ କକର ନିନ୍ଦା କରିବା ସହ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।



ଆତଙ୍କବାଦୀଙ୍କ ବିସ୍ଫୋରଣରେ ଏକ ଗାଡ଼ି ଜଳୁଛି।

# ଲଦାଖର ଚାରଣ ଭୂମିକୁ ଚାଇନା ଦଖଲ କରିଛି: ରାହୁଲ

**ନୂଆଦିଲ୍ଲୀ, ୨୦।୮ (ପି.ଟି.)**

ଚାଇନାର ଇଞ୍ଚେ ହେଲେ ଭୂମିକୁ ଚାଇନା ଦଖଲ କରିନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୁଥିବା ଦାବି ସତ ନୁହେଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି। ଲଦାଖ ଲୋକମାନଙ୍କର ଚାରଣ ଭୂମିକୁ ଚାଇନା ସେନା ଦଖଲ କରିଥିବା ରାହୁଲ କହିଛନ୍ତି। ଲଦାଖ ଗସ୍ତରେ ଥିବା ରାହୁଲ ରବିବାର ତାଙ୍କ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଚାଇନା ସୈନ୍ୟ ଲଦାଖ ଲୋକମାନଙ୍କର ଚାରଣ ଭୂମିକୁ ନେଇଯାଇଥିବା ସେମାନେ କହିଛନ୍ତି। ଗୋରୁ ଚରାଇବାକୁ ସେଠାକୁ ଆଉ ଯାଇ ନ ପାରିବା ସେମାନଙ୍କର ସବୁଠୁ ବଡ଼



ଲେହର ପଙ୍ଗୋଙ୍ଗ ନିକଟରେ ସ୍ଥାନୀୟ ଲୋକେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୯ତମ ଜନ୍ମବାର୍ଷିକୀ ପ୍ରାର୍ଥନା ସଭାରେ ସାମିଲ ହୋଇଛନ୍ତି।

ଉଦ୍‌ବେଗ ବୋଲି ସେମାନେ ସ୍ପଷ୍ଟ କରିଥିବା ବେଳେ ପ୍ରଧାନମନ୍ତ୍ରୀ ମିଥ୍ୟା ବିବୃତି ଦେଉଥିବା କଂଗ୍ରେସ ନେତା କହିଛନ୍ତି।

ଭାରତ ଯୋଡ଼ୋ ଯାତ୍ରା ବେଳେ ରାହୁଲ ଲଦାଖ ଯିବାକୁ ଯୋଜନା କରିଥିଲେ। କିନ୍ତୁ କେତେକ ଲଜିଷ୍ଟିକ୍ କାରଣରୁ ସେ ଯାଇପାରି ନ ଥିଲେ। ସେଥିପାଇଁ ସେ ଏବେ ଲଦାଖ ଗସ୍ତରେ ଆସି ପଙ୍ଗୋଙ୍ଗ

#### କଂଗ୍ରେସ ନେତା ଚାଇନାର ପ୍ରଚାର ମେଶିନ: ଭାଜପା

ବୁଲିବା ପରେ ନୁବ୍ରା ଓ କାର୍ଗିଲ ଯାଉଥିବା କହିଛନ୍ତି। ସ୍ଥାନୀୟ ଲୋକମାନେ କ'ଣ କହୁଛନ୍ତି ଓ ସେମାନଙ୍କର ଉଦ୍‌ବେଗ ସମ୍ପର୍କରେ ଜାଣିବା ରାହୁଲଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଲଦାଖ ଲୋକମାନଙ୍କ ଆଉ ଏକ ସମସ୍ୟା ହେଲା ସେଠାକୁ ଏପର୍ଯ୍ୟନ୍ତ ସେଲୁଲାର ସଂଯୋଗ ହୋଇନାହିଁ। ଚାଇନା ସହ ସୀମା ସ୍ଥିତିକୁ ନେଇ କଂଗ୍ରେସ ସବୁବେଳେ ସରକାରଙ୍କୁ ପ୍ରଶ୍ନ କରିଆସୁଛି। ୨୦୨୦ ମେ' ୫ରେ ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିବାବେଳେ ଜୁନ୍ ୧୫ରେ ପୋଙ୍ଗଙ୍ଗ ହ୍ରଦ ନିକଟରେ ସେମାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଉଭୟ ପକ୍ଷରୁ ବହୁ ସୈନ୍ୟ ମୃତାହତ ହୋଇଥିଲେ। ବହୁ ପର୍ଯ୍ୟାୟ କୂଟନୈତିକ ଓ ସାମରିକ ସ୍ତରରେ ଆଲୋଚନା ପରେ ସୀମାନ୍ତର ବିଭିନ୍ନ ଅଞ୍ଚଳରୁ ଉଭୟ ଦେଶ ସେମାନଙ୍କ ସୈନ୍ୟ ପ୍ରତ୍ୟାହାର କରିନେଇଛନ୍ତି। ସୀମାରେ ଶାନ୍ତି ବଜାୟ ନ ରହିଲେ ଚାଇନା ସହ ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ ବୋଲି ଭାରତ କହିଆସୁଛି।

ଅନ୍ୟପକ୍ଷରେ ଚାଇନା ଲଦାଖର ଚାରଣ ଭୂମି ଅକ୍ତିଆର କରିଥିବା ରାହୁଲ କହିବା ପରେ ଭାଜପା ଏହାକୁ ନିନ୍ଦା କରିଛି। କଂଗ୍ରେସ ନେତା ବେଜିଂର 'ପ୍ରଚାର ମେଶିନ୍'ଭଳି ବିବୃତି ଦେଇ ଭାରତକୁ ବଦ୍‌ନାମ କରୁଥିବା ବରିଷ୍ଠ ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବି ଶଙ୍କର ପ୍ରସାଦ କହିଛନ୍ତି।

## ତେଲ ଟ୍ୟାଙ୍କରକୁ ପିଟିଲା ବସ୍: ୧୮ ମୃତ

**ଲାହୋର, ୨୦।୮**

ପାକିସ୍ତାନର ପଞ୍ଜାବ ଅଞ୍ଚଳରେ ରବିବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳା, ଶିଶୁ ସମେତ ୧୮ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୬ ଜଣ ଆହତ ହୋଇଛନ୍ତି। ଇସ୍‌ଲାମାବାଦ ଠାରୁ କରାଚି ଯାଉଥିବା ଏକ ବସ୍ ୪୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ଫଇସଲାବାଦ୍ ନିକଟରେ ଏକ ପିକ୍ ଅପ୍ ଭ୍ୟାନ ସହ ଧକ୍କା ହୋଇଥିଲା। ସେତେବେଳେ ଭ୍ୟାନରେ ଏକ ତେଲ ଟାଙ୍କି ରହିଥିଲା। ବସ୍‌ଟି ଭ୍ୟାନର ସାମ୍ନା ପଟୁ ଧକ୍କା ଦେବା ଫଳରେ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ଫଳରେ ୧୮ ଜଣ ଯାତ୍ରୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ବୋଲି ମୋଟରୱେ ପୋଲିସ ଆଇଜି ସୁଲତାନ ଖ୍ୱାଜା କହିଛନ୍ତି। ସେହିପରି ଏହି ଦୁର୍ଘଟଣାରେ ଜଳିଯାଇ ଆହତ ହୋଇଥିବା ଅନ୍ୟ ୧୬ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଇଜି କହିଛନ୍ତି। ଦୁର୍ଘଟଣା ପରେ ଯେଉଁ ଯାତ୍ରୀମାନେ ବସ୍‌ରୁ ଡେଇଁ ପଡ଼ିଥିଲେ ସେମାନେ ବର୍ତ୍ତି ଯାଇଥିବାବେଳେ ବସ୍ ମଧ୍ୟରେ ରହିଯାଇଥିବା ଯାତ୍ରୀ ମାନେ ଜଳି ଯାଇଥିଲେ। ଏହା ସହିତ ଦୁଇ ଗାଡ଼ିର ଡ୍ରାଇଭର ମଧ୍ୟ ଜୀବନ୍ତ ଦଗ୍ଧ ହୋଇଥିବା ଆଇଜି କହିଛନ୍ତି। ଦୁର୍ଘଟଣାବେଳେ ବସ୍ ଡ୍ରାଇଭରଙ୍କ ଆଖି ଲାଗି ଯାଇଥିଲା ନା ଦ୍ରୁତଗତି କାରଣରୁ ଏହି ଦୁର୍ଘଟଣା ଘଟିଲା, ତା'ର ପ୍ରକୃତ କାରଣ ଜଣାପଡ଼ିନାହିଁ।

# ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ର୍‍ୟାଗିଂ

## ଜୁନିୟର ଛାତ୍ରଙ୍କ ନିଶ, ଦାଢ଼ି କାଟିଦେଲେ ସିନିୟର

- କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ
- ଥାନାରେ ଏତଲା ଦେଲେ କଲେଜ ଡିନ୍

ପୁରୀ, ୨୦।୮ (ଅଜିତ ମହାନ୍ତି)

ପୁରୀ ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଜଣେ ଜୁନିୟର ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କଲେଜ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଦ୍ୱିତୀୟ ବର୍ଷର ୩ଜଣ ଛାତ୍ର ମିଶି ପ୍ରଥମ ବର୍ଷର ଛାତ୍ର ଅଭିଷେକ ମୀନାଙ୍କୁ ର୍‍ୟାଗିଂ କରିଛନ୍ତି। ଗତ ୧୭ ତାରିଖ ଅପରାହ୍ଣ ୫ଟା ୩୦ରେ ସମ୍ପୃକ୍ତ ସିନିୟର ଛାତ୍ରମାନେ ୫୦୮ ନମ୍ବର ରୁମ୍‌କୁ ଅଭିଷେକଙ୍କୁ ଡକାଇଥିଲେ। ଅଭିଷେକ ସେଠାରେ ପହଞ୍ଚିବା ପରେ ସମ୍ପୃକ୍ତ ୩ଜଣ ଛାତ୍ର ତାଙ୍କର ନିଶ, ଦାଢ଼ି କାଟିଦେବା ସହ ତାଙ୍କୁ ତଳେ ବସାଇ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ମା', ବାପାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ପୁନର୍ବାର ନିଶ, ଦାଢ଼ି ରଖି କଲେଜ ଆସିଲେ ଏଭଳି ପରିଣତି ଭୋଗିବାକୁ ପଡ଼ିବ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଫଳରେ ଅଭିଷେକ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ଏନେଇ ଅଭିଷେକ ଗତ ୧୮ ତାରିଖରେ କଲେଜ କର୍ତ୍ତୃପକ୍ଷଙ୍କୁ ଅଭିଯୋଗପତ୍ର ଦେଇ ନ୍ୟାୟ ଭିକ୍ଷା କରିଥିଲେ। ଏହାପରେ ଡିନ୍ ରବିବାର ମେରାଇନ୍ ଥାନାରେ ଏ ସଂକ୍ରାନ୍ତରେ ଏତଲା ଦେଇଛନ୍ତି। ଶ୍ରୀଜଗନ୍ନାଥ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. କୌଶିକ ମିଶ୍ର କହିଛନ୍ତି, ର୍‍ୟାଗିଂ ସଂକ୍ରାନ୍ତରେ ଆଣ୍ଟି ର୍‍ୟାଗିଂ କମିଟିରେ ଆଲୋଚନା ହେବା ସହ ଥାନାରେ ଅଭିଯୋଗ କରାଯାଇଛି। କଲେଜ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ସେହିପରି ମେରାଇନ୍ ଥାନା ଅଧିକାରିଣୀ ବବିତା ଦଲେଇ କହିଛନ୍ତି, ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଜଣେ ଜୁନିୟର ଛାତ୍ରଙ୍କୁ କେତେଜଣ ସିନିୟର ଛାତ୍ର ର୍‍ୟାଗିଂ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ର୍‍ୟାଗିଂ ଉପରେ କଟକଣା ଜାରି କରିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ବନ୍ଦ ହେଉନାହିଁ। ପ୍ରଥମ ଥର ପାଇଁ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ର୍‍ୟାଗିଂ ଘଟଣା ସାମ୍ନାକୁ ଆସିଛି। ଏ ନେଇ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

# ୪ ନକଲି ପରୀକ୍ଷାର୍ଥୀ ଗିରଫ

**ରାଉରକେଲା ଏନ୍‌ଆଇଟି**

ରାଉରକେଲା, ୨୦।୮ (ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଟିଚିଂ ଓ ନନ୍ ଟିଚିଂ ଷ୍ଟାଫ ନିଯୁକ୍ତି ପରୀକ୍ଷା ଚାଲିଥିବାବେଳେ ୪ଜଣ ନକଲି ପରୀକ୍ଷାର୍ଥୀ ଧରାପଡିଛନ୍ତି। ଅନ୍ୟମାନଙ୍କ ପାଇଁ ପରୀକ୍ଷା ଦେଉଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିୟାଣା ରାଜ୍ୟ ହିସାର ଜିଲାର ଗୌରବ ଚୌହାନ(୨୮), ପୁନିତ ସିଂ(୨୨), ଜିନ୍ଦ ଜିଲାର ମନୀଷ କୁମାର(୨୫) ଏବଂ ସୁନୀଲ କୁମାର(୨୫)। ସେମାନଙ୍କ ନିକଟରୁ ସ୍ପାଏ କ୍ୟାମେରା, ନାନୋ କ୍ୟାମେରା, ଇଅର ପିସ୍, କାର୍ବନ ପେପର, ମୋବାଇଲ ଫୋନ୍, ବ୍ଲୁଟୁଥ୍, ୱେରଲେସ୍ ଇୟର ଫୋନ୍ ଓ ହାଇଟେକ ଡିଭାଇସ୍ ଜବତ ହୋଇଛି। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ଏ ନେଇ ସେକ୍ଟର-୩ ଥାନାରେ ଏକ ମାମଲା (ନଂ.୯୮/୨୩) ରୁଜୁ ହୋଇଛି। ଶନିବାର ଏହି ଘଟଣା ପରେ ଏନ୍‌ଆଇଟି ଚତୁଃପାର୍ଶ୍ୱରେ ପୋଲିସ ମୁତୟନ ସହ କଡ଼ା ସୁରକ୍ଷା ବଳୟରେ ପରୀକ୍ଷା ହୋଇଛି।

ଏ ନେଇ ଜୋନ୍-୧ର ଡିଏସ୍‌ପି ପୁଷ୍ପାରାଣୀ ନିନଗି ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ରାଉରକେଲା ଏନ୍‌ଆଇଟିରେ ଟିଚିଂ ଓ ନନ୍ ଟିଚିଂ ଷ୍ଟାଫ ନିଯୁକ୍ତି ପାଇଁ ଅଗଷ୍ଟ ୧୬ରୁ ଲିଖିତ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୨୭ ତାରିଖରେ ଶେଷ ହେବ। ଏଥିପାଇଁ ମୋଟ୍ ୧୩୦୭ ଜଣ ଆବେଦନ କରିଥିଲେ ଏବଂ ସେମାନଙ୍କୁ ଇ-ଆଡମିଟ୍ କାର୍ଡ ପ୍ରଦାନ କରାଯାଇଥିଲା। ଏହି କ୍ରମରେ ନନ୍ ଟିଚିଂ ଷ୍ଟାଫ ନିଯୁକ୍ତି ପାଇଁ ଶନିବାର ଅପରାହ୍ଣ ସାଢେ ୨ରୁ ସାଢେ ୫ଟା ପର୍ଯ୍ୟନ୍ତ ଏଲଏ-୧ କମ୍ପ୍ଲେକ୍ସ ଓ ଏନ୍‌ଆଇଟି ପରିସରରେ ଲିଖିତ ପରୀକ୍ଷା ହୋଇଥିଲା। ପରୀକ୍ଷା କକ୍ଷକୁ ଯିବା ସମୟରେ ଉକ୍ତ ୪ ପରୀକ୍ଷାର୍ଥୀଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ପ୍ରଥମେ ଅଟକ ରଖାଯାଇଥିଲା। ପରେ ପୁନଃ ଯାଞ୍ଚ କରି ପରୀକ୍ଷା କକ୍ଷକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ସେଠାରେ ପୁଣି ଯାଞ୍ଚ କରାଯିବାରୁ ସେମାନଙ୍କ ଫଟୋ ଏବଂ ଅନ୍ୟ ତଥ୍ୟରେ ତାଳମେଳ ନ ଥିବା ଦେଖିବାକୁ ମିଳିଥିଲା। ଇ-ଆଡମିଟ୍ କାର୍ଡରେ ଦୀପକ(ରୋଲ୍ ନଂ.୨୩୪ଏଲଓ ୫୨୭୪୯)ଙ୍କ ସ୍ଥାନରେ ସୁନୀଲ, ସୁରଜ ଖଗୱାଲ(ରୋଲ୍ ନଂ.୨୩୪ଏଲଓ ୫୨୮୬୯)ଙ୍କ ସ୍ଥାନରେ ଗୌରବ ଚୌହାନ, ତୁଷାର (ରୋଲ୍ ନଂ.୨୩୪ଏଲଓ ୫୩୦୦୩)ଙ୍କ ସ୍ଥାନରେ ପୁନିତ ସିଂ ଏବଂ ଦୀପକ ମଲିକ (ରୋଲ୍ ନଂ.୧୩୪ଏଲଓ୫୩୨୦୨)ଙ୍କ ସ୍ଥାନରେ ମନୀଷ କୁମାର ପରୀକ୍ଷା ଦେଉଥିଲେ। ପରୀକ୍ଷା ଶେଷ ହେବା ପରେ ସନ୍ଧ୍ୟାରେ ଏନ୍‌ଆଇଟି ରେଜିଷ୍ଟ୍ରାର ରୋହନ ଧୀମନ ସେକ୍ଟର-୩ ଥାନାରେ ଲିଖିତ ଏତଲା ଦେବା ସହ ଉକ୍ତ ନକଲି ପରୀକ୍ଷାର୍ଥୀଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ।

# '୧୫ ଜିଲାରେ କାର୍ଯ୍ୟକାରୀ ହେଉଛି ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ'

## ଜଳବାୟୁ ସହନଶୀଳ କୃଷି ଏବଂ ସବୁଜ ଜଳବାୟୁ ପାଣ୍ଠି ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର, ୨୦।୮ (ସୁନିତ୍ ମିଶ୍ର)

ଉନ୍ନୟନ କମିଶନର ଅନୁ ଗର୍ଗ ରାଜୀବ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ଜଳବାୟୁ ସହନଶୀଳ କୃଷି ପ୍ରକଳ୍ପ ଏବଂ ସବୁଜ ଜଳବାୟୁ ପାଣ୍ଠି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ସୁଶୀଲ କୁମାର ଲୋହାନୀ, କୃଷି ବିଭାଗ ସଚିବ ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠ, ନାବାର୍ଡର ସିଜିଏମ୍, ସମ୍ପୃକ୍ତ ବିଭାଗର ନିର୍ଦ୍ଦେଶକ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲାପାଳ, ଆଇସିଆର୍‌ଆଇଏସ୍‌ଏଟି, ଆଇସିଏଆର୍‌ଡିଏ ଏବଂ ଆଇଆର୍‌ଆର୍‌ଆଇ ଭଳି ସଂସ୍ଥାର ପ୍ରତିନିଧିଙ୍କ ସମେତ ଅନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ। ସମୀକ୍ଷା ସମୟରେ ଉନ୍ନୟନ କମିଶନର ସମସ୍ତ ପ୍ରକଳ୍ପ ଉଦ୍ଦେଶ୍ୟକୁ ସଫଳ କରିବା ଏବଂ ଏହାଦ୍ୱାରା ଉପକୃତ ହେଉଥିବା ଲୋକଙ୍କ ଲାଭକୁ ସୁନିଶ୍ଚିତ କରିବା ପାଇଁ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆର୍‌ଏ) ରାଜ୍ୟର ୧୫ଟି ଜିଲାରେ କାର୍ଯ୍ୟକାରୀ ହେଉଛି। ଏହାର ଉଦ୍ଦେଶ୍ୟ ହେଉଛି କୃଷି ବିବିଧୀକରଣ ସହ କୃଷି ଉତ୍ପାଦନକୁ ତ୍ୱରାନ୍ୱିତ ଏବଂ ଜଳବାୟୁ ସ୍ଥିରତା ବୃଦ୍ଧି କରିବା। ଜଳବାୟୁର ଦ୍ରୁତ ପରିବର୍ତ୍ତନ ଓ ତୀବ୍ରତାକୁ ଦୃଷ୍ଟିରେ ରଖି କୃଷି ଉତ୍ପାଦନରେ ବିବିଧତା, ଜଳସେଚନ ଏବଂ ଜଳ ଉତ୍ପାଦକତାରେ ଉନ୍ନତି ଆଣିବା, ସଂସ୍ଥାଗତ ଦକ୍ଷତା ସୁଦୃଢ଼ୀକରଣ ଓ ପ୍ରକଳ୍ପ ପରିଚାଳନା ଭଳି ୪ଟି ଉପାଦାନକୁ ନେଇ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହା ବ୍ୟତୀତ କ୍ଷୁଦ୍ର ଜଳସେଚନ ପୋଖରୀରେ ଜଳର ଉପଲବ୍ଧତା ଓ ଜଳସେଚନର ଉନ୍ନତି ସହିତ ଜଳସେଚନ ସେବାର ଗୁଣବତ୍ତା ବୃଦ୍ଧି ମାଧ୍ୟମରେ କୃଷକଙ୍କୁ ଉପକୃତ କରିବା ପାଇଁ ଏହି ପ୍ରକଳ୍ପ ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ କ୍ଷେତ୍ରର ଆନ୍ତଃକ୍ଷେତ୍ରୀୟ ସମନ୍ୱୟରେ କରାଯାଉଛି। ସେହିଭଳି ସବୁଜ ଜଳବାୟୁ ପାଣ୍ଠି ପ୍ରକଳ୍ପ ଜରିଆରେ ସମ୍ବେଦନଶୀଳ ଅଞ୍ଚଳରେ ଜଳ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଢାଞ୍ଚାଗତ ଅନୁକୂଳ ପଦକ୍ଷେପ ଏବଂ କ୍ଷୁଦ୍ର ଜଳସେଚନ ପାଇଁ ସୌର ପମ୍ପ ବ୍ୟବହାର ମାଧ୍ୟମରେ ଗୋଷ୍ଠୀ ପୋଖରୀରେ ଭୂତଳ ଜଳ ପୁନରୁଦ୍ଧାର କରିବାକୁ ଲକ୍ଷ୍ୟ ରଖିଛି। ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥାର ଉପଲବ୍ଧି, ଗୋଷ୍ଠୀ ପୋଖରୀର ନବୀକରଣ, ଜଳସେଚନ ପାଇଁ ସୌର ପମ୍ପର ଏକୀକରଣ, ଅଂଶୀଦାରଙ୍କ ଦକ୍ଷତା ବୃଦ୍ଧି ଇତ୍ୟାଦି ଏହି ପ୍ରକଳ୍ପର ମୁଖ୍ୟ ଉପାଦାନ।

# 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଁ ଗାଇଡ୍‌ଲାଇନ

ଭୁବନେଶ୍ୱର, ୨୦।୮ (ଅସମାପିକା ସାହୁ)

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ ଓ ପୁରସ୍କୃତ କରି ପ୍ରୋତ୍ସାହନ ଦେବା ପାଇଁ ଚଳିତବର୍ଷଠାରୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଆରମ୍ଭ ହେବ। ଖୁବ୍‌ଶୀଘ୍ର ଏଥିପାଇଁ ମନୋନୟନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଦୁଇଟି ଶ୍ରେଣୀରେ ଏହାକୁ ବିଭକ୍ତ କରାଯାଇଛି। ପ୍ରଥମଟି ହେଉଛି ବ୍ୟକ୍ତିଗତ ପୁରସ୍କାର ଓ ଅନ୍ୟଟି ହେଲା ଆନୁଷ୍ଠାନିକ ପୁରସ୍କାର। ବ୍ୟକ୍ତିଗତ ପୁରସ୍କାରରେ ଛାତ୍ରୀଛାତ୍ରଙ୍କୁ ଷ୍ଟୁଡେଣ୍ଟ ଏକାଡେମିକ୍ ଆୱାର୍ଡ, ଷ୍ଟୁଡେଣ୍ଟ ଲିଡରଶିପ୍ ଆୱାର୍ଡ ଓ ଷ୍ଟୁଡେଣ୍ଟ ମେରିଟ୍-କମ୍-ସ୍କଲାରଶିପ୍ ଆୱାର୍ଡ ଦିଆଯିବ। ଏଥିସହ ବ୍ୟକ୍ତିଗତ ପୁରସ୍କାରରେ ଶିକ୍ଷକ ପୁରସ୍କାର, ପ୍ରଧାନଶିକ୍ଷକ ପୁରସ୍କାର, ସିଆର୍‌ସିସି ପୁରସ୍କାର, ବିଇଓ ଏବଂ ଡିଇଓ ପୁରସ୍କାର ରହିଛି। ଆନୁଷ୍ଠାନିକ ପୁରସ୍କାରରେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଜିଲା, ବ୍ଲକ୍, ସ୍କୁଲ ଓ ଗ୍ରାମପଞ୍ଚାୟତ ସ୍ତରରେ ପୁରସ୍କୃତ କରାଯିବ। ଶ୍ରେଷ୍ଠ ଏସ୍‌ଏମ୍‌ସି ପୁରସ୍କାର, ଶ୍ରେଷ୍ଠ ପୁରାତନ ଛାତ୍ର କମିଟି ପୁରସ୍କାର, ଗ୍ରାମ ପଞ୍ଚାୟତ ପୁରସ୍କାର ମଧ୍ୟ ଏହି ବିଭାଗରେ ଅନ୍ତର୍ଭୁକ୍ତ। ଏହାସହ ପ୍ରାଥମିକ ସ୍କୁଲ ଓ ତିନୋଟି ଶ୍ରେଷ୍ଠ ଡିଆଇଇଟିକୁ ମଧ୍ୟ ପୁରସ୍କୃତ କରାଯିବ। ଏ ସମସ୍ତ ପୁରସ୍କାର ପାଇଁ କିପରି ଆବେଦନ କରାଯିବ, କିପରି ଚୟନ କରାଯିବ ଏବଂ କେତେଜଣ ପୁରସ୍କୃତ ହେବେ ସେ ନେଇ ସମସ୍ତ ସୂଚନା ଦିଆଯାଇଛି।

# ଆଜିଠୁ ଯୁଜି, ପିଜି ପ୍ରଥମବର୍ଷ ପାଠପଢ଼ା

ଭୁବନେଶ୍ୱର, ୨୦।୮ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ସ୍ନାତକ(ଯୁଜି) ଓ ସ୍ନାତକୋତ୍ତର(ପିଜି) ପ୍ରଥମ ବର୍ଷ ପାଠପଢ଼ା ସୋମବାରଠାରୁ ଆରମ୍ଭ ହେବ। ଏପଟେ ଉଭୟ ପାଠ୍ୟକ୍ରମରେ ଏବେ ବି ନାମଲେଖା ଜାରି ରହିଛି। ତୃତୀୟ ରାଉଣ୍ଡ ନାମଲେଖା ପରେ ବି ରାଜ୍ୟରେ ଲକ୍ଷେରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଛି। ରାଜ୍ୟର ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ଥିବାବେଳେ ୧,୨୭,୦୯୧ଜଣ ନାମ ଲେଖାଇଛନ୍ତି। ଆଉ ୧,୪୩,୦୭୨ଟି ସିଟ୍ ବଳକା ପଡ଼ିଛି। ଏଥିମଧ୍ୟରୁ କଳାରେ ୬୮,୪୧୭, ପଦାର୍ଥ ବିଜ୍ଞାନରେ ୩୦,୬୨୨, ଜୈବ ବିଜ୍ଞାନରେ ୧୬,୮୫୯, ବାଣିଜ୍ୟରେ ୨୦,୦୪୧, ସେଲ୍‌ଫ ଫାଇନାନ୍ସିଂରେ ୧,୨୫୩ ଏବଂ ସଂସ୍କୃତରେ ୫,୮୮୦ ସିଟ୍ ଖାଲି ପଡ଼ିଛି। ତେଣୁ ଆସନ୍ତା ୨୪ ତାରିଖରେ ୪ର୍ଥ ରାଉଣ୍ଡ ପ୍ରୋଭିଜନାଲ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୫ ତାରିଖ ସକାଳ ୯ଟାରୁ ୨୮ ତାରିଖ ସନ୍ଧ୍ୟା ୭ଟା ମଧ୍ୟରେ (ଛୁଟିଦିନକୁ ବାଦ୍ ଦେଇ) ନାମ ଲେଖାଇବେ।

ସେହିପରି ପିଜି ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସରିଥିବାବେଳେ ୨୨ ତାରିଖ ଅପରାହ୍ଣ ୨ଟାରେ ତୃତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୨୩ ତାରିଖ ସକାଳ ୯ଟାରୁ ୨୫ତାରିଖ ଅପରାହ୍ଣ ୫ଟା ଭିତରେ ନାମ ଲେଖାଯିବ। ୩୧ ତାରିଖ ଅପରାହ୍ଣ ୨ଟାରେ ୪ର୍ଥ ରାଉଣ୍ଡ ନିମନ୍ତେ ପ୍ରୋଭିଜନାଲ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ ଓ ସେପ୍ଟେମ୍ବର ୧ ସକାଳ ୯ଟାରୁ ୪ ତାରିଖ ସନ୍ଧ୍ୟା ୫ଟା ଭିତରେ ନାମ ଲେଖାଇବେ।

# ସେପ୍ଟେମ୍ବରରୁ ଅନନ୍ତଶୟନ ବିକାଶ କାର୍ଯ୍ୟ

ପରଜଙ୍ଗ, ୨୦।୮ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ସରାଙ୍ଗ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ନବମ ଶତାବ୍ଦୀର ଐତିହାସିକ କୀର୍ତ୍ତିରାଜି ଅନନ୍ତଶୟନ ପୀଠ ଏବଂ କୁଆଳୋସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ଉନ୍ନତୀକରଣ ନିମନ୍ତେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଭାରତୀୟ ତୈଳ ନିଗମ ପକ୍ଷରୁ ଏଥିଲାଗି ଅର୍ଥ ଅଟକଳ କରାଯାଇଛି। ଆସନ୍ତା ସେପ୍ଟେମ୍ବରରୁ ଅନନ୍ତଶୟନ ପୀଠର ସୁରକ୍ଷା କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଏଏସ୍‌ଆଇ ଡିଜି କେ.କେ. ବାସା। ଢେଙ୍କାନାଳ ଜିଲା ଗସ୍ତରେ ଆସିଥିବା ଏଏସ୍‌ଆଇ ଡିଜି ରବିବାର ଅପରାହ୍ଣରେ ଉଭୟ ପୀଠ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଜିଲାପାଳ ରମେଶ ସେଠୀ, ଏଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ପରଜଙ୍ଗ ତହସିଲଦାର ଏସ୍. ଶୁଭ୍ରା ପଟେଲ, ବିଡିଓ ମନ୍ମଥ ନାୟକ, ଥାନାଧିକାରୀ ପ୍ରଶାନ୍ତ ପାତ୍ରଙ୍କ ସମେତ ଏଏସ୍‌ଆଇ ଏବଂ ଏନ୍‌ଏମ୍‌ଏର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ବିଶ୍ୱସ୍ତରୀୟ ହେବ କପିଳାସ ପୀଠ

- ସୁରକ୍ଷା ଜରୁରୀ: ଏଏସ୍‌ଆଇ ଡିଜି
- ମନ୍ଦିର ଉନ୍ନୟନ କାମ ଆରମ୍ଭ ହୋଇଛି

ଢେଙ୍କାନାଳ, ୨୦।୮ (ରତନ ନାୟାର)



ଏଏସ୍‌ଆଇ ଡିଜିଙ୍କର କପିଳାସ ପୀଠ ପରିଦର୍ଶନ ଓ ସମୀକ୍ଷା।

କପିଳାସ କ୍ଷେତ୍ରାଧିପତି ମହାଦେବ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠକୁ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ ସ୍ଥଳୀରେ ପରିଣତ କରାଯିବ। ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଅଗ୍ରାଧିକାର ଦେଇ ଆବଶ୍ୟକ ଉନ୍ନତିମୂଳକ କାର୍ଯ୍ୟ କରାଯିବ। ରାଜ୍ୟ ସରକାର, ଜିଲା ପ୍ରଶାସନ ପକ୍ଷରୁ ଗଠନମୂଳକ ପ୍ରସ୍ତାବ ଆସିଲେ ଏହାକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଡାଇରେକ୍ଟର ଜେନେରାଲ (ଡିଜି) ତଥା ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍‌ଏମ୍‌ଏ)ର ଅଧ୍ୟକ୍ଷ କେ.କେ. ବାସା। ରବିବାର ଦିନିକିଆ ଢେଙ୍କାନାଳ ଗସ୍ତରେ ଆସି କପିଳାସ ପୀଠ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସେ ମନ୍ଦିରର ସ୍ଥିତି, ସୁରକ୍ଷା, ରକ୍ଷଣାବେକ୍ଷଣ, ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏଏସ୍‌ଆଇ ଡିଜି, ଏନ୍‌ଏମ୍‌ଏ ଏଡିଜି ଭୀମା ଆଜ୍‌ମୀରା, ଏଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଜି.ବି. ଗଡନାୟକ, ଭୁବନେଶ୍ୱର ସର୍କଲ ମୁଖ୍ୟ ସୁଶାନ୍ତ କୁମାର କର, ବିଶେଷଜ୍ଞ ରଞ୍ଜନା ପୁଷ୍କରଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ପୂର୍ବାହ୍ଣ ୧୦ଟା ୪୦ରେ କପିଳାସରେ ପହଞ୍ଚିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପୀଠର ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଏସ୍‌ଆଇ ଡିଜି ବାସା କହିଲେ, ବିଶ୍ୱପ୍ରସିଦ୍ଧ କପିଳାସ ପୀଠର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଏହି ପ୍ରାଚୀନ ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଜରୁରୀ ହୋଇପଡ଼ିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ବିଷୟରେ ଆଲୋଚନା କରିବା ସହ ପୀଠ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ପରାମର୍ଶ ଦେଇଥିଲେ। ଏଏସ୍‌ଆଇ, ଏନ୍‌ଏମ୍‌ଏର ବିଶେଷଜ୍ଞମାନେ ସ୍ଥିତି ସମୀକ୍ଷା କରି ମନ୍ଦିର ସୁରକ୍ଷା ଦିଗରେ କାର୍ଯ୍ୟ କରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପୁରାତନ କାଠକାମକୁ ଯାଞ୍ଚ କରି ମରାମତି କରାଯିବ। ୧୩୫୨ ପାହାଚ ମଧ୍ୟରୁ ୨୪୦ଟିର ମରାମତି ଏଏସ୍‌ଆଇ ଦ୍ୱାରା ଶେଷ ହୋଇଛି। ଅବଶିଷ୍ଟ ପାହାଚଗୁଡ଼ିକୁ ମଧ୍ୟ ମରାମତି କରାଯିବ। ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶୌଚାଳୟ, ପାନୀୟଜଳ ଏବଂ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଏସ୍‌ଆଇ ଡିଜି ବାସା ଠାକୁରଙ୍କ ଗର୍ଭଗୃହ, ଜଗମୋହନ ସମେତ ମା' ପାର୍ବତୀଙ୍କ ମନ୍ଦିରର ବିପଦସଙ୍କୁଳ ଛାତ ବୁଲି ଦେଖିଥିଲେ। ପୂଜକ ନିରଞ୍ଜନ ମହାପାତ୍ର ମନ୍ଦିର ଚୂଡ଼ାରେ ହୋଇଥିବା ଫାଟ ଦେଖାଇଥିଲେ। ଏଥିସହ ମନ୍ଦିର ଗୋଟିଏ ପାର୍ଶ୍ୱକୁ ଦବୁଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ଷା ପରେ ସମସ୍ତ କାର୍ଯ୍ୟ କରାଯିବ। ରାଜ୍ୟ ସରକାରଙ୍କ ସହାୟତାରେ ଜିଲା ପ୍ରଶାସନ ମନ୍ଦିର ପରିସରରେ କୌଣସି ଉନ୍ନୟନ କାର୍ଯ୍ୟ କରିବାକୁ ଚାହିଁଲେ ଏଥିଲାଗି ବ୍ୟୟଅଟକଳ କରିଜଣାଇବାକୁ ପଡ଼ିବ। ଅନୁଧ୍ୟାନ କରିବା ପରେ ନିର୍ମାଣ ସମ୍ପର୍କିତ ଅନୁମତି ଦିଆଯିବ ବୋଲି ଏଏସ୍‌ଆଇ ଡିଜି ପ୍ରତିଶ୍ରୁତି ଦେଇଛନ୍ତି।

ଜିଲାପାଳ ସେଠୀ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କପିଳାସ ପୀଠର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪ କୋଟି ୬୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଜଗମୋହନ ଏବଂ ମା' ପାର୍ବତୀଙ୍କ ମନ୍ଦିରରୁ ପାଣି ଗଳିବା ସମ୍ବେଦନଶୀଳ ବିଷୟ। ଏଥିପ୍ରତି ଏଏସ୍‌ଆଇ ଗୁରୁତ୍ୱ ଦେବାକୁ ଜିଲାପାଳ ନିବେଦନ କରିଛନ୍ତି।







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଡ଼ ପିତୃକାର୍ଯ୍ୟ,**
**କର ରାଜକାର୍ଯ୍ୟ।**

ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ମାତାପିତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛୋଟ ତାଳ ଗଛ ଲମ୍ବା ବରଡ଼ା,**
**ଜିକି ଜିକି ପଡେ ଝରା;**
**ଅବୁଝା ନାରୀକି କିସ ବୁଝେଇବି,**
**ମାଗୁଛି ସରଗ ତରା।**

ଅସମ୍ଭବ ଅପ୍ରାପ୍ୟ ନିଶ୍ଚୟ। ଦୁର୍ଲଭ ଦ୍ରବ୍ୟ ପ୍ରତି ଆଗ୍ରହ ଯେ ବୃଥା ଏ କଥା ଅନେକେ ସ୍ୱୀକାର କରି ନଥାନ୍ତି। ଆକାଶରୁ ତାରା ତୋଳି ଆଣିବାକୁ ଅଡ଼ିବସିବା ଭଳି ଅବୁଝା ନାରୀଙ୍କୁ ବୁଝାଇବା କଷ୍ଟକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଡିସେମ୍ବର ସୁଦ୍ଧା ପ୍ରତି ଘରେ ପାଇପ୍ ପାଣି



ଝାରସୁଗୁଡାରେ ରବିବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ଅପେକ୍ଷାରତ ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

## ଝାରସୁଗୁଡ଼ା ଗସ୍ତରେ ୫-ଟି ସଚିବ

- କଠିନ ପରିଶ୍ରମର ବିକଳ୍ପ ନାହିଁ: ପାଣ୍ଡିଆନ
- ଭାଜପା, କଂଗ୍ରେସ କର୍ମୀ ଅଟକ

ସମ୍ବଲପୁର/ବ୍ରଜରାଜନଗର, ୨୦।୮ (ଶୁଭାଶିଷ ପାଢ଼ୀ/ବିଜୟ କୁମାର ବରାଡ)

ରବିବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଦିନିକିଆ ଝାରସୁଗୁଡା ଜିଲା ଗସ୍ତ କରିଥିଲେ। ପ୍ରଥମେ ବ୍ରଜରାଜନଗରର ରାମଚଣ୍ଡୀ ମନ୍ଦିର ଦର୍ଶନ କରି ସେଠାରେ ପୂଜକ, ମନ୍ଦିର ଟ୍ରଷ୍ଟିଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଲଇକେରା ବ୍ଲକର ଜଙ୍ଗା ଲିଙ୍ଗା ମନ୍ଦିର ମଧ୍ୟ ପରିଦର୍ଶନ କରିଥିଲେ। ଉଭୟ ମନ୍ଦିରର ସାମଗ୍ରିକ ବିକାଶ, ପର୍ଯ୍ୟଟନ ସୁବିଧା ପାଇଁ ମାଷ୍ଟର ପ୍ଲାନ କରିବାକୁ ଅଧିକାରୀଙ୍କୁ କହିଥିଲେ। ଲଖନପୁର ବ୍ଲକରେ ଚାଲୁଥିବା ଦୁଇଟି ମେଗା ଉଠା ଜଳସେଚନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଝାରସୁଗୁଡା, କିର୍ମିରା, କୋଲାବିରା, ଲଇକେରା ଏବଂ ଲଖନପୁର ବ୍ଲକରେ ବ୍ରଜରାଜନଗର ଓ ବେଲପାହାଡ ପୌରପାଳିକାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଶେଷ ହୋଇଯିବ। ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାଣି ପହଞ୍ଚିବ ବୋଲି ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ କହିଥିଲେ। ସଭାରେ ଅଭିଯୋଗ ଶୁଣି ଜନସାଧାରଣଙ୍କ ସହ କଥା ହୋଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜ୍ୟର ସାମଗ୍ରିକ ବିକାଶ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକତା ଦେଇଛନ୍ତି। ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ଯାହା ଅଭିଯୋଗ ଆସିଛି ସବୁ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ସେ କହିଥିଲେ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ପୁରୁଷମାନଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ପ୍ରତିବର୍ଷ ବ୍ୟବସ୍ଥା ରହିଛି। ଚାଷୀଙ୍କ ପାଇଁ ବିନା ସୁଧରେ ଋଣ ଦେବା ସହ ଏବେ ଫସଲ ବୀମା ପ୍ରିମିୟମ ରାଶି ମଧ୍ୟ ସରକାର ବହନ କରୁଛନ୍ତି। କୋଲାବିରା ଓ ଲଖନପୁରରେ ମେଗା ପ୍ରକଳ୍ପ ଦ୍ୱାରା ୧୦ ହଜାର ହେକ୍ଟର ଚାଷ ଅଧିକ ହେବ। ଏହି ସଭାରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ ଯେ, କଠିନ ପରିଶ୍ରମ କରିବାକୁ ପଡିବ। ଏହାର ବିକଳ୍ପ ନାହିଁ। ନିଶ୍ଚିତ ଭାବେ ସଫଳ ହୋଇ ପାରିବେ। ଆଜି ଯେଉଁମାନେ ଉଚ୍ଚ ପଦରେ ରହିଛନ୍ତି ସେମାନଙ୍କ ପରିଶ୍ରମର ଉଦାହରଣ ରହିଛି ବୋଲି ସଭାରେ କହିଥିଲେ। ପରେ ପ୍ରଶାସନର ଅଧିକାରୀଙ୍କ ସହିତ ହୀରାକୁଦ ଜଳଭଣ୍ଡାରର ପାରିପାର୍ଶ୍ୱରେ ଅବସ୍ଥିତ ୧୯ଟି ଅସୁରକ୍ଷିତ ଗ୍ରାମଗୁଡିକର ସର୍ଭେ ଏବଂ ସେଟଲେମେଣ୍ଟ ଅପରେଶନର ଅଗ୍ରଗତି ସମୀକ୍ଷା କରିଥିଲେ। ଗସ୍ତକୁ ଆଖି ଆଗରେ ରଖି ଭାଜପା ଓ କଂଗ୍ରେସ କର୍ମୀଙ୍କୁ ପୂର୍ବରୁ ଥାନାରେ ଅଟକ ରଖାଯାଇଥିଲା। ଏହି ଗସ୍ତକୁ ବିରୋଧ କରି ଭାଜପା କର୍ମୀମାନେ କଳା ଡ୍ରେସ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ ପାଣ୍ଡିଆନ ଗୋ- ବ୍ୟାକ୍‌ର ପୋଷ୍ଟର ଲାଗିଥିଲା। ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ମନ୍ଦିର ପୂଜା ସାରି ଟଳିପଡ଼ିଲେ ପୂଜକ

ନରସିଂହପୁର, ୨୦।୮ (ନିରଞ୍ଜନ ଦେବକୁମାର)

ଶିବ ମନ୍ଦିରରେ ପୂଜା ସାରି କବାଟ ବନ୍ଦ କରୁଥିବାବେଳେ ପୂଜକଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଅଲରା ଗ୍ରାମର ଶିବ ମନ୍ଦିରରେ। ମୃତକ ହେଲେ ପତଣ୍ଡା ଗ୍ରାମର ସୁଧୀର ନନ୍ଦ (୪୫)। ସେ ଅଲରା ଗ୍ରାମରେ ଥିବା ଏକ ବ୍ୟକ୍ତିଗତ ଶିବ ମନ୍ଦିରରେ ଦୀର୍ଘଦିନ ହେବ ପୂଜା କରି ଆସୁଥିଲେ। ରବିବାର ସକାଳୁ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରୁଥିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ଏନେଇ ସେ ମନ୍ଦିର ମାଲିକଙ୍କୁ ଖବର ଦେଇଥିଲେ। ମନ୍ଦିର ମାଲିକ ମନ୍ଦିର ନିକଟରେ ପହଞ୍ଚିବାବେଳକୁ ସୁଧୀର ପୂଜାକାର୍ଯ୍ୟ ସାରି ମନ୍ଦିର କବାଟ ବନ୍ଦ କରୁଥିଲେ। ଏହି ସମୟରେ ହଠାତ୍ ତଳେ ପଡିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଧୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ତେଲପେଡ଼ା ମେଶିନରେ ଛିଣ୍ଡିଗଲା ହାତ

ଛେଣ୍ଡିପଦା, ୨୦।୮ (ଅଜିତ୍ ଧଳ)

ମେଶିନରେ ତେଲ ପେଡୁଥିବାବେଳେ ଅସାବଧାନତା ଯୋଗୁ ଜଣେ ଯୁବକଙ୍କ ହାତ କଟିଯାଇଛି। ସେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ପଞ୍ଚାୟତ ସଦରର ବିକ୍ରମ ସାହୁ। ଘଟଣାରୁ ଜଣାପଡ଼ିଛି, ବିକ୍ରମ ରବିବାର ଅପରାହ୍ନରେ ସବୁଦିନ ପରି ନିଜ ମିଲକୁ ଯାଇଥିଲେ। ଏହି ସମୟରେ ଗ୍ରାମର ଜଣେ ବ୍ୟକ୍ତି ତେଲ ପେଡିବା ପାଇଁ ଆସିଥିଲେ। ତେବେ ମେଶିନ ଚଳାଉଥିବା କର୍ମଚାରୀ ନ ଥିବାରୁ ବିକ୍ରମ ନିଜେ ମେଶିନ ଚଳାଇ ତେଲ ପେଡୁଥିଲେ। ସେହି ସମୟରେ ସେ ହାତରେ ପିନ୍ଧିଥିବା ବଳାଟି ମେଶିନରେ ଲାଗି ଯାଇଥିଲା। ଫଳରେ ହାତଟି କହୁଣି ନିକଟରୁ ଛିଣ୍ଡି ଅଲଗା ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ୫-ଟି ସଚିବ ସମସ୍ୟା ବୁଝି ଛାଡ଼ି ଦେଇଥିବାରୁ ଧନ୍ୟବାଦ: ଭାସ୍କର

କଣାସ, ୨୦।୮ (ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା ସତ୍ୟବାଦୀସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ (ୟୁଜିଏସ୍‌ଏମ୍) ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ଏକ ସମାବେଶରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଯୋଗଦେବାକୁ ଯାଉଥିବା ବେଳେ ଜଣେ ବ୍ୟକ୍ତି ତାଙ୍କ ଉପରକୁ କାଳିମାଡ଼ କରିଥିଲେ। କାଳିମାଡ଼ କରିଥିବା କଣାସ ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ଭାସ୍କର ଚନ୍ଦ୍ର ସାହୁଙ୍କୁ ପୋଲିସ ନିଜ ହେପାଜତକୁ ନେବା ସହିତ ପଚରାଉଚରା କରିଥିଲା। ପରେ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ଭାସ୍କରଙ୍କୁ ଛାଡ଼ିଦେଇଛି।

ଏ ସମ୍ପର୍କରେ ଭାସ୍କର କହିଛନ୍ତି, ଦୟା ନଦୀକୁ ଗଙ୍ଗୁଆ ନାଳ ମାଧ୍ୟମରେ ବିଷାକ୍ତ ଜଳକୁ ନ ଛାଡିବା ପାଇଁ ଭୁବନେଶ୍ୱର ମହାନିଗମ ଅଧିକାରୀ, ଡେଲାଙ୍ଗ ଓ କଣାସ ବ୍ଲକରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପୃଥକ ଭାବେ ଦାବିପତ୍ର ଦେଇଥିଲି। ଏପରିକି ସତ୍ୟବାଦୀ ବିଧାୟକଙ୍କୁ ମଧ୍ୟ ଦାବି ଜଣାଇଥିଲି। ସେହିପରି ଅଡାଳଠାରୁ ହରିପୁର ସରସ୍ୱତୀ ନଗର ପର୍ଯ୍ୟନ୍ତ ଯାଇଥିବା ମକରା ନଦୀ ବନ୍ଧ ଜଳସେଚନ ବିଭାଗର ହୋଇଥିବାରୁ ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରି ରାସ୍ତା କାମ କରିବା ଓ ଜଳିଆପଡାଠାରେ ପ୍ରତିଷ୍ଠିତ ବିଦ୍ୟୁତ୍ ସବ୍‌ଷ୍ଟେଶନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବିଧାୟକ ଏବଂ ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲି। ତେବେ ଏହା ଉପରେ କୌଣସି ପଦକ୍ଷେପ ନ ନିଆଯିବାରୁ ଅସନ୍ତୋଷ ପ୍ରକାଶ କରି ୫-ଟି ସଚିବଙ୍କ ଉପରକୁ କାଳିପକାଇଥିଲି। କୌଣସି ରାଜନୈତିକ ପ୍ରରୋଚନାରେ ଏହା କରିନାହିଁ। ୫-ଟି ସଚିବ ସମସ୍ୟା ବୁଝି ଛାଡ଼ିଦେଇଥିବାରୁ ସାଧୁବାଦ ଜଣାଉଛି ବୋଲି ସେ ପ୍ରକାଶ କରିଛନ୍ତି।

## ରୋବୋସ୍ମାର୍ଟ କମ୍ପାନୀର ନିର୍ଦ୍ଦେଶକ ଗିରଫ

### ଫ୍ରାଞ୍ଚାଇଜ୍ ଦେବା ଆଳରେ ଠକେଇ

ଭୁବନେଶ୍ୱର, ୨୦।୮ (ସୂର୍ଯ୍ୟକାନ୍ତ ବେହେରା)

ସାଢ଼େ ୯ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ରୋବୋସ୍ମାର୍ଟ ଲ୍ୟାବ ପ୍ରା.ଲି.ର ମାଲିକ ତଥା ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସେ ହେଲେ ରାଜସ୍ଥାନର ଜଗଦୀଶ ପାରିକ। ଏନେଇ ପୋଲିସ ଏକ ମାମଲା (ନଂ ୨୮୪/୨୩) ରୁଜୁ କରି ଜଗଦୀଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଭିଯୁକ୍ତ ଜଗଦୀଶ ପୂର୍ବରୁ ପଶ୍ଚିମବଙ୍ଗ ପୋଲିସ ଦ୍ୱାରା ୨ଥର ଗିରଫ ହୋଇଥିବା ତଦନ୍ତ ବେଳେ



ଜଗଦୀଶ ପାରିକା

ଜଣାପଡିଛି। ସୂଚନାନୁସାରେ, ଜଗଦୀଶ ଓ ସହଯୋଗୀ ସ୍ମୃତିଧର ବିଭିନ୍ନ ରାଜ୍ୟରେ ସେମାନଙ୍କ କମ୍ପାନୀର ଫ୍ରାଞ୍ଚାଇଜ୍ ଖୋଲିବାକୁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ସେମାନେ ଭୁବନେଶ୍ୱରକୁ ଆସି ଏକ ତାରକା ହୋଟେଲରେ ସଭାର ଆୟୋଜନ କରି ନିବେଶକଙ୍କ ବିଶ୍ୱାସ ହାସଲ କରିଥିଲେ। ଏହିପରିପ୍ରକ୍ଷୀରେ ଅଭିଯୁକ୍ତ ଦ୍ୱୟ ଝାରସୁଗୁଡାରେ ରୋବୋଟିକ୍ସ ଶିକ୍ଷା ପାଇଁ ଫ୍ରାଞ୍ଚାଇଜ ଆରମ୍ଭ କରିବା ପାଇଁ ଲୋକଙ୍କଠାରୁ ପୁଞ୍ଜି ସଂଗ୍ରହ କରି ଠକେଇ କରିଥିଲେ। ଅଭିଯୋଗକାରୀ ୯ ଲକ୍ଷ ୬୬ ହଜାର ୬୬୬ ଟଙ୍କା ରୋବୋସ୍ମାର୍ଟ କମ୍ପାନୀକୁ ଦେୟ ଦେବା ସତ୍ତ୍ୱେ ଉକ୍ତ ଶିକ୍ଷା ପାଇଁ କୌଣସି ବୈଷୟିକ ସହାୟତା ଓ ସାମଗ୍ରୀ ଯୋଗାଇ ଦିଆଯାଇ ନ ଥିଲା। ଠକାମିର ଶିକାର ହେବା ଜାଣିବା ପରେ ସେ ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

### ପ୍ରେମ ବ୍ୟାପାରକୁ ନେଇ ଆତ୍ମହତ୍ୟା ଅଭିଯୋଗ

ଭୁବନେଶ୍ୱର, ୨୦।୮ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀବିହାର ଅଞ୍ଚଳରେ ଥିବା ଏକ ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ କେନ୍ଦ୍ରାପଡା ରାଜକନିକା ଅଞ୍ଚଳର ଦୀପକ ଦାସ (୨୬)। ସେ ଏସ୍‌ବିଆଇ ଫାଇନାନ୍ସରେ କାମ କରିବା ସହ ପ୍ରାଚୀବିହାର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ପ୍ରେମ ବ୍ୟାପାରକୁ ନେଇ ଆତ୍ମହତ୍ୟା କରିଥିବା ନେଇ ଦୀପକଙ୍କ ପରିବାର ଲୋକେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁସାରେ, ଦୀପକ ଓ ତାଙ୍କର ଜଣେ ସାଙ୍ଗ ପ୍ରାଚୀବିହାରରେ ଘରଭଡ଼ା ନେଇ ଏକାଠି ରହୁଥିଲେ। ଶନିବାର ଅପରାହ୍ନରେ ଡ୍ୟୁଟି ସାରି ଦୀପକ ରୁମ୍‌କୁ ଆସିଥିଲେ। ସନ୍ଧ୍ୟାରେ ତାଙ୍କ ସାଙ୍ଗ କାମସାରି ରୁମ୍‌କୁ ଆସି କବାଟ ଭିତରପଟୁ ବନ୍ଦ ଥିବା ଦେଖିଥିଲେ। ସେ ଦୀପକଙ୍କୁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ନ ଉଠାଇବାରୁ ତାଙ୍କର ସନ୍ଦେହ ହୋଇଥିଲା ଏହାପରେ ସେ ଏନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଭିତରକୁ ପଶିବା ପରେ ଦୀପକ ବେକ ସହ ପାଟିରେ ଏକ ଗାମୁଛା ଭିଡିଥିବାବେଳେ ଆଉ ଏକ ଗାମୁଛାକୁ ବେକରେ ବାନ୍ଧି ଫ୍ୟାନରେ ଝୁଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏହାସହ ଏକ ଅପମୃତ୍ୟୁ ମାମଲା (୭୭/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ପ୍ରଥମ ପୃଷ୍ଠାରୁ...

### ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ...

୪୦୫୦, ଶ୍ରମ ମନ୍ତ୍ରଣାଳୟର ୪,୨୩୬ରୁ ୪୦୧୬ ଏବଂ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ୨,୬୧୭ ଅଭିଯୋଗ ମଧ୍ୟରୁ ୨,୪୦୯ଟିର ଫଇସଲା ହୋଇସାରିଛି। ଗତବର୍ଷ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) କର୍ମଚାରୀଙ୍କ ବିରୋଧରେ ୨,୧୫୦, ପ୍ରତିରକ୍ଷା ମନ୍ତ୍ରଣାଳୟ(୧,୬୧୯), ଟେଲି ଯୋଗାଯୋଗ ବିଭାଗ(୧,୩୦୮), ଅର୍ଥ ମନ୍ତ୍ରଣାଳୟ(୧,୨୦୨) ଏବଂ କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ବୋର୍ଡ କର୍ମଚାରୀଙ୍କ ବିରୋଧରେ ୧,୧୦୧ ଅଭିଯୋଗ ଆଗତ ହୋଇଥିଲା।

### ଅନ୍ଧବିଶ୍ୱାସରୁ ...

ହୋଇଥିଲା। ଅଭିଯୁକ୍ତ ବିଷ୍ଣୁବାବାଙ୍କୁ ଧରାଯିବା ବେଳେ ତାଙ୍କ ମୁହଁ ସାରା ରକ୍ତ ଲାଗିଥିଲା। ସେ ଏକ ବ୍ଲେଡ୍‌ରେ ନିଜ ଜିଭକୁ କାଟିବା ସହ ଅର୍ଜୁନ ବାବାଙ୍କ ରକ୍ତ ପିଇଥିବା ଜଣେ ପୋଲିସ କର୍ମଚାରୀ କହିଥିଲେ। ତନ୍ତ୍ରସାଧନ ପାଇଁ ସେ ଏହି କାଣ୍ଡ ଘଟାଇଥିବା କୁହାଯାଉଥିବା ବେଳେ ପୋଲିସ ଏହି ଦିଗକୁ ନେଇ ତଦନ୍ତ ଜାରି ରଖିଛି। ସେହିଭଳି ଗୁଣି ସନ୍ଦେହରେ ଜୁଲାଇ ୨୫ରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଡିମିରିକୁଦା ଗ୍ରାମରେ ହତ୍ୟାକାଣ୍ଡ ଘଟିଥିଲା। ଗ୍ରାମର ଶୁକ୍ରୁ ମାଝି ଘରେ ତନ୍ତ୍ରସାଧନା କରୁଥିଲେ। ପଡ଼ୋଶୀ ସଞ୍ଜୁ ମାଝୀଙ୍କ ୪ବର୍ଷର ପୁଅର ମୃତ୍ୟୁ ପାଇଁ ଶୁକ୍ରୁଙ୍କୁ ଦାୟୀ କରାଯାଇଥିଲା। ଶୁକ୍ରୁଙ୍କୁ ସଞ୍ଜୁଙ୍କ ପରିବାର ଲୋକ କାଠଫାଳିଆ ଓ କୋଦାଳରେ ଆକ୍ରମଣ କରି ହତ୍ୟା କରିଥିଲେ। ଅନ୍ୟପଟେ ଜୁଲାଇ ୨୩ ରାତିରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ହରନବାବି-ବନ୍ତପାଟଣା ଗ୍ରାମରେ ଗୁଣିଗାରେଡ଼ି ପାଇଁ ବିଭିତ୍ସ ହତ୍ୟାକାଣ୍ଡ ଘଟିଥିଲା। ମଣିଚରଣ ତାଙ୍କ ବାଡ଼ିପଟେ ଗୁଣି କରି କିଛି ରଖିଥିବା ପଡ଼ୋଶୀ ସନ୍ଦେହ କରିଥିଲେ। ରାତିରେ ଶୋଇଥିବା ମଣିଚରଣଙ୍କୁ ପଡ଼ୋଶୀ ଅଜୁ ମହାରଣା ତାଙ୍କ ଦୁଇପୁଅଙ୍କ ସହ ମିଶି ଶାବଳ ଓ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରିଥିଲେ। ଆଇନଜୀବୀ ଅଶୋକ ବଡ଼ପଣ୍ଡାଙ୍କ କହିବା କଥା, ଲାଗୁ ହୋଇଥିବା ଉକ୍ତ ଆଇନ ବିଷୟରେ ପ୍ରାୟ ଲୋକ ଜାଣନ୍ତି ନାହିଁ। ତେଣୁ ଗୁଣିଗାରେଡ଼ି ନେଇ ଆରମ୍ଭରୁ କେହି ଥାନାକୁ ଆସି ଅଭିଯୋଗ କରନ୍ତି ନାହିଁ। ଏନେଇ ସଚେତନ କରାଗଲେ ଲୋକେ ଆରମ୍ଭରୁ ଅଭିଯୋଗ କରିବେ ଏବଂ ଗୁଣିଗାରେଡ଼ି ଯୋଗୁ ହେଉଥିବା ହତ୍ୟାକୁ ରୋକାଯାଇପାରିବ। ଏଥିପାଇଁ ରାଜ୍ୟ ସରକାର ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଆଗକୁ ଆସି ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ବିଜ୍ଞାନ ଓ ଚିକିତ୍ସା ପଦ୍ଧତିରେ ଉନ୍ନତି ଘଟି ନ ଥିବା ସମୟରୁ ଗୁଣିଗାରେଡ଼ି ଆରମ୍ଭ ହୋଇଥିଲା। ଏବେ ବିଭିନ୍ନ ଅଞ୍ଚଳରେ ଲୋକଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଠିକ୍ ଭାବେ ପହଞ୍ଚିପାରିନାହିଁ। ତେଣୁ ଲୋକମାନଙ୍କ ମଧ୍ୟରେ ପାରମ୍ପାରିକ ଅନ୍ଧବିଶ୍ୱାସ ଆଦି ରହିଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସହ ବିଜ୍ଞାନସମ୍ମତ ଦୃଷ୍ଟିଭଙ୍ଗୀର ପ୍ରସାର କରାଇପାରିଲେ ଏହି ଅନ୍ଧବିଶ୍ୱାସ କମି ଯିବ। ଏହା ବିରୋଧରେ ରହିଥିବା ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବା ଦରକାର। କେବଳ ଆଇନ କରିଦେଲେ ଏହି ଅନ୍ଧବିଶ୍ୱାସ କମିବ ନାହିଁ। ସରକାର ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ। ଉକ୍ତ ଆଇନକୁ ଅଧିକ ସମୀକ୍ଷା କରାଯାଇ କିଭଳି କାର୍ଯ୍ୟକାରୀ କରାଯାଇପାରିବ ସେଥିପ୍ରତି ସରକାର ଦୃଷ୍ଟି ଦେବା ଦରକାର ବୋଲି ସେ କହିଛନ୍ତି।

### ଚନ୍ଦ୍ରରେ ଧକ୍କା...

ପାଇଁ ସମସ୍ତ ଉଦ୍ୟମ ବିଫଳ ହୋଇଥିଲା। ମହାକାଶ ଯାନରେ କ'ଣ ବୈଷୟିକ ସମସ୍ୟା ରହିଛି, ତାହାର କୌଣସି ସୂଚନା ନ ଦେଇ କ'ଣ ପାଇଁ ଚନ୍ଦ୍ରକୁ ଧକ୍କା ଦେଲା ତାହାର ତଦନ୍ତ କରାଯିବ ବୋଲି ମହାକାଶ ସଂସ୍ଥା କହିଛି। ପାଶ୍ଚାତ୍ୟ ଦେଶଗୁଡ଼ିକରୁ ବିରୋଧର ସମ୍ମୁଖୀନ ହୋଇଥିବା ରୁଷିଆ ଲୁନା-୨୫ର ସଫଳ ଲ୍ୟାଣ୍ଡିଂ ଜରିଆରେ ସୋଭିଏତ୍ ଯୁଗର ଲୁନା କାର୍ଯ୍ୟକ୍ରମକୁ ଏକାକୀ ଆଗେଇ ନେବାର ଆଶା ରଖିଥିଲା। ଅଗଷ୍ଟ ୧୦ରେ ଏହି ମହାକାଶ ଯାନକୁ ଚନ୍ଦ୍ର ଅଭିମୁଖେ ପଠାଯାଇଥିଲା। ଆସନ୍ତା ସୋମବାର ଏହି ୮୦୦ କିଲୋଗ୍ରାମ ଓଜନ ବିଶିଷ୍ଟ ଲୁନା୨୫ ପ୍ରୋବ୍ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ କରି ଇତିହାସ ସୃଷ୍ଟି କରିଥାନ୍ତା। ତେବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ ବିପଦପୂର୍ଣ୍ଣ ବୋଲି ରସ୍‌କସ୍‌ମସର ମୁଖ୍ୟ ୟୁରି ବୋରିସୋଭ୍ ଗତ ଜୁନ୍‌ରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଜଣାଇଥିଲେ। ଲୁନା-୨୫ ସଫଳ ହେବାର ୭୦ ପ୍ରତିଶତ ସମ୍ଭାବନା ରହିଥିବା ସେ କହିଥିଲେ। କେବଳ ୩ ଦେଶ ଆମେରିକା, ସୋଭିଏତ୍ ରୁଷ ଏବଂ ଚାଇନା ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ସଫଳ ହୋଇଛନ୍ତି। ତେବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଏପର୍ଯ୍ୟନ୍ତ କୌଣସି ଦେଶ ପହଞ୍ଚି ପାରି ନାହାନ୍ତି। ଦକ୍ଷିଣ ପାର୍ଶ୍ୱରେ ଅବତରଣ ପାଇଁ ଭାରତ ଏବଂ ରୁଷିଆ ପ୍ରଥମ ଦେଶ ଭାବେ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ୨୦୧୯ରେ ଭାରତର ଚନ୍ଦ୍ରୟାନ-୨ର ଦକ୍ଷିଣ ମେରୁରେ ଅବତରଣ ଉଦ୍ୟମ ବିଫଳ ହୋଇଥିଲା। ଏହାର ଲ୍ୟାଣ୍ଡର ସଫ୍ଟ ଲ୍ୟାଣ୍ଡିଂ ବେଳେ ଚନ୍ଦ୍ର ପୃଷ୍ଠରେ ଖସିପଡ଼ିଥିଲା।

### ପୁଅ ହିନ୍ଦୁ ...

ନେଇଯାଇଥିଲେ। ଏହି ମାମଲାର ବିଚାର କରାଯାଇ ସୌକତଙ୍କୁ ଜେଲଦଣ୍ଡ ମିଳିଥିଲା। ସେ ଜେଲରୁ ମୁକୁଳିବା ପରେ ଗତ ଜୁନ୍‌ରେ ପୁଣି ରୁବିଙ୍କୁ ଅପହରଣ କରିନେଇ ବିବାହ କରିଥିଲେ। ଫଳରେ ରାମପାଲଙ୍କ ପରିବାରର ସଦସ୍ୟମାନେ ମୁସଲମାନ ଦମ୍ପତିଙ୍କୁ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଗତ ଶୁକ୍ରବାର ସେମାନେ ଆକ୍ରାସ ଦମ୍ପତିଙ୍କୁ ଲାଠି ଓ ଲୁହାରଡ୍‌ରେ ଆକ୍ରମଣ କରିବାରୁ ସେମାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ କଡ଼ା କଥା କହି ଅପ୍ରିୟତା କିମ୍ବା କଳହଜନିତ ଅଶାନ୍ତିର ସମ୍ଭାବନା ରହିଛି। ଦ୍ୱିଜା ନକ୍ଷତ୍ର ମନ ବୁଝିଲା ଭଳି କଥା କହି ପରିବାରର ଅବୁଝା ବ୍ୟକ୍ତିଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ବହୁ ଲୋକଙ୍କ ମେଳରେ ଅଧିକାଂଶ ସମୟ କଟିବ। ଦୀର୍ଘ ସମୟ କାର୍ଯ୍ୟବ୍ୟସ୍ତ ରହି ଏକପ୍ରକାର କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** କୌଣସି କ୍ଷେତ୍ରରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି। ଆର୍ଥିକ ଅନଟନ ମନସ୍ତାପର କାରଣ ହୋଇପାରେ। ଆତ୍ମୀୟସ୍ୱଜନମାନେ ସ୍ୱାର୍ଥସାଧନ ମାନସରେ ମନଗଢ଼ା କଥା କହି ପ୍ରଲୋଭିତ କରିପାରନ୍ତି। ରୋହିଣୀ ନକ୍ଷତ୍ରର ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** ଆଜି ଯୁଆଡ଼େ ଯାଆନ୍ତୁନା କାହିଁକି ଖାଲି ମନମତାଣିଆ କଥା, ହସଖୁସିର ପରିବେଶ ଭିତରେ ନିଜକୁ ହଜାଇ ଦେବେ। ମାତ୍ର ମୃଗଶିରା ନକ୍ଷତ୍ର ଆତ୍ମବଡ଼ିମା ପ୍ରକାଶ କରି ଉପହସିତ ହେବାକୁ ପଡ଼ିପାରେ। ଦୀର୍ଘ ଦିନ ହେଲା ଯାହା ଖୋଜୁଥିବେ ତାହା ନ ପାଇ ଅଶାନ୍ତ ରହିବେ। କଳା, ସାହିତ୍ୟ ଓ ସଙ୍ଗୀତ ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କର୍କଟ** ମାନସିକ ସ୍ଥିତି ଭଲ ନ ଥିବା କାରଣରୁ କୌଣସି କଥା ଭଲ ଲାଗିବ ନାହିଁ। କର୍ମକ୍ଷେତ୍ରରେ ଉପର ଅଧିକାରୀ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। ସାମାଜିକ ସ୍ତରରେ ସୁଯୋଗର ସଦ୍‌ବ୍ୟବହାର କରିପାରିବା କଷ୍ଟକର ହୋଇପଡିବ। ପୁଷ୍ୟା ନକ୍ଷତ୍ର ଘରକୁ ଫେରିବା ବେଳକୁ କିଛି ମନୋରଞ୍ଜନ ଜିନିଷ କ୍ରୟ କରି ଆଣିପାରନ୍ତି।

**ସିଂହ** ପରିବାରରେ ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରି ଚିନ୍ତା ସାଗରରେ ଭାସି ବୁଲିବେ। ଏଣେ ପିଲାଙ୍କ ଜଞ୍ଜାଳ, ତେଣେ ନିଜର ସଉକ ପରସ୍ପର ବିପରୀତ କଥାରେ ମନ ଦୋଳାୟମାନ ହୋଇପାରେ। ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ପୂର୍ବା ଫାଲଗୁନୀ ନକ୍ଷତ୍ର ଉପରିସ୍ଥଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ। ହସ୍ତା ନକ୍ଷତ୍ର କୌଣସି ଘଟଣାର ତର୍ଜମା କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଆକସ୍ମିକ ଆବଶ୍ୟକତା ହେତୁ ଧାର କରଜ କରି କାମ ଚଳାଇ ନେବେ। ମନପସନ୍ଦର ଜିନିଷ କିଣିବା ସକାଶେ ମନକଥା ଘରେ ପ୍ରକାଶ କରି କିଛି ଆଶ୍ୱାସନା ପାଇବେ।

**ତୁଳା** ସାଧାରଣ କଥାକୁ କେନ୍ଦ୍ରକରି ଘରେ ସଦାବେଳେ ଅଶାନ୍ତି ଲାଗି ରହୁଥିବାରୁ ମନ ଭଲ ରହିବ ନାହିଁ। କିନ୍ତୁ କୌଣସି କାମ ଅଟକିବାର ନାହିଁ, ଯେତେ କଷ୍ଟ ହେଲେ ମଧ କରିବା ପାଇଁ ବାଧ ହେବେ। ସାମୂହିକ କାର୍ଯ୍ୟରେ ନିଜକୁ ଆଗରେ ରଖିପାରିବେ ନାହିଁ। କିନ୍ତୁ ସ୍ୱାତୀ ନକ୍ଷତ୍ର ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ବିଛା** ଆଜିର କାମଗୁଡ଼ିକ ସମ୍ପନ୍ଧରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯେଉଁଠାରେ ରହୁଛନ୍ତି ସେଠାରେ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଅନୁରାଧା ନକ୍ଷତ୍ରର ପାରିବାରିକ ସ୍ଥିତି କେତେକାଂଶରେ ଭଲ ଦିଗକୁ ଗତି କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହୋଇପାରନ୍ତି।

**ଧନୁ** ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ମନ ଭାରାକ୍ରାନ୍ତ ରହିବ। ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା ପାରିବାରିକ ଜୀବନରେ ଅଶାନ୍ତିର କାରଣ ହୋଇପାରେ। ସନ୍ତାନ, ଶିକ୍ଷା ଓ ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ପାଇବେ। ଅଫିସ କାମରେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ମୂଳା ନକ୍ଷତ୍ର ସକାଶେ ଆଜି ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ମକର** ସକାଳୁ ସକାଳୁ କୌଣସି ବିରକ୍ତିକର ଖବର ମନକୁ ନିରସ କରିଦେଇପାରେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାର ଆଶଙ୍କା ରହିଛି। ଅତି ଭଲ ସମ୍ପର୍କ ଥିବା ଲୋକ ପାଖରେ ଭୁଲ କାମ କରି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ଧନିଷ୍ଠା ନକ୍ଷତ୍ରର କଚେରି ମାମଲା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦେବେ ସେଥିରେ ଅବଶ୍ୟ ସଫଳତା ବିଳମ୍ବରେ ପ୍ରାପ୍ତ ହେବ। ଅପରାହ୍ନରେ ନିଜର ଆତ୍ମୀୟା ଜଣେ ସାହାଯ୍ୟକାରିଣୀ ସାଜିପାରନ୍ତି। ଶତଭିଷା ନକ୍ଷତ୍ରର ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନିଜର ସମସ୍ୟାକୁ ସମାଧାନ ନ କରି ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ପରିଜନଙ୍କ ସହିତ ଆଲୋଚନାରେ ଅଧିକ ସମୟ କଟାଇବେ। ରେବତୀ ନକ୍ଷତ୍ର ଶୃଙ୍ଖଳା ରକ୍ଷା କରିବା ଦିଗରେ ପ୍ରଶାସନିକ ସ୍ତରରେ ଉଦ୍ୟମ କରିପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାର୍ଯ୍ୟରେ ହାତ ଦେଇ କାର୍ଯ୍ୟ ହାସଲ କରିବେ।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ଜାଗୁଳାଇ ୫ମୀ ସୋମବାର, ଅଗଷ୍ଟ ୨୧ ତାରିଖ, ବିଶ୍ୱ ବରିଷ୍ଠ ନାଗରିକ ଦିବସ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୨ ଗତେ, ଘ. ୦୭।୦୬ ମଧ୍ୟେ, ଘ.୧୦।୩୪ ଗତେ, ଘ୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୬ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

# ଆଗକୁ ଷ୍ଟୋରିଟେଲିଂର ବହୁତ ଆବଶ୍ୟକ ରହିଛି

ଓଡ଼ିଶାରେ ଷ୍ଟୋରିଟେଲିଂ ବା ଗପ କହିବାର କଥା ଉଠିଲେ ଆସିଯାଏ ପ୍ରାଚୀତାରା ମିଶ୍ରଙ୍କ ନାମ। କାହାଣୀର କୁହୁକ ପେଡ଼ିରେ ସେ ବାନ୍ଧି ରଖନ୍ତି ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ। ପିଲାବେଳୁ ନାଟକ, ଗୀତ, ନାଚରେ ରୁଚି ରଖୁଥିବା ମିଶ୍ର ପରବର୍ତ୍ତୀ ସମୟରେ ରେଡିଓ ଆର୍ଟିଷ୍ଟ ଓ ସାମ୍ବାଦିକା ଭାବେ କାର୍ଯ୍ୟ କରିଥିଲେ। ଆଉ ଏବେ ସେ ଜଣେ ସଫଳ ଷ୍ଟୋରିଟେଲର। ୨୦୧୮ରେ ଭୁବନେଶ୍ୱରରେ ହୋଇଥିବା ଭୁଫେଷ୍ଟୋରୁ ସେ ଦର୍ଶକଙ୍କ ନଜରକୁ ଆସିଥିଲେ। ଢେର୍ ପ୍ରଶଂସା ଆଉ ନୂଆ ଅନୁଭୂତି ନେଇ ସେ ୫ବର୍ଷ ହେବ ଷ୍ଟୋରିଟେଲିଂକୁ ବୃତ୍ତି ଭାବେ ନେଇ କାମ କରି ଚାଲିଛନ୍ତି। ସ୍କୁଲ, କଲେଜଠୁ ନେଇ ରାଜ୍ୟ ତଥା ରାଜ୍ୟ ବାହାରେ ହୋଇଥିବା ଅନେକ କାର୍ଯ୍ୟକ୍ରମରେ ସେ ପ୍ରତିନିଧିତ୍ୱ କରିଛନ୍ତି। ୨୦୧୯ରେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍ ଓ ୨୦୨୧ରେ ପଡ୍‌କାଷ୍ଟ ମାଧ୍ୟମରେ ସେ ଘରେ ଘରେ ଷ୍ଟୋରିଟେଲିଂର ଆବଶ୍ୟକତାକୁ ପ୍ରତିପାଦନ କରୁଛନ୍ତି। ପ୍ରାଚୀତାରାଙ୍କ ସହ ଏଥରର 'ଧରିତ୍ରୀ ଆଳାପ'।

- ସାକ୍ଷାତ୍‌କାର: ଶର୍ମିଷ୍ଠା ପାଣିଗ୍ରାହୀ



ଧରିତ୍ରୀ ଆଳାପ

ପ୍ରାଚୀତାରା ମିଶ୍ର

**ଷ୍ଟୋରିଟେଲିଂକୁ କାହିଁକି ବୃତ୍ତି ଭାବେ ଆପଣେଇ ନେଇଥିଲେ?**
– ମୋତେ ଗପ କହିବାକୁ ଭଲ ଲାଗେ। ସାମ୍ବାଦିକତା, ରେଡିଓ ଆର୍ଟିଷ୍ଟ ଭାବେ ଚାକିରି ସମୟରେ କେଉଁଠି କେମିତି ଗପ କହୁଥିଲି। କିନ୍ତୁ ୨୦୧୫ରେ ଭୁବନେଶ୍ୱର ଜନପଥରେ ଚାଲୁଥିବା ରାହଗିରିରେ ସହରବାସୀଙ୍କୁ ମୁଁ ମୋର ପ୍ରଥମ ଗପ ଶୁଣାଇଥିଲି। ୨୦୧୮ରେ ହକି ବିଶ୍ୱ କପ୍ ସମୟରେ ଆୟୋଜିତ ଭୁଫେଷ୍ଟୋରେ ମୋତେ ବଡ଼ ପ୍ଲାଟ୍‌ଫର୍ମ ମିଳିଥିଲା। ଜାତୀୟ ଓ ଅନ୍ତର୍ଜାତୀୟ ଷ୍ଟୋରିଟେଲରଙ୍କ ସହ ମିଶି କାମ କରିବାର ସୁଯୋଗ ପାଇଥିଲି। ବହୁଳ ପ୍ରଶଂସା ଓ ଭଲ ପ୍ରତିକ୍ରିୟା ମିଳିଥିଲା। ତା' ପରଠୁ ଏହାକୁ ବୃତ୍ତି ଭାବେ ଆପଣାଇବାକୁ ନିଷ୍ପତ୍ତି ନେଲି।

**ବଡ଼ ପ୍ଲାଟ୍‌ଫର୍ମରେ ଗପ କହିବାର ପ୍ରସ୍ତୁତି, ଅନୁଭୂତି କିଭଳି ଥିଲା?**
– ଭୁଫେଷ୍ଟୋ ଭଳି ବଡ଼ ପ୍ଲାଟ୍‌ଫର୍ମରେ ବାହାରୁ ଆସୁଥିବା ବଡ଼ବଡ଼ ପ୍ରଫେଶନାଲ ଷ୍ଟୋରିଟେଲରଙ୍କ ମେଳରେ ହଜାର ହଜାର ଦର୍ଶକଙ୍କ ଆଗରେ ୫ଦିନ ଧରି ଷ୍ଟୋରି କହିବାକୁ ଯେତେବେଳେ ସୁଯୋଗ ମିଳିଲା ଭାରି ଖୁସି ହୋଇଥିଲି। ସେମିତି ନର୍ଭସ ବି ଥିଲି। ତଥାପି ବେଷ୍ଟ ଦେବାକୁ ମୁଁ ଆଗ ନିଜକୁ ପ୍ରସ୍ତୁତ କରିନେଇଥିଲି। ସେମିତି ଉପସ୍ଥାପନା କରିବାକୁ ପଡ଼ିବ, ଯେମିତି ଲାଗିବନି କି ଓଡ଼ିଶାରେ କିଛି କମ୍ ଅଛି। ତେଣୁ ପ୍ରଥମେ ମୁଁ ମୋ ଷ୍ଟୋରିଟେଲିଂରେ କଷ୍ଟ୍ୟୁମ୍‌କୁ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ନେଇଥିଲି। ଷ୍ଟୋରି ସହ ଏହା ଦର୍ଶକଙ୍କ ଉପରେ ପ୍ରଭାବ ପକାଇଥାଏ। ତେବେ ସମସ୍ତଙ୍କ ସହ ମିଶି କାମ କରିବା ସମୟର ଅନୁଭୂତି ବହୁତ ଭଲ ଥିଲା।

**କେବେ ରାଜ୍ୟ ବାହାରକୁ ଯାଇ କାମ କରିଛନ୍ତି?**
– କୋଭିଡ୍ ସମୟରେ ମୁମ୍ବାଇ ଷ୍ଟୋରିଜ ଟେଲର୍ ସୋସାଇଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଥିଲି। ତାହା ଅବଶ୍ୟ ଭର୍ଚୁଆଲରେ ହୋଇଥିଲା। ସେହିପରି ଦିଲ୍ଲୀ କନଷ୍ଟିଚ୍ୟୁଶନ୍ କ୍ଲବ ଯାଇ ହିନ୍ଦୀରେ ଗପ ପରିବେଷଣ କରିଥିଲି। ନିକଟରେ ୱାର୍ଲ୍ଡ ବୁକ୍ ଫେୟାରରେ ପ୍ରଦର୍ଶନ ପାଇଁ ସାହିତ୍ୟ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ ଆସିଥିଲା। ପ୍ରଗତି ମଇଦାନରେ ଗପ ଶୁଣାଇଥିଲି। ମୋ ସହ ଆହୁରି ଅଲଗା ଭାଷାଭାଷୀର ଷ୍ଟୋରିଟେଲର ମଧ୍ୟ ଥିଲେ। ଏହା ମୋ ପାଇଁ ଏକ ଗର୍ବର କଥା। ବାହାରେ ଆହୁରି ଯେତେ ସୁଯୋଗ ଆସିବ ମୁଁ ସେତେ କାମ କରିବି। ଆମ କାହାଣୀକୁ ମୁଁ ସବୁଠି ପହଞ୍ଚାଇପାରିବି।

**ଷ୍ଟୋରିଟେଲିଂ ମାଧ୍ୟମରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ହୋଇପାରିବ କି?**
– ପ୍ରଶ୍ନ ଭିତରେ ହିଁ ଉତ୍ତର ଅଛି। ଭାଷାର ପ୍ରଚାର ପ୍ରଚାର ପାଇଁ ଷ୍ଟୋରିଟେଲିଂ ହେଉଛି ଏକ ବଡ଼ ମାଧ୍ୟମ। ପବ୍ଲିକ୍ ସ୍କୁଲରେ ପାଠ ପଢ଼ିବାକୁ ଛାଡ଼ିବାରେ କିଛି ଅସୁବିଧା ନାହିଁ କିନ୍ତୁ ଘରେ ହେଲେ ବି ମାତୃଭାଷାରେ ଶିକ୍ଷା ଦେବା ଦରକାର। ପିଲାବେଳୁ ଜଣେ ଏକା ସାଙ୍ଗରେ ୮/୧୦ଟି ଭାଷା ଶିଖିପାରିବ। ଆଉ ଷ୍ଟୋରିଟେଲିଂରେ ଆଗ୍ରହ ସହକାରେ ପିଲାଙ୍କୁ ବିଭିନ୍ନ ଭାଷା ସହିତ ମାତୃଭାଷାରେ ମଧ୍ୟ ଏକ ପ୍ରକାର ଶିକ୍ଷା ଆଉ ମନୋରଞ୍ଜନ ମିଳିପାରୁଛି। ତେଣୁ ସ୍କୁଲଗୁଡ଼ିକରେ ଷ୍ଟୋରିଟେଲିଂକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ଜାତୀୟ ଶିକ୍ଷା ନୀତି ଆସିବା ପରେ ଷ୍ଟୋରିଟେଲିଂକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମୁଁ ବିଭିନ୍ନ ସ୍କୁଲ ଯାଉଛି। କିନ୍ତୁ ଅଭିଭାବକ ଓ ସ୍କୁଲ ବୁଝିବା ଦରକାର ଏହା କେତେ ଜରୁରୀ।

**ଆପଣଙ୍କ ଷ୍ଟୋରିଟେଲିଂରେ କ'ଣ ସ୍ୱତନ୍ତ୍ରତା ରହିଛି?**
– ଚିରାଚରିତ କାହାଣୀ ମୁଁ ଷ୍ଟୋରି ଟେଲିଙ୍ଗ ସେସନ୍‌ରେ କହେ ନାହିଁ। ଆମେ ଗପ ମାଧ୍ୟମରେ ନାରୀଶକ୍ତି, ସାମାଜିକ ଶିକ୍ଷା, ଭଉଣୀଭାଇର ସ୍ନେହ ମମତା, ପରିବାରର ସମ୍ପର୍କ, ପଶୁପକ୍ଷୀଙ୍କ ଯତ୍ନ, ବଡ଼ମାନଙ୍କୁ ସମ୍ମାନ – ଏହି ସବୁ କଥା ମୋ ଗପ ମାଧ୍ୟମରେ ମୁଁ କହିଥାଏ। ମୋ ଗପଗୁଡ଼ିକୁ ମୁଁ ଆମ ଓଡ଼ିଆ ପୁସ୍ତକରୁ ହିଁ ଉଦ୍ଧାର କରେ। ସେହିପରି ଫେକ୍ ଟେଲ୍ ଭିତରେ ବି କେତେ ପ୍ରକାର ବାର୍ତ୍ତା ରହିଛି। ଜୀବନର ସବୁ କଥା ଗପରେ ହି ରହିଛି। ଠିକ୍ ସମୟରେ ଠିକ୍ ଗପଟିଏ ଠିକ୍ ଭାବରେ ଉପସ୍ଥାପନା କରିପାରିଲେ ତା'ର ମୂଲ୍ୟ କାହିଁରେ କ'ଣ।

**ଓଡ଼ିଶାରେ ଷ୍ଟୋରିଟେଲିଂର ପରିସର କିଭଳି ରହିଛି?**
– ଯଦି ମୋ କଥା କହିବି ୫/୬ବର୍ଷ ତଳେ ଷ୍ଟୋରିଟେଲିଂ ଏକ ବୃତ୍ତିଗତ ଭାବେ ଆରମ୍ଭ ହୋଇଥିଲା। ବହୁତ ପ୍ରଶଂସା ମିଳିଲା। କିନ୍ତୁ ଯେତେବେଳେ ମୂଲ୍ୟ କଥା ଉଠିଲା ସେତେବେଳେ ସମସ୍ତେ କହିଲେ ନା ମ ମ୍ୟାଡାମ୍ କହିବେ ଷ୍ଟୋରି, ଏଇଟା ପାଇଁ ଆମେ କ'ଣ ପଇସା ଦେବା... ଏଭଳି କିଛି ଶୁଣିବାକୁ ମିଳିଲା। ଏବେ ସେହି ସଂଘର୍ଷ ଧୀରେ ଧୀରେ ସଫଳ ହେଲାଣି। ଅଳ୍ପ ଟଙ୍କା ମିଳୁଛି, କିନ୍ତୁ ଦେଉଛନ୍ତି। ତେଣୁ ଜଣେ ଯଦି ଦମ୍ ନେଇ କରୁଛି ତାହା ସହ ଜଣକ ପରେ ଜଣେ ଲାଗିବା ଦରକାର। ଆଗକୁ ଷ୍ଟୋରିଟେଲିଂର ବହୁତ ଆବଶ୍ୟକତା ଅଛି, ଯେଉଁଥିପାଇଁ ଆମ ପାଖରେ ଯଥେଷ୍ଟ ପ୍ୟାସୋନେଟ୍ ଷ୍ଟୋରିଟେଲର୍ ରହିବା ଦରକାର।

**ଏହି ବୃତ୍ତିରୁ ରୋଜଗାର କରି ବଞ୍ଚି ହେବ କି?**
– ଆଗରୁ ତ ହେଉ ନ ଥିଲା ଏବେ ହେଲାଣି। କିନ୍ତୁ ଏହା ଉପରେ ନିର୍ଭର କରି ଯେ ଜଣେ ଚଳିଯିବ ତାହା ସମ୍ଭବ ହେବନି। ଧୀରେଧୀରେ ଚାହିଦା ବଢୁଛି ଆଉ ଆଶା ଅଛି ଯେ, ଆଗକୁ ସୁଯୋଗ ସହ ରୋଜଗାର ମଧ୍ୟ ହୋଇପାରିବ। ସରକାରଙ୍କ ସହଯୋଗ ରହିଲେ ଓଡ଼ିଶାରେ ବହୁତ କିଛି ଅଛି, ଯାହାକୁ ନେଇ ଆମେ ସବୁବେଳେ କାମ ପାଇବା ସହ ରୋଜଗାର କରିପାରିବୁ।

**ଆପଣ କାହାଣୀ କେଉଁଠୁ ପାଆନ୍ତି, ବହୁତ ପଢ଼ିବାକୁ ପଡ଼େ କି?**
– ହଁ ନିହାତି ଭାବେ। କାହାଣୀ କହିବା ପୂର୍ବରୁ ପ୍ରଥମ କାମ ହେଉଛି କାହାଣୀ ଖୋଜିବା। କିଛି ଆସାଇନ୍‌ଡ କାମ ଥିଲେ ବହୁତ ସମୟରେ ୪୦/୫୦ ଷ୍ଟୋରି ନାଁ ନାଁ ରେ ହିଁ ପଳାଏ। କିଛି ପସନ୍ଦ ଆସେନି। ହାସ୍ୟାତ୍ମକ ଷ୍ଟୋରି ଭିତରେ ବି ଷ୍ଟ୍ରଙ୍ଗ ମେସେଜ୍ ଥାଏ। ଖାଲି କହିଦେଲେ ତ ହେବନି, ଷ୍ଟୋରିର କିଛି ମୂଲ୍ୟ ରହୁଥିବା ନିହାତି ଦରକାର।

**ଏଥିପାଇଁ ପ୍ରଥମ ଆବଶ୍ୟକତା ସବୁ କ'ଣ?**
– ଆଗ ଷ୍ଟୋରିକୁ ନିଜର କରିନେବା ଉଚିତ। ଉପସ୍ଥାପନା କଲାବେଳେ ଦର୍ଶକଙ୍କ ଅନୁସାରେ ପ୍ରଦର୍ଶିତ କରିବ। ଭଏସ୍ ମଡ୍ୟୁଲେଶନ୍ ସହ କେତେବେଳେ ରାଇମିଙ୍ଗ ୱାର୍ଡ କହି ତ ଆଉ କେତେବେଳେ କିଛି ଆହ୍ୱାନ କରି, ଗୀତ ଗାଇ ଏମିତି କିଛି କରି ବାନ୍ଧି ରଖିହେବ।

**ପ୍ରାଚୀତାରା ମିଶ୍ରଙ୍କ ପାଇଁ ଗପର ସଂଜ୍ଞା କ'ଣ?**
–ମୋ ଗପ ହିଁ ମୋ ଜୀବନ।

**କେବେ ନିଜ କାହାଣୀ କହିଛନ୍ତି?**
–ନାଁ, କେବେ କହିନି।

**ପରିବାରକୁ କିଭଳି ସମୟ ଦିଅନ୍ତି, ଆଉ ସେମାନଙ୍କ ସହଯୋଗ ସମ୍ପର୍କରେ...?**
– ମୋ କ୍ୟାରିୟର ହିଁ ମୋ ଝିଅ, ପୁଅଙ୍କ ସହ ଆରମ୍ଭ କରିଛି। ମୁଁ କିଛି ପ୍ରସ୍ତୁତ କରୁଥିଲେ ସେମାନଙ୍କୁ ଆଗ ଶୁଣାଏ। ସେମାନେ ମୋର ପ୍ରଥମ କ୍ରିଟିକ୍। ମୋ କାମରେ ବି ସେମାନଙ୍କର ଆଗ୍ରହ ଥାଏ। ତେଣୁ କାମ ସହ ପରିବାରକୁ ସମୟ ଦେବା ବି ଏକ ପ୍ରକାର ହୋଇଯାଏ।

**ଯେଉଁମାନେ ଷ୍ଟୋରିଟେଲିଂରେ ଆଗ୍ରହ ରଖୁଛନ୍ତି, ସେମାନଙ୍କୁ କ'ଣ ବାର୍ତ୍ତା ଦେବେ?**
–ଆମ କଥା ମାଧ୍ୟମରେ ଅନ୍ୟକୁ ହଜାଇବାକୁ ହେଲେ ଆଗ ନିଜେ ହଜିବାକୁ ପଡ଼ିବ। ଚରିତ୍ର ସବୁକୁ ବୁଝିପାରିବ। ଚରିତ୍ରର ଭାବ, ଘଟଣାକୁ ଯେତେ ଗୁରୁତ୍ୱ ଦେବ ସେତେ ଭଲ ଉପସ୍ଥାପନା କରିପାରିବ। କାମ ପ୍ରତି ତ୍ୟାଗ ରହିବା ସହ ଶିଖିବା ଆବଶ୍ୟକ। ସେ ଯେ କୌଣସି କାମ ହେଉନା କାହିଁକି, ପଇସା ଉଦ୍ଦେଶ୍ୟରେ ଆସିବା ଭଲ ନୁହେଁ।

## ଦଶମ ଶ୍ରେଣୀ ଛାତ୍ରୀଙ୍କ ଫଟୋ ଭାଇରାଲ

- ମୁହଁ ଅସଲି, ଅନ୍ୟ କାହାର ଉଲଗ୍ନ ଫଟୋକୁ ଯୋଡ଼ା ଯାଇଛି
- ଏଡିଟିଂ କରିଥିବା ୨ ସହପାଠୀ ଛାତ୍ର ଅଟକ
- ଚାପି ଦେବାକୁ ଉଦ୍ୟମ କରିଥିଲେ ପ୍ରଧାନ ଶିକ୍ଷକ

ନୟାଗଡ଼,୨୦।୮(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ବାଲୁଗାଁ ଅଞ୍ଚଳର ଏକ ହାଇସ୍କୁଲରେ ୫ ଜଣ ଦଶମ ଶ୍ରେଣୀ ଛାତ୍ରୀଙ୍କ ଫଟୋକୁ ମୁହଁ ଅସଲି ରଖି ଶରୀରକୁ ଉଲଗ୍ନ କରି ଭାଇରାଲ କରାଯାଇଛି। ଗୋଟିଏ ମୋବାଇଲରୁ ଅନ୍ୟ ମୋବାଇଲକୁ ଏହା ଘୁରି ବୁଲୁଛି। ମୋବାଇଲ ଆପ୍‌ରେ ଫଟୋ ଏଡିଟିଂ କରାଯାଇ ଏପରି ଭାଇରାଲ ହୋଇଛି। ଏ ସଂକ୍ରାନ୍ତରେ ନୟାଗଡ଼ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦଶମ ଶ୍ରେଣୀରେ ପଢୁଥିବା ୨ ଛାତ୍ରଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ୨ ଛାତ୍ର ଫଟୋକୁ ଏଡିଟିଂ କରିଥିବାବେଳେ ଅନ୍ୟ ୫ଜଣ ସବୁ ଜାଣି ଚୁପ ରହିଥିଲେ। ଅନ୍ୟପକ୍ଷେ ପ୍ରଧାନଶିକ୍ଷକ ଏହି ଘଟଣା ସମ୍ପର୍କରେ କିଛି ନ କହି ଏଡାଇ ଯାଇଥିଲେ। ଉକ୍ତ ଘଟଣାକୁ ଚାପି ଦେବାକୁ ସେ ପ୍ରୟାସ କରିଥିଲେ ବୋଲି ଅଭିଯୋଗ ହୋଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ସସ୍‌ପେଣ୍ଡ କରିବା ପାଇଁ ଦାବି ହେଉଛି। ସେହିପରି ଘଟଣା ପ୍ରଘଟ ପରେ ଛାତ୍ର ଜଣକ ଜଣେ ଭାଜପା ନେତାଙ୍କ ଘରେ ଲୁଚି ରହିଥିଲେ। ସେହି ଭାଜପା ନେତା ଉକ୍ତ ଘଟଣାକୁ ଚାପି ଦେବାକୁ ଜୋରଦାର ଉଦ୍ୟମ କରିଥିବା ଚର୍ଚ୍ଚା ହେଉଛି।

ଏନେଇ ଜଣେ ଅଭିଭାବକ କହିଛନ୍ତି, ହାଇସ୍କୁଲରେ ଚାରା ରୋପଣଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ହୁଏ। ମୋ ଝିଅ ପରି ଅନ୍ୟ ଛାତ୍ରୀମାନେ ସେହିସବୁ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ହେଲେ ସେମାନଙ୍କ ଫଟୋକୁ ମୋବାଇଲ ଆପ୍‌ରେ ଅଶ୍ଳୀଳ କରି ଛଡା ଯିବା କଥାକୁ ଆମେ କେମିତି ଜାଣିବୁ। ମୋ ଝିଅ ପରି ୫ ଜଣ ଝିଅଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଇଛି। ଝିଅର ମୁହଁ ଫଟୋ ଅସଲି ଥିବାବେଳେ ଅନ୍ୟ କାହାର ଉଲଗ୍ନ ଫଟୋକୁ ସେଥିରେ ଯୋଡ଼ା ଯାଇଛି। ୧୫ ଦିନ ତଳୁ ଏହି ଘଟଣା ଘଟିଲାଣି। ହେଲେ ପ୍ରଧାନ ଶିକ୍ଷକ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଧାନଶିକ୍ଷକ ମୋତେ ଡକାଇ ଥିଲେ। ଯେଉଁ ପିଲାମାନେ ଏଭଳି କାଣ୍ଡ ଘଟାଇଛନ୍ତି ସେମାନଙ୍କ ଅଭିଭାବକଙ୍କୁ ଡାକିଥିଲେ। ଘଟଣା ଚାପି ଦେବାକୁ ମୋ ଉପରେ ଚାପ ପକାଇଲେ। ମୁଁ ରାଜି ନ ହେବାରୁ ଖରାପ ବ୍ୟବହାର କରିଥିଲେ। ଅନ୍ୟ ଜଣେ ମହିଳା କହିଛନ୍ତି, ନ୍ୟାୟ ନ ପାଇବାରୁ ମୁଁ ନୟାଗଡ଼ ସଦର ଥାନାରେ ଅଭିଯୋଗ କରିଛି। ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁ କୁହନ୍ତି, ଏମିତି ଏକ ଲଜ୍ୟାଜନକ ଘଟଣା ଘଟିଛି। ତେବେ ଏହି ଘଟଣା ସମ୍ବେଦନଶୀଳ ହୋଇଥିବାରୁ କିଛି କହି ହେବନି। ପୋଲିସର ତଦନ୍ତ ଜାରି ରହିଛି।

## କମିଲା ବର୍ଷା, ବଢ଼ିବ ତାତି

ଭୁବନେଶ୍ୱର,୨୦।୮
(ଅନୁରାଧା ମହାରଣା)

ରାଜ୍ୟର ବହୁ ଜିଲାରେ ନିଅଣ୍ଟିଆ ବର୍ଷା ଲାଗିରହିଛି। ଚଳିତ ବର୍ଷ ମୌସୁମୀ ଋତୁରେ ଜୁନ୍ ୧ରୁ ଅଗଷ୍ଟ ୨୦ ମଧ୍ୟରେ ୭୩୭.୩ ମିମି ବର୍ଷା ରେକର୍ଡ କରାଯାଇଛି। ଏହା ସ୍ୱାଭାବିକ ବର୍ଷା ୮୦୧.୫ ମିମିଠାରୁ ୮.୧୩ ପ୍ରତିଶତ କମ୍ ରହିଛି। ତେବେ ୨ଟି ଜିଲା ବୌଦ୍ଧ ଓ ଝାରସୁଗୁଡ଼ାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ୧୭ ଜିଲାରେ ସ୍ୱାଭାବିକ ଓ ୧୧ଟି ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି। ସ୍ୱାଭାବିକ ବର୍ଷା ୧୫ ମିମିଠାରୁ ୭୭ ପ୍ରତିଶତ କମ୍ ଅର୍ଥାତ୍ ରାଜ୍ୟରେ ମାତ୍ର ୩.୫ ମିମି ବର୍ଷା ହୋଇଛି। ଏପରିକି ଆସନ୍ତା ୫ଦିନରେ ମଧ୍ୟ ବିଶେଷ ବର୍ଷା ହେବାର ନାହିଁ। ଆସନ୍ତା ତିନିଦିନ ଯାଏ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବା ସହ ପରବର୍ତ୍ତୀ ଦୁଇଦିନରେ ସାମାନ୍ୟ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ମୌସୁମୀର ଏପରି ଅସ୍ୱାଭାବିକ ସ୍ଥିତି ଯୋଗୁ ରାଜ୍ୟରେ ତାତି ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡିଳ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼ ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## 'ପ୍ରଯୁକ୍ତି ଜ୍ଞାନକୌଶଳର ପ୍ରବର୍ତ୍ତକ ଥିଲେ ରାଜୀବ'

ଜୟନ୍ତୀ ପାଳିଲା କଂଗ୍ରେସ

ଭୁବନେଶ୍ୱର, ୨୦।୮(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ରବିବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନଠାରେ ପାଳିତ ହୋଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ରାଜୀବ ଭବନ ଏବଂ କଂଗ୍ରେସ ଭବନସ୍ଥିତ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପିସିସି ସଭାପତି ଅଭିଭାଷଣରେ କହିଲେ, ବିଜ୍ଞାନ, କାରିଗରୀ ଓ ପ୍ରଯୁକ୍ତି ଜ୍ଞାନକୌଶଳ କ୍ଷେତ୍ରରେ ଭାରତକୁ ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ରାଜୀବ ଗାନ୍ଧୀ ସ୍ୱପ୍ନ ଦେଖିଥିଲେ। ଏଥିଲାଗି ଭିତ୍ତିଭୂମି ମଧ୍ୟ ସ୍ଥାପନ କରିଥିଲେ। କମ୍ପ୍ୟୁଟର, ଟେଲିକମ୍, ସଫ୍ଟୱେୟାର, ପ୍ରଯୁକ୍ତି ଜ୍ଞାନକୌଶଳର ପ୍ରବର୍ତ୍ତକ ଥିଲେ ରାଜୀବ। ପଞ୍ଚାୟତ ଓ ନଗରପାଳିକାକୁ ସଶକ୍ତ କରିବା ଏବଂ ମହିଳା ସଂରକ୍ଷଣ ବ୍ୟବସ୍ଥାରେ ତାଙ୍କର ଅବଦାନ ଅଭୁଲା। ସେ ମତଦାନ ଅଧିକାରକୁ ୨୧ ବର୍ଷରୁ ୧୮ ବର୍ଷକୁ କମାଇଥିଲେ। ଫଳରେ ଅଧିକ ଯୁବପିଢ଼ିଙ୍କୁ ରାଜନୀତିରେ ପ୍ରତ୍ୟକ୍ଷ ଅଂଶଗହଣ କରିବା ଲାଗି ସୁଯୋଗ ପାଇଥିଲେ। ଭାରତରେ ନବୋଦୟ ବିଦ୍ୟାଳୟ ସ୍ଥାପନ, ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଜାତୀୟ ଯୁବ ଦିବସ ଭାବେ ଘୋଷଣା କରିଥିଲେ। 'କ୍ଲିନ ଗଙ୍ଗା' ମଧ୍ୟ ରାଜୀବଙ୍କ ସ୍ମରଣୀୟ କାର୍ଯ୍ୟକ୍ରମ ବୋଲି ଶରତ କହିଛନ୍ତି।




ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ରବିବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ ଉତ୍ସବବେଳେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟ କଂଗ୍ରେସ ନେତାମାନେ ଉପସ୍ଥିତ ଅଛନ୍ତି।

## ପୂର୍ବ ବିବାଦରୁ ବୋମାମାଡ଼, ୮ ଆହତ

- ଗୋଟିଏ ଅଫୁଟା ବୋମା ଜବତ
- ଘଟଣା ପରେ ସାହି ପୁରୁଷଶୂନ୍ୟ

ବରୀ,୨୦।୮(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ରତଳାଙ୍ଗ ପଞ୍ଚାୟତ(ଖଜୁରି ପୋଖରୀ) ଦଳିତ ସାହିରେ ପୂର୍ବ ବିବାଦକୁ କେନ୍ଦ୍ରକରି ରବିବାର ୨ ଗୋଷ୍ଠୀ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଛି। ଏଥିରେ ଉଭୟ ଗୋଷ୍ଠୀରୁ ୮ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଆହତମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ଏକ ଅଫୁଟା ବୋମା ଜବତ କରି ତଦନ୍ତ ଚଳାଇଛି। ଆହତମାନେ ହେଲେ ଧନେଶ୍ୱର ଜେନା, ଚନ୍ଦନ ଜେନା, ବାନା ଜେନା, କରୁଣାକର ଜେନା, ଆନନ୍ଦ ଜେନା ଓ ଧୀରେନ ଜେନା। ଅନ୍ୟ ୨ଜଣଙ୍କ ପରିଚୟ ମିଳି ପାରିନାହିଁ।

ଉକ୍ତ ସାହିରେ ୨ ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନ ଧରି ତିକ୍ତତା ଲାଗି ରହିଥିଲା। ଶନିବାର ୨ ଗୋଷ୍ଠୀଙ୍କ ପକ୍ଷରୁ ଏକ ସାଧାରଣ ଘଟଣାକୁ ନେଇ ଉଚ୍ଚବାଚ ଓ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୋଷ୍ଠୀ ଯାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ରବିବାର ଅପରାହ୍ନରେ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଉଭୟ ପକ୍ଷ ନିର୍ଦ୍ଧାରିତ ସମୟରେ ଥାନାକୁ ନ ଆସି ପୂର୍ବ ବଚସାକୁ ଆଳ କରି ବୋମା ଫିଙ୍ଗାଫିଙ୍ଗି ହୋଇଥିଲେ। ଖବର ପାଇ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ବରୀ-ରାମଚନ୍ଦ୍ରପୁର ଭାରପ୍ରାପ୍ତ ଥାନା ଅଧିକାରୀ ଚିତ୍ତରଞ୍ଜନ ଜେନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୋମାମାଡ଼ ପରେ ଉଭୟ ଗୋଷ୍ଠୀର ପୁରୁଷମାନେ ଫେରାର ହୋଇ ଯାଇଛନ୍ତି। ଘଟଣାରେ ସମ୍ପୃକ୍ତ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନାହିଁ। ଘଟଣାସ୍ଥଳ ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ଲେଙ୍କା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଖବର ଲେଖା ହେଲା ପର୍ଯ୍ୟନ୍ତ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିଲା।



ଖଜୁରି ପୋଖରୀ ଦଳିତ ସାହିରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ମୈତ୍ରୀ କମ୍ପାନୀକୁ ବିରୋଧ କରି ୨୧ ଗିରଫ

- ଗିରଫଙ୍କ ମଧ୍ୟରେ ଅଛନ୍ତି ଶାସକ ଦଳର କିଛି ସମର୍ଥକ
- ବିବାଦକୁ ନେଇ ଜିଲାର ମନ୍ତ୍ରୀ, ନେତାଙ୍କ ସମେତ ବିରୋଧୀ ମଧ୍ୟ ଚୁପ୍

ରାୟଗଡ଼ା,୨୦।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ସୁଙ୍ଗେର ପଞ୍ଚାୟତର ସିଜିମାଳିଖଣିଖନନକୁ ନେଇ ମୈତ୍ରୀ କମ୍ପାନୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବିବାଦ ଘନେଇବାରେ ଲାଗିଛି। ଜୀବନଜୀବିକା ଦେଉଥିବା ସିଜିମାଳିକୁ କୌଣସି ପରିସ୍ଥିତିରେ ଛାଡ଼ିବୁ ନାହିଁ ବୋଲି ଅଞ୍ଚଳବାସୀ ଅଡି ବସିଥିବାବେଳେ ମୈତ୍ରୀ କମ୍ପାନୀ ଓ ପୋଲିସ ପ୍ରଶାସନ ସାଧାରଣ ଜନତାଙ୍କ ଉପରେ ଜୁଲୁମ୍ କରିବାକୁ ପଛାଉ ନାହାନ୍ତି। ପୋଲିସ ଅତ୍ୟାଚାର ବିରୋଧରେ ଅଞ୍ଚଳର ମହିଳାମାନେ ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ବରଂ ଲୋକଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିଚାଲିଛି। ଅଦ୍ୟାବଧି ୨୧ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ କିଛି ଜଣଙ୍କୁ ବିଭିନ୍ନ ମିଥ୍ୟା ମାମଲା ଦାଏର କରି କୋର୍ଟଚାଲାଣ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗିରଫଙ୍କ ମଧ୍ୟରେ ଶାସକ ଦଳର କିଛି ସମର୍ଥକ ଥିବାବେଳେ ସୁଙ୍ଗେର ପଞ୍ଚାୟତର ପୂର୍ବତନ ସରପଞ୍ଚ, ସିନ୍ଦୁରଘାଟି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ମଧ୍ୟ ଅଛନ୍ତି।

ଅନ୍ୟପକ୍ଷେ ନିର୍ବାଚିତ ପ୍ରତିନିଧି, ଶାସକ ଓ ବିରୋଧୀ ଦଳର ନେତାମାନେ ସବୁ ଦେଖୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଜିଲାର ବିଧାୟକ ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ଓ ବହୁ ରାଜ୍ୟସ୍ତରୀୟ ପଦବୀରେ ଜିଲାର ଶାସକ ଦଳ ନେତାମାନେ ଥିଲେ ମଧ୍ୟ ସେମାନେ କାହିଁକି କିଛି ପଦକ୍ଷେପ ନେଉନାହାନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଘଟଣା ସମ୍ପର୍କରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଫୋନ କରିବାରୁ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିଲା। ଅନ୍ୟପକ୍ଷେ ବିରୋଧୀ ଦଳର କିଛି ନେତା କହୁଛନ୍ତି ଯେ ଶାସକ ଦଳର କିଛି ନେତା ଅଞ୍ଚଳବାସୀଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଏଭଳି ବିରୋଧ କରାଉଛନ୍ତି। ଅଞ୍ଚଳବାସୀଙ୍କ ସହ ବୈଠକ, ଗ୍ରାମସଭା ଆଦି କରି ଖଣିକୁ ଲିଜ୍‌ରେ ଦେଇଥିଲେ ଏହିଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ବିରୋଧୀ ନେତା କହୁଛନ୍ତି। ଏ ନେଇ ଆମ୍ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଜନ୍ମେଜୟ ସ୍ୱାଇଁ କହିଛନ୍ତି ଯେ ଆଦିବାସୀଙ୍କ ଉପରେ ଅତ୍ୟାଚାର ହେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଆଗାମୀ ଦିନରେ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିବେ। ଏଥିସହ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଉପରେ ଏକ ରିପୋର୍ଟ କାର୍ଡ ପ୍ରସ୍ତୁତ କରି ଅଞ୍ଚଳବାସୀଙ୍କୁ ନ୍ୟାୟ ଦେବା ପାଇଁ ରାଜ୍ୟ ସରକାର, ଜିଲା ଓ ପୋଲିସ ପ୍ରଶାସନ ସହ ଆଲୋଚନା କରିବେ। ସେହିପରି ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ କହିଛନ୍ତି, ସେ ଏମ୍‌ପି ସପ୍ତଗିରି ଉଲାକା ଓ ରାୟଗଡ଼ା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରାକାଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ସେମାନେ ଖଣି ଅଞ୍ଚଳକୁ ଯାଇ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି କୌଣସି ନିଷ୍ପତ୍ତି ନେବେ। ଏ ନେଇ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି ଯେ ଆମେ ଲୋକପ୍ରତିନିଧି, ତେଣୁ ଲୋକଙ୍କ ସହ ରହିବୁ ଏବଂ ଲୋକେ ଯାହା ନିଷ୍ପତ୍ତି ନେବେ ତାକୁ ସମର୍ଥନ କରିବୁ। ସେହିପରି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା କହିଛନ୍ତି, ଖଣି ରାଜ୍ୟ ସରକାର ଲିଜ୍‌ରେ ଦେଇଛନ୍ତି। ଅଞ୍ଚଳରେ ପୋଲିସ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଯେଉଁ ଗୁଣ୍ଡାରାଜ ଚାଲିଛି ଏହା ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ। କାରଣ ରାଜ୍ୟ ସରକାର ଲୋକଙ୍କ ସୁରକ୍ଷା ବଦଳରେ ଅତ୍ୟାଚାର କରୁଛନ୍ତି ବୋଲି ସେ କହିଛନ୍ତି। ରାୟଗଡ଼ା ନିର୍ବାଚନମଣ୍ଡଳୀରେ ବିଧାନସଭା ଓ ଲୋକସଭା ଆସନ ପାଇଁ ନିର୍ଣ୍ଣାୟକ ଭୂମିକା ନେଉଥିବା କାଶୀପୁର ବ୍ଲକରେ ଏଭଳି ବିବାଦ ଲାଗି ରହିଥିବା ବେଳେ ଏଥିପ୍ରତି କାହାରି ଆନ୍ତରିକତା ପ୍ରକାଶ ପାଉନାହିଁ। କମ୍ପାନୀ ଓ ଜନସାଧାରଣଙ୍କ ମଧ୍ୟରେ ଚାଲିଥିବା ଏହି ବିବାଦରେ ରାଜନେତା ଜନସାଧାରଣଙ୍କୁ ସମର୍ଥନ କରିବେ ନା କମ୍ପାନୀକୁ ସମର୍ଥନ କରିବେ ତାହା ସମୟ କହିବ।

## ସଂକ୍ଷେପରେ

### କବିତା ସଙ୍କଳନ 'ଭୂମିରୁ ଭୂମାକୁ' ଉନ୍ମୋଚିତ

ଭୁବନେଶ୍ୱର,୨୦।୮(ଶର୍ମିଷ୍ଠା ପାଣିଗ୍ରାହୀ)– ବସୁମତୀ ସାହିତ୍ୟ ସଂସଦ ସମ୍ବଲପୁର ପକ୍ଷରୁ ରବିବାର ଭାରତୀୟ ବିଦ୍ୟା ଭବନଠାରେ କବି ଗୁଣସାଗର ଦାଶଙ୍କ କବିତା ସଙ୍କଳନ 'ଭୂମିରୁ ଭୂମାକୁ' ଉନ୍ମୋଚିତ ହୋଇଯାଇଛି। ଗିରିଜା ଶଙ୍କର ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ, ମୁଖ୍ୟ ଅତିଥି କବି ପ୍ରସନ୍ନ କୁମାର ମହାନ୍ତି ଓ ଆଲୋଚକ ଭାଷାବିତ୍ ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ଜଣେ ଚକ୍ଷୁ ବିଶେଷଜ୍ଞ ଭାବରେ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷକୁ ଛୁଇଁଥିବା ଦାଶ ମଧ୍ୟ ସାହିତ୍ୟ ସର୍ଜନାରେ ଶୀର୍ଷକୁ ଛୁଇଁଛନ୍ତି ଏବଂ ଭାବ ଓ ଭାଷାର ସମନ୍ୱୟରେ ରଚିତ ସମସ୍ତ କବିତା ଆତ୍ମିକ ଓ ଆଙ୍ଗିକ ଉଭୟ ଦୃଷ୍ଟିରୁ ଉଚ୍ଚକୋଟୀର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁପ୍ରିୟା ପଣ୍ଡାଙ୍କ ସଂଯୋଜନାରେ ଲେଖକ ତଥା ପ୍ରକାଶକ ରାଜ କିଶୋର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ଦୁର୍ଗା ଚରଣ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜୀବନୀକାର ସତ୍ୟ ନାରାୟଣ ମହାପାତ୍ର, କବି ଭିକାରୀ ଧଳ, ଗାଳ୍ପିକ ରମେଶ ପଟ୍ଟନାୟକ, କବି ସୂର୍ଯ୍ୟ ମିଶ୍ର, ଗାଳ୍ପିକା ଶ୍ରୁତକିର୍ତ୍ତୀ ତ୍ରିପାଠୀ ଓ ଅମିତାଭ ଖିଲାରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

### ରାସ୍ତାରେ ଗଛ ପଡି ଏକାଧିକ ଯାତ୍ରୀ ଆହତ

ଭୁବନେଶ୍ୱର,୨୦।୮ (ସୂର୍ଯ୍ୟକାନ୍ତ ବେହେରା): ଜୟଦେବ ବିହାର–ନନ୍ଦନକାନନ ରାସ୍ତାର ନାଲ୍‌କୋ ଛକରେ ଥିବା ଏକ ଗଛ ଉପୁଡି ପଡିବାରୁ ରାସ୍ତାରେ ଯାଉଥିବା ଏକାଧିକ ଯାତ୍ରୀ ଆହତ ହୋଇଛନ୍ତି। ଶନିବାର ରାତିରେ ଏହି ଘଟଣା ଘଟିଥିବାବେଳେ ରାସ୍ତା ଉପରେ ଗଛ ପଡିବାରୁ ବହୁ ସମୟ ଧରି ଟ୍ରାଫିକ ଜାମ ହୋଇଥିଲା। ଖବର ପାଇ ପୋଲିସ ଓ ଅଗ୍ନିଶମ ଟିମ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ରାସ୍ତାରୁ ଗଛକୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ, ଗତ କିଛିଦିନ ତଳେ ଉକ୍ତ ରାସ୍ତା କଡରେ ଏକ କୃଷ୍ଣଚୁଡା ଗଛ ରାସ୍ତାରେ ଭାଙ୍ଗି ପଡିଯିବାରୁ ଜଣେ ବାଇକ ଆରୋହିଙ୍କର ମୃତ୍ୟୁ ଘଟିଥିଲା। ଏବେ ପୁଣି ସମାନ ଘଟଣା ଘଟିଛି। ରାସ୍ତା କଡରେ ଥିବା ଦୁର୍ବଳ ଗଛଗୁଡିକୁ ଅନ୍ୟତ୍ର ଉଠାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ବିଧାୟକଙ୍କୁ ଭେଟିଲା ଦଳିତ ଉନ୍ନୟନ ପରିଷଦ

ବାଲିପାଟଣା,୨୦।୮(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକ ଦଳିତ ଉନ୍ନୟନ ପରିଷଦ ସଭାପତି କୈଳାସ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ରବିବାର ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲିଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସଙ୍ଗଠନ ପକ୍ଷରୁ ବିଧାୟକଙ୍କୁ ଫୁଲତୋଡା ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳିତମାନଙ୍କର ଉନ୍ନତି ପାଇଁ ବିଧାୟକ ସାମୂହିକ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ପଦକ୍ଷେପ ନେବେ ବୋଲି ଅନୁରୋଧ କରାଯାଇଛି। ଏଥିରେ ସମ୍ପାଦକ କରୁଣାକର ଭୋଇ, ଉପସଭାପତି ଲକ୍ଷ୍ମଣ କୁମାର ଭୋଇ, ସହ ସମ୍ପାଦକ ପୀତବାସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଯାତ୍ରୀଙ୍କୁ ନେଇ ସେବାୟତଙ୍କୁ ଆକ୍ରମଣ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୨୦।୮(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ଯାତ୍ରୀଙ୍କୁ ନେଇ ଜଣେ ସେବାୟତଙ୍କୁ ଆକ୍ରମଣ ହୋଇଥିବା ରବିବାର ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ମୁକ୍ତିକାନ୍ତ ବଡୁ। ତାଙ୍କ ଆଖିପତା ଫାଟି ଯାଇଥିବା ବେଳେ ଛାତିରେ ଆଘାତ ଲାଗିଛି। ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁକ୍ତିକାନ୍ତ ଅଭିଯୋଗପର୍ତ୍ତରେ ଦର୍ଶାଇଛନ୍ତି। ସୂଚନାଥାଉ କି, କିଛିଦିନ ପୂର୍ବରୁ ଯାତ୍ରୀଙ୍କୁ ଶୋଷଣ ଓ ଧମକ ଦେବା ନେଇ ଲିଙ୍ଗରାଜ ପୋଲିସ କେତେଜଣ ସେବାୟତଙ୍କୁ ଗିରଫ କରିଥିଲା।

# ଡେଙ୍ଗୁ ୱାର୍ଡର ଦାୟିତ୍ୱ ନେବେ ନୋଡାଲ ଅଫିସର

**କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

- ଦୈନିକ ବୈଠକ କରି ସ୍ଥିତି ଜଣାଇବାକୁ ନିର୍ଦ୍ଦେଶ
- ଖୋର୍ଦ୍ଧା ଓ ଏଡିୟୁପିଏଚ୍‌ଓଙ୍କୁ ୩ ମାସର ଡେଙ୍ଗୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୮(ଅଭିଜିତ ଦାସ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ଶନିବାର କ୍ୟାପିଟାଲ ହସ୍ପିଟାଲର ଡେଙ୍ଗୁ ୱାର୍ଡ ପରିଦର୍ଶନରେ ଆସି ଚିକିତ୍ସା ସ୍ଥିତି ସମୀକ୍ଷା କରିଥିଲେ। ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଚିକିତ୍ସା ଓ ଅନ୍ୟାନ୍ୟ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଶୁକ୍ରବାର ଡା. ମିଶ୍ର କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ହସ୍ପିଟାଲ ଡେଙ୍ଗୁ ୱାର୍ଡରେ ଜଣେ ମେଡିସିନ୍ ସ୍ପେଶାଲିଷ୍ଟଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଉ। ୱାର୍ଡକୁ ସଫା ସୁତରା ରଖିବା ଲାଗି ହସ୍ପିଟାଲର ମ୍ୟାନେଜରଙ୍କୁ ଦାୟିତ୍ୱ ଦିଆଯିବା ସହ ଡେଙ୍ଗୁ ରୋଗୀଙ୍କ ସମସ୍ତ ଆବଶ୍ୟକତା ପୂରଣ କରାଯାଉ। ସେହିପରି ୱାର୍ଡରେ ଜଣେ ଲେଖାଏ ଲାବରେଟୋରି ଟେକ୍ନିସିଆନ ରୋଗୀଙ୍କ ରକ୍ତ ସଂଗ୍ରହଠାରୁ ଆରମ୍ଭ କରି ରକ୍ତ ପରୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବହନ କରିବେ। ଜରୁରିକାଳୀନ ସମୟରେ ରୋଗୀଙ୍କ ଟିପିସି ଓ ସିବିସି ପରୀକ୍ଷା କରାଇବେ। ଡେଙ୍ଗୁ ୱାର୍ଡରେ କାର୍ଯ୍ୟରତ ଡାକ୍ତର, ବ୍ଲଡ୍‌ବ୍ୟାଙ୍କ ମେଡିକାଲ ଅଫିସର, ଲାବରେଟୋରୀ ଇନ୍‌ଚାର୍ଜ ଓ ହସ୍ପିଟାଲ ମ୍ୟାନେଜର ଦୈନିକ ବୈଠକ କରି ରିପୋର୍ଟ କାର୍ଡ ଦେବେ। ଓପିଡିରେ ଡେଙ୍ଗୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ଲାଗି ଏକ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା କରାଯାଉ। ସେହିପରି ଖୋର୍ଦ୍ଧା ଓ ଏଡିୟୁପିଏଚ୍‌ଓଙ୍କୁ ୩ ମାସର ଡେଙ୍ଗୁ ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭୁବନେଶ୍ୱର ମହାନଗର ନିଗମର ପଟିଆ, ୟୁନିଟ–୪, ଡୁମୁଡୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଏମ୍‌ସି ହସ୍ପିଟାଲରେ ୧୦ଟି ଲେଖାଏ ବେଡ୍ ବଢାଯିବକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିପିଟାଲ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି, ହସ୍ପିଟାଲରେ ବର୍ତ୍ତମାନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିଚାଲିଛି। ଦୈନିକ ୫ଶହ ଟେଷ୍ଟିଂ କରାଯାଉଥିବାବେଳେ ୧୦ରୁ ୧୨ଜଣ ପଜିଟିଭ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ୫୬ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ସେ ସୂଚନା ଦେଇଛନ୍ତି।



ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରିଠାରେ ଚାଲିଥିବା ଫଟୋ ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି। (ଫଟୋ: ବିକାଶ ନାୟକ)

# ମାଟିଘର ସାହିତ୍ୟ ଆସରର ବାର୍ଷିକ ଉତ୍ସବ



ଅତିଥିମାନେ ମାଟିଘର ପତ୍ରିକା ଉନ୍ମୋଚନ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୨୦।୮(ଶର୍ମିଷ୍ଠା ପାଣିଗ୍ରାହୀ)

ମାଟିଘର ସାହିତ୍ୟ ଆସରର ଚତୁର୍ଥ ବାର୍ଷିକ ଉତ୍ସବ ରବିବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ସମାରୋହରେ ମାଟିଘର ପତ୍ରିକାର ଚତୁର୍ଥ ସଂସ୍କରଣ ଉନ୍ମୋଚନ ହେବା ସହ ସମ୍ବର୍ଦ୍ଧନା ପର୍ବ ଓ କବିତା ପାଠ ଉତ୍ସବ କରାଯାଇଥିଲା। ଅତିଥି ଭାବେ ନାଇଜରର କୁଳସଚିବ ଡ.ଅଭୟ ନାୟକ, ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ରକ୍ଷକ ନାୟକ, ଗାଳ୍ପିକ ତଥା ନାଟ୍ୟକାର ଅରବିନ୍ଦ ରାୟ ପ୍ରମୁଖ ଯୋଗଦେଇଥିଲେ। ମାଟିଘର ଉପଦେଷ୍ଟା ସମାଜସେବୀ ଓ ଶିକ୍ଷାବିତ ଶଶୀଭୂଷଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କବିତା ଆସରରେ ତିଥି ରୂପେ କବି କୃଷ୍ଣଚନ୍ଦ୍ର ମହଲା, କବି ସ୍ମୃତି ରଞ୍ଜନ ତ୍ରିପାଠୀ, କବି ମାନଗୋବିନ୍ଦ ବାରିକ, ରଶ୍ମି କର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା, ସମ୍ପାଦିକା କବି ଶର୍ମିଷ୍ଠା ମହାନ୍ତିଙ୍କ ସମେତ କବି ରଶ୍ମିରେଖା ବେହେରା, ରଶ୍ମି କର, ରଣଜିତ୍ ମହାନ୍ତି, ତପସିନୀ ବିନ୍ଧାଣୀ, ନିବେଦିତା ରଥ, ସୋନେଟ ଦାସ ମହାନ୍ତି ଯୋଗ ଦେଇଥିଲେ। ଦିଗମ୍ବର ନାୟକ ଓ ରେଣୁବାଳା ନାୟକ ସଙ୍ଗୀତ ପରିବେଷଣ କରିଥିଲେ। ସୌଗତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପାଠକମାନେ ହିଁ ପ୍ରେରଣାର ଉତ୍ସ

**ଓଡ଼ିଶା ଲେଖକ ସମବାୟ ସମିତିର ଆଲୋଚନାଚକ୍ର**

ଭୁବନେଶ୍ୱର,୨୦।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଜଣେ ସାହିତ୍ୟିକର ଜୀବନରେ ପ୍ରେରଣା ହିଁ ତାକୁ ଲେଖିବା ପାଇଁ ଅନୁପ୍ରାଣିତ କରିଥାଏ। ସେହି ପ୍ରେରଣା ପିଲାଦିନେ ପରିବାର ଓ ଶିକ୍ଷକଙ୍କଠାରୁ ମିଳିଲେ ସେ ଅଧିକ ଉତ୍ସାହର ସହିତ ଲେଖିଚାଲେ। ଲେଖା ପତ୍ରପତ୍ରିକା ଓ ଖବରକାଗଜରେ ପ୍ରକାଶ ପାଇଲେ ତା'ର ସ୍ଥିତି ସୁଦୃଢ଼ ହୋଇଯାଏ। ତା' ପରେ ସେ ତା'ର ସୃଷ୍ଟି ପଥରେ ଆଗେଇଚାଲେ। ପାଠକମାନେ ହିଁ ସାହିତ୍ୟିକ ଜୀବନରେ ପ୍ରେରଣାର ଉତ୍ସ ପାଲଟି ଯାଆନ୍ତି ବୋଲି ସାହିତ୍ୟିକା ପ୍ରବୀଣା ମହାନ୍ତି କହିଥିଲେ। ରବିବାର ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ମାସିକ ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇ ସାହିତ୍ୟିକା ମହାନ୍ତି ମୋ ଜୀବନ–ମୋ ସୃଜନ ଶୀର୍ଷକରେ ନିଜର ସ୍ମୃତି ସବୁ ବଖାଣିଥିଲେ। ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୀତବାସ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆତ୍ମ ବିଶ୍ୱାସ ରଖ, ସମୟର ସଦ୍‌ଉପଯୋଗ କର'

**ପାଠିକାପାଠକଙ୍କ ପାଇଁ ପ୍ରେରଣାଦାୟୀ ବକ୍ତୃତା**

ଭୁବନେଶ୍ୱର,୨୦।୮(ଶର୍ମିଷ୍ଠା ପାଣିଗ୍ରାହୀ)



ପ୍ରେରଣାଦାୟୀ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ପାଠିକାପାଠକଙ୍କ ପାଇଁ ଜାତୀୟ ଓ ରାଜ୍ୟ ସ୍ତରୀୟ ପରୀକ୍ଷାରେ କିଭଳି କୃତକାର୍ଯ୍ୟ ହେବେ ସେନେଇ ଏକ ପ୍ରେରଣାଦାୟକ ବକ୍ତୃତାର ଆୟୋଜନ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏହାକୁ ଉଦଘାଟନ କରି ପାଠିକାପାଠକମାନେ କିପରି ନିଜ ଜୀବନରେ ଉନ୍ନତି କରିବେ ସେ ବିଷୟରେ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ନିରଞ୍ଜନ ସାହୁ ପରୀକ୍ଷାର୍ଥୀମାନେ ନିଜ ସମୟର ସଦୁପଯୋଗ କରିବା ସହିତ ଖରାପ ଅଭ୍ୟାସରୁ ନିବୃତ୍ତ ହେବାପାଇଁ ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ରଞ୍ଜନ କୁମାର ମଲ୍ଲ ଉଦବୋଧନ ଦେଇ ନିଜ ଭିତରେ କିପରି ଆତ୍ମବିଶ୍ୱାସ ଜନ୍ମାଇ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇପାରିବେ ତା'ଉପରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ବକୁଳ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ସୁଜିତ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭାଗୀୟ ଯୁଗ୍ମ ଶାସନ ସଚିବ ଅତସୀ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଆଇନ ସାକ୍ଷରତା ମହୋତ୍ସବ

ଭୁବନେଶ୍ୱର, ୨୦।୮(ଅସମାପିକା ସାହୁ)

ଜିଲାସ୍ତରୀୟ ଆଇନ ସାକ୍ଷରତା ମହୋତ୍ସବ ଭୁବନେଶ୍ୱର ଜିଲା ଅଦାଲତ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଆଇନ ଜ୍ଞାନ ସମ୍ବନ୍ଧୀୟ ସଚେତନତା ପାଇଁ ବିକଳ୍ପ ସମାଧାନ କେନ୍ଦ୍ରରେ ପ୍ରବନ୍ଧ, ନାଟକ, ବକ୍ତୃତା ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିଶିଥ ନିଶାଙ୍କ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଆଞ୍ଚଳିକ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ପ୍ରାଧିକରଣ ସୁପାରିଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ସୌଦାମିନୀ ସିଂ ପରିଚାଳନା କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍ ପ୍ରଦୀପ କୁମାର ବେହେରା, ସ୍ଥାୟୀ ଲୋକଅଦାଲତର ଜଜ୍ ଅରବିନ୍ଦ କୁମାର ଗିରି, ଫ୍ୟାମିଲ କୋର୍ଟ ଜଜ୍ ନରେଶ ମହାନ୍ତି, ରେଜିଷ୍ଟ୍ରାର ଅଭିଜିତ ପୁରୋହିତ, ଅତିରିକ୍ତ ଜିଲା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଡ. ସଂଘମିତ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଥ୍‌ସ୍ତରରୁ ସିଧାସଳଖ ସମ୍ପର୍କ ସ୍ଥାପନ ପାଇଁ ପରାମର୍ଶ



ବାଲିଅନ୍ତା,୨୦।୮(ନୀଳମାଧବ ସାହୁ)

ବାଲିଅନ୍ତା ଭାଜପା ମଣ୍ଡଳ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କ ଏକ ବୈଠକ ରବିବାର ତ୍ରିନାଥ ବଜାରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସଞ୍ଜୟ ପରିଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ବୁଥ୍‌ସ୍ତରରୁ ଭୋଟରଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ ପାଇଁ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ଜଗନ୍ନାଥପୁର ପଞ୍ଚାୟତର ପ୍ରତ୍ୟେକ କ୍ଷେତ୍ରରେ ବିକାଶ ହେବା ଦରକାର। ଜୟଦେବ ନିର୍ବାଚନମଣ୍ଡଳୀରେ ଏକ ଶୀତଳ ଭଣ୍ଡାର ନିର୍ମାଣର ଆବଶ୍ୟକତା ରହିଛି ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିବ ମଲ୍ଲିକ, ସ୍ମୃତି ରଞ୍ଜନ ବେହେରା, ବସନ୍ତ ନାୟକ, ଅଶୋକ ସାହୁ, ବିଜୟ ମହାରଣା, ମାଗୁଣୀ ସେଠୀ ପ୍ରମୁଖ ଯୋଗଦେଇ ଆଗାମୀ ବିଧାନସଭା ଓ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସିଦ୍ଧେଶ୍ୱର ନାଥ ଧନ୍ୟବାଦ ଦେଇଥିଲେ।

# ନନ୍ଦନକାନନରେ ୨ ଶମ୍ବର ଶାବକ ଜନ୍ମ

ବାରଙ୍ଗ,୨୦।୮(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନର ୩୯ନଂ. ଏନ୍‌କ୍ଲୋଜରରେ ରହୁଥିବା ବୟସ୍କ ମାଈ ଶମ୍ବର ରବିବାର ୨ ଶାବକ ଜନ୍ମ ଦେଇଛି। ମା' ଓ ଛୁଆ ସୁସ୍ଥ ଥିବାବେଳେ ସେମାନଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ତେବେ ନବଜାତ ୨ ଶାବକର ଲିଙ୍ଗ ଚିହ୍ନଟ ହୋଇନାହିଁ। ଏହି ପ୍ରଜାତିର ଶମ୍ବର ଭାରତର ସର୍ବତ୍ର ପାହାଡ଼ିଆ ଜଙ୍ଗଲରେ ବିଶେଷ ଭାବେ ଦେଖାଯାଆନ୍ତି। ଏମାନେ ଭାରତରେ ଦେଖାଯାଉଥିବା ସମସ୍ତ ପ୍ରଜାତିର ହରିଣଙ୍କ ମଧ୍ୟରେ ସର୍ବବୃହତ ଜୀବ ଭାବରେ ପରିଚିତ। ଶୀତ ଋତୁ ମଧ୍ୟ ଭାଗରେ ସଙ୍ଗମକରିବର୍ଷାଋତୁପ୍ରାରମ୍ଭରେ ମାଈ ଶମ୍ବର ଶାବକ ଜନ୍ମ ଦେଇଥାନ୍ତି।

# ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ୧୮ବର୍ଷରେ ମତଦାନ ଐତିହାସିକ ପଦକ୍ଷେପ ଥିଲା

**ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ**

ଭୁବନେଶ୍ୱର,୨୦।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ ରାଜୀବ ଭବନ ପରିସର ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ସ୍ୱତନ୍ତ୍ର ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରାଧ୍ୟାପକ ଡ. ରଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ସଂଯୋଜକ ପ୍ରବୀର ମହାନ୍ତି, ଅଶ୍ୱିନୀ ପଟ୍ଟନାୟକ, ସତ୍ୟବ୍ରତ ଜେନା, ବିଜୟ ସାହୁ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପଟ୍ଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ୧୯୮୪ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆତତାୟୀ ଗୁଳିରେ ମୃତ୍ୟୁ ପରେ ପାଇଲଟ୍ ବୃତ୍ତି କରୁଥିବା ରାଜୀବ ଗାନ୍ଧୀ ନିଜ ମା'ଙ୍କ ସ୍ଥାନରେ ଭାରତ ବର୍ଷର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଶାସନ ସମୟରେ ସେ ଭାରତ ବର୍ଷରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ଓଡ଼ିଶାର ପୁଅ ଶ୍ୟାମ ପିତ୍ରୋଡାଙ୍କୁ ଦାୟିତ୍ୱ ଦେଇ ଏ କ୍ଷେତ୍ରରେ ଏକ ଅଭୂତପୂର୍ବ ପ୍ରଗତି ହାସଲ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ସହିତ ଭୋଟରମାନଙ୍କୁ ୧୮ ବର୍ଷରେ ଭୋଟଦାନ ଅଧିକାର ପ୍ରଦାନ କରିବା ତାଙ୍କର ଏକ ଐତିହାସିକ ପଦକ୍ଷେପ ଥିଲା। ଆତଙ୍କବାଦୀଙ୍କ ବିସ୍ଫୋରଣରେ ସେ ଶହୀଦ ହୋଇ ଦେଶପାଇଁ ପ୍ରାଣବଳୀ ଦେଇଛନ୍ତି। ଏଥିପାଇଁ ଭାରତବାସୀ ତାଙ୍କୁ ସର୍ବଦା ମନେ ପକାଇ ଭକ୍ତି ସମର୍ପଣ କରୁଛନ୍ତି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

# ବିଶ୍ୱସ୍ତରୀୟ ହେବ କିଟ୍ ପଲିଟେକ୍ନିକ

**୨୯ତମ ପ୍ରତିଷ୍ଠା ଦିବସ**




ପ୍ରତିଷ୍ଠା ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୦।୮(ଅସମାପିକା ସାହୁ)

କିଟ୍ ପଲିଟେକ୍ନିକ ଖୁବ୍‌ଶୀଘ୍ର ବିଶ୍ୱ ପ୍ରସିଦ୍ଧ ସିଙ୍ଗାପୁରର ନନ୍ୟାଙ୍ଗ ପଲିଟେକ୍ନିକ ଢାଞ୍ଚାର ରୂପ ନେବ। ଏଥିପାଇଁ କିଟ୍ ପଲିଟେକ୍ନିକର ଅଧ୍ୟାପକ ଓ କର୍ମଚାରୀମାନେ ଆଧୁନିକ ଜ୍ଞାନ କୌଶଳ ଆହରଣ ପାଇଁ ସିଙ୍ଗାପୁର ନନ୍ୟାଙ୍ଗ ପଲିଟେକ୍ନିକ ପରିଦର୍ଶନ କରିବେ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇଛନ୍ତି। ରବିବାର କିଟ୍ ପଲିଟେକ୍ନିକର ୨୯ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଚ୍ୟୁତ ସାମନ୍ତ ଏହି ସୂଚନା ଦେଇଛନ୍ତି। ଚଳିତବର୍ଷ କ୍ୱାଲିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(କ୍ୟୁସିଆଇ)ର ନ୍ୟାଶନାଲ୍ ଆକ୍ରିଡିଟେଶନ୍ ବୋର୍ଡ ଫର୍ ଏଜୁକେଶନ ଆଣ୍ଡ ଟ୍ରେନିଂ (ନାବେଟ୍) କ୍ୟୁସିଆଇ ର୍‌ୟାଙ୍କିଙ୍ଗ ୨୦୨୩ରେ ଉଭୟ ସରକାରୀ ଓ ବେସରକାରୀସ୍ତରରେ କିଟ୍ ପଲିଟେକନିକ୍ ଲଗାତର ଭାବେ ଦ୍ୱିତୀୟ ବର୍ଷ ପାଇଁ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିସହିତ ପ୍ରତିବର୍ଷ ରାଜ୍ୟ ବୈଷୟିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶ ପାଉଥିବା ଶ୍ରେଷ୍ଠ ଛାତ୍ରୀଛାତ୍ର ତାଲିକାରେ କିଟ୍ ଛାତ୍ରୀଛାତ୍ର ସ୍ଥାନ ପାଇ ଆସୁଥିବାରୁ ଅଚ୍ୟୁତ ସାମନ୍ତ କିଟ୍ ପଲିଟେକ୍ନିକର ଅଧ୍ୟକ୍ଷ ପ୍ରଫେସର ତନ୍ମୟ ମହାନ୍ତିଙ୍କ ସହ ଅନ୍ୟ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଏଠାରେ ଏକ ନୂଆ କନ୍‌ଫରେନ୍ସ ହଲ୍ ଉଦ୍‌ଘାଟିତ ହୋଇଥିଲା। କିଟ୍ ପଲିଟେକ୍ନିକରେ ନୂଆ କ୍ୟାମ୍ପସ ସହ ଅତ୍ୟାଧୁନିକ ସୁବିଧା, ପିଲାଙ୍କ ପାଇଁ ଇଣ୍ଡଷ୍ଟ୍ରି ରିଲେସନ୍‌ଶିପ୍, ଇଣ୍ଡଷ୍ଟ୍ରି ଭିଜିଟ୍ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ଆହୁରି ଉନ୍ନତ କରାଯିବ ବୋଲି ଡ. ସାମନ୍ତ ଘୋଷଣା କରିଥିଲେ। କିଟ୍ ଓ କିସ୍ ସମ୍ପାଦକ ଆର ଏନ୍ ଦାଶ କହିଲେ, ଆରମ୍ଭରୁ କିଟ୍ ପଲିଟେକ୍ନିକ ନିଜର ଶିକ୍ଷାଦାନର ମାନ ସର୍ବଦା ବଜାୟ ରଖିଆସିଛି। ପ୍ରତିଷ୍ଠାତାଙ୍କ ଦିଗ୍‌ଦର୍ଶନରେ ଶିକ୍ଷକଙ୍କ ନିଷ୍ଠା, କଠିନ ପରିଶ୍ରମ ଯୋଗୁ କିଟ୍ ପଲିଟେକ୍ନିକ ସବୁବେଳେ ଶୀର୍ଷରେ ରହିଆସିଛି। ଖୁବ୍‌ଶୀଘ୍ର ଏହା ଭାରତର ଅଗ୍ରଣୀ ପଲିଟେକ୍ନିକରେ ପରିଣତ ହେବ ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ପଲିଟେକ୍ନିକର ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଶର୍ଟସର୍କିଟରୁ ଜଳିଗଲା ୩ ବଖରା

କୃଷ୍ଣପ୍ରସାଦ,୨୦।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବଡ଼ଅଁଳ ପଞ୍ଚାୟତ ଅନ୍ତର୍ଗତ ରସକୁଦୀ ଗ୍ରାମରେ ବିଦ୍ୟୁତ୍ ଶର୍ଟସର୍କିଟରୁ ୩ ବଖରା ଘର ଜଳିଯାଇଛି। ଦୀପକ ବେହେରା, ବୁଲୁ ବେହେରା ଏବଂ ତ୍ରିନାଥ ବେହେରାଙ୍କ ଗୋଟିଏ ଲେଖାଏ ବଖରା ଜଳିଯାଇଛି। ଚିଲିକାରୁ ପାଣି ବୋହି ଗ୍ରାମବାସୀ ନିଆଁ ଲିଭାଉଥିବା ବେଳେ ଖବରପାଇ ମାଲୁଦ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ୩ ପରିବାରର ୧୬ଜଣ ନିଃସହାୟ ହୋଇପଡିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନର ଦୃଷ୍ଟିଗୋଚର କରାଯାଇଥିଲେ ମଧ୍ୟ ସହାୟତା ମିଳିପାରି ନାହିଁ। ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପହଞ୍ଚି ବିପନ୍ନ ପରିବାରଙ୍କୁ ଚାଉଳ, ଡାଲି, ପନିପରିବା ସହ ଚୁଡ଼ା, ଚିନି, ବିସ୍କୁଟ ପ୍ରଦାନ କରିଥିଲେ। ସେହିପରି ସାମାଜିକକର୍ମୀ ରମେଶ ଚନ୍ଦ୍ର ପ୍ରଧାନ ମଧ୍ୟ ଚାଉଳ, ପନିପରିବା, ଜରି ପାଲ ଦେଇଛନ୍ତି। ତୁରନ୍ତ ଉକ୍ତ ୩ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇଦେବା ପାଇଁ ଦାବି ହୋଇଛି।

### ଦେବରାଜ ଥିଲେ ନିଷ୍ଠାପର ଶିକ୍ଷକ

ବେଗୁନିଆ,୨୦।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ରବିବାର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ଶିବ ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପୁରାତନ ଶିକ୍ଷକ ସ୍ୱର୍ଗତ ଦେବରାଜ ଦାଶଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇଥିଲା। ପ୍ରଥମେ ବିଦ୍ୟାଳୟ ପରିସରରେ ସ୍ଥାପନ ହୋଇଥିବା ପ୍ରତିଷ୍ଠାତା ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଦିବଂଗତଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଚାକିରି ଜୀବନରେ ଦେବରାଜ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେଉଥିଲେ। ସେ ଜଣେ ଦକ୍ଷ ଓ ନିଷ୍ଠାପର ଶିକ୍ଷକଭାବେ ପରିଚୟ ସୃଷ୍ଟି କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷାବିତ ପ୍ରେମାନନ୍ଦ ଘଡେଇ, ମୁରଲୀଧର କର, ବେଣୁଧର ସାହୁ, ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରଫେସର ଡ.ସର୍ବନାରାୟଣ ମିଶ୍ର, ଭିକାରୀ ଚରଣ ସାହ, ବ୍ରଜମୋହନ ନିଶଙ୍କ, ପ୍ରହ୍ଲାଦ ବାରିକ, ଡ.ସନ୍ତୋଷ କୁମାର ମିଶ୍ର, ବଂଶୀଧର ପାଣିଗ୍ରାହୀ, ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସଂସଦର ସମ୍ପାଦକ ଉପେନ୍ଦ୍ର ନାଥ ଦାଶ ଧନ୍ୟବାଦ ଦେଇଥିଲେ।

# ୫-ଟି ସଚିବଙ୍କ ଗସ୍ତକୁ ନେଇ ପ୍ରଶାସନିକ ତତ୍ପରତା

## ୨୨ରେ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା,୨୦।୮ (ପ୍ରଭାତ ପାଣିଗ୍ରାହୀ)

୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଆସନ୍ତା ୨୨ ଓ ୨୩ ତାରିଖ ଦୁଇଦିନ ଧରି ଖୋର୍ଦ୍ଧା ଜିଲା ଗସ୍ତରେ ଆସିବେ। ଖୋର୍ଦ୍ଧା, ବେଗୁନିଆ, ବାଣପୁର ଓ ଜଟଣୀରେ ହେବାକୁ ଥିବା ସମାବେଶରେ ଯୋଗଦେବେ। ସେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହିତ ଆଲୋଚନା କରିବେ ଓ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବେ। ୫-ଟି ସଚିବଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସତ୍ୟବାଦୀରେ ପାଣ୍ଡିଆନଙ୍କ ଉପରେ କାଳିମାଡ଼ ଘଟଣା ପରେ ଖୋର୍ଦ୍ଧା ପ୍ରଶାସନ ମନରେ ଛନକା ପଶିଛି। କୌଣସି ଅଘଟଣ ଆଶଙ୍କାରେ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ପୃଥକ ଭାବେ ଘନ ଘନ ବୈଠକ ବସୁଛି। ସେହିପରି ପ୍ରଶାସନିକ ଅଧିକାରୀମାନେ ସଭାସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସେପଟେ ଗୋଇନ୍ଦା ବିଭାଗ ପକ୍ଷରୁ ମଧ୍ୟ ଲୋକଙ୍କଠାରୁ ଖବର ସଂଗ୍ରହ କରାଯାଉଛି। ବିରୋଧୀଙ୍କ ଉପରେ ପ୍ରଶାସନ କଡା ନଜର ରଖିଛି। ବିରୋଧୀ, ଅସନ୍ତୁଷ୍ଟ କର୍ମୀ, ନେତାଙ୍କ ଡାଟା ପ୍ରସ୍ତୁତ କରୁଛି ପ୍ରଶାସନ।

ସୂଚନାଯୋଗ୍ୟ, ୫-ଟି ସଚିବଙ୍କ ଗସ୍ତ ପାଇଁ ୪ଟି ସ୍ଥାନରେ ହେଲିପ୍ୟାଡ ବ୍ୟବସ୍ଥା କରାଯାଇଥିଲା। ସେଠାରୁ ସେ ଓହ୍ଲାଇ ସଭାସ୍ଥଳକୁ ଆସିବାର କାର୍ଯ୍ୟକ୍ରମ ଥିଲା। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତେବେ ଖୋର୍ଦ୍ଧାର ଏକମାତ୍ର ଷ୍ଟାଡିୟମରେ ହେଲିପ୍ୟାଡକୁ ନେଇ କେତେଜଣ ଖେଳାଳି ଓ କ୍ରୀଡ଼ାପ୍ରେମୀ ତୀବ୍ର ବିରୋଧ କରିଥିଲେ। ଗଣମାଧ୍ୟମରେ ଏହି ଖବର ପ୍ରଚାରିତ ହେବା ପରେ ଏଥିରେ ଜିଲାପାଳ ହସ୍ତକ୍ଷେପ କରିଥିଲେ। ଗଣମାଧ୍ୟମ ଆଗରେ ଅସନ୍ତୋଷ ପ୍ରକାଶ କରିଥିବା ବ୍ୟକ୍ତିବିଶେଷଙ୍କ ସହ ସେ ଆଲୋଚନା କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରଖାଯାଇଥିଲା। ସେହିପରି ଅନ୍ୟ ୩ଟି ସ୍ଥାନରେ ହେଲିପ୍ୟାଡ ନିର୍ମାଣ କାମ ସ୍ଥଗିତ ରଖାଗଲା।

ଏହାପରେ ୫-ଟି ସଚିବ କାର୍ ଯୋଗେ ସଭାସ୍ଥଳକୁ ଆସିବା କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ପ୍ରଶାସନିକ ସ୍ତରରୁ ଜଣାପଡ଼ିଛି। ସଭାସ୍ଥଳଗୁଡ଼ିକରେ ପ୍ରଶାସନ ପକ୍ଷରୁ ୧୦ ହଜାର ଲେଖାଏ ମହିଳାଙ୍କ ସମାଗମ ପାଇଁ ବ୍ୟବସ୍ଥା ହୋଇଛି। ତେବେ ଆକଳନଠାରୁ ଅଧିକ ଅର୍ଥାତ ପ୍ରାୟ ୨୦ ହଜାର ମହିଳାଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହି ସମାବେଶ ଅବସରରେ ବିଧାୟକମାନେ ନିଜ ଶକ୍ତି ପରୀକ୍ଷା ଦେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏପଟେ ଜିଲା ପ୍ରଶାସନକୁ ନିଦ ନାହିଁ। ଜିଲାପାଳ ଏବଂ ଏସ୍‌ପି ପ୍ରତି ମୁହୂର୍ତ୍ତର ଖବର ସଂଗ୍ରହ କରୁଥିବାବେଳେ ବିରୋଧ ଆଶଙ୍କାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଗତ ଦୁଇ ସପ୍ତାହ ହେଲା ପ୍ରଶାସନିକ ସ୍ତରରେ ଘନ ଘନ ବୈଠକ ବସୁଛି। ସେହିପରି ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟଙ୍କ ଆଖିରେ ନିଦ ନାହିଁ। ବିଜେଡି କାର୍ଯ୍ୟାଳୟରେ ମଧ୍ୟ ବାରମ୍ବାର ବୈଠକ ବସୁଛି। ସମାବେଶକୁ କେତେ ଲୋକେ ଆସିବେ ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଆଗକୁ ୨୦୨୪ ସାଧାରଣ ନିର୍ବାଚନ। ବିଧାୟକମାନଙ୍କର ଏହା ଏକପ୍ରକାର ଶକ୍ତି ପରୀକ୍ଷା। ତେଣୁ ବିଧାୟକ ଏବଂ ବିଧାୟକ ଆଶାୟୀ ପ୍ରାର୍ଥୀ ନିଜ ସାମର୍ଥ୍ୟ ଦେଖାଇବା ସହ ଉପରମହଲାକୁ ଖୁସି କରିବା ପାଇଁ ଲାଗିପଡ଼ିଛନ୍ତି।

ଅନ୍ୟପକ୍ଷରେ ୫-ଟି ସଚିବଙ୍କ ବାଣପୁର ଗସ୍ତରୁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଦୂରେଇ ରଖାଯାଇଛି। ତାଙ୍କ ଉପରୁ ନିଲମ୍ବନ ହଟିନାହିଁ। ତେବେ ସୁପ୍ରିମକୋର୍ଟଙ୍କ କଟକଣା ହଟିବା ପରେ ସେ ନିର୍ବାଚନମଣ୍ଡଳୀ ଗସ୍ତ କରିବାର ସମ୍ଭାବନା ରହିଥିଲା। ତେଣୁ ତାଙ୍କୁ କୁଆଡ଼େ କାର୍ଯ୍ୟକ୍ରମଠାରୁ ଦୂରେଇ ରହିବାକୁ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ମିଳିଥିବା ଚର୍ଚ୍ଚା ହେଉଛି। ସେହିପରି ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କୁ ମଧ୍ୟ କାର୍ଯ୍ୟକ୍ରମରୁ ଦୂରେଇ ରଖାଯାଇଥିବା କୁହାଯାଉଛି। ଇତିମଧ୍ୟରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ସଭାସ୍ଥଳ ପରିଦର୍ଶନ କରି ସମାବେଶକୁ ସଫଳ କରିବା ପାଇଁ ଦଳୀୟ ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ଶଙ୍ଖଭବନରେ ମଧ୍ୟ କାର୍ଯ୍ୟକ୍ରମ ନେଇ ସମୀକ୍ଷା ଚାଲିଛି। ପୂର୍ବରୁ ସର୍କିଟ ହାଉସରେ ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକଙ୍କୁ ନେଇ ସମୀକ୍ଷା ସରିଛି। ଜିଲା ପ୍ରଶାସନ ସହ ସମନ୍ୱୟ ରଖି କାମ କରିବାକୁ ହାଇକମାଣ୍ଡଙ୍କ ପକ୍ଷରୁ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ରହିଛି। ୫-ଟି ସଚିବଙ୍କ ଗସ୍ତକୁ ସଫଳ କରିବା ପାଇଁ ସମସ୍ତେ ଲାଗିପଡ଼ିଛନ୍ତି।



ଟାଙ୍ଗୀ: କାଲୁପଡ଼ାଘାଟ ରେଲୱେ ଷ୍ଟେଶନରେ ରବିବାର ପ୍ରଶାନ୍ତି ଏକ୍ସପ୍ରେସ୍ ଟ୍ରେନ୍‌କୁ ସ୍ୱାଗତ କରୁଥିବା ମହିଳା ଏବଂ ଅନ୍ୟମାନେ।

# କାଲୁପଡ଼ାଘାଟ ଷ୍ଟେଶନରେ ପ୍ରଶାନ୍ତି ଏକ୍ସପ୍ରେସ୍‌କୁ ସ୍ୱାଗତ

ଟାଙ୍ଗୀ,୨୦।୮ (ରଘୁନାଥ ସାହୁ)

ଖୋର୍ଦ୍ଧାରୋଡ୍ ଡିଭିଜନ ଅନ୍ତର୍ଗତ କାଲୁପଡାଘାଟ ଷ୍ଟେଶନରେ ରବିବାର ପ୍ରଶାନ୍ତି ଏକ୍ସପ୍ରେସ୍ (ଭୁବନେଶ୍ୱର-ବେଙ୍ଗାଲୁରୁ) ଟ୍ରେନ ରହଣିର ଶୁଭାରମ୍ଭ ହୋଇଛି। ରେଳ ୟୁଜର୍ସ କମିଟିର କର୍ମକର୍ତ୍ତା, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର, ଭାଜପାର ବରିଷ୍ଠ ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ପତାକା ହଲାଇ ଟ୍ରେନ୍ ରହଣିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଳ ୟୁଜର୍ସ କମିଟି ସଭାପତି ଡ. ଚନ୍ଦ୍ରକାନ୍ତ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ ପାତ୍ର, ସମ୍ମାନିତ ଅତିଥି ବରିଷ୍ଠ ନେତା ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ପ୍ରଧାନ, ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଯୋଗଦେଇ ରେଳ ଷ୍ଟେଶନର ଉନ୍ନତି ସହିତ ଆଗାମୀ ଦିନରେ ଅଧିକ ଏକ୍ସପ୍ରେସ ଟ୍ରେନ୍ ରହଣୀ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

କଳକଳେଶ୍ୱର, ଜରିପଡା, ମାନସିଂହପୁର, ସୋରଣ, ଚଣ୍ଡେଶ୍ୱର, ଟାଙ୍ଗୀ, ବଡ଼ପାରୀ, ଚାନ୍ଦପୁର ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ସମ୍ବିତ ପାତ୍ର ଓ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରେଳ ୟୁଜର୍ସ କମିଟିର ସଦସ୍ୟ ସାରଙ୍ଗଧର ବିଶ୍ୱାଳ, ଦିଲୀପ କୁମାର ନାଥ, ନରେନ୍ଦ୍ର ବିଶ୍ୱାଳ, ଜିନୁ ପଟ୍ଟନାୟକ, ରମେଶ ନାଥ, ରଜତ ଶ୍ରୀଚନ୍ଦନ, ଦୀପକ ନାଥ, ତ୍ରିଲୋଚନ ସାହୁ, ଚନ୍ଦ୍ର ଶେଖର ମିଶ୍ର, ଅନନ୍ତ ଜେନା, ବୁବୁନା ପଟ୍ଟନାୟକ, ପ୍ରଭାକର ପ୍ରଧାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସଙ୍ଗଠକ ବିଜୟ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଳକଳେଶ୍ୱର ସରପଞ୍ଚ ଜ୍ୟୋସ୍ନାରାଣୀ ଜେନା, ସମିତି ସଭ୍ୟା ସବିତା ବିଶ୍ୱାଳ, ଜରିପଡା ସରପଞ୍ଚ ଦୀପୁନା ସାହୁ, ସମିତି ସଭ୍ୟା ମନୋରମା ବେହେରା, ଚିଲିକା ବ୍ଲକ ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ପ୍ରତିନିଧି ଉପସ୍ଥିତ ଥିଲେ। ଦୀର୍ଘ ୧୪ବର୍ଷ ପରେ ଏଠାରେ ପ୍ରଶାନ୍ତି ଏକ୍ସପ୍ରେସ ରହଣି ହୋଇଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ ଧନ୍ୟବାଦ ଦେଇଥିଲେ।

# 'ସାହିତ୍ୟ ଦ୍ୱାରା ସମାଜରେ ସଂସ୍କାର ଆସିଥାଏ'




ଦ୍ୱିତୀୟ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଜଟଣୀ,୨୦।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ କମଳା ବିଜୟ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠାନର ଦ୍ୱିତୀୟ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହୋଲି ଚାଇଲ୍ଡ ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହୃଦବାକ୍ୟର ସମ୍ପାଦକ ବିଭୂତି ଜେନାଙ୍କ ସଭାପତିତ୍ୱରେ ବିଶିଷ୍ଟ ସାହିତ୍ୟିକ ସତ୍ୟବାଦୀ ବଳିୟାରସିଂ ଏବଂ ପ୍ରଫେସର ପତିତପାବନ ଦଳେଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ସାହିତ୍ୟ ସମାଜରେ ସ୍ଥିରତା ବଜାୟ ରଖିବାରେ ସହାୟକ ହେବା ସହିତ ସାହିତ୍ୟ ଦ୍ୱାରା ଗୋଟିଏ ଜାତିର ପରିଚୟ ବଞ୍ଚିରହେ ବୋଲି ମୁଖ୍ୟ ଅତିଥି କହିଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା, କବି ଓ ଗାଳ୍ପିକ ପ୍ରଫେସର ଡ. ଅଜୟ ସ୍ୱାଇଁ, ଜଟଣୀ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା, ଉମାରାଣୀ ପଣ୍ଡା, ଶାନ୍ତିଲତା ମହାନ୍ତି, ଡ. ସତ୍ୟାନାଶ ପ୍ରମୁଖ ଯୋଗଦେଇ ସାହିତ୍ୟ ଦ୍ୱାରା ସମାଜରେ ସଂସ୍କାର ଆସିଥାଏ ଏବଂ ସାହିତ୍ୟ ଭଲ ମଣିଷ ଗଢ଼ିବାର ଏକ ବଳିଷ୍ଠ ଅନ୍ତର୍ଦ୍ଦୃଷ୍ଟିଶାଳ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ ସାରସ୍ୱତ ସାହିତ୍ୟ ପାଠ ଉତ୍ସବ ପରିପ୍ରେକ୍ଷୀରେ ଗୀତରେ ଗୀତରେ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ମହାପ୍ରସାଦ କର ଏବଂ ସୌରଭ ନାୟକ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଆଦିତ୍ୟ ଆର୍ଯ୍ୟମାନଙ୍କ ତୃତୀୟ ଜନ୍ମ ଦିବସ ମଧ୍ୟ ପାଳନ କରାଯଇଥିଲା। ପ୍ରାରମ୍ଭରେ ପ୍ରୀତିନନ୍ଦା ମହାରଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଟୁଲୁ ଦେଇ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ। ସାହିତ୍ୟ ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩୦ଜଣ ସାରସ୍ୱତ ପ୍ରତିଭା ଏବଂ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ମାନଗୋବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

## 'ପ୍ରତ୍ୟେକ ବୃକ୍ଷଲତାରେ ଔଷଧୀୟ ଗୁଣ ରହିଛି'

ବେଗୁନିଆ,୨୦।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଭୁଆସୁଣୀ ପାଟଣା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ନୈତିକ ଶିକ୍ଷା ଅଭିଯାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଡ.ଗଣେଶ୍ୱର ସାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଦିତ୍ୟ ପ୍ରସାଦ ରଥ ସ୍ୱାଗତ ଭାଷଣ ଦେଇଥିଲେ। 'ବୃକ୍ଷ ମହାତ୍ମ୍ୟ'ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବୃକ୍ଷର ଉପକାରିତା ସମ୍ପର୍କରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ନାରାୟଣ ସାହୁ, ପ୍ରମୋଦ ଜେନା, ରମେଶ ଚନ୍ଦ୍ର ସାହୁ, ଗୁରେଇ ସାହୁ, ରାଜକିଶୋର ଗଡବାଡ, କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଜଡିବୁଟି ସେବନ କଲେ ରୋଗରୁ କିପରି ଉପଶମ ମିଳିଥାଏ ସେନେଇ ବିଦ୍ୟାଳୟର ସଭାପତି ବଂଶୀଧର ଦଳାଇ ବିବରଣୀ ପ୍ରଦାନ କରିଥିଲେ। ବୃକ୍ଷ ହେଉଛି ସମସ୍ତଙ୍କର ପ୍ରିୟ ବନ୍ଧୁ। ପ୍ରତ୍ୟେକ ବୃକ୍ଷଲତାରେ ଔଷଧୀୟ ଗୁଣ ରହିଛି ବୋଲି ଅତିଥିମାନେ କହିଥିଲେ। ସମୀର କୁମାର ବେହେରା ଓ ଅଚ୍ୟୁତାନନ୍ଦ ବେହେରା ଔଷଧୀୟ ଗୁଣର ଲକ୍ଷଣ ଓ ଉପକାରିତା ସମ୍ପର୍କରେ ବିଭିନ୍ନ ସାରଣୀ ପ୍ରଦର୍ଶନ କରିଥିଲେ।

# ଚିଲିକା ପ୍ରେସ୍ କ୍ଲବର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ଚିଲିକା ପ୍ରେସ୍ କ୍ଲବର କର୍ମକର୍ତ୍ତାମାନେ।

ବାଲୁଗାଁ,୨୦।୮ (ସଂଗ୍ରାମ ପାଇକରାୟ)

### ନୂତନ କର୍ମକର୍ତ୍ତା ଚୟନ

ଚିଲିକା ପ୍ରେସ୍ କ୍ଲବର ସାଙ୍ଗଠନିକ ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ରବିବାର ରାମେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ଉପଦେଷ୍ଟା ନୃସିଂହ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଗତ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ବିବରଣୀ ପାଠ କରାଯାଇଥିଲା। ଉପସ୍ଥିତ ସଦସ୍ୟ ଆଗାମୀ ଦିନରେ କ୍ଲବର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଲୋକଙ୍କ ସମସ୍ୟାକୁ ନିଜ କଲମ ମୁନରେ ସରକାରଙ୍କ ଦୃଷ୍ଟିଆକର୍ଷଣ ଏବଂ ବିଭିନ୍ନ ଦୁର୍ନୀତିକୁ ପ୍ରତିହତ କରିବା ପାଇଁ ନିଷ୍ପାର ସହ ଭାଇଚାରା ମନୋବୃତ୍ତି ନେଇ ଲଢ଼ିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ସମସ୍ତ ସଦସ୍ୟ ମଧ୍ୟ ସଂଘର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଉପଦେଷ୍ଟା ଭାବେ ବରିଷ୍ଠ ପତ୍ରକାର ଆର୍ତ୍ତତ୍ରାଣ ଜାଲି, ନୃସିଂହ ପ୍ରସାଦ ମିଶ୍ର ଓ ପୁରୁଷୋତ୍ତମ ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ଏହା ପରେ ସର୍ବସମ୍ମତିକ୍ରମେ ସଭାପତିଭାବେ ପ୍ରକାଶ କୁମାର ପ୍ରଧାନ, ଉପସଭାପତି ସଂଗ୍ରାମ କେଶରୀ ପାଇକରାୟ, ଶଙ୍କର ବସ୍ତି, ମନୋଜ ନାଇଡୁ, ସମ୍ପାଦକ ଭାବେ ଅନନ୍ତ ଚରଣ ବାରିକ, ସହ ସମ୍ପାଦକ ଶରତ ଚନ୍ଦ୍ର ବରାଳ, ସୁଧାଂଶୁ ପରିଡ଼ା, ମନୋଜ ପଣ୍ଡା, ସନ୍ତୋଷ ଚୌଧୁରୀ, ଯୁଗ୍ମ ସମ୍ପାଦକଭାବେ ସନ୍ତୋଷ କୁମାର ମହାନ୍ତି, ବିରେନ କୁମାର ସାହୁ, ବିଷ୍ଣୁ ଖୁଣ୍ଟିଆ, କୋଷାଧ୍ୟକ୍ଷ ସୁଶୀଲ କୁମାର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଅଶୋକ କୁମାର ନାୟକ, ଆଇନ ପରାମର୍ଶଦାତା ଭାବେ ଗୋପୀନାଥ ମହାରଣା, ବୈକୁଣ୍ଠ ପ୍ରଧାନ, ରାମଚନ୍ଦ୍ର ପଲାଇ ଏବଂ ଅଶୋକ କୁମାର ପାଇକରାୟଙ୍କୁ ଚୟନ କରାଯାଇଥିଲା।

# ଖୋର୍ଦ୍ଧାର ବିକାଶ ନେଇ ଆଶା ସଞ୍ଚାର

ଖୋର୍ଦ୍ଧା,୨୦।୮ (ପ୍ରଭାତ ପାଣିଗ୍ରାହୀ)

- ପ୍ୟାକେଜ୍ ଘୋଷଣା କରିପାରନ୍ତି
- ଲୋକଙ୍କ ଅଭିଯୋଗ ଶୁଣିବେ

ଖୋର୍ଦ୍ଧା ଜିଲା ଗଠନ ହେବାର ୩୦ବର୍ଷ ପୂରିବାକୁ ଯାଉଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧା ମାଟିର ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ବୀଜ ଏଠାରୁ ରୋପିତ ହୋଇଥିଲା। ଭୌଗୋଳିକ, ଐତିହାସିକ, ରାଜନୈତିକ ଏବଂ ସାଂସ୍କୃତିକ ପୃଷ୍ଠଭୂମିର ଗୌରବମୟ ଗାଥା ବହନ କରୁଥିବା ଖୋର୍ଦ୍ଧା ଜିଲାର ବିକାଶ ଏକ ପ୍ରକାର ସ୍ଥାଣୁ ପାଲଟିଛି। ଏଭଳି ସ୍ଥିତିରେ ଆସନ୍ତା ୨୨ତାରିଖରେ ଖୋର୍ଦ୍ଧା ଗସ୍ତରେ ଆସୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍। ସେ ଖୋର୍ଦ୍ଧାର ଜନସାଧାରଣଙ୍କ ଅଭିଯୋଗ ଶୁଣିବେ। ବିକାଶ ପାଇଁ ଆର୍ଥିକ ପ୍ୟାକେଜ୍ ମଧ୍ୟ ଘୋଷଣା କରିପାରନ୍ତି। ଏଠାରୁ ୨ଜଣ ବିଧାୟକ ୪ଥର ନେତୃତ୍ୱ ନେଇଥିବା ସତ୍ତ୍ୱେ ଖୋର୍ଦ୍ଧାରେ ବିଶେଷ ବିକାଶ ହୋଇପାରିନାହିଁ। ତେଣୁ ଏବେ ୫-ଟି ସଚିବଙ୍କ ଗସ୍ତକୁ ଜନସାଧାରଣ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

୧୯୯୩ ମସିହାରେ ଖୋର୍ଦ୍ଧା ଜିଲା ଗଠିତ ହୋଇଥିଲା। ୧୯୯୫ରେ ଜିଲାର ମୁଖ୍ୟ କାର୍ଯ୍ୟାଳୟ ଖୋର୍ଦ୍ଧାରେ ସ୍ଥାପିତ ହେଲା। ତେବେ ରାଜଧାନୀ ଭୁବନେଶ୍ୱର ଭଳି ଖୋର୍ଦ୍ଧା ସହରର ଆଖିଦୃଶିଆ ବିକାଶ ହୋଇନାହିଁ। ମାଷ୍ଟରପ୍ଲାନ ନ ଥିବାବେଳେ କ୍ୟାବିନ ଉଚ୍ଛେଦ ସହ ଉଠାଦୋକାନୀଙ୍କ ଥଇଥାନ ସରକାରୀ ନାଲିଫିତା ତଳେ ଚାପି ହୋଇରହିଛି। ଯୁବତୀ ଯୁବକ ନିଯୁକ୍ତି ଅଭାବରୁ ବାହାର ରାଜ୍ୟରେ ଖଟୁଛନ୍ତି। ଐତିହାସିକ ବରୁଣେଇ ପୀଠ ସମେତ ବହୁ ପ୍ରାଚୀନ କୀର୍ତ୍ତିରାଜି ବିଲୁପ୍ତ ହେବାକୁ ବସିଛି। ଖୋର୍ଦ୍ଧାର ପରିଚୟ ଗଡ଼ଖୋର୍ଦ୍ଧାର ଐତିହ୍ୟ ନଷ୍ଟ ହେବାକୁ ବସିଛି। ଖୋର୍ଦ୍ଧାର ଅନ୍ୟତମ ପରିଚୟ ନାଲିଗାମୁଛା। ପ୍ରୋତ୍ସାହନ ଅଭାବରୁ କାରିଗରମାନେ ଏଥିରୁ ମୁହଁ ଫେରାଉଛନ୍ତି। ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ବିକାଶ ଓ ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ନାହିଁ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୭ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ସମସ୍ତ ଭିତ୍ତିଭୂମି ସତ୍ତ୍ୱେ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିପାରିନାହିଁ। ବରୁଣେଇ ପାଦଦେଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ଶିଳାନ୍ୟାସ ସତ୍ତ୍ୱେ ପ୍ରସ୍ତାବିତ ସ୍ମାରକୀ ନିର୍ମାଣ ନେଇ ଅନିଶ୍ଚିତତା ଲାଗିରହିଛି। ଜିଲାରେ କ୍ରୀଡ଼ା ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଭୌଗୋଳିକ, ସାମାଜିକ, ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରୁ ଏହି ଜିଲା ସମୃଦ୍ଧ। ତଥାପି ଖୋର୍ଦ୍ଧା ସହରର ବିକାଶ ପଛରେ ପଡ଼ିଛି।

# ବ୍ରାଶ୍, ଡିଜିଟାଲ ଲାଇଟ ରାଖୀର ଚାହିଦା ଅଧିକ



ଜଟଣୀ,୨୦।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଆଉ ଦିନ କେଇଟା ପରେ ସ୍ନେହ ଓ ଶ୍ରଦ୍ଧାର ପର୍ବ ରକ୍ଷାବନ୍ଧନ। ଭାଇ ହାତରେ ଭଉଣୀ ରାଖୀ ବାନ୍ଧି ସୁସ୍ଥ ଓ ସୁରକ୍ଷିତ ଜୀବନ ପାଇଁ ଶୁଭ ମନାସିଥାଏ। ପ୍ରତିବର୍ଷ ରାଖିପୂର୍ଣ୍ଣିମା ଉପଲକ୍ଷେ ମାର୍କେଟରେ ବିଭିନ୍ନ ଡିଜାଇନର ରାଖୀ ଉପଲବ୍ଧ ହୋଇଥାଏ। ସେଥିରୁ କିଛି ରାଖୀରେ ଜରି, ଚୁମୁକି କାମ ହୋଇଥାଏ ତ ଆଉ କିଛି ରାଖୀରେ ରଙ୍ଗବେରଙ୍ଗର ଆର୍ଟିଫିସିଆଲ ଷ୍ଟୋନ, ମାଳି କିମ୍ବା ପର୍ଲ ଲାଗିଥାଏ। ତେବେ ରକ୍ଷାବନ୍ଧନକୁ ନେଇ ଜଟଣୀର ବିଭିନ୍ନ ସିଜନାଲ ବ୍ୟବସାୟ ପ୍ରତିଷ୍ଠାନର ବ୍ୟବସାୟୀମାନେ ଚଳଚଞ୍ଚଳ ହୋଇଉଠିଛନ୍ତି। ଖୁଚୁରା ବ୍ୟବସାୟୀ ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ମୂଲ୍ୟର ଭଳିକି ଭଳି ରାଖୀର ପସରା ମେଲାଇଛନ୍ତି। ଜଟଣୀ ସହରକୁ ବିଭିନ୍ନ ଜିଲାରୁ ସଡ଼କ ପଥ ଓ ରେଳପଥର ଗମନାଗମନର ସୁବିଧା ଥିବା ଏବଂ କମ୍ ମୂଲ୍ୟରେ ବିଭିନ୍ନ ରାଖୀ ମିଳୁଥିବାରୁ ଖୁଚୁରା ବ୍ୟବସାୟୀଙ୍କ ଆଗ୍ରହ ରହିଛି। ବ୍ୟବସାୟୀ ଏବଂ ଗ୍ରାହକଙ୍କ ଚାହିଦା ପୂରଣ କରିବା ପାଇଁ ରାଜକୋଟ, ଅହମଦାବାଦ, କୋଲକାତା, ଦିଲ୍ଲୀ ଏବଂ ମୁମ୍ବାଇ ଆଦି ସହରରୁ ବିଭିନ୍ନ କମ୍ପାନୀର ଡିଜାଇନ ରାଖୀ ଆଣି ଗୋଦାମରେ ରଖି ସିଜନାଲ ବ୍ୟବସାୟୀମାନେ ବେପାର କରୁଛନ୍ତି। ଡିଜିଟାଲ ଲାଇଟ ରାଖୀ, କତା ରାଖୀ, ବ୍ରାଶ୍ ରାଖୀ, ଷ୍ଟୋନ ରାଖୀ, ଚନ୍ଦନ, ଲବଙ୍ଗ ରାଖୀ, ମିଲି ରାଖୀ (ଯେଉଁଥିରେ ସିନ୍ଦୂର, ଚାଉଳ, ଚନ୍ଦନ) ରହିଛି। ଛୋଟପିଲାଙ୍କ ପାଇଁ ବିଭିନ୍ନ ରଙ୍ଗର ଲାଇଟ ରାଖୀ, ଟେଡି ରାଖୀ, ଧାଗା ରାଖୀ, ଡୋରି ରାଖୀ, ରେଶମ ରାଖୀ ଆଦି ଆଧୁନିକ ରାଖୀ ସହିତ ପାରମ୍ପରିକ ଜରି ସ୍ୱଞ୍ଚ ଓ ତୁଳା ରାଖୀ ରହିଛି। ରାଖୀର ମୂଲ୍ୟ ୬୦ପଇସାରୁ ଆରମ୍ଭ କରି ୨୩୮ ଟଙ୍କା ପର୍ଯ୍ୟନ୍ତ ହୋଲ୍‌ସେଲ ଦରରେ ବିକ୍ରି ହେଉଛି।

### ଏମାନେ ଯାହା କୁହନ୍ତି...

"ଅହମଦାବାଦ ଏବଂ ରାଜକୋଟ ରାଖୀ ଖୁଚୁରା ବ୍ୟବସାୟୀ ଓ ଗ୍ରାହକ ଅଧିକ ପସନ୍ଦ କରୁଛନ୍ତି। ଚଳିତ ବର୍ଷ ପାରମ୍ପରିକ ରାଖୀ ସହିତ ବ୍ରାଶ୍ ରାଖୀ, ଷ୍ଟୋନ ରାଖୀ, ବିଭିନ୍ନ ଶସ୍ୟ ରାଖୀ, ପିଲାଙ୍କ ପାଇଁ ଲାଇଟ ରାଖୀ, ଟେଡି ରାଖୀରେ ଛୋଟା ଭୀମ, ମୋଟୁ ପତ୍ଲୁ ରାଖୀ, କଣ୍ଢେଇ ରାଖୀ ରହିଥିବା ବେଳେ ୬୦ ପଇସାରୁ ଆରମ୍ଭ କରି ୨୩୮ ଟଙ୍କା ପର୍ଯ୍ୟନ୍ତ ହୋଲ୍‌ସେଲ ଦରରେ ବିଭିନ୍ନ ପ୍ରକାର ରାଖୀ ଉପଲବ୍ଧ ରହିଛି। ତେବେ ବର୍ତ୍ତମାନ ବ୍ରାଶ୍ ଓ ଡିଜିଟାଲ ରାଖୀ ସହିତ ସିନ୍ଦୂର, ଚନ୍ଦନ, ଚାଉଳ ଓ ରାଖୀର ପ୍ୟାକେଟ(ମିଲି ରାଖୀ)ର ଡିମାଣ୍ଡ ରହିଛି।

**- ଜିତେନ୍ଦ୍ର ପଟ୍ଟନାୟକ, ମହାଲକ୍ଷ୍ମୀ ଭଣ୍ଡାର**

"ପ୍ରତିବର୍ଷ ଗ୍ରାହକଙ୍କ ପସନ୍ଦ ବଦଳୁଛି। ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାହାର ରାଜ୍ୟରୁ ବିଭିନ୍ନ କମ୍ପାନୀର ରାଖୀ ଆଣିବାକୁ ପଡୁଛି। ଯୁବପିଢ଼ିଙ୍କ ମଧ୍ୟରେ ଷ୍ଟୋନର ବିଭିନ୍ନ ରାଖୀ, ବ୍ରାଶ୍ ଏବଂ ଚେନ୍ ରାଖୀର ଡିମାଣ୍ଡ ରହିଛି। ସମସ୍ତଙ୍କ ଚାହିଦା ପୂରଣ ହେଲା ଭଳି ବିଭିନ୍ନ ପ୍ରକାର ରାଖୀ ରହିଛି। ଗତ କିଛିବର୍ଷ ଅପେକ୍ଷା ଚଳିତ ବର୍ଷ ବେପାର ଭଲ ହେବା ନେଇ ଆଶା ରଖିଛୁ।

**- ମନୋଜ ସାହୁ, ମନୋଜ ସିଜନ ସେଣ୍ଟର**

"ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ହୋଲ୍‌ସେଲ ବ୍ୟବସାୟ ଟିକେ ମାନ୍ଦା ରହିଛି। ଜଟଣୀ ସିଜନାଲ ହୋଲ୍‌ସେଲ ବଜାର ଉପରେ ରାଜ୍ୟର ୩୦ଟି ଜିଲାର ବ୍ୟବସାୟୀ ନିର୍ଭର କରିଥାନ୍ତି। ଏଠାରେ କମ୍ ମୂଲ୍ୟରେ ଏବଂ ଲୋକଙ୍କ ଚାହିଦା ମୁତାବକ ସମସ୍ତ ଭେରାଇଟିର ରାଖି ମିଳୁଥିବାରୁ ବ୍ୟବସାୟୀ ଆସିଥାନ୍ତି। ଚଳିତ ବର୍ଷ ଷ୍ଟୋନ୍‌ର ବିଭିନ୍ନ ଭେରାଇଟି ରାଖୀ, ଆଣ୍ଟିକ ରାଖୀ, ଲାଇଟ ଏବଂ ମ୍ୟୁଜିକ ରାଖୀ, ମୟୂର ରାଖୀ, ଧାନ ଚାଉଳ ରାଖୀ, ମୋ ଭାଇ ରାଖୀ, ଜଗନ୍ନାଥଙ୍କ ବିଭିନ୍ନ ରାଖୀ ରହିଛି। ବ୍ୟବସାୟୀ ଅଧିକ ଏହି ରାଖୀ ନେଉଛନ୍ତି।

**ତ୍ରିଲୋଚନ ପଟ୍ଟନାୟକ, ମହାବୀର ଭଣ୍ଡାର**

"ହିନ୍ଦୁ ପର୍ବପର୍ବାଣି ମଧ୍ୟରେ ରକ୍ଷାବନ୍ଧନ ଅନ୍ୟତମ। ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରିଥାଏ। ଚଳିତ ବର୍ଷ ରାଖୀକୁ ନେଇ ଉତ୍ସାହିତ ଅଛି। ଜଟଣୀ ରାଖୀବଜାରରେ ଚାହିଦା ମୁତାବକ ବିଭିନ୍ନ ପ୍ରକାର ରାଖୀ ମିଳୁଛି। ଲାଟେଷ୍ଟ ଷ୍ଟୋନ ଓ ରେଶମ ଡୋରି ରାଖୀ ଆଣିଛି। ଚଳିତ ବର୍ଷ ରାଖୀର ମୂଲ୍ୟ ଖୁବ୍ ଭଲ ରହିଛି।

**-ରୀତା ଜେନା, ଜଟଣୀ ଗାଁ (ହାଟବଜାର୍)**

"ଚଳିତ ବର୍ଷ ଖୁବ୍ କମ୍ ଦର ଓ ଆଧୁନିକ ରାଖୀ ଜଟଣୀ ହୋଲ୍‌ସେଲ ବଜାରରେ ମିଳୁଛି। ଡିଜିଟାଲ ରାଖୀ ସହିତ ଚାଉଳ, ସିନ୍ଦୂର, ଚନ୍ଦନ ଓ ରାଖୀ ମିଶିକରି ରହିଥିବା ମିଲି ରାଖୀକୁ ପସନ୍ଦ କରିଛି। ଭାଇ ହାତରେ ରାଖୀବାନ୍ଧିବା ବେଳେ ଯେଉଁସବୁ ସାମଗ୍ରୀ ବନ୍ଦାପନା ପାଇଁ ଆବଶ୍ୟକ ହୁଏ ସେ ସବୁ ସାମଗ୍ରୀ ଉକ୍ତ ପ୍ୟାକେଟରେ ରହିଛି।

**-ପାୟଲ ଷଡ଼ଙ୍ଗୀ, ଜଟଣୀ ଗାଁ(ହାଟବଜାର୍)**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୮।୨୦୨୩

| | |
|---|---|
| ୫,୦୫,୦୦୮ ଟଙ୍କା | |
| ସୁନା | ୧୦.୦୨୦ ଗ୍ରାମ୍ |
| ରୁପା | ୩.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ଯାତ୍ରୀଙ୍କୁ ନେଇ ସେବାୟତଙ୍କୁ ଆକ୍ରମଣ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୨୦।୮ (ସୁବାସ ଚନ୍ଦ୍ର ପ୍ରଧାନ):

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ଯାତ୍ରୀଙ୍କୁ ନେଇ ଜଣେ ସେବାୟତଙ୍କୁ ଆକ୍ରମଣ ହୋଇଥିବା ରବିବାର ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ମୁକ୍ତିକାନ୍ତ ବଡୁ। ତାଙ୍କ ଆଖିପତା ଫାଟି ଯାଇଥିବା ବେଳେ ଛାତିରେ ଆଘାତ ଲାଗିଛି। ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁକ୍ତିକାନ୍ତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସୂଚନାଥାଉ କି, କିଛିଦିନ ପୂର୍ବରୁ ଯାତ୍ରୀଙ୍କୁ ଶୋଷଣ ଓ ଧମକ ଦେବା ନେଇ ଲିଙ୍ଗରାଜ ପୋଲିସ କେତେଜଣ ସେବାୟତଙ୍କୁ ଗିରଫ କରିଥିଲା।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଅସ୍ତରଙ୍ଗ,୨୦।୮ (ମମତା ଜେନା)

କୁଶ୍ୱେଇ ପଞ୍ଚାୟତ ଛୋଟରାୟପୁର ଗ୍ରାମର ଧର୍ମପରାୟଣା ମହିଳା ସୁନ୍ଦରୀ ନାୟକ(୮୦)ଙ୍କ ଶନିବାର ନିଜ ବାସଭବନରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ସାରା ଅଞ୍ଚଳରେ ପରିଚିତ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଅମର, କମଳ, ପୁତ୍ରବଧୂ ରୋଜାଲିନ୍, ଦମୟନ୍ତୀ, ଝିଅ ରମଣୀ, ଶୋଭା, ଲକ୍ଷ୍ମୀ, ଜ୍ୱାଇଁ ଗଗନ, ଶିବ ପରିବାର, ବନ୍ଧୁବର୍ଗ, ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଅମର ମୁଖାଗ୍ନି ଦେଇଥିଲେ।

### ରେଳଧାରଣା ପାର୍ଶ୍ୱ ବୁଦାମୂଳରୁ ଗଳିତ ମୃତଦେହ ଜବତ

ନିରାକାରପୁର,୨୦।୮ (ମାନସ ଚନ୍ଦ୍ର ପଟ୍ଟନାୟକ):

ନିରାକାରପୁର ଷ୍ଟେଶନ ଅନ୍ତର୍ଗତ କାଶୀପୁର ଓ ହରିପୁର ରେଳ ଫାଟକ ମଧ୍ୟବର୍ତ୍ତୀ ଅଞ୍ଚଳ ଡାଉନଲାଇନର ଏକ ବୁଦାମୂଳରୁ ରବିବାର ରେଲୱେ ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୯/୨୩)ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଯିବା ସହ ଚିହ୍ନଟ ଉଦ୍ଦେଶ୍ୟରେ ଫ୍ରିଜରରେ ରଖାଯାଇଥିବା ନିରାକାରପୁର ରେଲୱେ ଫାଣ୍ଡି ଅଧିକାରୀ ପରିକ୍ଷିତ ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗତ ୧୬ ତାରିଖରେ ଏକ ଚଳନ୍ତା ଟ୍ରେନରୁ ଜଣେ ବ୍ୟକ୍ତି ଖସିପଡିଥିବା ନେଇ କେତେଜଣ କଲେଜ ଛାତ୍ର ନିରାକାରପୁର ରେଲୱେ ଫାଣ୍ଡି ପୋଲିସକୁ ଜଣାଇଥିଲେ। ହେଲେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଉକ୍ତ ବ୍ୟକ୍ତିଙ୍କ ଶରୀର ପଚିଶଢ଼ିଯାଇଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ନାୟକ କହିଛନ୍ତି, ଗତ ୧୬ ତାରିଖରେ ଟ୍ରେନରୁ ଜଣେ ବ୍ୟକ୍ତି ଖସିପଡ଼ିଛନ୍ତି ବୋଲି କେତେଜଣ ଛାତ୍ର ସୂଚନା ଦେଇଥିଲେ। ଏନେଇ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲି। କାମ ଥିବାରୁ ଖୋର୍ଦ୍ଧା ପଳାଇଥିଲି। ଷ୍ଟେଶନ ମାଷ୍ଟର ଲୋକ ପଠାଇ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଗନ୍ଧ ହେଉଥିବା ରବିବାର ଖବରପାଇ ଖୋଜାଖୋଜି କରିବାରୁ ଏକ ବୁଦାମୂଳରୁ ମୃତଦେହ ଜବତ କରାଯାଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।

# ‘ସାହିତ୍ୟ ହେଉଛି ଶୃଙ୍ଖଳିତ ଚେତନାର ଆଧାର’

ପୁରୀ,୨୦।୮ (ଅଜିତ ମହାନ୍ତି):



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

ସମତା ସାହିତ୍ୟ ସମିତି ପୁରୀ ଆନୁକୂଲ୍ୟରେ ରବିବାର ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଆୟୋଜିତ ‘ସାହିତ୍ୟରେ ସଂଯମ ଓ ସହନଶୀଳତା’ ଶୀର୍ଷକ ଆଲୋଚନାଚକ୍ରରେ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସାହିତ୍ୟ ହେଉଛି ସମାଜର ଦର୍ପଣ, ଏହି ସାହିତ୍ୟରୁ ମନୁଷ୍ୟକୁ ସଂଯମ ଓ ସହନଶୀଳତାର ବାକ୍ ଚିତ୍ର ମିଳେ, ଯାହାକୁ ପାଥେୟ କରି ବ୍ୟକ୍ତିଟିଏ ନିଜକୁ ଶୃଙ୍ଖଳିତ, ଶିଷ୍ଟ ଓ ମିଷ୍ଟଭାଷୀ କରିଥାଏ। ଏଥିସହ ହିଂସା, ଅହଂକାର ଭାବନା ତ୍ୟାଗ କରି ନିଜକୁ ସମାଜ ଓ ପରମାତ୍ମାଙ୍କ ସହ ସଂଯୋଜିତ କରିଥାଏ ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଅଭିମନ୍ୟୁ ଭୂୟାଁ ଓ ମୁଖ୍ୟବକ୍ତା ଭାବେ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ଗୁରୁଚରଣ ଦାସ, ଐତିହାସିକ ମଦନ ମୋହନ ମହାପାତ୍ର, ଶିକ୍ଷାବିତ ଦାଶରଥି ମହାପାତ୍ର, ଅନୁଷ୍ଠାନର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ଡ. ବଳରାମ ଦାଶ, ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଅଶୋକ କୁମାର ମହାପାତ୍ର, ପଣ୍ଡିତ ସଦାଶିବ ମିଶ୍ର, ଅଧ୍ୟାପକ ପ୍ରମୋଦ କୁମାର ଦଳାଇ, ମନୋରମା ଆଚାର୍ଯ୍ୟ, ଡାକ୍ତର ରାନୁ ମିଶ୍ର, ଉମାକାନ୍ତ ମହାପାତ୍ର, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବିଜୟଲକ୍ଷ୍ମୀ ଦାସ, ଚିନ୍ମୟୀ ଗଜେନ୍ଦ୍ର, ସୁବାସିନୀ ଶତପଥୀ, କାଶୀନାଥ ଖୁଣ୍ଟିଆ ଏବଂ ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଆଲୋଚନା ଚକ୍ରରେ ଭାଗନେଇ ନିଜ ମତ ଉପସ୍ଥାପନ କରିଥିଲେ। ଶେଷରେ ଯୋଗେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।


କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ‘ଆଇନଜୀବୀଙ୍କ ଆଶା ପୂରଣ କରିବ ପରିଷଦ’

କଟକ,୨୦।୮ (କାର୍ତ୍ତିକ ସାହୁ)

**ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧନା**

କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ୍ ପକ୍ଷରୁ ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚିତ ୨୫ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ବ୍ରହ୍ମପୁରରୁ ପୀତବାସ ପଣ୍ଡା, ସଞ୍ଜିତ୍ କୁମାର ପାଣିଗ୍ରାହୀ, ଯାଜପୁରରୁ ରାଜୀବ କୁମାର ମହାନ୍ତି, ବରଗଡ଼ରୁ ଦେବଦତ୍ତ ମିଶ୍ର, କେନ୍ଦୁଝରରୁ ଗିରିଜା ଶଙ୍କର ମିଶ୍ର, ପୁରୀରୁ ଗିରିଧାରୀ ମହାପାତ୍ର, ସମ୍ବଲପୁରରୁ ଲକ୍ଷ୍ମୀନାରାୟଣ ପଟେଲ, କୋରାପୁଟରୁ ପି. ରମେଶ ପାତ୍ର, ବାଲେଶ୍ୱରରୁ ନୃସିଂହ ଚରଣ ନାୟକ, ଭୁବନେଶ୍ୱରରୁ ସୀତାଂଶୁ ମୋହନ ଦ୍ୱିବେଦୀ, ଭକ୍ତଭୂଷଣ ବାରିକ, ଆମ୍ରପ୍ରକାଶ ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟ, ତପନ କୁମାର ବିଶ୍ୱାଳ, କଟକରୁ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ଧଳ, ବିଭୁପ୍ରସାଦ ଦାସ, ଅକ୍ଷୟ କୁମାର ପତି, ସୌରଚନ୍ଦ୍ର ମହାପାତ୍ର, ଅରୂପାନନ୍ଦ ଦାସ, ଦୀନେଶ ଚନ୍ଦ୍ର ରାୟ, ପ୍ରସନ୍ନ କୁମାର ପାଢ଼ୀ, ମାନସ କୁମାର ଚାନ୍ଦ, ବିଭୁପ୍ରସାଦ ତ୍ରିପାଠୀ ଓ ଧନଞ୍ଜୟ ମୁଣ୍ଡ। କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସଭାପତି ଧ୍ରୁବଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଯୋଗଦେଇ ନୂତନ ପରିଷଦ ଆଇନଜୀବୀଙ୍କ ଆଶା ପୂରଣ କରିବ ବୋଲି କହିଥିଲେ। ନୂତନ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର ଅଭିଜ୍ଞ ଓ ନୂଆ ସଦସ୍ୟମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କହିଥିଲେ। ସଭ୍ୟ ସୀତାଂଶୁ ଦ୍ୱିବେଦୀ ବିଭିନ୍ନ ସମସ୍ୟା ସମାଧାନରେ ତ୍ୱରିତ ନିଷ୍ପତ୍ତି ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ।

ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ଉପସଭାପତି ତପନ କୁମାର ବେହେରା, ସମ୍ପାଦକ ସ୍ମିତିରଞ୍ଜନ ରାଉତ, କଟକ ବାର୍ ଆସୋସିଏଶନ ସଭାପତି ଚୌଧୁରୀ ପି.କେ. ମିଶ୍ର, ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ା, କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ସଭାପତି ଅରୁଣ କୁମାର ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ନୂତନ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁଗ୍ମ ସମ୍ପାଦକ ହରିପ୍ରସାଦ ଓଝାଙ୍କ ତତ୍ତ୍ୱାବଧାନରେ କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ, ପାଠାଗାର ସମ୍ପାଦିକା ମମତା ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ରାଜେନ୍ଦ୍ର କୁମାର ଦାଶ, ନିରଞ୍ଜନ ବେହେରା, ମହେନ୍ଦ୍ର ସୁବୁଦ୍ଧି, ସଂଗ୍ରାମ ଦାସ, ଦେବଶ୍ରୀ ପରିଡ଼ା, ନୀଳାଦ୍ରି ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭ୍ୟ ତାପସ କୁମାର ମହାନ୍ତି ଓ ଜଗନ୍ନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜଳିଗଲା ୩ ବଖରା

କୃଷ୍ଣପ୍ରସାଦ,୨୦।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବଡ଼ଅଙ୍କ ପଞ୍ଚାୟତ ଅନ୍ତର୍ଗତ ରସକୁଦୀ ଗ୍ରାମରେ ବିଦ୍ୟୁତ୍ ଶର୍ଟସର୍କିଟରୁ ୩ ବଖରା ଘର ଜଳିଯାଇଛି। ଦୀପକ ବେହେରା, ବୁଲୁ ବେହେରା ଏବଂ ତ୍ରିନାଥ ବେହେରାଙ୍କ ଗୋଟିଏ ଲେଖାଏ ବଖରା ଜଳିଯାଇଛି। ଚିଲିକାରୁ ପାଣି ବୋହି ଗ୍ରାମବାସୀ ନିଆଁ ଲିଭାଉଥିବା ବେଳେ ଖବରପାଇ ମାଲୁଦ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ୩ ପରିବାରର ୧୬ଜଣ ନିଃସହାୟ ହୋଇପଡିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନର ଦୃଷ୍ଟିଗୋଚର କରାଯାଇଥିଲେ ମଧ୍ୟ ସହାୟତା ମିଳିପାରି ନାହିଁ। ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପହଞ୍ଚି ବିପନ୍ନ ପରିବାରଙ୍କୁ ଚାଉଳ, ଡାଲି, ପନିପରିବା ସହ ଚୁଡ଼ା, ଚିନି, ବିସ୍କୁଟ ପ୍ରଦାନ କରିଥିଲେ। ସେହିପରି ସାମାଜିକକର୍ମୀ ରମେଶ ଚନ୍ଦ୍ର ପ୍ରଧାନ ମଧ୍ୟ ଚାଉଳ, ପନିପରିବା, ଜରି ପାଲ ଦେଇଛନ୍ତି। ତୁରନ୍ତ ଉକ୍ତ ୩ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇଦେବା ପାଇଁ ଦାବି ହୋଇଛି।

# ପାଣିରେ ବୁଡ଼ି ଡାକ କର୍ମଚାରୀଙ୍କ ମୃତ୍ୟୁ

ନିମାପଡ଼ା,୨୦।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ଅଧୀନ ୪ନଂ. ୱାର୍ଡର ପାଟପୁର ନାୟକସାହି ଗ୍ରାମର ଡାକ କର୍ମଚାରୀ ବିଜୟ ଘଡ଼େଇ(୫୬)ଙ୍କ ରବିବାର ଅପରାହ୍ନରେ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ପୋଲିସ ଏ ନେଇ କେସ୍ ନଂ.୧୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବିଜୟ କେନାଲ ବନ୍ଧ ରାସ୍ତାରେ ଯାଉଥିବାବେଳେ କୌଣସି କାରଣରୁ ଭୁବନପୁର ଗ୍ରାମ ବ୍ରିଜ୍ ନିକଟ ରାସ୍ତାକଡ଼ରେ ଥିବା ପାଣି ଖାଲରେ ପଡ଼ିଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ସେଠାରୁ ବିଜୟଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଯିବ ବୋଲି ପୋଲିସ କହିଛି। ଏନେଇ ବିଜୟଙ୍କ ପୁଅ ବିଶ୍ୱଜିତ୍ ଥାନାରେ ଅଭିଯୋଗ କରିଛନ୍ତି।

# ୨ ଅଗ୍ନିଶମ କର୍ମଚାରୀଙ୍କ ଅନ୍ୟତ୍ର ବଦଳି

ଗୋପ,୨୦।୮ (ଭାରତୀ ଭୂଷଣ ଉପାଧ୍ୟାୟ)

**ଅଗ୍ନିଶମ ବିଭାଗ ପରିସରରୁ ଜରୁରିକାଳୀନ ଗାଡ଼ି ଚୋରି ଘଟଣା**

ଗୋପ ଅଗ୍ନିଶମ ବିଭାଗ ପରିସରରୁ ଜରୁରିକାଳୀନ ସେବା ଗାଡ଼ି ଚୋରିହେବା ଘଟଣାରେ ଡ୍ୟୁଟିରେ ଥିବା ୨ ଅଗ୍ନିଶମ କର୍ମଚାରୀଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି। ବିଭାଗୀୟ ଚିଠି ନଂ. ୨୩୮୨/ସିଆର୍, ତା୧୮।୮।୨୦୨୩ରେ ଗୋପ ଅଗ୍ନିଶମ ବିଭାଗର ଅଜୟ ଭୋଇଙ୍କୁ ମୟୂରଭଞ୍ଜ ଜିଲାର ଜାମଣ୍ଡା ଅଗ୍ନିଶମ କେନ୍ଦ୍ର ଏବଂ ଗଗନ ପରିଡ଼ାଙ୍କୁ ତିରିଙ୍ଗି ଅଗ୍ନିଶମ କେନ୍ଦ୍ରକୁ ବଦଳି କରାଯାଇଛି।

ପ୍ରକାଶ ଯେ, ଗତ ଜୁଲାଇ ୧୨ ଭୋର୍ ସମୟରେ ଜଣେ ଯୁବକ ଗୋପ ଅଗ୍ନିଶମ କାର୍ଯ୍ୟାଳୟ ପରିସରରୁ ଜରୁରିକାଳୀନ ସେବା ଗାଡ଼ି(ନଂ. ଓଡି୦୫ସି୩୯୭୭)କୁ ନେଇ ପଳାଇଥିଲେ। ଦୀର୍ଘ ୨ କିଲୋମିଟର ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଅଗ୍ନିଶମ ଗାଡ଼ି ଦେଖି ପାଟି କରିବା ସହ ଅଗ୍ନିଶମ ବିଭାଗକୁ ଫୋନ୍ କରିବାରେ ଦାୟିତ୍ୱରେ ଥିବା କର୍ମଚାରୀ ସେଠାରେ ପହଞ୍ଚି ଗାଡ଼ିକୁ କାର୍ଯ୍ୟାଳୟକୁ ଆଣିଥିଲେ। ଏଥିରେ ସମ୍ପୃକ୍ତ ଥିବା ଯୁବକଙ୍କୁ ମାରିବା ସହ ଏକ ଗଛରେ ବାନ୍ଧି ଦେଇଥିଲେ। କିନ୍ତୁ ଉକ୍ତ ଯୁବକଙ୍କ ମସ୍ତିଷ୍କ ବିକୃତ ଥିବା ଜାଣି ଛାଡ଼ିଦେଇଥିଲେ। ଏହି ଘଟଣାର ପରଦିନ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଦାସ ତଦନ୍ତ କରିବା ପରେ ସବିଶେଷ ରିପୋର୍ଟ ଅଗ୍ନିଶମ ବିଭାଗ ଜୋନ୍-୨ ଅଧିକାରୀଙ୍କୁ ଦେଇଥିଲେ। ଦୀର୍ଘ ମାସେ ପରେ ଏଥିରେ ସମ୍ପୃକ୍ତ ଥିବା ୨ ଅଗ୍ନିଶମ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ମାତ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଅଧିକାରୀ ଥିବାବେଳେ କିପରି ଏହି ଜରୁରିକାଳୀନ ସେବା ଗାଡ଼ି ଚୋରି ହେଲା ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଏ ସମ୍ପର୍କରେ ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ବସନ୍ତ ପାତ୍ରଙ୍କୁ ପଚାରିବାରେ, ସେ ସେହି ସମୟରେ ଛୁଟିରେ ଥିଲେ। ଜିଲା ଅଗ୍ନିଶମ ଅଧିକାରୀଙ୍କ ତଦନ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅଧିକାରୀ କହିଥିଲେ।

# ପାଣି ମୋଟର ଚୋରି ଅଭିଯୋଗରେ ଜଣେ ଗିରଫ

ନିମାପଡ଼ା,୨୦।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ବୁଧେଇ ଛକ ନିକଟରେ ଥିବା ଏକ ଷ୍ଟୋର ରୁମ୍‌ରୁ ୨ଟି ପାଣି ମୋଟର ଚୋରି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଧୀନ ବୁଧେଇ ଗ୍ରାମର ପ୍ରଶାନ୍ତ ଜେନା(୩୨)। ପୋଲିସ ତାଙ୍କଠାରୁ ୨ଟି ପାଣି ମୋଟର ଜବତ କରିଛି। ଏନେଇ ପୋଲିସ ୨୧୦/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ନିମାପଡ଼ା ଥାନା ଅଧୀନ ନହନ୍ତରା ଗ୍ରାମ ବାମନ ଚରଣ ସେଠୀଙ୍କ ଷ୍ଟୋର ରୁମ୍‌ରୁ ଗତ ୧୬ ତାରିଖରେ ୨ଟି ପାଣି ମୋଟର ଚୋରି ହୋଇଥିଲା। ଏନେଇ ସେଠୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବରପାଇ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏଏସ୍ଆଇ ଶିଶିର ମହାନ୍ତି ବୁଧେଇ ଗ୍ରାମ ଛକରେ ଚଢ଼ାଉ କରି ପ୍ରଶାନ୍ତଙ୍କୁ କାବୁ କରିଥିଲେ। ପ୍ରଶାନ୍ତଙ୍କ ବିରୋଧରେ ପୂର୍ବରୁ ନିମାପଡ଼ା ଥାନାରେ ଓ ବଳଙ୍ଗା ଥାନା ଅଞ୍ଚଳରେ ମୋଟରେ ୧୦ଟି ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ବିଭିନ୍ନ ଅପରାଧ ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘଦିନ ଧରି ଫେରାର ରହିଥିବା ଆସାମୀ (ୱାରେଣ୍ଟି)ଙ୍କୁ ଗିରଫ କରାଯିବା ଦିଗରେ ନିମାପଡ଼ା ଥାନା ପୋଲିସ ପକ୍ଷରୁ ଏବେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିବା ଏ ସର୍ବେକ୍ଷଣରୁ ଜଣାପଡ଼ିଛି।

# ପ୍ରୟାସ ସଂଗଠନର ସମ୍ପର୍କ ଯାତ୍ରା

ସାକ୍ଷୀଗୋପାଳ,୨୦।୮ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସତ୍ୟବାଦୀ ବ୍ଲକ ଶୁକଳ ଓ ଆଳିଶ ପଞ୍ଚାୟତରେ ‘ପ୍ରୟାସ’ ସଂଗଠନ ପକ୍ଷରୁ ରବିବାର ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ କାମାକ୍ଷା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଯୁବ ଓ ମୁରବି ଏହି ଯାତ୍ରାରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାରେ ଲୋକଙ୍କ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ମୌଳିକ ସୁବିଧା କୃଷି, ଜଳସେଚନ, ଜଳ ନିଷ୍କାସନ, ପାନୀୟଜଳ ଓ ବିଭିନ୍ନ ଯୋଜନା କିପରି ସେମାନଙ୍କ ନିକଟରେ ପହଞ୍ଚିବା ସହିତ ଏହାର ଦୁରୁପଯୋଗକୁ କଡ଼ାକଡ଼ି ବିରୋଧ କରିବାକୁ ଆହ୍ୱାନ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ଛାଟୋଇ, ବିଶ୍ୱଜିତ୍ ବଡ଼ଜେନା, ମେନକା ପ୍ରଧାନ, ଲକ୍ଷ୍ମଣ ବେହେରା, ପ୍ରାତୁର୍ଯ୍ୟ ହୋତା, ସୁରଥ ବେହେରା, ପ୍ରକାଶ ଆଚାର୍ଯ୍ୟ ଓ ଦିଲୀପ ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।



ବୈଠକରେ ପ୍ରୟାସ ସଂଗଠନର କର୍ମକର୍ତ୍ତା ଏବଂ ଅନ୍ୟମାନେ ।

# ପୁରୀ ଓପନ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପୁରୀ, ୨୦।୮ (ଅଜିତ ମହାନ୍ତି):

ପୁରୀ ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ରବିବାର ଓପନ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆସୋସିଏଶନ ସଭାପତି ଡ. ଶ୍ରୀନିବାସ ଆଚାର୍ଯ୍ୟ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଗୌତମ ଚୌଧୁରୀ, ଶିକ୍ଷାବିତ୍ ପ୍ରଫେସର ବିଶ୍ୱରଞ୍ଜନ ପତି ଏବଂ ସାମାଜିକ କର୍ମୀ ବଦ୍ରି ମିଶ୍ର ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ଆସୋସିଏଶନ୍ ସମ୍ପାଦକ ବିମଳ ପ୍ରସାଦ ମହାନ୍ତି ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷାର ବିକାଶ ଓ ମାନସିକ ଏକାଗ୍ରତାରେ ଚେସ୍ ଖେଳର ଉପାଦେୟତା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଟୁର୍ନାମେଣ୍ଟରେ ବିଭିନ୍ନ ଜିଲାରୁ ୧୭୦ ଜଣ ପ୍ରତିଯୋଗୀ ଭାଗନେଇଛନ୍ତି।


ପିଲାଙ୍କୁ ନେଇ ପ୍ରତିଯୋଗିତା ଚାଲିଛି ।

ମୁଖ୍ୟ ଅର୍ବିଟ୍ରାର ରୂପେ ଜ୍ୟୋତି ପ୍ରକାଶ ନନ୍ଦ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ଶ୍ୟାମଳ କୁଣ୍ଡୁ ଏବଂ ଅଶୋକ କୁମାର ଶତପଥୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରୁଛନ୍ତି। ଅଗଷ୍ଟ ୨୯ରେ ଏକ ସ୍ୱତନ୍ତ୍ର ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ସଫଳ ପ୍ରତିଯୋଗୀମାନଙ୍କୁ ୧୫ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଆସୋସିଏଶନ୍ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ୪୨ମୌଜା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ

କଟକ ସଦର,୨୦।୮
(ସୁଶାନ୍ତ କୁମାର ଜେନା)

୪୨ମୌଜା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ କଳପଡ଼ାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଡ୍‌ଭୋକେଟ୍ କେଶବ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ମୁଖ୍ୟ ବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ପ୍ରକାଶକ ଦୁର୍ଗାଚରଣ ଷଡ଼ଙ୍ଗୀ, ଗାଳ୍ପିକ କ୍ଷୀରୋଦ କୁମାର ଦାସ, ସଂଳାପ ଲେଖକ ଚନ୍ଦ୍ରକାନ୍ତ ପଣ୍ଡା, ଡ. ଅଭୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ଚିତ୍ତରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦିକା ବନପ୍ରଭା ପରିଡ଼ା ବିବରଣୀ ପାଠ କରିଥିଲେ। କବି ବିଳାସ ଚନ୍ଦ୍ର ବେହେରାଙ୍କ ରଚିତ ପୁସ୍ତକ 'ଜୀବନ ଚମ୍ପୂ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କବି ସୁଦାମ ଚରଣ ବେହେରା, ଅଶୋକ କୁମାର ପତି, କବୟିତ୍ରୀ ଜ୍ୟୋସ୍ନାରାଣୀ ଦାଶ, ଲେଖକ ହର୍ଷବର୍ଦ୍ଧନ ପତି, ଡ. ପ୍ରବୀଣା ପ୍ରିୟଦର୍ଶିନୀ ବେହେରା, ଡ. ସସ୍ମିତା ଭୋଇ, ନାଟ୍ୟ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଅଭୟ କୁମାର ରାଉତ ଏବଂ ଡ. ସେକ୍ କଲିମୁଲା ଉପସ୍ଥିତ ଥିଲେ। ବିଶିଷ୍ଟ ଗାଳ୍ପିକ କ୍ଷୀରୋଦ କୁମାର ଦାସ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। କବି ଜୟନ୍ତୀ ପତି କାର୍ଯ୍ୟକ୍ରମ ସଂଯୋଜନା ଓ ନାଟ୍ୟକାର ସନ୍ତୋଷ କୁମାର ପତି ଧନ୍ୟବାଦ ଦେଇଥିଲେ।

### ସମ୍ଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

କଟକ ସଦର,୨୦।୮
(ସୁଶାନ୍ତ କୁମାର ଜେନା)

ଓଡ଼ିଶା ଶିକ୍ଷା ବିକାଶ ସମିତି ଦ୍ୱାରା ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ବିଭାଗ ଓ ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଏବଂ ପ୍ରଶ୍ନମଞ୍ଚ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତିର କଟକ ଜିଲା ପ୍ରମୁଖ ଭାସ୍କର ଚନ୍ଦ୍ର ସାହୁ ଯୋଗଦେଇ ଶିଶୁମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଲଳିତେନ୍ଦୁ କାନୁନ୍‌ଗୋ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଢ଼ୀ ଓ ନୂଆବଜାର ସଙ୍କୁଳ ପ୍ରମୁଖ ଅକ୍ଷୟ କୁମାର ମହାନ୍ତି ଉପସ୍ଥିତ ଥିଲେ। କଟକ ଜିଲା ସହ ବିଭାଗ ନିରୀକ୍ଷକ ସୁବ୍ରତ ମୁଖାର୍ଜୀ ଉକ୍ତ କାର୍ଯ୍ୟକ୍ରମର ବୃତ୍ତ କଥନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ସ୍ୱାଗତ ଭାଷଣ ଓ କଟକ ବିଭାଗର ନିରୀକ୍ଷକ ରାହାସ ବିହାରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବିଭାଗ ଓ ସମ୍ଭାଗସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରାଙ୍କ ସମେତ ସମସ୍ତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗୀତି କବିତାରେ ରସସିକ୍ତ ହେଉ ପଲ୍ଲୀଜୀବନ'

କଟକ,୨୦।୮(କାର୍ତ୍ତିକ ସାହୁ)

ହୃଦୟର ଝଙ୍କୃତ ସ୍ୱର ହିଁ ଗୀତି କବିତାର ପରିପ୍ରକାଶ। କବିଙ୍କ ଲେଖନୀ ଦ୍ୱାରା ଗୀତି କବିତାରେ ରସସିକ୍ତ ହେଉ ପଲ୍ଲୀ ଜୀବନ। ଗୀତିକବିମାନେ ମାନବବାଦୀ କବିତା ଲେଖି ଜନଜୀବନକୁ ମାଧୁର୍ଯ୍ୟରେ ଭରିଦିଅନ୍ତୁ। ଓଡ଼ିଆ ଗୀତି କବିତା ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ଗୀତି କବିତା ଆସରକୁ ଉଦ୍‌ଘାଟନ କରି ସାହିତ୍ୟିକ ପ୍ରଫେସର ଡ. ମହେଶ୍ୱର ମହାନ୍ତି ଏହି ମତବ୍ୟକ୍ତ କରିଛନ୍ତି।

ଅନୁଷ୍ଠାନର ସଭାପତି ଗୌର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରି ମଣିଷର ଆବେଗ ଓ ଭାଷା ହିଁ ଗୀତି କବିତାର ଅନ୍ୟତମ ନିଦର୍ଶନ ବୋଲି ମତବ୍ୟକ୍ତ କରିଥିଲେ। ଆଦିକବି ସାରଳା



ଅତିଥିମାନେ ଆଦିକବି ସାରଳା ଦାସଙ୍କ ଫଟୋଚିତ୍ର ଉନ୍ମୋଚନ କରୁଛନ୍ତି।

ଦାସଙ୍କ ପ୍ରତିକୃତି ପ୍ରତ୍ୟେକ ଓଡ଼ିଆଙ୍କ ମାନସପଟରେ ଉଦ୍‌ଜୀବିତ କରିବା ଲକ୍ଷ୍ୟ ନେଇ 'ପ୍ରଣାମ ଓଡ଼ିଆ ଭାଷା ସାହିତ୍ୟର ଆଦିକବି' ପ୍ରସଙ୍ଗରେ ଆଦିକବିଙ୍କ ଫଟୋଚିତ୍ରକୁ ଉନ୍ମୋଚନ କରାଯାଇଥିଲା। ପୀତାମ୍ବର ମିଶ୍ର ସ୍ୱାଗତ ଭାଷଣ, ସମ୍ପାଦକ ପ୍ରେମଚାନ୍ଦ ମହାନ୍ତି ବିବରଣୀ ପାଠ, ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନକୁ ଡା. ଲିଙ୍ଗରାଜ ରଥ ଉଦ୍‌ଘାଟନ କରି କରିଥିଲେ। ଏହି ଅବସରରେ ସେ

#### ରାଜ୍ୟସ୍ତରୀୟ ଗୀତି କବିତା ଆସର ଓ ଆଲୋଚନାଚକ୍ର

କହିଥିଲେ, ମାନବ ସେବା ଓ ସାହିତ୍ୟ ସେବା ଗୋଟିଏ ସରଳରେଖାର ଦୁଇଟି ବିନ୍ଦୁ। ତେଣୁ ଉଭୟ ସେବାରେ ଆତ୍ମତୃପ୍ତି ଓ ପରମ ସାନ୍ନିଧ୍ୟ ମିଳେ ବୋଲି ସେ ମତବ୍ୟକ୍ତ କରିଥିଲେ। ଚମକ ଚାନ୍ଦିନୀ ଦାଶ, ସନ୍ଧ୍ୟାରାଣୀ ମିତ୍ର ଓ ଶିବାନନ୍ଦ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ସୁବର୍ଣ୍ଣପୁର ଜିଲାରୁ କୈବଲ୍ୟ ମିଶ୍ର, ଝାରସୁଗୁଡ଼ା ଜିଲାରୁ ପ୍ରେମ୍ ସାଗର ଦାଶ, ଇସ୍ରୋର ଅବସରପ୍ରାପ୍ତ ବୈଜ୍ଞାନିକ କାର୍ତ୍ତିକ ସ୍ୱାଇଁ, ବୃନ୍ଦାବନ ଜେନା, ଲକ୍ଷ୍ମୀନାରାୟଣ ମହାନ୍ତି, ବସନ୍ତ ଦାସ, ମନୋଜ ମହାନ୍ତି ପ୍ରମୁଖ ସ୍ୱରଚିତ ଗୀତି କବିତା ପାଠ କରିଥିଲେ।

# 'ରାଷ୍ଟ୍ରର ବିକାଶରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'


ଆଲୋଚନାଚକ୍ରରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

ଫୁଲନଖରା,୨୦।୮
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ତ୍ରିନାଥ ବଜାର ନିକଟ ବିଦୁଲତା ମଣ୍ଡପଠାରେ 'ଶିକ୍ଷା ଓ ଶିକ୍ଷକ: କାଲି ଏବଂ ଆଜି' ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ରାଷ୍ଟ୍ରର ବିକାଶରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ପ୍ରମୋଦ କୁମାର ପରିଡ଼ା ଉପସ୍ଥିତ ଥିଲେ।

#### ଶିକ୍ଷା ଓ ଶିକ୍ଷକ: କାଲି ଏବଂ ଆଜି ଶୀର୍ଷକ ଆଲୋଚନାଚକ୍ର

ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ସଂସଦ ସଭାପତି ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ, ସମ୍ପାଦକ ଲିଙ୍ଗରାଜ ମହାନ୍ତି, ସଞ୍ଜୟ ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶିକ୍ଷକ ତଥା ସାହିତ୍ୟିକ ଜଫର ଅକ୍‌ବରୀ, ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ, ସାମାଜିକ କର୍ମୀ ଉପେନ୍ଦ୍ର ବେଉରା, ଛାତ୍ରୀ ସୁଶ୍ରୀ ସୁଇଟି ପୃଷ୍ଟି ଓ ଛାତ୍ର ପ୍ରଭାସ କୁମାର ସାହୁଙ୍କୁ କୃଷ୍ଣାୟନ-୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ।

# 'ଆଇନଜୀବୀଙ୍କ ଆଶା ପୂରଣ କରିବ ପରିଷଦ'



ସମ୍ବର୍ଦ୍ଧିତ ହୋଇଥିବା ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟମାନେ।

କଟକ,୨୦।୮(କାର୍ତ୍ତିକ ସାହୁ)

#### ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ୍ ପକ୍ଷରୁ ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚିତ ୨୫ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ବ୍ରହ୍ମପୁରରୁ ପୀତବାସ ପଣ୍ଡା, ସଞ୍ଜିତ୍ କୁମାର ପାଣିଗ୍ରାହୀ, ଯାଜପୁରରୁ ରାଜୀବ କୁମାର ମହାନ୍ତି, ବରଗଡ଼ରୁ ଦେବଦତ୍ତ ମିଶ୍ର, କେନ୍ଦୁଝରରୁ ଗିରିଜା ଶଙ୍କର ମିଶ୍ର, ପୁରୀରୁ ଗିରିଧାରୀ ମହାପାତ୍ର, ସମ୍ବଲପୁରରୁ ଲକ୍ଷ୍ମୀନାରାୟଣ ପଟେଲ, କୋରାପୁଟରୁ ପି. ରମେଶ ପାତ୍ର, ବାଲେଶ୍ୱରରୁ ନୃସିଂହ ଚରଣ ନାୟକ, ଭୁବନେଶ୍ୱରରୁ ସୀତାଂଶୁ ମୋହନ ଦ୍ୱିବେଦୀ, ଭକ୍ତଭୂଷଣ ବାରିକ, ଆତ୍ମପ୍ରକାଶ ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟ, ତପନ କୁମାର ବିଶ୍ୱାଳ। ସେହିପରି କଟକରୁ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ଧଳ, ବିଭୁପ୍ରସାଦ ଦାସ, ଅକ୍ଷୟ କୁମାର ପତି, ସୌରଚନ୍ଦ୍ର ମହାପାତ୍ର, ଅରୂପାନନ୍ଦ ଦାସ, ଦୀନେଶ ଚନ୍ଦ୍ର ରାୟ, ପ୍ରସନ୍ନ କୁମାର ପାଢ଼ୀ, ମାନସ କୁମାର ଚାନ୍ଦ, ବିଭୁପ୍ରସାଦ ତ୍ରିପାଠୀ ଓ ଧନଞ୍ଜୟ ମୁଣ୍ଡ। କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସଭାପତି ଧ୍ରୁବଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଯୋଗଦେଇ ନୂତନ ପରିଷଦ ଆଇନଜୀବୀଙ୍କ ଆଶା ପୂରଣ କରିବ ବୋଲି କହିଥିଲେ। ନୂତନ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର ଅଭିଜ୍ଞ ଓ ନୂଆ ସଦସ୍ୟମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କହିଥିଲେ। ସଭ୍ୟ ସୀତାଂଶୁ ଦ୍ୱିବେଦୀ ବିଭିନ୍ନ ସମସ୍ୟା ସମାଧାନରେ ତ୍ୱରିତ ନିଷ୍ପତ୍ତି ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ।

ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ଉପସଭାପତି ତପନ କୁମାର ବେହେରା, ସମ୍ପାଦକ ସ୍ମୃତିରଞ୍ଜନ ରାଉତ, କଟକ ବାର୍ ଆସୋସିଏଶନ ସଭାପତି ଚୌଧୁରୀ ପି.କେ. ମିଶ୍ର, ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ା, କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ସଭାପତି ଅରୁଣ କୁମାର ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ନୂତନ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁଗ୍ମ ସମ୍ପାଦକ ହରିପ୍ରସାଦ ଓଝାଙ୍କ ତତ୍ତ୍ୱାବଧାନରେ କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ, ପାଠାଗାର ସମ୍ପାଦିକା ମମତା ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ରାଜେନ୍ଦ୍ର କୁମାର ଦାଶ, ନିରଞ୍ଜନ ବେହେରା, ମହେନ୍ଦ୍ର ସୁବୁଦ୍ଧି, ସଂଗ୍ରାମ ଦାସ, ଦେବଶ୍ରୀ ପରିଡ଼ା, ନୀଳାଦ୍ରି ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭ୍ୟ ତାପସ କୁମାର ମହାନ୍ତି ଓ ଜଗନ୍ନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭୋଟର ସଚେତନତା କର୍ମଶାଳା

କଟକ,୨୦।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ନଗର ଭାଜପା ପକ୍ଷରୁ ଥୋରିଆ ସାହିସ୍ଥିତ ମୋହନ ମଣ୍ଡପରେ ଭୋଟର ସଚେତନତା କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ସଭାପତି ଲଲାଟେନ୍ଦୁ ବଡୁ ଅଧ୍ୟକ୍ଷତା କରି ଭୋଟର ତାଲିକାରେ ତ୍ରୁଟି ସଂଶୋଧନ, ନୂତନ ଭୋଟର ଯୋଡ଼ିବା ସମେତ ଅନ୍ୟ ବିଷୟରେ ବୁଝାଇଥିଲେ। ଚଳିତ ମାସ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ପ୍ରତି ୱାର୍ଡରେ ହେବାକୁଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଷୟ ବଡୁ କହିଥିଲେ। ଜିଲା ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ମିଶ୍ର କର୍ମଶାଳା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲୋକ ସଭା ବିସ୍ତାରକ ମୃତ୍ୟୁଞ୍ଜୟ ଜେନା, ଚିତ୍ତରଞ୍ଜନ ଦାସ, ସ୍ୱରଜିତ୍ ମହାନ୍ତି, ସିକନ୍ଦର ଅଲ୍ଲୀ, ସୁଜାତା ମହାନ୍ତି, ପ୍ରବୀଣା ମହାପାତ୍ର, ସୁଶାନ୍ତ ମହାନ୍ତି, ହରିଚନ୍ଦନ ନାୟକ, ମହମ୍ମଦ ସବୀର, ରତନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଟକର ୨୫ ଦିଗଭାଗ ମହନ୍ତ ଦୁଃଶାସନ ସାହୁ, ଓଡ଼ିଶା ହାବିଲଦାର ମହାସଂଘର ପୂର୍ବ ରାଜ୍ୟ ସଭାପତି ବାଉରୀବନ୍ଧୁ ପାଇକରାୟ ଏବଂ ବିଜେଡିରୁ ଇସ୍ତଫା ଦେଇଥିବା ଗଙ୍ଗାଧର ସାହୁ ତାଙ୍କ ସମର୍ଥକଙ୍କ ସହିତ ଭାଜପାରେ ସାମିଲ ହୋଇଥିଲେ।

# ବାଲିଘାଟରେ ଗଣ୍ଡଗୋଳ ଘଟଣା: ଅଭିଯୁକ୍ତ ଗିରଫ

କଟକ ସଦର,୨୦।୮
(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ମହାନଦୀ କାଳିକାପୁର ବାଲିଘାଟ ଗଣ୍ଡଗୋଳ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ବାରବୋଡ଼ିଆ ଅଞ୍ଚଳର ମନୋଜ କୁମାର ବେହେରା(୪୩)। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ଦାଦାବଟିକୁ କେନ୍ଦ୍ରକରି ବାଲିଘାଟ ନିଲାମଧାରୀଙ୍କ ସହ ଅଭିଯୁକ୍ତ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ସହ ମାର୍‌ପିଟ୍ ହୋଇଥିଲା। ଏ ନେଇ ବାଲିଘାଟ ସୁପରଭାଇଜର ଜ୍ୟୋତିରଞ୍ଜନ ବାରିକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୮/୨୩)ରୁଜୁକରିଥିଲା।

# ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

କଟକ,୨୦।୮ (କାର୍ତ୍ତିକ ସାହୁ)

ମୋକିମ ଫାଉଣ୍ଡେଶନ ପକ୍ଷରୁ କଟକ ମାନସିଂପାଟଣା ହାଇସ୍କୁଲଠାରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଟ୍ରଷ୍ଟି ତଥା ସାମାଜିକ କର୍ମୀ ମହମ୍ମଦ ଅଲିମଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଏଥିରେ ମାନସିଂପାଟଣା, ଅଲିଶା ବଜାର, ସିଦ୍ଧେଶ୍ୱର ସାହି, କାଫଲା ବଜାର, ସାଇଦାନୀ ବଗିଚା ଆଦି ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ଦିଆଯାଇଥିଲା। ଡା. ମାନସୀ ପାଣିଗ୍ରାହୀ, ଡା. ଶ୍ୱେତପ୍ରଜ୍ଞା ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଗାମୀ ଦିନରେ ମୋକିମ ଫାଉଣ୍ଡେଶନ ପକ୍ଷରୁ ଏଭଳି ଶିବିର ସହରର ବିଭିନ୍ନ ସାହି ବସ୍ତିରେ କରାଯିବ ବୋଲି ମହମ୍ମଦ ଅଲିମ କହିଛନ୍ତି। ଅଶ୍ୱିନୀ ମହାରଣା, ସୌରଭ ପଣ୍ଡା, ରୌପ୍ୟ ରଞ୍ଜନ ମହାପାତ୍ର, ବିକ୍ରମ ସାମଲ, ବିକ୍ରମ ବିଶ୍ୱାଳ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବୈଦିକ ବ୍ରାହ୍ମଣ ସମିତିର ବାର୍ଷିକ ଉତ୍ସବ

ଚୌଦ୍ୱାର,୨୦।୮(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବୈଦିକ ବ୍ରାହ୍ମଣ ସମିତିର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ୍ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମାଜ ସଭାପତି ବିଭୁଦେନ୍ଦୁ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗଦେଇ କହିଥିଲେ, ବ୍ରାହ୍ମଣମାନେ ନୈତିକତା ବଜାୟ ରଖି କାର୍ଯ୍ୟ କରନ୍ତୁ। ଏଥିସହ ସେମାନେ ଦେଶର ବିକାଶ ଓ ସୁସ୍ଥ ସମାଜ ଗଠନରେ ସାମିଲ ହେବା ନିମନ୍ତେ ସ୍ୱାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ମଧୁସ୍ମିତା ସେଠୀ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଜେଡି ନେତା ସେକ୍ ସାହାଜାନ୍ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଦିଲୀପ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଙ୍ଗଠନର ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯିବା ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସମାଜର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ହୋତା, ବ୍ରଜବନ୍ଧୁ କର, ପବିତ୍ର ମୋହନ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ସୁଶୀଲ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

# ରାଖୀ ତିଆରି କରି ସ୍ୱାବଲମ୍ବୀ ଏମ୍‌ବିଏ ଛାତ୍ରୀ ସସ୍ମିତା

କଟକ,୨୦।୮(ସୁପ୍ରିୟା ପ୍ରିୟଦର୍ଶିନୀ)

- ଇନ୍‌ଷ୍ଟାଗ୍ରାମ୍‌ରେ ଚାଲିଛି ବ୍ୟବସାୟ
- ବାହାର ରାଜ୍ୟରେ ବେଶ୍ ଚାହିଦା

ଆସନ୍ତା ୩୦ ତାରିଖରେ ରକ୍ଷାବନ୍ଧନ। ଏଥିପାଇଁ ସହରର ବିଭିନ୍ନ ସ୍ଥାନରେ ରାଖୀ ବିକ୍ରି ଆରମ୍ଭ ହୋଇଗଲାଣି। ଇତିମଧ୍ୟରେ କଟକ ବାଦାମବାଡ଼ି ଖୁଣ୍ଟିଆ ଲେନ୍‌ର ସସ୍ମିତା ପାତ୍ର ବିଭିନ୍ନ ଡିଜାଇନ୍‌ର ରାଖୀ ତିଆରି କରି ଅନ୍‌ଲାଇନ୍‌ରେ ବ୍ୟବସାୟ କରୁଛନ୍ତି। ଏବେ ସେ ଏମ୍‌ବିଏ ପଢ଼ିବା ସହ କମ୍ପିଟେଟିଭ






ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ହେଲେ ଏହାରି ଭିତରେ ସେ ରାଖୀ ବ୍ୟବସାୟରେ ଲାଗିପଡିଛନ୍ତି। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ସମେତ ଓଡ଼ିଶାର ବିଭିନ୍ନ ଜିଲାରୁ ତାଙ୍କ ପାଖକୁ ଅର୍ଡର ଆସୁଛି। ବିଶେଷକରି ଅନ୍ୟ ରାଜ୍ୟରେ ଏହି ରାଖୀର ବେଶ୍ ଚାହିଦା ରହିଛି। ଏହି କାରବାର ସେ ତାଙ୍କର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ହାଣ୍ଡ୍ ମେଡ୍ କ୍ରାଫ୍ଟ ଜରିଆରେ ଚଳାଇଛନ୍ତି। ୨୦୧୮ରେ ସସ୍ମିତା ଅନ୍‌ଲାଇନ୍‌ରେ ଏହି ବ୍ୟବସାୟ ଆରମ୍ଭ କରିଥିଲେ। ପର୍ଲ, ଷ୍ଟୋନ୍, ସୂତା, ରେଜନ, ପ୍ଲାଷ୍ଟିକ୍ ଫୁଲ, କାର୍ଡ ବୋର୍ଡ, କାଗଜ, ଅଠା ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ସେ ବିଭିନ୍ନ ପ୍ରକାର ରାଖୀ ଅର୍ଡର ଅନୁଯାୟୀ ପ୍ରସ୍ତୁତ କରୁଛନ୍ତି। ୬୦ରୁ ଆରମ୍ଭ କରି ୧୦୦୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ରାଖୀର ଦାମ୍ ରହିଛି। କୋରିୟର ଖର୍ଚ୍ଚ ବା ଡେଲିଭରି ଚାର୍ଜ ଅଲଗା ଦେଉଛନ୍ତି ଗ୍ରାହକ। ଅନ୍ୟମାନଙ୍କ ମନରେ ଖୁସି ଆଣିବା ସହ ନିଜେ ସ୍ୱାବଲମ୍ବୀ ହୋଇପାରିଥିବାରୁ ବେଶ୍ ଖୁସି ବୋଲି ସସ୍ମିତା କହିଛନ୍ତି।

# 'ଓଡ଼ିଆ ଜନଜୀବନର ସଫଳ ରୂପକାର ଥିଲେ ଗୋପୀନାଥ'

କଟକ,୨୦।୮(କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ କଟକ ସାରଳା ଭବନରେ ରବିବାର ପାଳିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ଓଡ଼ିଆ ସାହିତ୍ୟରେ ପ୍ରଥମଥର ପାଇଁ ଗୋପୀନାଥଙ୍କ ଲେଖନୀରେ ଶାନ୍ତ, ସରଳ, ନିରୀହ ଆଦିବାସୀଙ୍କ ଜୀବନଗାଥା ରୂପାୟିତ ହୋଇଛି। ତାଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ଭାରତୀୟ ସାହିତ୍ୟରେ ଏକ ଅନବଦ୍ୟ କୃତି। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ସାରଳା ଦାସ, ଜଗନ୍ନାଥ ଦାସ ଓ ଫକୀର ମୋହନଙ୍କ ପରେ ଓଡ଼ିଆ ଜନଜୀବନର ସଫଳ ରୂପକାର ଥିଲେ ଗୋପୀନାଥ ମହାନ୍ତି। ତାଙ୍କ



କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବରେ ଅତିଥି ଓ ଅନ୍ୟମାନେ।

ଉପନ୍ୟାସ 'ମାଟିମଟାଳ' ଓ 'ପରଜା' ଭାରତୀୟ ସାହିତ୍ୟରେ ଅନନ୍ୟ କୃତି। ସେହିପରି ମୁଖ୍ୟ ଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ କହିଥିଲେ, ସର୍ବଭାରତୀୟ ସ୍ତରରେ ଜ୍ଞାନପୀଠ ପୁରସ୍କାର ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାରେ ଗୋପୀନାଥ ପ୍ରଥମ ଓଡ଼ିଆ। ସେ ବିଶ୍ୱର ଜଣେ ଶ୍ରେଷ୍ଠ ମାନବବାଦୀ ଲେଖକ ଥିଲେ। ମୁଖ୍ୟ ବକ୍ତା ଡ. ସୁନାମଣି ରାଉତ କହିଥିଲେ, ଗୋପୀନାଥଙ୍କ ସାହିତ୍ୟକୃତି ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଛି। ସମ୍ମାନିତ ଅତିଥି ପ୍ରାଧ୍ୟାପକ ତରୁଣ କୁମାର ସାହୁ ନୃତାତ୍ତ୍ୱିକ, ସମାଜତାତ୍ତ୍ୱିକ ଓ ଜନଜାତିର ସାଂସ୍କୃତିକ ଗବେଷକ ରୂପେ ଗୋପୀନାଥଙ୍କୁ ଅଭିହିତ କରିଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଗୋପୀନାଥ ମହାନ୍ତିଙ୍କ ପୁତ୍ର ପ୍ରଫେସର ଓଁକାର ନାଥ ମହାନ୍ତି, ଅମୃତ ନାଥ ମହାନ୍ତି, ପୁତ୍ରବଧୂ ନିବେଦିତା ମହାନ୍ତି, ଅନୁଜା ମହାନ୍ତି, କବି ପ୍ରସନ୍ନ ଜେନା, ଡା. ନିମାଇଁ ଚରଣ ପରିଜା, ଡା. ସୁଦର୍ଶନ ପଟ୍ଟନାୟକ, ସିଡିଏ ଡିଏଭି ସ୍କୁଲ ଅଧ୍ୟକ୍ଷା ନମିତା ମହାନ୍ତି, ସଞ୍ଜୁକ୍ତା ମହାନ୍ତି, ଗାଳ୍ପିକା ସୋହାଗିନୀ ବେହେରା, ଡ. କଳ୍ପନା ମଲ୍ଲିକ, କୈଳାସ ଚନ୍ଦ୍ର ଦଳାଇ, ଇଂ. ସୁଶାନ୍ତ ସେଠୀ, ଅଧ୍ୟାପକ ଗୋପୀନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଭୁପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ଫଟୋଗ୍ରାଫି ଦିବସ

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)

ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ଠାରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଫଟୋଗ୍ରାଫର ଦେବାଶିଷ ଚାଟାର୍ଜୀଙ୍କ ସହିତ 'କ୍ୟାମେରା ଏବଂ ଏହାର ଯାତ୍ରା' ଶୀର୍ଷକ ଏକ ଇଣ୍ଟରାକ୍ଟିଭ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫଟୋଗ୍ରାଫି ପଛରେ ଥିବା ବିଜ୍ଞାନ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇବା ପାଇଁ ଏମ୍/ଏସ୍ କାନନ ଇଣ୍ଡିଆ ପ୍ରାଇଭେଟ ଇଣ୍ଡିଆ ଲିମିଟେଡ ଭୁବନେଶ୍ୱରର ବିଶେଷଜ୍ଞଦଳ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିବା ସହ ବିଭନ୍ନ କୌଶଳ ଶିଖାଇଥିଲେ। ଏହି ଅବସରରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଓ ୩ଜେନ ପ୍ରଡକ୍ସନ ହାଉସର ମିଳିତ ସହଯୋଗରେ 'କ୍ୟାମେରା: ପ୍ରାଚୀନତାରୁ ଆଧୁନିକତା' ଶୀର୍ଷକ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୧୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏମାନେ ଫଟୋଗ୍ରାଫିର ବୈଷୟିକ ଦିଗ, ଯନ୍ତ୍ରପାତିର ଅଗ୍ରଗତି ଏବଂ ଫଟୋ ଉଠାଇବାର ବିଭିନ୍ନ କୌଶଳ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରକଳ୍ପ ସଂଯୋଜକ କପିଳ ଜୈନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ରାଜୀବ ଗାନ୍ଧୀଙ୍କ ଶାସନକାଳ ବିକାଶର ସୁବର୍ଣ୍ଣ ଯୁଗ ଥିଲା

ଭୁବନେଶ୍ୱର,୨୦।୮(ଅନୁରାଧା ମହାରଣା): ଭାରତ ରତ୍ନ ରାଜୀବ ଗାନ୍ଧିଙ୍କର ୭୯ତମ ଜନ୍ମଦିନ ଅବସରରେ ରବିବାର ରାଜୀବ ସେନା ଓଡିଶା ପକ୍ଷରୁ 'ରାଜୀବଙ୍କ ଦେଶପାଇଁ ଅବଦାନ' ଶୀର୍ଷକ ଏକ ଆଲୋଚନାଚକ୍ର ଲୋହିଆ ଏକାଡ଼େମୀରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ଭାରତବର୍ଷକୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ଆଗୁଆ କରିବାରେ ତଥା ସବୁକ୍ଷେତ୍ରରେ ଦେଶକୁ ଆଗେଇନେବା ରାଜୀବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ରାଜୀବଙ୍କ ଶାସନକାଳ ବିକାଶର ସୁବର୍ଣ୍ଣ ଯୁଗ ଥିଲା ବୋଲି ସେ କହିଛନ୍ତି। ପୂର୍ବତନ ବିଧାୟକ ତଥା ରାଜୀବ ସେନା ଓଡିଶାର ସଭାପତି ଡ. ଦେବାଶିଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ରଜୀବଙ୍କ ଦେଶପ୍ରତି ଭଲପାଇବା ଓ କର୍ତ୍ତବ୍ୟ ପରାୟଣତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଗଣେଶର ବେହେରା ରାଜୀବଙ୍କ ସମୟର ବହୁ କାର୍ଯ୍ୟକ୍ରମ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ରବିଦାସ ରାଜୀବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କେତେଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ରାଜୀବ ସେନାର ସମ୍ପାଦକ ସୌମିତ୍ର କର ଧନ୍ୟବାଦ ଅର୍ପଣ କରିଥିଲେ।

# ଠିକ୍ ଭାବେ ଆବର୍ଜନା ପରିଚାଳନା କରିପାରୁନି ବିଏମ୍‌ସି

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)



ବଡଗଡ଼ ରାସ୍ତା ପାର୍ଶ୍ୱରେ ବିସ୍ତୃତ ଭାବେ ପଡିରହିଥିବା ଅଳିଆ।




ନୟାପଲ୍ଲୀର ରାସ୍ତା ଉପରେ ପଡିରହିଥିବା ଆବର୍ଜନା।

ସହରକୁ ସ୍ୱଚ୍ଛ ଓ ସୁନ୍ଦର କିରବା ପାଇଁ ପାଇଁ ବିଏମ୍‌ସି ବିଭିନ୍ନ ଯୋଜନା ହାତକୁ ନେଉଥିବାବେଳେ ନୂଆ ନୂଆ ଉପାୟ ଅବଲମ୍ବନ କରୁଛି। ଘନ ଘନ ବୈଠକ, କ୍ଷେତ୍ର ପରିଦର୍ଶନରେ ବ୍ୟସ୍ତ ରହୁଛନ୍ତି ଅଧିକାରୀ। ଟୁଇଟ୍ ପରେ ଟୁଇଟ୍ କରି କେଉଁଠୁ ଅଳିଆ ସଫା ହେଲା, କେଉଁଠାରୁ ଜରିମାନା ଆଦାୟ ହେଲା ସେ ନେଇ ସୂଚନା ଦେଉଛନ୍ତି। ବିଏମ୍‌ସି ନିଜ ପ୍ରଶଂସାରେ ବ୍ୟସ୍ତ ଥିବାବେଳେ ବାସ୍ତବରେ ସହରର ସ୍ଥିତି ବିଗିଡିବାରେ ଲାଗିଛି। ଏମିତି କୌଣସି ୱାର୍ଡ ନାହିଁ ଯେଉଁଠାରେ ଶତପ୍ରତିଶତ ଅଳିଆ ଉଠୁଛି। କେବଳ ଜନସାଧାରଣ ନୁହନ୍ତି, ଏହାକୁ ନେଇ କର୍ପୋରେଟରମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରସାରା ଯୁଆଡେ ଦେଖିବ କେବଳ ଅଳିଆ ଗଦା ହୋଇ ରହିଛି। କହିବାକୁ ଗଲେ ଆବର୍ଜନା ପରିଚାଳନାରେ ବିଏମ୍‌ସି ଫେଲ୍ ମାରିଛି। ସଫେଇ ପାଇଁ ପ୍ରତି ମାସରେ ବିଏମ୍‌ସି ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ସହରର ଚାରିଆଡେ ଆବର୍ଜନାର ପାହାଡ ବିଏମ୍‌ସିର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରତ୍ୟେକ ଦିନ ଘରୁ ଅଳିଆ ଉଠୁ ନଥିବାରୁ ସହରବାସୀ ପୁଣି ରାସ୍ତାରେ ଅଳିଆ ଫିଙ୍ଗା ଆରମ୍ଭ କରିଛନ୍ତି। ରାସ୍ତାକଡ଼, ଗଳିମୁଣ୍ଡ ଛକ, ଡ୍ରେନ୍ କଡ ଆଦି ସ୍ଥାନରେ ଅଳିଆ ଫୋପାଡ଼ି ଦେଉଛନ୍ତି। ରାସ୍ତାକଡ଼ରେ କୁଢ କୁଢ ଅଳିଆ ଗଦା ହୋଇ ରହୁଥିବାବେଳେ ସେହି ରାସ୍ତାଦେଇ ଯାତାୟତ କରିବା କଷ୍ଟକର ହୋଇ ପଡୁଛି। ଏପରିକି ଘଟଣା ସମ୍ପର୍କରେ ସ୍ଥାନୀୟ

## ସହରରୁ ଶତପ୍ରତିଶତ ଅଳିଆ ଉଠୁନି

ବାସିନ୍ଦାମାନେ ଟୁଇଟ୍ କରି ଅଭିଯୋଗ କଲେ ମଧ୍ୟ ବିଏମ୍‌ସି କିଛି ନ ଜାଣିବା ପରି ଚୁପ୍ ବସିଛି। ପୂର୍ବରୁ ଡଷ୍ଟବିନ୍ ରହୁଥିବା ସ୍ଥାନରେ କିଛି ଲୋକ ଆଣି ଅଳିଆ ପକାଇ ଦେଉଥିଲେ। ମାତ୍ର ସହରକୁ ଡଷ୍ଟବିନ୍‌ମୁକ୍ତ କରିବା ପରେ ଯିଏ ଯେଉଁଠି ପାରୁଛି ଲୁଚିଛପି ଅଳିଆ ପକାଉଛନ୍ତି। ସହରର କେଉଁ ସ୍ଥାନରେ ଅଳିଆ ଗଦା ହେଉଛି, କାହିଁକି ଅଳିଆ ପଡ଼ି ରହୁଛି, କିଏ ଫିଙ୍ଗୁଛି ଏହାର ତଦାରଖ କରିବାକୁ ସାନିଟାରୀ ଇନ୍ସପେକ୍ଟର ଓ ସ୍ୱଚ୍ଛସାଥୀଙ୍କୁ ବିଏମସି ନିୟୋଜିତ କରିଛି। ମାତ୍ର ଏମାନେ ଠିକ୍ ଭାବେ ତଦାରଖ କରୁ ନ ଥିବାରୁ ଲୋକମାନେ ମନଇଛା ଅଳିଆ ଗଦା କରୁଛନ୍ତି। ଏପରିକି ଓଭରବ୍ରିଜ୍ ଉପରେ ମଧ୍ୟ ପଲିଥିନ୍‌ରେ ଅଳିଆ ବାନ୍ଧି ଫୋପାଡ଼ି ଦେଉଛନ୍ତି। ସେହିପରି ବିଏମ୍‌ସି ଦ୍ୱାରା ସହରର ବିଭିନ୍ନ ୱାର୍ଡରେ ଥିବା କଞ୍ଜରଭେନ୍ସି ଲେନର ସଫେଇ କାର୍ଯ୍ୟ ଚାଲିଛି। ୫୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରାୟ ୭୫ କିମିର କଞ୍ଜରଭେନ୍ସି ଲେନକୁ ବିକାଶ କରାଯାଉଛି। ମାତ୍ର କେତେକ କଞ୍ଜରଭେନ୍ସି ଲେନ୍ସ ଏବେବି ବିଏମ୍‌ସିର ଦୃଷ୍ଟି ଆଢୁଆଳରେ ରହି ଯାଇଛି। କୌଣସି ସଫେଇ ହେଉ ନ ଥିବାରୁ ଏବେ ସେଠାରେ ଲୋକମାନେ ଅଳିଆ ପକାଇବା ପାଇଁ ବ୍ୟବହାର କରୁଛନ୍ତି। ଏପରିକି ଡ୍ରେନ୍ ଗୁଡିକରେ ମଧ୍ୟ ଆବର୍ଜନା ପଡି ରହୁଥିବା ଦେଖା ଯାଉଛି। ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱର ସପକ୍ଷରେ ଭୋଟ ଦେବାପାଇଁ ମେୟର ଏବଂ ବିଏମ୍‌ସି ଅଧିକାରୀ ନାଗରିକଙ୍କୁ ଅପିଲ କରୁଥିବାବେଳେ ରାଜଧାନୀର ରାସ୍ତଘାଟକୁ ଦେଖିଲେ ଏହାକୁ ସ୍ୱଚ୍ଛ ସହର ଭାବେ ବିବେଚନା କରିବା କଷ୍ଟକର ହୋଇ ପଡୁଛି।

# ସମସ୍ତଙ୍କୁ ସାର୍ବଜନୀନ ସାମାଜିକ ସୁରକ୍ଷା, ପେନସନ ଦାବି




ଅଲ୍ ଓଡ଼ିଶା ଏଲଆଇସି ପେନସନର୍ସ ଆସୋସିଏଶନ ଏବଂ ଓଡ଼ିଶା ରାଜ୍ୟ ସାଧାରଣ ବୀମା ପେନସନର୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀ।

ଭୁବନେଶ୍ୱର,୨୦।୮(ଅନୁରାଧା ମହାରଣା)

ଭାରତ ବର୍ଷର ସମସ୍ତ କ୍ଷେତ୍ର ଓ ବର୍ଗର ଶ୍ରମିକ ଓ କର୍ମଚାରୀଙ୍କୁ ସାର୍ବଜନୀନ ସାମାଜିକ ସୁରକ୍ଷା ତଥା ପେନସନ ପ୍ରଦାନ ଦାବିରେ ଏକ ରାଜ୍ୟସ୍ତରୀୟ କନଭେନସନ ରବିବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡ଼ିଶା ଏଲଆଇସି ପେନସନର୍ସ ଆସୋସିଏଶନ ଏବଂ ଓଡ଼ିଶା ରାଜ୍ୟ ସାଧାରଣ ବୀମା ପେନସନର୍ସ ଆସୋସିଏଶନ ପକ୍ଷରୁ ଦୁଇ ସଭାପତି ହୃଦାନନ୍ଦ ନନ୍ଦ ଓ ସୁଜିତ କୁମାର ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବୀମା କର୍ମଚାରୀଙ୍କ ସର୍ବଭାରତୀୟ ନେତା ଅମାନୁଲ୍ଲା ଖାଁ ଯୋଗଦେଇ କହିଲେ, ପେନସନ ପାଇବା ଅଧିକାରରୁ ଶ୍ରମିକମାନଙ୍କୁ ବଞ୍ଚିତ କରିବା ଅର୍ଥ ହେଉଛି ସାମାଜିକ ଅର୍ଥନୈତିକ ଅଧିକାରରୁ ବଞ୍ଚିତ କରିବା। ଏହି ଅବସରରେ ସର୍ବସମ୍ମତିକ୍ରମେ ଗୃହୀତ ପ୍ରସ୍ତାବରେ ସରକାରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ଉପସ୍ଥାପିତ କରାଯାଇଛି। ସମସ୍ତଙ୍କୁ ସାର୍ବଜନୀନ ସାମାଜିକ ସୁରକ୍ଷା ପେନସନ ପ୍ରଦାନ, ନୂତନ ପେନସନ ଯୋଜନା ବାତିଲ କରି ପୁରୁଣା ପେନସନ ନିୟମ ଲାଗୁ କରାଯିବା ଆଦି ଦାବି ରହିଛି। କାର୍ଯ୍ୟକ୍ରମରେ ଭାତୃପ୍ରତିମ ସଂଗଠନର ନେତୃବୃନ୍ଦଙ୍କ ସହିତ ଏଲଆଇସି କଟକ, ସମ୍ବଲପୁର, ବ୍ରହ୍ମପୁର ଓ ଭୁବନେଶ୍ୱର ମଣ୍ଡଳ ଏବଂ ରାଷ୍ଟ୍ରାୟତ୍ତ ସାଧାରଣ ବୀମାର ୩୦୦ରୁ ଅଧିକ କର୍ମଚାରୀ ଯୋଗ ଦେଇଥିଲେ।

### ଗୋପୀନାଥ ଗ୍ରାମ୍ୟ କମିଟି ପକ୍ଷରୁ ଚାରାରୋପଣ

ବାଲକାଟୀ,୨୦।୮(ମନୋଜ ମଣ୍ଡଳ)

ଗୋପୀନାଥ ଗ୍ରାମ୍ୟ କମିଟି ଗୋତଳ ଗ୍ରାମ ପକ୍ଷରୁ ରବିବାର ଟଙ୍କପାଣି ବ୍ରାହ୍ମଣ ଷଡ଼ଙ୍ଗୀ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତାର ତାରିଣୀ ମନ୍ଦିରଠାରୁ ଧନୁଆ ବ୍ରିଜ୍ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତାରେ ଚାରାରୋପଣ କରାଯାଇଛି। ସାମାଜିକ କର୍ମୀ ଶୁଭେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଓ ନିରଞ୍ଜନ ସେନାପତି ଯୋଗଦେଇ ଚାରା ରୋପଣ ପାଇଁ ଉଦ୍ୟମୀ ଯୁବକଙ୍କୁ ପ୍ରେରଣା ଯୋଗାଇଥିଲେ। ଆମ୍ବ, ଅଶ୍ୱତ୍ଥ, ଅଁଳା, ବେଲ ଆଦି ପ୍ରଜାତିର ଔଷଧଜାତୀୟ ବୃକ୍ଷର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

### ଉପନ୍ୟାସ 'ନବ ଦିଗନ୍ତ' ଉନ୍ମୋଚିତ



ପୁରୁଣା ଭୁବନେଶ୍ୱର,୨୦।୮(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଆ ଉପନ୍ୟାଶ 'ଅମଡ଼ାବାଟ'ର ଲେଖିକା ବସନ୍ତ କୁମାରୀ ପଟ୍ଟନାୟକଙ୍କ ଭଉଣୀ ଲେଖିକା ଆରତି ମହାନ୍ତିଙ୍କ ଉପନ୍ୟାସ 'ନବ ଦିଗନ୍ତ' ଉନ୍ମୋଚିତ ହୋଇଯାଇଛି। ଶ୍ରୀରାମନଗର ସ୍ଥିତ ରୁଚିକା ସାମାଜିକ ସଂସ୍ଥା କାର୍ଯ୍ୟାଳୟରେ ଉକ୍ତ ଉପନ୍ୟାସ ଉନ୍ମୋଚିତ ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ସୌରେନ୍ଦ୍ର ମୋହନ ପ୍ରହରାଜ ଅଧ୍ୟକ୍ଷତା କରିଥିଲେ। ଗାଳ୍ପିକ ଡ. ଅଜୟ ସ୍ୱାଇଁ ମୁଖ୍ୟ ଅତିଥି, ଭାଷାବିତ୍ ଦେବାଶିଷ ମହାପାତ୍ର ମୁଖ୍ୟ ବକ୍ତା, ଗାଳ୍ପିକା ସୁମିତା ବେହେରା ସମ୍ମାନିତ ଅତିଥି ଓ ହଳଧର ମଲ୍ଲିଆ ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ। ସଂଘମିତ୍ରା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ଓଡ଼ିଶାରେ ପ୍ରଥମେ ବିଷହରଣ ଚିକିତ୍ସାର ସୂତ୍ରପାତ ହୋଇଥିଲା'

ପୁରୀ,୨୦।୮(ଅଜିତ ମହାନ୍ତି)

ଓଡ଼ିଆ ବିଦ୍ୱାନମାନଙ୍କର ଭାରତ ପ୍ରତି ବିଶେଷ ଅବଦାନ ରହିଛି। ତେବେ ସେମାନେ ଯେପରି ପରିଚୟ ପାଇବା କଥା ସେପରି ପାଇନାହାନ୍ତି। ସେହି ପଣ୍ଡିତମାନଙ୍କ ତଥ୍ୟ ଓ ଅବଦାନ ସମ୍ପର୍କିତ ଏକ ପୁସ୍ତକ ରଚନା କରିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର। ଏହି ପୁସ୍ତକର ନାମ ରହିଛି 'ଓଡ଼ିଶାର ପାଣ୍ଡିତ୍ୟ ପରମ୍ପରା'। ଏ ନେଇ ଡ. ମିଶ୍ର କହିଛନ୍ତି, ୨୭ବର୍ଷ ତଳେ ସେ ପ୍ରଥମେ ୫୫ ଜଣ ବିଦ୍ୱାନଙ୍କ ଅବଦାନକୁ ନେଇ ପର୍ଯ୍ୟାୟକ୍ରମେ ୩ଟି ପୁସ୍ତିକା ପ୍ରକାଶ କରିଥିଲେ। ନାଁ ଦେଇଥିଲେ 'ପୁରୀର ପାଣ୍ଡିତ୍ୟ ପରମ୍ପରା'। ତେବେ ପରେ ମନେହେଲା ଓଡ଼ିଶାର ଅନେକ ବିଦ୍ୱାନ ଅନାଲୋଚିତ ଓ ଅବହେଳିତ ହୋଇ ରହିଯାଇଛନ୍ତି। ବିଶେଷ ଅବଦାନ ଥିବା ପଣ୍ଡିତମାନଙ୍କୁ ନେଇ ଗ୍ରନ୍ଥଟିଏ କରିବାକୁ ଡ. ମିଶ୍ର ମନ ବଳାଇଲେ। ସେ ହଜାରେ ବିଦ୍ୱାନଙ୍କୁ ନେଇ 'ଓଡ଼ିଶାର ପାଣ୍ଡିତ୍ୟ ପରମ୍ପରା' ପୁସ୍ତକ ରଚନା କଲେ। ଓଡ଼ିଶାରେ ହିଁ ବିଷହରଣ ଚିକିତ୍ସାର ସୂତ୍ରପାତ ହୋଇଥିଲା। ଲୌହଭସ୍ମ ଓ ସ୍ୱର୍ଣ୍ଣଭସ୍ମ ପ୍ରସ୍ତୁତି ପ୍ରକ୍ରିୟାରେ ପ୍ରଥମେ ଓଡ଼ିଆ ପଣ୍ଡିତମାନେ ସଫଳତା ପାଇଥିଲେ। ଓଡ଼ିଶାର କୃଷି ବିଜ୍ଞାନ ଉପରେ ସଂସ୍କୃତରେ ପ୍ରଥମେ 'କୃଷି ପରାଶର' ନାମକ ଗ୍ରନ୍ଥ ଲେଖା ହୋଇଥିଲା। ଯୁଦ୍ଧରେ ବ୍ୟୁହ ରଚନା ଶୈଳୀ ଓଡ଼ିଶାରେ ସୃଷ୍ଟି ହୋଇଥିଲା।

**ଡ. ସୁରେନ୍ଦ୍ର ମିଶ୍ରଙ୍କ ପୁସ୍ତକ 'ଓଡ଼ିଶାର ପାଣ୍ଡିତ୍ୟ ପରମ୍ପରା'ରେ ରହିଛି ତଥ୍ୟ**




ଯୁଦ୍ଧରେ ବ୍ୟବହୃତ ପଶୁଙ୍କ ଚିକିତ୍ସା ପଦ୍ଧତି ଓଡ଼ିଶାରେ ଲେଖାହେବା ସହିତ ଘୋଡ଼ା ଓ ହାତୀଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାର କାଇଦା ସଂସ୍କୃତରେ ଲେଖା ହୋଇଥିଲା। ପ୍ରଥମେ ଦଶମିକ ପ୍ରୟୋଗ କରିଥିବା ପଣ୍ଡିତ ଶତାନନ୍ଦଙ୍କ କୃତି ଭାସ୍ୱତୀ ଓଡ଼ିଶା ଏକ ଅମୂଲ୍ୟ ସମ୍ପଦ। ପ୍ରଥମ ଗୀତିକାବ୍ୟ (ଗୀତଗୋବିନ୍ଦମ୍ ହୋଇଥାଇପାରେ) ଓଡ଼ିଶାରୁ ହିଁ ସୃଷ୍ଟି ହୋଇଥିଲା। ପଠାଣି ସାମନ୍ତ ଦି' ଖଣ୍ଡ କାଠିରେ ବିଶ୍ୱବୈଜ୍ଞାନିକଙ୍କ ଆଖି ଖୋଲିଦେବା ଭଳି, ମାଧବ କର ଆୟୁର୍ବେଦ ବିଜ୍ଞାନର 'ମାଧବନିଦାନମ୍' ଲେଖି ଚିକିତ୍ସା କ୍ଷେତ୍ରରେ ଆଲୋଡ଼ନ ସୃଷ୍ଟି କରିଥିଲେ। ଓଡ଼ିଶାର ତନ୍ତ୍ର ବିଜ୍ଞାନୀ, କର୍ମକାଣ୍ଡ ବିଜ୍ଞାନୀ ଓ ଭାଷା ତଥା ଧ୍ୱନି କେବଳ ଭାରତରେ ନୁହେଁ, ବିଶ୍ୱରେ ନୂଆ ଦିଗ ଦେଖାଇବାରେ ସମର୍ଥ ହୋଇଥିଲେ ବୋଲି ଡ. ମିଶ୍ର ସୂଚନା ଦେଇଛନ୍ତି।

### ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା




ଭୁବନେଶ୍ୱର, ୨୦।୮(ଅସମାପିକା ସାହୁ)

କ୍ୟାପିଟାଲ ହାଇସ୍କୁଲ ୧୯୭୦ ବ୍ୟାଚ୍ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଏବଂ ଓଡ଼ିଶା ସଂକ୍ରାନ୍ତରେ ଆଲୋଚନା ହୋଇଯାଇଛି। ଏଥିରେ ଡା. ସନ୍ତୋଷ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆବାହକ ପ୍ରଦୀପ କୁମାର ବଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପୂର୍ବତନ ସ୍କୁଲ ଛାତ୍ରମାନେ ଜଳବାୟୁ ପରିବର୍ତ୍ତନରେ ଓଡ଼ିଶା ଶରବ୍ୟ ହୋଇଥିବା ବେଳେ ସମସ୍ତେ ସେଥିପ୍ରତି ସତର୍କ ରହିବାକୁ ଓ ଏହି ପରିବର୍ତ୍ତନ ସହିତ ଖାପଖୁଆଇ ରହିବାକୁ ମତପ୍ରକାଶ ପାଇଥିଲା। ଖୀରଞ୍ଜନ ମିଶ୍ର, ଗୋପବନ୍ଧୁ ମହାପାତ୍ର, ସୁରେଶ ଦାସ, ଦୀପକ ପ୍ରଧାନ, ପ୍ରକାଶ ଲେଙ୍କା, ନିରଞ୍ଜନ ମହାପାତ୍ର, ମାଧବ ଦାସ, ଚିତ୍ତରଞ୍ଜନ ମିଶ୍ର, ପ୍ରଫୁଲ୍ଲ ବିଶୋଇ, ଦିବ୍ୟଜ୍ୟୋତି ବୋଷ, ପ୍ରମୋଦ ପଟ୍ଟନାୟକ, ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ, ଦିଲ୍ଲୀପ କୁମାର ପଟ୍ଟନାୟକ, ଚିତ୍ତରଞ୍ଜନ ପତି, ଲଲାଟେନ୍ଦୁ ପାତ୍ର, ଭଗବାନ ଦାଶ, ଶିଶିର ପୃଷ୍ଟି, ଆଶିଷ ରଥ, ଅବନିଶ ମିଶ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଗୌର ଚନ୍ଦ୍ର ପାତ୍ର, ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ ଏହି ଆଲୋଚନାରେ ଉପସ୍ଥିତ ଥିଲେ।

# ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

କଟକ,୨୦।୮(କାର୍ତ୍ତିକ ସାହୁ)




କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ୍ ପକ୍ଷରୁ ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚିତ ୨୫ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ବ୍ରହ୍ମପୁରରୁ ପୀତବାସ ପଣ୍ଡା, ସଞ୍ଜିତ୍ କୁମାର ପାଣିଗ୍ରାହୀ, ଯାଜପୁରରୁ ରାଜୀବ କୁମାର ମହାନ୍ତି, ବରଗଡ଼ରୁ ଦେବଦତ୍ତ ମିଶ୍ର, କେନ୍ଦୁଝରରୁ ଗିରିଜା ଶଙ୍କର ମିଶ୍ର, ପୁରୀରୁ ଗିରିଧାରୀ ମହାପାତ୍ର, ସମ୍ବଲପୁରରୁ ଲକ୍ଷ୍ମୀନାରାୟଣ ପଟେଲ, କୋରାପୁଟରୁ ପି. ରମେଶ ପାତ୍ର, ବାଲେଶ୍ୱରରୁ ନୃସିଂହ ଚରଣ ନାୟକ, ଭୁବନେଶ୍ୱରରୁ ସୀତାଂଶୁ ମୋହନ ଦ୍ୱିବେଦୀ, ଭକ୍ତଭୂଷଣ ବାରିକ, ଆତ୍ମପ୍ରକାଶ ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟ, ତପନ କୁମାର ବିଶ୍ୱାଳ। ସେହିପରି କଟକରୁ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ଧଳ, ବିଭୁପ୍ରସାଦ ଦାସ, ଅକ୍ଷୟ କୁମାର ପତି, ସୌରଚନ୍ଦ୍ର ମହାପାତ୍ର, ଅରୂପାନନ୍ଦ ଦାସ, ଦୀନେଶ ଚନ୍ଦ୍ର ରାୟ, ପ୍ରସନ୍ନ କୁମାର ପାଢ଼ୀ, ମାନସ କୁମାର ଚାନ୍ଦ, ବିଭୁପ୍ରସାଦ ତ୍ରିପାଠୀ ଓ ଧନଞ୍ଜୟ ମୁଣ୍ଡ। କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସଭାପତି ଧ୍ରୁବଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଯୋଗଦେଇ ନୂତନ ପରିଷଦ ଆଇନଜୀବୀଙ୍କ ଆଶା ପୂରଣ କରିବ ବୋଲି କହିଥିଲେ। ନୂତନ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର ଅଭିଜ୍ଞ ଓ ନୂଆ ସଦସ୍ୟମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କହିଥିଲେ। ସଭ୍ୟ ସୀତାଂଶୁ ଦ୍ୱିବେଦୀ ବିଭିନ୍ନ ସମସ୍ୟା ସମାଧାନରେ ତ୍ୱରିତ ନିଷ୍ପତ୍ତି ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ।

ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ଉପସଭାପତି ତପନ କୁମାର ବେହେରା, ସମ୍ପାଦକ ସ୍ମୃତିରଞ୍ଜନ ରାଉତ, କଟକ ବାର୍ ଆସୋସିଏଶନ ସଭାପତି ଚୌଧୁରୀ ପି.କେ. ମିଶ୍ର, ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ା, କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ସଭାପତି ଅରୁଣ କୁମାର ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ନୂତନ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁଗ୍ମ ସମ୍ପାଦକ ହରିପ୍ରସାଦ ଓଝାଙ୍କ ତତ୍ତ୍ୱାବଧାନରେ କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ, ପାଠାଗାର ସମ୍ପାଦିକା ମମତା ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ରାଜେନ୍ଦ୍ର କୁମାର ଦାଶ, ନିରଞ୍ଜନ ବେହେରା, ମହେନ୍ଦ୍ର ସୁବୁଦ୍ଧି, ସଂଗ୍ରାମ ଦାସ, ଦେବଶ୍ରୀ ପରିଡ଼ା, ନୀଳାଦ୍ରି ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭ୍ୟ ତାପସ କୁମାର ମହାନ୍ତି ଓ ଜଗନ୍ନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ତାଗିଦ୍ ପରେ ବି ଶୁଣୁ ନାହାନ୍ତି କବାଡ଼ିଆ

- ରାସ୍ତାକଡ଼ରେ ଗଦାଉଛନ୍ତି ଆବର୍ଜନା
- କାର୍ଯ୍ୟାନୁଷ୍ଠାନ ନେଉନି ବିଏମ୍‌ସି

ଭୁବନେଶ୍ୱର, ୨୦।୯ (ବନ୍ଦନା ସେଠୀ)

କବାଡ଼ିଆଙ୍କ କବ୍‌ଜାରେ ଭୁବନେଶ୍ୱର ମହାନଗର ନିଗମର ଅଧିକାଂଶ ଅଞ୍ଚଳ। ଦିନକୁ ଦିନ ସେମାନଙ୍କ ପ୍ରାର୍ଦୁଭାବ ବଢି ଚାଲିଥିବାବେଳେ ବିଏମ୍‌ସିର ତାଗିଦକୁ ମଧ୍ୟ ଖାତିର କରୁନାହାନ୍ତି। ଜୁଲାଇ ୧୨ରେ ୟୁନିଟ-୩ ଅଞ୍ଚଳରେ ଥିବା କବାଡିଆମାନଙ୍କ ସହିତ ବିଏମ୍‌ସି ଆଲୋଚନା କରି ପରିମଳ ନିୟମକୁ ମାନିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଏଭଳି ନିର୍ଦ୍ଦେଶକୁ କବାଡ଼ିଆମାନେ ଖୋଲାଖୋଲି ଚ୍ୟାଲେଞ୍ଜ କରୁଥିବା ଦେଖା ଯାଇଛି। ମାଷ୍ଟରକ୍ୟାଣ୍ଟିନ ଠାରୁ ଦୃଷ୍ଟିହୀନ ସଂଘ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଦୈନିକ ଅଳିଆ ଆବର୍ଜନା ଭର୍ତ୍ତିହୋଇ ରହୁଛି। ଫଳରେ ସମ୍ପୃକ୍ତ ଅଞ୍ଚଳ ଦେଇ ଯାତାୟାତ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ଏହାକୁ ନେଇ ଜନଅସନ୍ତୋଷ ଦେଖା ଦେବା ସହ ସାଧାରଣଲୋକେ ଟୁଇଟ୍ କରି ବିଏମ୍‌ସିକୁ ଅଭିଯୋଗ ଜଣାଉଛନ୍ତି। ସେହିପରି ଏକାଧିକ ଅଭିଯୋଗ ପରେ ବିଏମ୍‌ସି ସେଠାରେ ସଫେଇ କରୁଛି ମାତ୍ର କିଛି ସମୟ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ଅପରପକ୍ଷେ ପୂର୍ବ ଆଲୋଚନା ଅନୁଯାୟୀ, କବାଡ଼ିଆମାନେ ନିଜ ଆଖପାଖ ୫ ମିଟର ପରିଧି ଅଞ୍ଚଳ ସଫା ରଖିବା ସହ ଦୋକାନରେ ୨ଟି ଡଷ୍ଟବିନ ରଖିବାକୁ ବାଧ। ସେହିପରି ଓଦା ଶୁଖିଲା ବର୍ଜ୍ୟ ଅଲଗା ଦେବା ଲାଗି ସେମାନଙ୍କୁ ତାଗିଦ କରାଯାଇଥିଲା। ଏଥିସହ ମାସେ ପର୍ଯ୍ୟନ୍ତ କବାଡ଼ିଖାନାର କାର୍ଯ୍ୟକଳାପ ଉପରେ ବିଏମସି ନଜର ରଖିବ ଏବଂ ସେମାନେ ନିଜ ଅଭ୍ୟାସ ନ ବଦଳାଇଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ କୁହାଯାଇଥିଲା। ତେବେ ଇତି ମଧ୍ୟରେ ୧ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ସେମାନଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଘଟିନାହିଁ କିମ୍ବା ବିଏମ୍‌ସି ପକ୍ଷରୁ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।



ୟୁନିଟ୍ ୩ ଅଞ୍ଚଳରେ କବାଡିଆମାନେ ଆବର୍ଜନା ଗଦା କରିଛନ୍ତି।

ସୂଚନାଯୋଗ୍ୟ, ୟୁନିଟ ୩ ଅଞ୍ଚଳରେ ରାସ୍ତାକଡ଼ରେ ଥିବା କବାଡ଼ିଆଖାନା ଲାଗି ଉକ୍ତ ଅଞ୍ଚଳ ଅପରିଷ୍କାର ରହୁଛି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ଆସିବା ସହ କର୍ପୋରେଶନ ବୈଠକରେ ମଧ୍ୟ ସରଗରମ ଆଲୋଚନା ହୋଇଥିଲା।



ଏହାପରେ ବିଏମ୍‌ସି ଘଟଣାକୁ ଗୁରୁତର ସହ ନେଇ ସେମାନଙ୍କ ସହ ଆଲୋଚନା କରିଥିଲେ। ତେବେ ସ୍ଥିତିରେ କୌଣସି ସୁଧାର ଆସୁ ନ ଥିବାରୁ ସହରର ଅନ୍ୟ ଅଞ୍ଚଳରେ ପରିମଳକୁ ନେଇ ଯେପରି କଡା କାର୍ଯ୍ୟାନୁଷ୍ଠାନ କରାଯାଉଛି ଏଠାରେ ମଧ୍ୟ ସେଭଳି ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଡେଙ୍ଗୁ ୱାର୍ଡର ଦାୟିତ୍ୱ ନେବେ ନୋଡାଲ ଅଫିସର

ଭୁବନେଶ୍ୱର,୨୦।୮(ଅଭିଜିତ ଦାସ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ଶନିବାର କ୍ୟାପିଟାଲ ହସ୍ପିଟାଲର ଡେଙ୍ଗୁ ୱାର୍ଡ ପରିଦର୍ଶନରେ ଆସି ଚିକିତ୍ସା ସ୍ଥିତି ସମୀକ୍ଷା କରିଥିଲେ। ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଚିକିତ୍ସା ଓ ଅନ୍ୟାନ୍ୟ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଶୁକ୍ରମାର ଡା. ମିଶ୍ର କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ହସ୍ପିଟାଲ ଡେଙ୍ଗୁ ୱାର୍ଡରେ ଜଣେ ମେଡିସିନ୍ ସ୍ପେଶାଲିଷ୍ଟଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଉ। ୱାର୍ଡକୁ ସଫା ସୁତୁରା ରଖିବା ଲାଗି ହସ୍ପିଟାଲର ମ୍ୟାନେଜରଙ୍କୁ ଦାୟିତ୍ୱ ଦିଆଯିବା ସହ ଡେଙ୍ଗୁ ରୋଗୀଙ୍କ ସମସ୍ତ ଆବଶ୍ୟକତା ପୂରଣ କରାଯାଉ। ସେହିପରି ୱାର୍ଡରେ ଜଣେ ଲେଖାଏ ଲାବରେଟୋରୀ ଟେକ୍ନିସିଆନ ରୋଗୀଙ୍କ ରକ୍ତ ସଂଗ୍ରହଠାରୁ ଆରମ୍ଭ କରି ରକ୍ତ ପରୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବହନ କରିବେ। ଜରୁରୀକାଳୀନ ସମୟରେ ରୋଗୀଙ୍କ ଟିପିସି ଓ ସିବିସି ପରୀକ୍ଷା କରାଇବେ। ଡେଙ୍ଗୁ ୱାର୍ଡରେ କାର୍ଯ୍ୟରତ ଡାକ୍ତର, ବ୍ଲଡ୍‌ବ୍ୟାଙ୍କ ମେଡିକାଲ ଅଫିସର, ଲାବରେଟୋରୀ ଇନ୍‌ଚାର୍ଜ ଓ ହସ୍ପିଟାଲ ମ୍ୟାନେଜର ଦୈନିକ ବୈଠକ କରି ରିପୋର୍ଟ କାର୍ଡ ଦେବେ। ଓପିଡିରେ ଡେଙ୍ଗୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ଲାଗି ଏକ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା କରାଯାଉ। ସେହିପରି ଖୋର୍ଦ୍ଧା ଓ ଏଡିୟୁପିଏଚ୍‌ଓଙ୍କୁ ୩ ମାସର ଡେଙ୍ଗୁ ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭୁବନେଶ୍ୱର ମହାନଗର ନିଗମର ପଟିଆ, ୟୁନିଟ-୪, ଡୁମୁଡୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଏମ୍‌ସି ହସ୍ପିଟାଲରେ ୧୦ଟି ଲେଖାଏ ବେଡ୍ ବଢାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି, ହସ୍ପିଟାଲରେ ବର୍ତ୍ତମାନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିଚାଲିଛି। ଦୈନିକ ୫ଶହ ଟେଷ୍ଟିଂ କରାଯାଉଥିବାବେଳେ ୧୦ରୁ ୧୨ଜଣ ପଜିଟିଭ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ୫୬ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ସେ ସୂଚନା ଦେଇଛନ୍ତି।

### ଉପନ୍ୟାସ 'ନବ ଦିଗନ୍ତ' ଉନ୍ମୋଚିତ

ପୁରୁଣା ଭୁବନେଶ୍ୱର,୨୦।୮ (ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଆ ଉପନ୍ୟାଶ 'ଅମଡ଼ାବାଟ'ର ଲେଖିକା ବସନ୍ତ କୁମାରୀ ପଟ୍ଟନାୟକଙ୍କ ଭଉଣୀ ଲେଖିକା ଆରତି ମହାନ୍ତିଙ୍କ ଉପନ୍ୟାସ 'ନବ ଦିଗନ୍ତ' ଉନ୍ମୋଚିତ ହୋଇଯାଇଛି। ଶ୍ରୀରାମନଗର ସ୍ଥିତ ରୁଚିକା ସାମାଜିକ ସଂସ୍ଥା କାର୍ଯ୍ୟାଳୟରେ ଉକ୍ତ ଉପନ୍ୟାସ ଉନ୍ମୋଚିତ ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ସୌରେନ୍ଦ୍ର ମୋହନ ପ୍ରହରାଜ ଅଧ୍ୟକ୍ଷତା କରିଥିଲେ। ଗାଳ୍ପିକ ଡ. ଅଜୟ ସ୍ୱାଇଁ ମୁଖ୍ୟ ଅତିଥି, ଭାଷାବିତ୍ ଦେବାଶିଷ ମହାପାତ୍ର ମୁଖ୍ୟ ବକ୍ତା, ଗାଳ୍ପିକା ସୁମିତା ବେହେରା ସମ୍ମାନିତ ଅତିଥି ଓ ହଳଧର ମଲ୍ଲିଆ ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ। ସଂଘମିତ୍ରା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଧାନ ପଞ୍ଜୀକରଣରୁ ଚାଷୀ ବଞ୍ଚିତ

ସାଲେପୁର,୨୦।୮(ଅରବିନ୍ଦ ଭୂୟାଁ)

**ସାଲେପୁର ବ୍ଲକ**
- ୨୨ ତାରିଖ ପର୍ଯ୍ୟନ୍ତ ଅବଧି ବଢ଼ିଲା
- ସମ୍ପାଦକ ପଦ ଖାଲି ପଡ଼ିଥିବାରୁ ବାଧା ଉପୁଜିଛି
- ମୋବାଇଲ୍‌କୁ ଓଟିପି ନ ଆସିବାରୁ ସମସ୍ୟା ହେଉଥିଲା

ସାଲେପୁର ବ୍ଲକର ୩୫ ପଞ୍ଚାୟତର ବହୁ ଧାନଚାଷୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସମବାୟ ସମିତିରେ ନାମ ପଞ୍ଜୀକରଣ କରିବାରୁ ବଞ୍ଚିତ ହୋଇଥିଲେ। ଏନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଧି ବୃଦ୍ଧି କରାଯାଇଛି। ଏହାକୁ ୨୨ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଏନେଇ ଚାଷୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ସାଲେପୁର ବ୍ଲକର ୧୩ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କ ଧାନ ବିକ୍ରି ପାଇଁ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିଲା। ତେବେ ବିଭିନ୍ନ ସମବାୟ ସମିତିରେ ଏହି ପଞ୍ଜୀକରଣ ସମୟରେ ଅନ୍‌ଲାଇନ୍ ସେବା ବାଧାପ୍ରାପ୍ତ ହୋଇଥିଲା। ଏପରିକି ଚାଷୀମାନଙ୍କ ମୋବାଇଲକୁ ଓଟିପି ମଧ୍ୟ ଆସୁ ନ ଥିଲା। ଫଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ବହୁ ଚାଷୀ ପଞ୍ଜୀକରଣ କରିପାରି ନ ଥିଲେ। ଏନେଇ ବହୁ ଚାଷୀ ଅଭିଯୋଗ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମୟସୀମା ବୃଦ୍ଧି କରାଯାଇଛି। ବ୍ଲକରେ ବିଭିନ୍ନ ସମବାୟ ସମିତି ମାଧ୍ୟମରେ ପଞ୍ଜୀକରଣ କରାଯାଉଛି। ତେବେ ବହୁ ସମିତିର ସମ୍ପାଦକ ପଦ ଖାଲି ପଡ଼ିଥିବାରୁ ଚାଷୀମାନେ ପଞ୍ଜୀକରଣ ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏବେ ସମୟ ବୃଦ୍ଧି ହୋଇଥିବାରୁ ଚାଷୀମାନେ ନାମ ପଞ୍ଜୀକରଣ କରିପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।


ରଘୁନାଥପୁରସ୍ଥିତ ବାନାମ୍ବର ଘାଟରୁ କାଉଡ଼ିଆମାନେ ପାଣିଭାର ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି।

## ବାନାମ୍ବର ଘାଟରୁ ପାଣି ଉଠାଇଲେ କାଉଡ଼ିଆ

ରଘୁନାଥପୁର,୨୦।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ବାଇପାସ୍‌ସ୍ଥିତ ମହାନଦୀ ବାନାମ୍ବର ଘାଟରୁ ୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଭାର ନେଇ ବିଭିନ୍ନ ଶୈବପୀଠକୁ ରବିବାର ଯାତ୍ରା କରିଛନ୍ତି। ଅପରାହ୍ନ ୨ଟାରୁ ମାନସିକଧାରୀମାନେ ଘାଟରେ ପହଞ୍ଚି ପୂର୍ଣ୍ଣକୁମ୍ଭ କଳସୀରେ ପାଣି ଆଣି ପୂଜାର୍ଚ୍ଚନା ପରେ ଲକ୍ଷ୍ୟପଥକୁ ଯାତ୍ରା ଆରମ୍ଭ କରିଥିଲେ। ଏହା କ୍ରମଶଃ ସନ୍ଧ୍ୟାରୁ ବୃଦ୍ଧି ପାଇଥିଲା। ବୋଲବମ୍ ଓ ଡିଜେ ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସ୍ଥାନୀୟ ଗ୍ରାମବାସୀ ସେଠାରେ ଉପସ୍ଥିତ ରହି କାଉଡ଼ିଆଙ୍କୁ ସହଯୋଗ କରିଥିଲେ। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଦମକଳ ବାହିନୀ ପାଣି ଉଠାଇବା ସ୍ଥାନରେ ଉପସ୍ଥିତ ଥିଲା। ସେହିପରି ରଘୁନାଥପୁର ପୋଲିସ ଟ୍ରାଫିକ କଣ୍ଟ୍ରୋଲ ଓ ଆଇନ ଶୃଙ୍ଖଳା ଉପରେ ନଜର ରଖିଥିଲା। କାଉଡ଼ିଆମାନେ ପାଣି ଉଠାଇ ଗୋରେଖନାଥ, ଅଷ୍ଟଶମ୍ଭୁ, ଗ୍ରାମେଶ୍ୱର, ଇସାଣେଶ୍ୱର, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସପ୍ତେଶ୍ୱର ଓ ଅନ୍ୟ ପୀଠକୁ ଯାତ୍ରା କରିଥିଲେ। ରଘୁନାଥପୁରଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡ଼ିଆଙ୍କ ଲମ୍ବା ଲାଇନ ଲାଗି ରହିଥିଲା।

## ଚୋରି ର୍‍ୟାକେଟ ଠାବ ଘଟଣା: ୭ ଅଭିଯୁକ୍ତ କୋର୍ଟ ଚାଲାଣ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଗିରଫ ଅଭିଯୁକ୍ତମାନେ।

ବଡ଼ମ୍ବା,୨୦।୮(ମାୟାଧର ମଲ୍ଲିକ)

ବଡ଼ମ୍ବା ପୋଲିସ ଶୁକ୍ରବାର ରାତିରେ ଏକ ଚୋର ର୍‍ୟାକେଟ୍‌କୁ ଧରିଥିବାବେଳେ ୬ ଜଣ ଅଭିଯୁକ୍ତଙ୍କୁ କାବୁ କରି ପଚରାଉଚୁରା ଚଳାଇଥିଲା। ଏମାନଙ୍କ ସମେତ ଆଉ ଜଣଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବଡ଼ମ୍ବା କୃଷ୍ଣଚନ୍ଦ୍ରପୁରର ହେମନ୍ତ ନାୟକ, ମଧୁବନର ସୁକାନ୍ତ ନାୟକ, ସୁଧାଂଶୁ ପଣ୍ଡା, ଅଚ୍ୟୁତପୁରର ବିଷ୍ଣୁ ନାୟକ, ତ୍ରିନାଥ ନାୟକ, ଗୁଣ୍ଡଦ୍ୱାରର ପ୍ରଶାନ୍ତ ନାୟକ ଓ ମନୁ ନାୟକ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବଡ଼ମ୍ବା ଉପକାରାଗାରକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ କଟକ ଜିଲା ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ ଯୋଗଦେଇ କହିଥିଲେ, ଅଭିଯୁକ୍ତମାନଙ୍କ ଠାରୁ ବିଭିନ୍ନ ଚୋରି ସାମଗ୍ରୀ ଜବତ କରାଯାଇଛି। ସେଗୁଡ଼ିକ ମଧ୍ୟରେ ଏଲଇଡି ଟିଭି, ଇନଭର୍ଟର, ବ୍ୟାଟେରି, ତେଜରାତି ସାମଗ୍ରୀ, ବିଦ୍ୟୁତ୍ ସାମଗ୍ରୀ, ଟେଣ୍ଟ ହାଉସ ଜିନିଷ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସହ ଏକ ବୋଲେରୋ ଗାଡ଼ି ରହିଛି। ଅଭିଯୁକ୍ତମାନେ ବିଶେଷ କରି ରାଜ୍ୟ ରାଜପଥ କଡ଼ରେ ଥିବା ଦୋକାନ, ପଞ୍ଚାୟତ କାର୍ଯ୍ୟାଳୟ, ଇଲେକ୍ଟ୍ରିଦୋକାନ, ଟେଣ୍ଟ ହାଉସ, ତେଜରାତି ଦୋକାନଗୁଡ଼ିକୁ ଟାର୍ଗେଟ କରୁଥିଲେ। ନରସିଂହପୁର, କାନପୁର, ବଡ଼ମ୍ବା ଓ ଟିଗିରିଆ ଇତ୍ୟାଦି ଥାନାରେ ସମାନ ଧରଣର ଏକାଧିକ ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯାଇ ଚୋରି ସାମଗ୍ରୀ ଉଦ୍ଧାର କରାଯିବ ବୋଲି ବରାଳ କହିଛନ୍ତି।

ସୂଚନାଯୋଗ୍ୟ, ବଡ଼ମ୍ବା ଥାନା ଅନ୍ତର୍ଗତ ନୂଆତଇଲା ଗ୍ରାମର ଗିରିଧାରୀ ସାହୁଙ୍କ ମା'ମଙ୍ଗଳା ଚିତ୍ରାଳୟ (ଟେଣ୍ଟ ହାଉସ)ରୁ ଚୋରି ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ମାମଲା (ନଂ. ୧୮୯/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ସେହିପରି ଅନ୍ୟାନ୍ୟ ଜାଗାରୁ ମଧ୍ୟ ଚୋରି ଅଭିଯୋଗ ହେବା ପରେ କଟକ ଜିଲା ଏସ୍‌ପି ମିହିର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପ୍ରୟାସ କରାଯାଇଥିଲା ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ଆଠଗଡ଼ ଆରକ୍ଷୀ ଅଧିକାରୀ ରବୀନ୍ଦ୍ର କୁମାର ମଲ୍ଲିକ, ନରସିଂହପୁର ଥାନା ଭାରପ୍ରାପ୍ତ ଅଧିକାରୀ ଅଭୟ କୁମାର ବେହେରା, କାନପୁର ଥାନା ଭାରପ୍ରାପ୍ତ ଅଧିକାରୀ ଗିରିଜା ନନ୍ଦ ପଟ୍ଟନାୟକ ଓ ବଡ଼ମ୍ବା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟ ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦନକାନନରେ ୨ ଶମ୍ବର ଶାବକ ଜନ୍ମ

ବାରଙ୍ଗ,୨୦।୮(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନର ୩୯ନଂ. ଏନ୍‌କ୍ଲୋଜରରେ ରହୁଥିବା ବୟସ୍କ ମାଈ ଶମ୍ବର ରବିବାର ୨ ଶାବକ ଜନ୍ମ ଦେଇଛି। ମା' ଓ ଛୁଆ ସୁସ୍ଥ ଥିବାବେଳେ ସେମାନଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ତେବେ ନବଜାତ ୨ ଶାବକର ଲିଙ୍ଗ ଚିହ୍ନଟ ହୋଇନାହିଁ। ଏହି ପ୍ରଜାତିର ଶମ୍ବର ଭାରତର ସର୍ବତ୍ର ପାହାଡ଼ିଆ ଜଙ୍ଗଲରେ ବିଶେଷ ଭାବେ ଦେଖାଯାଆନ୍ତି। ଏମାନେ ଭାରତରେ ଦେଖାଯାଉଥିବା ସମସ୍ତ ପ୍ରଜାତିର ହରିଣଙ୍କ ମଧ୍ୟରେ ସର୍ବବୃହତ ଜୀବ ଭାବରେ ପରିଚିତ। ଶୀତ ଋତୁ ମଧ୍ୟ ଭାଗରେ ସଙ୍ଗମକରି ବର୍ଷାଋତୁ ପ୍ରାରମ୍ଭରେ ମାଈ ଶମ୍ବର ଶାବକ ଜନ୍ମ ଦେଇଥାନ୍ତି।

## 'ବିଜ୍ଞାନକୁ ସମାଜ ହିତ ପାଇଁ ବିନିଯୋଗ କରାଯାଉ'



ସମାରୋହରେ ଶିକ୍ଷାବିତ୍ ଡ. ଦୀନବନ୍ଧୁ ମିଶ୍ର, ଚିକିତ୍ସା ବିଜ୍ଞାନୀ ଡା. ଜ୍ଞାନେନ୍ଦ୍ରନାଥ ମହାନ୍ତିଙ୍କୁ ସମ୍ମାନିତ କରାଯାଉଛି।

କଟକ,୨୦।୮ (କାର୍ତ୍ତିକ ସାହୁ)

**ପ୍ରଫେସର ଡ. ହରିହର ପଟ୍ଟନାୟକ ଜନ୍ମଶତବାର୍ଷିକୀ ସମାରୋହ**

ବିଶ୍ୱର ଉନ୍ନତି ପାଇଁ ବୈଜ୍ଞାନିକମାନଙ୍କର ଅବଦାନ ଅତୁଳନୀୟ। ବିଜ୍ଞାନକୁ ମାନବ ସମାଜର ହିତ ପାଇଁ ବିନିଯୋଗ କରିବାକୁ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। କଟକ ସାରଳା ଭବନରେ ପ୍ରଫେସର ଡ. ହରିହର ପଟ୍ଟନାୟକ ଜନ୍ମ ଶତବାର୍ଷିକୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଚାରପତି ଡ. ଷଡ଼ଙ୍ଗୀ ଯୋଗଦେଇ ପ୍ରଫେସର ଡ. ହରିହର ପଟ୍ଟନାୟକ ରାଜ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କହିଛନ୍ତି। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ କହିଥିଲେ, ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରାଇବାରେ ବୈଜ୍ଞାନିକମାନଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅବସରରେ ଉଦ୍ଭିଦ ବିଜ୍ଞାନୀ ତଥା ଶିକ୍ଷାବିତ୍ ଡ. ଦୀନବନ୍ଧୁ ମିଶ୍ର ଓ ଚିକିତ୍ସା ବିଜ୍ଞାନୀ ଡା. ଜ୍ଞାନେନ୍ଦ୍ରନାଥ ମହାନ୍ତିଙ୍କୁ ପ୍ରଫେସର ହରିହର ପଟ୍ଟନାୟକ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ବିଚାରପତି ବି.ପି. ଦାସ ଅଧ୍ୟକ୍ଷତା କରି କହିଥିଲେ, ପ୍ରଫେସର ପଟ୍ଟନାୟକ ଜଣେ ଉଚ୍ଚକୋଟୀର ଗବେଷକ ଓ ଅଧ୍ୟାପକ ଥିଲେ। କମିଟିର ଉପାଧ୍ୟକ୍ଷ ଡ. ଆଶୁତୋଷ ଦେବତା ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ଯୁଗ୍ମ ସମ୍ପାଦକ ଦିଲୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ମାଟିଘର ସାହିତ୍ୟ ଆସରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୦।୮(ଶର୍ମିଷ୍ଠା ପାଣିଗ୍ରାହୀ)

ମାଟିଘର ସାହିତ୍ୟ ଆସରର ଚତୁର୍ଥ ବାର୍ଷିକ ଉତ୍ସବ ରବିବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ସମାରୋହରେ ମାଟିଘର ପତ୍ରିକାର ଚତୁର୍ଥ ସଂସ୍କରଣ ଉନ୍ମୋଚନ ହେବା ସହ ସମ୍ବର୍ଦ୍ଧନା ପର୍ବ ଓ କବିତା ପାଠ ଉତ୍ସବ କରାଯାଇଥିଲା। ଅତିଥି ଭାବେ ନାଇଜରର କୁଳସଚିବ ଡ.ଅଭୟ ନାୟକ, ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ରକ୍ଷକ ନାୟକ, ଗାଳ୍ପିକ ତଥା ନାଟ୍ୟକାର ଅରବିନ୍ଦ ରାୟ ପ୍ରମୁଖ ଯୋଗଦେଇଥିଲେ। ମାଟିଘର ଉପଦେଷ୍ଟା ସମାଜସେବୀ ଓ ଶିକ୍ଷାବିତ ଶଶୀଭୂଷଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କବିତା ଆସରରେ ତିଥି ରୂପେ କବି କୃଷ୍ଣଚନ୍ଦ୍ର ମହଲା, କବି ସ୍ମୃତି ରଞ୍ଜନ ତ୍ରିପାଠୀ, କବି ମାନଗୋବିନ୍ଦ ବାରିକ, ରଶ୍ମୀ କର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସୌଗତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଶ୍ରୀରାମ ସେବା ସମିତି ପକ୍ଷରୁ କାଉଡି ଯାତ୍ରା



ଶ୍ରୀରାମ ସେବା ସମିତି ପକ୍ଷରୁ ଆୟୋଜିତ କାଉଡି ଯାତ୍ରା।

ସାଲେପୁର,୨୦।୮(ଅରବିନ୍ଦ ଭୂୟାଁ)

କଟକ ଜିଲା ସାଲେପୁର-ଟାଙ୍ଗୀ ଅଞ୍ଚଳର ଶ୍ରୀରାମ ସେବା ସମିତି ସଭାପତି ରଶ୍ମିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ କାଉଡ଼ି ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରାରେ ସମିତିର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ସେମାନେ ଭଟିମୁଣ୍ଡା ଶୈଳେଶ୍ୱର ମନ୍ଦିର ନିକଟ ବିରୂପା ନଦୀରୁ ପାଣି ଭାର ନେଇ କପିଳାସ ମହାଦେବ ମନ୍ଦିର ଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରାର ମୂଳ ଉଦ୍ଦେଶ୍ୟ ସନାତନ ଧର୍ମ ପ୍ରଚାର ପ୍ରସାର, ଓଡ଼ିଶାର ସମସ୍ତ ବ୍ୟକ୍ତିଙ୍କୁ ଠାକୁର ଭଲରେ ରଖନ୍ତୁ ଏବଂ ଚାଷୀମାନଙ୍କୁ ଫସଲ ପାଇଁ ଅନୁକୂଳ ପରିବେଶ ଦିଅନ୍ତୁ। ଏଥିସହ ସାଲେପୁର ଟାଙ୍ଗୀ ଅଞ୍ଚଳ ଅଧିବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ଏହି କାଉଡି ଯାତ୍ରାରେ ଶିବଶଙ୍କର ରାଉତ, ମାଧବ ସିଂ, ପ୍ରତିମ ଦାସ, ସଞ୍ଜୀବ ପରିଡ଼ା, ସବ୍ୟସାଚୀ ସାମନ୍ତ ସିଂ, ସରୋଜ କୁମାର ବେହୁରା, ଦେବାଶିଷ ପରିଡ଼ା, ସାଗର ଲେଙ୍କା, ଆକାଶ ପରିଡ଼ା, ରବୀନ୍ଦ୍ର କୁମାର ସାହୁ, ଲମ୍ବୋଦର ଭୋଇ ପ୍ରମୁଖ ସାମିଲ ହୋଇଛନ୍ତି।

# ଘରକୁ ଘର ସର୍ଭେ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କିତ ସମୀକ୍ଷା

**ବଡ଼ମ୍ବା ନିର୍ବାଚନମଣ୍ଡଳୀ**

ବଡ଼ମ୍ବା,୨୦।୮(ମାୟାଧର ମଲ୍ଲିକ)


ସମୀକ୍ଷା ବୈଠକରେ ଆଠଗଡ଼ ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଘରକୁ ଘର ସର୍ଭେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ବଡମ୍ବା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ବଡମ୍ବା ବିଧାନସଭା ମଣ୍ଡଳୀର ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ, ସୁପରଭାଇଜର, ତହସିଲଦାର ନୀଳକଣ୍ଠ ବେହେରା, ନରସିଂହପୁର ତହସିଲଦାର ଅନିଲ କୁମାର ଦେହୁରୀ ଏବଂ ନିର୍ବାଚନରେ ସାମିଲ ହେବାକୁ ଥିବା ସମସ୍ତ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ସୋମବାର ସୁଦ୍ଧା ଘରକୁ ଘର ବୁଲି ଭୋଟରମାନଙ୍କ ସମସ୍ତ ତଥ୍ୟ ଠିକ୍ ଭାବେ ସଂଗ୍ରହ କରି ସଂଲଗ୍ନ କରିବା ସହ କାମ ଶେଷ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ବଡମ୍ବା ଓ ନରସିଂହପୁରରେ ଏଥିସମ୍ପର୍କିତ କାର୍ଯ୍ୟ ଜୋରଦାର ଚାଲିଥିବା ଜାଣି ଉପଜିଲାପାଳ ତରାଇ ସନ୍ତୋଷବ୍ୟକ୍ତ କରିଛନ୍ତି।

ଏଥିସହ ଯେଉଁମାନେ ଏ ପର୍ଯ୍ୟନ୍ତ ଶତପ୍ରତିଶତ ଭୋଟ ସମ୍ପର୍କିତ ତଥ୍ୟ ସମାପ୍ତ କରିନାହାନ୍ତି ସେମାନେ ରାତି ସୁଦ୍ଧା ଏହାକୁ ଶେଷ କରିବାକୁ ନିର୍ବାଚନମଣ୍ଡଳୀର ଅଧିକାରୀମାନଙ୍କୁ ଉପଜିଲାପାଳ ତରାଇ ନିର୍ଦ୍ଦେଶ ଦେଇଥିଲେ। ପରୋକ୍ଷରେ ଯେଉଁମାନେ କାମରେ ଅବହେଳା ପ୍ରଦର୍ଶନ କରିବେ ସେମାନଙ୍କୁ ଆଦୌ କ୍ଷମା ନାହିଁ ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ମ୍ବା ସୁପରଭାଇଜର ରମେଶ ଚନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ନାଥ, ବସନ୍ତ କୁମାର ପାଣି, ଅଶୋକ କୁମାର ମାଝି, ଆଲୋକ କୁମାର ରାଉତ, ସରୋଜ କୁମାର ପଣ୍ଡା, ନରସିଂହପୁରର ବିଜୟ କୁମାର ଭୂୟାଁ, ଭୋଲେଶ୍ୱର ଗଡ଼ନାୟକ, ଲକ୍ଷ୍ମୀଧର ବେହେରା ଓ ଶେଷଦେବ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# 'ରାଜୀବ ଗାନ୍ଧୀ ଆଧୁନିକ ଭାରତର ପ୍ରବର୍ତ୍ତକ'

ବାଙ୍କୀ,୨୦।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ବାଙ୍କୀରେ ସଦ୍‌ଭାବନା ଦିବସ ପାଳନ କରାଯାଉଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ ରବିବାର ବାଙ୍କୀର ଯୁବବନ୍ଧୁ ଭବନରେ ପାଳିତ ହୋଇଯାଇଛି। ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ଲଲାଟେନ୍ଦୁ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କୁମାର ଅମିୟ ( ବୁଲୁ ବାବା) ଯୋଗଦେଇ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ରାଜୀବ ଗାନ୍ଧୀ ଆଧୁନିକ ଭାରତର ନବନିର୍ମାତା ତଥା ଡିଜିଟାଲ୍ ଇଣ୍ଡିଆର ପ୍ରବର୍ତ୍ତକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶଶିଭୂଷଣ ତ୍ରିପାଠୀ, ପ୍ରସନ୍ନ କୁମାର ପ୍ରଧାନ, କବି ବିପ୍ଳବ, ଯୋଗଗୁରୁ ତେଜସ୍ୱିନୀ ଲେଙ୍କା, ସସ୍ମିତା ଦାଶ, ଲକ୍ଷ୍ମୀପ୍ରିୟା ଦାସ, ଅର୍ପିତ କୁମାର ସାମଲ ଓ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସଦ୍‌ଭାବନା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ମାହାଙ୍ଗା, (ଯଯାତି ସିଂହ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏରକଣାସ୍ଥିତ ରାଜୀବ ଗାନ୍ଧୀ ପାର୍କରେ ଉମ୍ବରୁଧର ସ୍ୱାଇଁଙ୍କ ନେତୃତ୍ୱରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକ ଯୁବ କଂଗ୍ରେସ ସଭାପତି ସେକ ଅବଦୁଲ ଓହାଦ ସଦାମ, ହାଡ଼ିବନ୍ଧୁ ରାଉତ, ପ୍ରଶାନ୍ତ ସେଠୀ, ରହେମତ ଅଲ୍ଲୀ, କୃଷ୍ଣଚନ୍ଦ୍ର ସାହୁ, ସେକ୍ ସିରାଜୁଦ୍ଦିନ, ଦିଲୀପ କୁମାର ବେଦାନ୍ତ ,ଏମ୍‌ଡି ଦୁରକିନା, ବ୍ରଜକିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ଦେଶ ପାଇଁ ଅବଦାନ ଚିରସ୍ମରଣୀୟ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଉଦ୍ୟମ ରହିଲେ 'ବ୍ୟକ୍ତି ଓ ବ୍ୟକ୍ତିତ୍ୱ ବିକାଶ' ସମ୍ଭବ

ବେଗୁନିଆ,୨୦।୮(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆର ସୋସାଇଟି ଅଫ ଇନଫର୍ମେଶନ ଟେକ୍ନୋଲୋଜି ପକ୍ଷରୁ ରବିବାର ଏକ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଲଡ୍ଡୁ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ବଳରାମ ରଣସିଂହ ଅତିଥିଭାବେ ଯୋଗଦେଇଥିଲେ। ଅଞ୍ଚଳର ୧୫ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। 'ବ୍ୟକ୍ତି ଓ ବ୍ୟକ୍ତିତ୍ୱ ବିକାଶ' ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପିଲାମାନେ ତୁମେ ସଦାସର୍ବଦା ନିଜର ବ୍ୟକ୍ତିତ୍ୱକୁ ଜାହିର କର। ମୁଁ ଜଣେ ଉଦ୍ୟମୀ ବ୍ୟକ୍ତି ବୋଲି ନିଜକୁ ଚିହ୍ନ। ଦେଖିବ ବ୍ୟକ୍ତିତ୍ୱ ବିକାଶ' ସମ୍ଭବ ହୋଇପାରିବ ବୋଲି ଅତିଥି ରଣସିଂହ କହିଥିଲେ। ସେହିପରି ନିର୍ଦ୍ଦେଶକ ପଟ୍ଟନାୟକ ପିଲାମାନଙ୍କୁ ଉତ୍ସାହିତ କରିବା ସହ ପ୍ରେରଣାଦାୟୀ ବାର୍ତ୍ତା ବାଣ୍ଟିଥିଲେ। ନୃସିଂହ ଚରଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୧୦୫ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଟାଙ୍ଗୀ,୨୦।୮(ରଘୁନାଥ ସାହୁ)

ଟାଙ୍ଗୀ ପଞ୍ଚାୟତର ୧୦୫ଜଣ ନୂତନଭାବେ ମନୋନୀତ ହୋଇଥିବା ମଧୁବାବୁ ପେନସନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସରପଞ୍ଚ କିଶୋର କୁମାର ବେହେରା, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ଯୋଗାଣ ସହାୟକଙ୍କ ସମେତ ସମସ୍ତ ୱାର୍ଡସଭ୍ୟ ସଭ୍ୟାମାନେ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।

### ପାଣି ମୋଟର ଚୋରି କରି ଜଣେ ଗିରଫ

ନିମାପଡ଼ା,୨୦।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ବୁଧେଇ ଛକ ନିକଟରେ ଥିବା ଏକ ଷ୍ଟୋର ରୁମ୍‌ରୁ ୨ଟି ପାଣି ମୋଟର ଚୋରି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଧୀନ ବୁଧେଇ ଗ୍ରାମର ପ୍ରଶାନ୍ତ ଜେନା(୩୨)। ପୋଲିସ ତାଙ୍କଠାରୁ ୨ଟି ପାଣି ମୋଟର ଜବତ କରିଛି। ଏନେଇ ପୋଲିସ ୨୯୦/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅଧୀନ ନହନ୍ତରା ଗ୍ରାମ ବାମନ ଚରଣ ସେଠୀଙ୍କ ଷ୍ଟୋର ରୁମ୍‌ରୁ ଗତ ୧୬ ତାରିଖରେ ୨ଟି ପାଣି ମୋଟର ଚୋରି ହୋଇଥିଲା। ଏନେଇ ସେଠୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବରପାଇ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏଏସ୍‌ଆଇ ଶିଶିର ମହାନ୍ତି ବୁଧେଇ ଗ୍ରାମ ଛକରେ ଚଢ଼ାଉ କରି ପ୍ରଶାନ୍ତଙ୍କୁ କାବୁ କରିଥିଲେ। ପ୍ରଶାନ୍ତଙ୍କ ବିରୋଧରେ ପୂର୍ବରୁ ନିମାପଡ଼ା ଥାନାରେ ଓ ବଳଙ୍ଗା ଥାନା ଅଞ୍ଚଳରେ ମୋଟରେ ୧୦ଟି ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ବିଭିନ୍ନ ଅପରାଧ ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘଦିନ ଧରି ଫେରାର ରହିଥିବା ଆସାମୀ (ୱାରେଣ୍ଟି)ଙ୍କୁ ଗିରଫ କରାଯିବା ଦିଗରେ ନିମାପଡ଼ା ଥାନା ପୋଲିସ ପକ୍ଷରୁ ଏବେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିବା ଏ ସର୍ବେକ୍ଷଣରୁ ଜଣାପଡ଼ିଛି।

# 'ସାହିତ୍ୟ ହେଉଛି ଶୃଙ୍ଖଳିତ ଚେତନାର ଆଧାର'

ପୁରୀ,୨୦।୮(ଅଜିତ ମହାନ୍ତି)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ସମତା ସାହିତ୍ୟ ସମିତି ପୁରୀ ଆନୁକୂଲ୍ୟରେ ରବିବାର ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଆୟୋଜିତ 'ସାହିତ୍ୟରେ ସଂଯମ ଓ ସହନଶୀଳତା' ଶୀର୍ଷକ ଆଲୋଚନାଚକ୍ରରେ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସାହିତ୍ୟ ହେଉଛି ସମାଜର ଦର୍ପଣ, ଏହି ସାହିତ୍ୟରୁ ମନୁଷ୍ୟକୁ ସଂଯମ ଓ ସହନଶୀଳତାର ବାକ୍ ଚିତ୍ର ମିଳେ, ଯାହାକୁ ପାଥେୟ କରି ବ୍ୟକ୍ତିଟିଏ ନିଜକୁ ଶୃଙ୍ଖଳିତ, ଶିଷ୍ଟ ଓ ମିଷ୍ଟଭାଷୀ କରିଥାଏ। ଏଥିସହ ହିଂସା, ଅହଂକାର ଭାବନା ତ୍ୟାଗ କରି ନିଜକୁ ସମାଜ ଓ ପରମାତ୍ମାଙ୍କ ସହ ସଂଯୋଜିତ କରିଥାଏ ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଅଭିମନ୍ୟୁ ଭୂୟାଁ ଓ ମୁଖ୍ୟବକ୍ତା ଭାବେ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ଗୁରୁଚରଣ ଦାସ, ଐତିହାସିକ ମଦନ ମୋହନ ମହାପାତ୍ର, ଶିକ୍ଷାବିତ ଦାଶରଥି ମହାପାତ୍ର, ଅନୁଷ୍ଠାନର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ଡ. ବଳରାମ ଦାଶ, ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଅଶୋକ କୁମାର ମହାପାତ୍ର, ପଣ୍ଡିତ ସଦାଶିବ ମିଶ୍ର, ଅଧ୍ୟାପକ ପ୍ରମୋଦ କୁମାର ଦଳାଇ, ମନୋରମା ଆଚାର୍ଯ୍ୟ, ଡାକ୍ତର ରାନୁ ମିଶ୍ର, ଉମାକାନ୍ତ ମହାପାତ୍ର, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବିଜୟଲକ୍ଷ୍ମୀ ଦାସ, ଚିନ୍ମୟୀ ଗଜେନ୍ଦ୍ର, ସୁବାସିନୀ ଶତପଥୀ, କାଶୀନାଥ ଖୁଣ୍ଟିଆ ଏବଂ ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଆଲୋଚନା ଚକ୍ରରେ ଭାଗନେଇ ନିଜ ମତ ଉପସ୍ଥାପନ କରିଥିଲେ। ଶେଷରେ ଯୋଗେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ରେଳଧାରଣା ପାର୍ଶ୍ୱ ବୁଦାମୂଳରୁ ଗଳିତ ମୃତଦେହ ଜବତ

ନିରାକାରପୁର,୨୦।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଷ୍ଟେଶନ ଅନ୍ତର୍ଗତ କାଶୀପୁର ଓ ହରିପୁର ରେଳ ଫାଟକ ମଧ୍ୟବର୍ତ୍ତୀ ଅଞ୍ଚଳ ଡାଉନଲାଇନର ଏକ ବୁଦାମୂଳରୁ ରବିବାର ରେଲୱେ ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୯/୨୩)ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଯିବା ସହ ଚିହ୍ନଟ ଉଦ୍ଦେଶ୍ୟରେ ଫ୍ରିଜରରେ ରଖାଯାଇଥିବା ନିରାକାରପୁର ରେଲୱେ ଫାଣ୍ଡି ଅଧିକାରୀ ପରିକ୍ଷିତ ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗତ ୧୬ ତାରିଖରେ ଏକ ଚଳନ୍ତା ଟ୍ରେନରୁ ଜଣେ ବ୍ୟକ୍ତି ଖସିପଡିଥିବା ନେଇ କେତେଜଣ କଲେଜ ଛାତ୍ର ନିରାକାରପୁର ରେଲୱେ ଫାଣ୍ଡି ପୋଲିସକୁ ଜଣାଇଥିଲେ। ହେଲେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଉକ୍ତ ବ୍ୟକ୍ତିଙ୍କ ଶରୀର ପଚିଶଢ଼ିଯାଇଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ନାୟକ କହିଛନ୍ତି, ଗତ ୧୬ ତାରିଖରେ ଟ୍ରେନରୁ ଜଣେ ବ୍ୟକ୍ତି ଖସିପଡ଼ିଛନ୍ତି ବୋଲି କେତେଜଣ ଛାତ୍ର ସୂଚନା ଦେଇଥିଲେ। ଏନେଇ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲି। କାମ ଥିବାରୁ ଖୋର୍ଦ୍ଧା ପଳାଇଥିଲି। ଷ୍ଟେଶନ ମାଷ୍ଟର ଲୋକ ପଠାଇ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଗନ୍ଧ ହେଉଥିବା ରବିବାର ଖବରପାଇ ଖୋଜାଖୋଜି କରିବାରୁ ଏକ ବୁଦାମୂଳରୁ ମୃତଦେହ ଜବତ କରାଯାଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।

# 'ଆଇନଜୀବୀଙ୍କ ଆଶା ପୂରଣ କରିବ ପରିଷଦ'



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନ୍‌ଜୀବୀ ଓ ଅନ୍ୟମାନେ।

କଟକ,୨୦।୮(କାର୍ତ୍ତିକ ସାହୁ)

**ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧନା**

କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ୍ ପକ୍ଷରୁ ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚିତ ୨୫ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ବ୍ରହ୍ମପୁରରୁ ପୀତବାସ ପଣ୍ଡା, ସଞ୍ଜିତ୍ କୁମାର ପାଣିଗ୍ରାହୀ, ଯାଜପୁରରୁ ରାଜୀବ କୁମାର ମହାନ୍ତି, ବରଗଡ଼ରୁ ଦେବଦତ୍ତ ମିଶ୍ର, କେନ୍ଦୁଝରରୁ ଗିରିଜା ଶଙ୍କର ମିଶ୍ର, ପୁରୀରୁ ଗିରିଧାରୀ ମହାପାତ୍ର, ସମ୍ବଲପୁରରୁ ଲକ୍ଷ୍ମୀନାରାୟଣ ପଟେଲ, କୋରାପୁଟରୁ ପି. ରମେଶ ପାତ୍ର, ବାଲେଶ୍ୱରରୁ ନୃସିଂହ ଚରଣ ନାୟକ, ଭୁବନେଶ୍ୱରରୁ ସୀତାଂଶୁ ମୋହନ ଦ୍ୱିବେଦୀ, ଭକ୍ତଭୂଷଣ ବାରିକ, ଆତ୍ମପ୍ରକାଶ ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟ, ତପନ କୁମାର ବିଶ୍ୱାଳ। ସେହିପରି କଟକରୁ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ଧଳ, ବିଭୁପ୍ରସାଦ ଦାସ, ଅକ୍ଷୟ ପତି, ସୌରଚନ୍ଦ୍ର ମହାପାତ୍ର, ଅରୂପାନନ୍ଦ ଦାସ, ଦୀନେଶ ଚନ୍ଦ୍ର ରାୟ, ପ୍ରସନ୍ନ ପାଢ଼ୀ, ମାନସ ଚାନ୍ଦ, ବିଭୁପ୍ରସାଦ ତ୍ରିପାଠୀ ଓ ଧନଞ୍ଜୟ ମୁଣ୍ଡ। କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସଭାପତି ଧ୍ରୁବଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଯୋଗଦେଇ ନୂତନ ପରିଷଦ ଆଇନଜୀବୀଙ୍କ ଆଶା ପୂରଣ କରିବ ବୋଲି କହିଥିଲେ। ନୂତନ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର ଅଭିଜ୍ଞ ଓ ନୂଆ ସଦସ୍ୟଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କହିଥିଲେ। ସଭ୍ୟ ସୀତାଂଶୁ ଦ୍ୱିବେଦୀ ବିଭିନ୍ନ ସମସ୍ୟା ସମାଧାନରେ ତ୍ୱରିତ ନିଷ୍ପତ୍ତି ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ତପନ ବେହେରା, ସ୍ମିତିରଞ୍ଜନ ରାଉତ, ଚୌଧୁରୀ ପି.କେ. ମିଶ୍ର, ଦିଲୀପ ସ୍ୱାଇଁ, ଜ୍ଞାନରଞ୍ଜନ ପରିଡ଼ା, ଅରୁଣ ଦାଶ, ପ୍ରଶାନ୍ତ ମିଶ୍ର ପ୍ରମୁଖ ନୂତନ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାପସ ମହାନ୍ତି ଓ ଜଗନ୍ନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପାଣିରେ ବୁଡ଼ି ଡାକ କର୍ମଚାରୀଙ୍କ ମୃତ୍ୟୁ

ନିମାପଡ଼ା,୨୦।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଧୀନ ୪ନଂ. ୱାର୍ଡର ପାଟପୁର ନାୟକସାହି ଗ୍ରାମର ଡାକ କର୍ମଚାରୀ ବିଜୟ ଘଡ଼େଇ(୫୬)ଙ୍କ ରବିବାର ଅପରାହ୍ନରେ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ପୋଲିସ ଏ ନେଇ କେସ୍ ନଂ.୧୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବିଜୟ କେନାଲ ବନ୍ଧ ରାସ୍ତାରେ ଯାଉଥିବାବେଳେ କୌଣସି କାରଣରୁ ଭୁବନପୁର ଗ୍ରାମ ବ୍ରିଜ୍ ନିକଟ ରାସ୍ତାକଡ଼ରେ ଥିବା ପାଣି ଖାଲରେ ପଡ଼ିଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ସେଠାରୁ ବିଜୟଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଯିବ ବୋଲି ପୋଲିସ କହିଛି। ଏନେଇ ବିଜୟଙ୍କ ପୁଅ ବିଶ୍ୱଜିତ୍ ଥାନାରେ ଅଭିଯୋଗ କରିଛନ୍ତି।

# ୧୬୦ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା



ବୋଲଗଡ଼,୨୦।୮(ଦେବବ୍ରତ ହୋତା)

ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନନ୍ଦିଘୋଷ ପକ୍ଷରୁ ଭୁବନେଶ୍ୱରସ୍ଥିତ ସନସାଇନ ହସ୍ପିଟାଲ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁଙ୍କ ସଂଯୋଜନାରେ ନନ୍ଦିଘୋଷ ଭବନ ପରିସରରେ ଆୟୋଜିତ ଏହି ଶିବିରରେ ବରିଷ୍ଠ ମସ୍ତିଷ୍କ ଓ ସ୍ନାୟୁରୋଗ ବିଶେଷଜ୍ଞ ବ୍ରିଗେଡିୟର ପ୍ରଫେସର ଡା.ପ୍ରଫୁଲ୍ଲ କୁମାର ସାହୁ, ହୃଦ୍‌ରୋଗ ବିଶେଷଜ୍ଞ ଡା.ଶ୍ୱେତାଙ୍କ ଦାସ, ଚକ୍ଷୁ ରୋଗ ବିଶେଷଜ୍ଞ ଡା. ଧନେଶ୍ୱର ପ୍ରଧାନ, ଶଲ୍ୟ ଚିକିତ୍ସକ ଡା.ବିନୋଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ୧୬୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ଏହି ଶିବିରରେ ସନ୍‌ସାଇନ ହସ୍ପିଟାଲରୁ ଆସିଥିବା ୬ଜଣ ଲାବରେଟୋରି ସହାୟକ ଯୋଗଦେଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀମାନଙ୍କ ବିଭିନ୍ନ ପରୀକ୍ଷା କରି ରିପୋର୍ଟ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ରବୀନ୍ଦ୍ର ପରିଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗୋପିନାଥ ଖାଡଙ୍ଗା, ଉପସଭାପତି ଦିବାକର ପରମଗୁରୁ, ରାଧାଶ୍ୟାମ ରାୟଗୁରୁ, ସମ୍ପାଦକ ବାଲ୍ମୀକ ବଳିୟାରସିଂହ, ପ୍ରଫୁଲ୍ଲ ମହାପାତ୍ର, ଭକ୍ତ ବଲ୍ଲଭ ପଟ୍ଟନାୟକ, ନନ୍ଦିଘୋଷ ଉପସଭାପତି ହରିବନ୍ଧୁ ସାହୁ, ମୀନକେତନ ପାଟଶାଣୀ, ଲଲାଟେନ୍ଦୁ କେଶରୀ ସିଂ, ବୈଦ୍ୟନାଥ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୁରୁ ୟୁନାଇଟେଡ୍-ଡବ୍ଲ୍ୟୁ ୱାରିୟର୍ସ ମ୍ୟାଚ ଡ୍ର


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ବୋଲଗଡ଼,୨୦।୮(ଦେବବ୍ରତ ହୋତା)

**ବୋଲଗଡ଼ ଫୁଟ୍‌ବଲ ପ୍ରିମିୟର ଲିଗ୍**

ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ୫ମ ବୋଲଗଡ଼ ଫୁଟ୍‌ବଲ ପ୍ରିମିୟର ଲିଗ୍‌ର ୪ର୍ଥ ମ୍ୟାଚ ଦୁଇ ଫ୍ରାଞ୍ଚାଇଜ ଦଳ ଗୁରୁ ୟୁନାଇଟେଡ୍ ଓ ଡବ୍ଲୁ ୱାରିୟର୍ସ ମଧ୍ୟରେ ହୋଇଥିଲା। ଏଥିରେ ଗୁରୁ ୟୁନାଇଟେଡ୍ ଟିମ୍‌ର ଖେଳାଳି ମାନିଆ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଡବ୍ଲୁ ୱାରିୟର୍ସ ଟିମ୍‌ର ସୁଶାନ୍ତ ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଟିମ୍ ଆଉ କେହି କାହାକୁ ଗୋଲ ଦେଇ ନ ପାରିବାରୁ ମ୍ୟାଚ ଅମୀମାଂସିତ ରହିଥିଲା। ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଏହି ମ୍ୟାଚରେ ମୁଖ୍ୟ ରେଫରି ଭାବେ ଲକ୍ଷ୍ମୀଧର ଚୌଧୁରୀ ଓ ସହାୟକଭାବେ ଭଞ୍ଜକିଶୋର ଯତି ଏବଂ ବାଇଧର ବାହୁବଳେନ୍ଦ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଫ୍ରେଣ୍ଡସ କ୍ଲବର କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ପାଣ୍ଡିଆକେରା ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

କଣାସ,୨୦।୮(ବିଭୂତି ଭୂଷଣ ତ୍ରିପାଠୀ)

ପୂର୍ବରୁ ୫ ହଜାର ଜନସଂଖ୍ୟା ବିଶିଷ୍ଟ ପାଣ୍ଡିଆକେରା ଏବଂ ବଡ଼ାସ ପଞ୍ଚାୟତ ଏକାଠି ଥିଲା। ୨୦୦୨ ମସିହାରେ ପାଣ୍ଡିଆକେରା ପଞ୍ଚାୟତରୁ ୬ଟି ଗ୍ରାମକୁ ନେଇ ଅଲଗା ବଡ଼ାସ ପଞ୍ଚାୟତ ଗଠନ କରାଗଲା। ତେବେ ଦୀର୍ଘ ୨୨ ବର୍ଷ ହେବ ପଞ୍ଚାୟତ ଅଲଗା ହୋଇଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା ନେଇ ସରକାର ଗୁରୁତ୍ୱ ଦେଇନାହାନ୍ତି। ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରଟିଏ ନାହିଁ କି ସ୍ୱାସ୍ଥ୍ୟକର୍ମୀ ମଧ ନିଯୁକ୍ତ ହୋଇନାହାନ୍ତି। ପାଣ୍ଡିଆକେରା ଓ ବଡ଼ାସ ପାଇଁ ମାତ୍ର ଜଣେ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ଅଛନ୍ତି। ବଡ଼ାସଠାରୁ ପାଣ୍ଡିଆକେରାର ଦୂରତା ୩ କି.ମି.ରୁ ଊର୍ଦ୍ଧ୍ୱ ହେବ। ବନ୍ୟା ସମୟ ହେଉ କିମ୍ବା ରାତିଅଧରେ କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଲେ ଜନସାଧାରଣ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଥାନ୍ତି। ଜାନୁୟାରୀ ୨୬, ୨୦୨୧ରେ ବଡ଼ାସର ସ୍ୱତନ୍ତ୍ର ଗ୍ରାମ ସଭା ପ୍ରସ୍ତାବ ନଂ. ୫ ଅନୁଯାୟୀ, ବଡ଼ାସଠାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗଠନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲେ ମଧ୍ୟ ହୋଇପାରି ନାହିଁ।

# 'ପାରସ୍କର ଗୃହ୍ୟସୂତ୍ର' ସଂକ୍ରାନ୍ତ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ପୁରୀ, ୨୦।୮(ଅଜିତ ମହାନ୍ତି):

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବେଦ ବିଭାଗ ପକ୍ଷରୁ ରବିବାର 'ପାରସ୍କର ଗୃହ୍ୟସୂତ୍ର' ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗର ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଗୋପାଳକୃଷ୍ଣ ଦାଶ ଅଧ୍ୟକ୍ଷତା କରିଥିଲେ। ଆଲୋଚନା ଚକ୍ରରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଳା ସଂକାୟ ପ୍ରମୁଖ ଓ ଉଜ୍ଜୟିନୀସ୍ଥ ସାନ୍ଦୀପନି ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନର ପୂର୍ବତନ ସଚିବ ପ୍ରଫେସର କିଶୋର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗର ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଦିବାକର ମହାପାତ୍ର, ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗର ଅବସରପ୍ରାପ୍ତ ଆଚାର୍ଯ୍ୟ ଓ ସ୍ନାତକୋତ୍ତର ପରିଷଦର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଜୟକୃଷ୍ଣ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗର ଅବସରପ୍ରାପ୍ତ ଆଚାର୍ଯ୍ୟା ପ୍ରଫେସର ପ୍ରତିଭା ମଞ୍ଜରୀ ରଥ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ପାରସ୍କର ଗୃହ୍ୟସୂତ୍ରର ବିଭିନ୍ନ ଦିଗ ତଥା ସାମାଜିକ ଓ ସାଂସ୍କୃତିକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ବେଦ ବିଭାଗରେ ପ୍ରଚଳିତ ଗବେଷଣା ପ୍ରକଳ୍ପର ଏହା ଅଂଶବିଶେଷ ଥିଲା। ଆଲୋଚନା ଚକ୍ର ପ୍ରାରମ୍ଭରେ ବେଦ ବିଭାଗ ଅଧ୍ୟକ୍ଷା ତଥା ଗବେଷଣା ପ୍ରକଳ୍ପ ଅନୁସନ୍ଧାତ୍ରୀ ଡ. ପରାମ୍ବା ଶ୍ରୀଯୋଗମାୟା ସ୍ୱାଗତ ଭାଷଣ ଦେଇଥିଲେ। ବେଦ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଚନ୍ଦନ କୁମାର ମିଶ୍ର ସଭା ସଞ୍ଚାଳନ କରିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ସଭା ପ୍ରାରମ୍ଭରେ ବେଦ ପାଠ କରିଥିଲେ। ସ୍ନାତକୋତ୍ତର ବେଦ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଶରଧାପୁର ଫୁଟ୍‌ବଲ ଲିଗ୍ : ୨-୧ରେ କାଶୀପୁର ବିଜୟୀ

ଖୋର୍ଦ୍ଧା, ୨୦।୮ (ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟସ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ଶରଧାପୁର ଫୁଟବଲ ଲିଗ୍-୨୦୨୩ ଟୁର୍ନାମେଣ୍ଟରେ ଶନିବାର ରାଇଜିଂ ଷ୍ଟାର ତରତୁଆ ଏବଂ କାଶୀପୁର ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କାଇପଦର ଦଳର ପ୍ରୀତିଶ ଏକ ପେନାଲ୍ଟି ଗୋଲ ମାରିଥିଲେ। ବିପକ୍ଷ ଦଳର ଏମ୍.ଡି. ସାକିଲ ଗୋଲ ମାରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ସଂଘର୍ଷପୂର୍ଣ୍ଣ ମଧ୍ୟରେ ଦ୍ୱିତୀୟାର୍ଦ୍ଧରେ କାଶୀପୁର ଦଳର ପରେଶଙ୍କ ଏକ ଗୋଲ ବଳରେ ଦଳ ୨-୧ରେ ଆଗୁଆ ରହିଥିଲା। ଶେଷ ହେବା ପର୍ଯ୍ୟନ୍ତ ବିପକ୍ଷ ଦଳ ଗୋଲ ଦେଇପାରି ନ ଥିଲା। ଫଳରେ କାଶୀପୁର ବିଜୟୀ ହୋଇଥିଲା। ରେଫରି ଭାବେ ଗିରିଶ ଚନ୍ଦ୍ର ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ବେହେରା ଓ ବିଦେଶୀ ନାୟକ ସହାୟତା କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟପ୍ରକାଶ ମହାନ୍ତି, ଗ୍ରାମ ସଭାପତି ଲକ୍ଷ୍ମୀଧର ବଡ଼ଜେନା, ବନମାଳୀ ସାହୁ, ଆୟୋଜକ ଟିମ୍ ସଭାପତି ଏମ୍.ଡି. ଇଦ୍‌ରିସ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ଟିମ୍‌ର ପରେଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ସୋମବାର ମ୍ୟାଚ ଜଟଣୀ-୧୧ ଏବଂ କ୍ଲବ ମର୍ନିଂ ଷ୍ଟାର ଖୋର୍ଦ୍ଧା ମଧ୍ୟରେ ହେବ ବୋଲି ସମ୍ପାଦକ ସୟଦ ଏକ୍. ହୁଦା ଜଣାଇଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# 'ପୁରାଣ ସଂସ୍କୃତି ସମ୍ବନ୍ଧରେ ଅବଗତ କରାଇଥାଏ'

ଜଟଣୀ,୨୦।୮(ରବୀନ୍ଦ୍ର ନାଥ ମହାକୁଡ଼)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଜଟଣୀ ବ୍ଲକ ଅନ୍ତର୍ଗତ ଖୁଦୁପୁରସ୍ଥିତ ମା'ଖୁଣ୍ଟିଆଳ ମନ୍ଦିର ପରିସରରେ ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ 'ପୁରାଣ ସମୃଦ୍ଧ ଆମ ସଂସ୍କୃତି' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁସାହିତ୍ୟିକା ଡ.ସୁଷମା ମିଶ୍ର ଯୋଗଦେଇଥିଲେ। ପୁରାଣରେ ଆମ ସଂସ୍କୃତି, ଏତିହ୍ୟ, ପରମ୍ପରା ଓ ସଦାଚାର ଲୁଚି ରହିଛି। ନାରୀ ସବୁବେଳେ ନିଜ ସଂସ୍କୃତି ରକ୍ଷା ସହ ପରିବାର ଓ ସମାଜକୁ ମାର୍ଗଦର୍ଶନ ପ୍ରଦାନ କରିଥାଏ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥିଭାବେ ପିପିଲି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଧ୍ରୁବ ଚରଣ ଜୟସିଂହ ପାଇକରାୟ, କେଦାରନାଥ ଜୟସିଂ ଯୋଗ ଦେଇ ଖୁଦୁପୁର ମାଟିର ଐତିହାସିକ କିମ୍ବଦନ୍ତୀ ଓ ସ୍ୱାଧୀନତା ସଂଗ୍ରାମରେ ପାଇକଙ୍କ ସାହାସିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଆମରି ସତ୍ୟର ଉପଦେଷ୍ଟା ତ୍ରିଲୋଚନ ମହାପାତ୍ର ପୁରାଣ ପାଠ ଓ ଶୁଣିବା ଦ୍ୱାରା ବ୍ୟକ୍ତିର ସମୁନ୍ନତି ସାଧିତ ହୋଇଥାଏ ବୋଲି କହିଥିଲେ। ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ପୁରାଣ ଆମକୁ ସଂସ୍କୃତି ବିଷୟରେ ଅବଗତ କରିଥାଏ ବୋଲି କହିଥିଲେ। ଆମରି ସତ୍ୟ ବିକାଶ ପରିଷଦର ସମ୍ପାଦକ ଆଦିନାରାୟଣ ଖଣ୍ଡୁଆଳ ସ୍ୱାଗତ ଭାଷଣ, ପଦ୍ମନାଭ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆମରି ସତ୍ୟ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇ ମତବ୍ୟକ୍ତ ରଖିଥିଲେ। ଏହି ଅବସରରେ ସାମାଜିକକର୍ମୀ ଭରତ ମାର୍ଥାଙ୍କୁ ସମ୍ମାନିତ କରାଯାଇଥିଲା। ପଦ୍ମଚରଣ ସାହୁଙ୍କ ସଭାପତିତ୍ୱରେ ଏକ କବିତା ପାଠ ଅନୁଷ୍ଠିତ ହୋଇଥିଲା। ବାସୁଦେବ ସାହୁ, ବ୍ରଜବନ୍ଧୁ ନାୟକ, ଶରତ ଚନ୍ଦ୍ର ଦାଶ, ବିଜୟ କୁମାର ହରିଚନ୍ଦନ, ଅମୀୟ କୁମାର ସାହୁ, ଡ. ସୁକାନ୍ତି ମହାପାତ୍ର, ପର୍ଶୁରାମ ମାର୍ଥା, ପ୍ରଶାନ୍ତ କୁମାର ଦାଶ, ଦାଶରଥି ପଟ୍ଟନାୟକ, ଭଗୀରଥି ପାଟଯୋଶୀ, ସୁରେଶ କୁମାର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଜନ୍ମେଜୟ ମିଶ୍ର, ସୁଦର୍ଶନ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ନାୟକ, ଆରତୀ ସେନ ପ୍ରମୁଖ ଯୋଗଦେଇଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଆଜି ବିଶ୍ୱ ବରିଷ୍ଠ ନାଗରିକ ଦିବସ

ସାକ୍ଷୀଗୋପାଳ,୨୦।୮(ଭରତ ରାଉତ)

ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ନାଗରିକ ଦିବସ ପାଳନ ଅବସରରେ ସତ୍ୟବାଦୀ ପାନ୍ଥନିବାସ ପରିସରସ୍ଥ ଗୋପୀନାଥ ଦେବଙ୍କ ଦୋଳବେଦୀ ନିକଟରେ ମହୋତ୍ସବ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଆସନ୍ତା ୨୧ରେ ପରିଷଦ ପକ୍ଷରୁ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ଦିନଟିକୁ ମହାସମାରୋହରେ ପାଳନ କରାଯିବ। ପୁରୀ ଏସ୍‌ପିଙ୍କ ସ୍ୱାକ୍ଷରିତ ନୂତନ ପଞ୍ଜୀକୃତ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ ପୂର୍ବକ ପରିଷଦର ପୂର୍ବ ପଞ୍ଜୀକୃତ ସମସ୍ତ ବରିଷ୍ଠ ନାଗରିକଙ୍କୁ ଚଳପ୍ରଚଳର ସୁବିଧା ନିମନ୍ତେ ଗୋଟିଏ ଷ୍ଟିଲ ସହାୟକ ଆଶାବାଡି ପ୍ରଦାନ କରାଯିବ। ଏଥିସହ ବରିଷ୍ଠ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ପରିଷଦ ସଭାପତି ଗୁଣ୍ଡିଚା ବରାଳଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ଅଞ୍ଜନ ହୋତା, ସଂଗଠନ ଅମର ନନ୍ଦ, ଦେବତିକ୍ତ ମିଶ୍ର, କୋଷାଧ୍ୟକ୍ଷ ବନମାଳୀ ବେହେରା, ସଂଯୋଜକ ହୃଷୀକେଶ ମିଶ୍ର, ଲୋକସେବକ ମଣ୍ଡଳୀ ଓଡ଼ିଶା ଶାଖାର ନିରଞ୍ଜନ ରଥ, ସୁଭାଶିଷ ଖୁଣ୍ଟିଆ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେବେ।

## ପରୋପକାରୀ ମହିଳା କ୍ଷେତ୍ରମଣିଙ୍କ ପରଲୋକ

ସାକ୍ଷୀଗୋପାଳ,୨୦।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ ପେଣ୍ଟପଡ଼ା ପଞ୍ଚାୟତ ରଙ୍ଗଣି ସାହିର ପରୋପକାରୀ ମହିଳା କ୍ଷେତ୍ରମଣି ଦେବୀ(୬୯)ଙ୍କ ରବିବାର ପରଲୋକ ଘଟିଛି। ଶନିବାର



ମଧ୍ୟରାତ୍ରିରେ ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ଘର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ସ୍ୱର୍ଗତ ଦେବୀ ପ୍ରଥମେ ସତ୍ୟବାଦୀର ବିଭିନ୍ନ ସ୍କୁଲରେ ଉଚ୍ଚକୋଟୀର ଶିକ୍ଷାଦାନ କରି ସେ ସମୟରେ ବିଭିନ୍ନ ସଙ୍ଗଠନ ଓ ଅଧିକାରୀଙ୍କଠାରୁ ଅନେକ ପ୍ରଶଂସିତ ହୋଇଥିଲେ। ଶେଷରେ ସେବକ ସାହି ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ପଦବୀରୁ ଅବସର ନେଇଥିଲେ। ଅବସର ପରେ ଘରେ ରହି ଅଞ୍ଚଳର ଦୁଃଖୀ ଓ ଆର୍ଥିକ ଅଭାବୀ ଲୋକଙ୍କୁ ସହଯୋଗ ପାଇଁ ନିଜର ପେନ୍‌ସନ ଅର୍ଥ ପ୍ରଦାନ କରୁଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ପ୍ରଭାକର କର, ଝିଅ ପ୍ରଜ୍ଞାପାରମିତା କର, ସମ୍ପର୍କୀୟ ଆଶୁତୋଷ ପାତ୍ର, ବିଦ୍ୟାଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

## କଣାସ ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା

କଣାସ,୨୦।୮(ବିଭୂତି ଭୂଷଣ ତ୍ରିପାଠୀ)

ତହସିଲ କାର୍ଯ୍ୟାଳୟରେ ପ୍ରତିଦିନ ଲୋକେ ବିଭିନ୍ନ କାମ ନେଇ ଭିଡ଼ ଲଗାଇଥାନ୍ତି। ମାତ୍ର କଣାସ ତହସିଲ କାର୍ଯ୍ୟାଳୟରେ ୨ଜଣ ଅତିରିକ୍ତ ତହସିଲଦାର ଓ ଜଣେ କିରାଣି ଅଭାବରୁ ଲୋକେ ବାର ପ୍ରକାର ହିନସ୍ତା ହୋଇ ଘରକୁ ଫେରୁଛନ୍ତି। କାର୍ଯ୍ୟାଳୟ ସମ୍ଭାଳିବାକୁ ଏକମାତ୍ର ତହସିଲଦାରଙ୍କ ପକ୍ଷେ କାଠିକର ପାଠ ହୋଇପଡୁଛି। ପ୍ରତିଦିନ ତହସିଲଦାର ଶହ ଶହ ଲୋକଙ୍କ ଅଭିଯୋଗ ସମାଧାନ କରିବା ସହିତ ସବ୍‌ରେଜିଷ୍ଟ୍ରେଶନ କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱ ତୁଲାଇବା ଏବଂ କ୍ଷେତ୍ର ପରିଦର୍ଶନ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଅନେକ ସମୟରେ ଅଦାଲତ ଯିବା ସହ ଜିଲାପାଳଙ୍କ ସହ ମିଟିଂରେ ଯୋଗ ଦେଉଥିବାରୁ ଲୋକଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି କାମ କରି ନ ପାରିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟାକୁ ଉପଲବ୍ଧି କରି ଅତିରିକ୍ତ ତହସିଲଦାର ଓ କିରାଣିଙ୍କୁ ନିଯୁକ୍ତି ଦେବାର ଆବଶ୍ୟକତା ରହିଥିବା ସାଧାରଣ ଲୋକଙ୍କ ପକ୍ଷରୁ ଦାବି ହୋଇଛି। ଗତ ଜିଲାପାଳଙ୍କ ଶୁଣାଣି ଶିବିରରେ କେତେକ ବ୍ୟକ୍ତି ଅତିରିକ୍ତ ତହସିଲଦାର ପଦବୀ ଖାଲି ପଡିଥିବାରୁ ତୁରନ୍ତ ନିଯୁକ୍ତି ଦେବାକୁ ଦାବି କରିଥିଲେ।

# ‘ଓଡ଼ିଶାରେ ପ୍ରଥମେ ବିଷହରଣ ଚିକିତ୍ସାର ସୂତ୍ରପାତ ହୋଇଥିଲା’

ପୁରୀ,୨୦।୮(ଅଜିତ ମହାନ୍ତି)

**ଡ. ସୁରେନ୍ଦ୍ର ମିଶ୍ରଙ୍କ ପୁସ୍ତକ ‘ଓଡ଼ିଶାର ପାଣ୍ଡିତ୍ୟ ପରମ୍ପରା’ରେ ରହିଛି ତଥ୍ୟ**

ଓଡ଼ିଆ ବିଦ୍ୱାନମାନଙ୍କର ଭାରତ ପ୍ରତି ବିଶେଷ ଅବଦାନ ରହିଛି। ତେବେ ସେମାନେ ଯେପରି ପରିଚୟ ପାଇବା କଥା ସେପରି ପାଇନାହାନ୍ତି। ସେଇ ପଣ୍ଡିତମାନଙ୍କ ତଥ୍ୟ ଓ ଅବଦାନ ସମ୍ପର୍କିତ ଏକ ପୁସ୍ତକ ରଚନା କରିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର। ପୁସ୍ତକର ନାମ ରହିଛି ‘ଓଡ଼ିଶାର ପାଣ୍ଡିତ୍ୟ ପରମ୍ପରା’। ଏ ନେଇ ଡ. ମିଶ୍ର କହିଛନ୍ତି, ଓଡ଼ିଶା ପାଣ୍ଡିତ୍ୟ ପରମ୍ପରାର ଐତିହ୍ୟକୁ ତଉଲେଇଲା ବେଳେ ମନରେ ଆବେଗ ସୃଷ୍ଟି ହୋଇଛି। ନିଜକୁ ନିଜେ ପ୍ରଶ୍ନ ପଚାରିବାକୁ ପଡୁଛି କାହିଁକି ଭାରତରେ ତଥା ବିଶ୍ୱରେ ଓଡ଼ିଶାର ଯେଉଁ ଗୌରବମୟ ଅବଦାନ ଥିଲା, ତାହା ଯେତିକି ଚର୍ଚ୍ଚା ପରିସରକୁ ଆସିବା କଥା ତାହା ଆସିପାରି ନାହିଁ । କାହିଁକି ଆମର ଗୌରବଗାଥା ଭାରତରେ ବିଭିନ୍ନ ଭାଷାରେ ପ୍ରକାଶିତ ‘ସଂସ୍କୃତ ସାହିତ୍ୟ ଇତିହାସ’ ପୁସ୍ତକରେ ସମ୍ମାନର ସହିତ ସ୍ଥାନ ପାଇନାହିଁ। କାଁ-ଭାଁ ଧାଡ଼ିଏ ଦି’ ଧାଡ଼ି ଅଥବା ଅତିବେଶୀ ୭/୮ ଧାଡ଼ିରେ ହାତଗଣତି ୨/୪ ଜଣ ବିଦ୍ୱାନଙ୍କ କଥା ସୂଚିତ ହୋଇଛି। ଆମର ଅନେକ ବିଦ୍ୱାନଙ୍କୁ ଟାଣି-ଓଟାରି ନିଜ ନିଜ ପ୍ରଦେଶର ବୋଲି ପ୍ରତିପାଦନ କରିବାରେ ବାହାରର ଇତିହାସକାରମାନେ କୃପଣତା ଦେଖେଇନାହାଁନ୍ତି। ଏମିତି ଦିନେ ଅନୁସନ୍ଧାନର ସୂତ୍ର ଖୋଜୁ ଖୋଜୁ ସେଇ ଅନାଲୋଚିତ ଐତିହ୍ୟ ଭିତରକୁ ଲେଖକ ଡ. ମିଶ୍ର ପ୍ରବେଶ କରିଥିଲେ। ୨୭ ବର୍ଷ ତଳର କଥା। ପ୍ରଥମେ ୫୫ ଜଣ ବିଦ୍ୱାନଙ୍କ ଅବଦାନକୁ ପର୍ଯ୍ୟାୟକ୍ରମେ ୩ଟି ପୁସ୍ତିକାରେ ପ୍ରକାଶ କରିଥିଲେ। ନାଁ ଦେଇଥିଲେ ‘ପୁରୀର ପାଣ୍ଡିତ୍ୟ ପରମ୍ପରା’। ସେବେଠୁ ଖୋଜାଲୋଡ଼ା ଚାଲିଲା। ମନେହେଲା ଓଡ଼ିଶାର ବିଦ୍ୱାନମାନେ ଅନାଲୋଚିତ ଓ ଅବହେଳିତ ହୋଇ ରହିଯାଇଛନ୍ତି। ବିଶେଷ ଅବଦାନ ଥିବା ପଣ୍ଡିତମାନଙ୍କୁ ନେଇ ଗ୍ରନ୍ଥଟିଏ କରିବାକୁ ଡ. ମିଶ୍ର ମନ ବଳାଇଲେ। ସେ ବାଛି ବାଛି ହଜାରେ ବିଦ୍ୱାନଙ୍କୁ ନେଇ ଉକ୍ତ ପୁସ୍ତକ ରଚନା କଲେ। ଓଡ଼ିଶାରେ ହିଁ ବିଷହରଣ ଚିକିତ୍ସାର ସୂତ୍ରପାତ ହୋଇଥିଲା। ଲୌହଭସ୍ମ ଓ ସ୍ୱର୍ଣ୍ଣଭସ୍ମ ପ୍ରସ୍ତୁତି ପ୍ରକ୍ରିୟାରେ ପ୍ରଥମେ ଓଡ଼ିଆ ବୈଦ୍ୟ ପଣ୍ଡିତମାନେ ପରୀକ୍ଷା ନିରୀକ୍ଷା କରି ସଫଳତା ପାଇଥିଲେ। ଓଡ଼ିଶାର କୃଷି ବିଜ୍ଞାନ ଉପରେ ସଂସ୍କୃତରେ ହିଁ ପ୍ରଥମେ ଗ୍ରନ୍ଥ ଲେଖା ହୋଇଥିଲା। ତାହା କୃଷି ପରାସର ନାମରେ ପ୍ରସିଦ୍ଧି ଥିଲା। ଯୁଦ୍ଧ ଶାସ୍ତ୍ରରେ ବିଶାଳ ଭଣ୍ଡାର ଓଡ଼ିଆ ପଣ୍ଡିତମାନେ ସୃଷ୍ଟି କରିଥିଲେ। ୨୯ଟି ବ୍ୟୁହରଚନା ଶୈଳୀ ଓଡ଼ିଶାରୁ ସୃଷ୍ଟି ହୋଇଥିଲା। ଯୁଦ୍ଧରେ ବ୍ୟବହୃତ ପଶୁମାନଙ୍କର ଚିକିତ୍ସା ପଦ୍ଧତି ଓଡ଼ିଶାରେ ଲେଖାହେବା ସହିତ ଘୋଡ଼ା ଓ ହାତୀଙ୍କୁ ଯୁଦ୍ଧ ଶିକ୍ଷା ଦେବାର କାଇଦା ସଂସ୍କୃତରେ ବି ଲେଖା ହୋଇଥଲା, ଯାହା ଭାରତରେ ଚମକ ସୃଷ୍ଟି କରିଥିଲା। ଓଡ଼ିଆ ବୌଦ୍ଧ ପଣ୍ଡିତ ଶ୍ରୀଦିଂନାଗ ନାଳନ୍ଦା ବିଶ୍ୱବିଦ୍ୟାଳୟ




କୁଳପତି ମଣ୍ଡନ କରିବା ଓ ପରମଗୁରୁ ରାହୁଲ ନାଳନ୍ଦା ବିଶ୍ୱବିଦ୍ୟାଳୟ (ମହାବିହାର)ର ଧର୍ମାଧ୍ୟକ୍ଷ ହେବା କମ୍ ଗୌରବର କଥା ନ ଥିଲା। ପ୍ରଥମ ଓଡ଼ିଆ ବୌଦ୍ଧ ପଣ୍ଡିତ ଆଚାର୍ଯ୍ୟ ପ୍ରାଜ୍ଞ (୭୯୬-୭୯୮ମସିହା)ରେ ଚାଇନା ଯାଇଥିଲେ। ଗଣ୍ଡବ୍ୟୁହ ଅବତଂସକ ଗ୍ରନ୍ଥ ସେଠାରେ ଦେବା ସହିତ ‘ତ୍ରିପିଟକ’ର ବ୍ୟାଖ୍ୟା କରିଥିଲେ। ଯେଉଁଦିନ ଓଡ଼ିଆ ପଣ୍ଡିତ ବୌଦ୍ଧଦର୍ଶନର ୩ଖଣ୍ଡ ଗ୍ରନ୍ଥ ରଚନା କରିଥିବେ ସେଦିନ ସ୍ମରଣୀୟ ବୌଦ୍ଧ ଦର୍ଶନର କାଳଚକ୍ରଯାନ ସମ୍ବନ୍ଧରେ ପ୍ରଥମେ ଓଡ଼ିଶାରେ ଗ୍ରନ୍ଥ ରଚନା କରିଥିଲେ ଆଚାର୍ଯ୍ୟ ପିତୋପାଦ। ନାଗପୁର ଭୋନ୍‌ସଲାଙ୍କ ସଭାମଣ୍ଡନ କରିଥିବା ଓଡ଼ିଆ ପଣ୍ଡିତ କବିଚନ୍ଦ୍ର କମଳଲୋଚନ ଖଡ୍‌ଗରାୟ ଆଜି ବି ମରହଟ୍ଟା ସଂସ୍କୃତ ପରମ୍ପରାରେ ଚର୍ଚ୍ଚିତ। ବିଜୟ ନଗରର ରାଜା କୃଷ୍ଣଦେବ ରାୟଙ୍କ ସଭାମଣ୍ଡନ କରିଥିବା କବିଚନ୍ଦ୍ରରାୟ ଦିବାକର ମିଶ୍ର ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଗାରିମାକୁ ପ୍ରତିଷ୍ଠା କରିଥିଲେ। ବିଶ୍ୱରେ ପ୍ରଥମେ ଦଶମିକ ପ୍ରୟୋଗ କରିଥିବା ପଣ୍ଡିତ ଶତାନନ୍ଦ ଓ ତାଙ୍କ କୃତି ଭାସ୍ୱତୀ ଓଡ଼ିଶା ସାଂସ୍କୃତିକ ଇତିହାସର ଅମୂଲ୍ୟ ସମ୍ପଦ। ପ୍ରଥମ ଗୀତିକାବ୍ୟ (ଗୀତଗୋବିନ୍ଦମ୍ ହୋଇଥାଇପାରେ) ଓଡ଼ିଶାରୁ ହିଁ ସୃଷ୍ଟି ହୋଇଥିଲା। ପଠାଣି ସାଆନ୍ତେ ଦି’ ଖଣ୍ଡ କାଠିରେ ବିଶ୍ୱବୈଜ୍ଞାନିକଙ୍କ ଆଖି ଖୋଲିଦେବା ଭଳି, ମାଧବ କର ଆୟୁର୍ବେଦ ବିଜ୍ଞାନର ‘ମାଧବନିଦାନମ’ ଲେଖି ଚିକିତ୍ସା କ୍ଷେତ୍ରରେ ଆଲୋଡ଼ନ ସୃଷ୍ଟି କରିଥୁଲେ। ଯୁଦ୍ଧରେ ବ୍ୟୁହ ନିର୍ମାଣ ଘୋଡ଼ା ଓ ହାତୀକୁ ଯୁଦ୍ଧବିଦ୍ୟା ଶିକ୍ଷା ଦେବାର କୌଶଳ ଓ ସେମାନଙ୍କ ଚିକିତ୍ସା ପଦ୍ଧତି ଗୋଦାବର ମିଶ୍ର ଲେଖିଥିଲେ। ମରହଟ୍ଟା ଦରବାରର ବିଖ୍ୟାତ ପଣ୍ଡିତ ପ୍ରସିଦ୍ଧ ଥିଲେ ‘ଗୋପୀ ପଣ୍ଡିତେ’, ସାତୋଟି ‘ସୋମଯଜ୍ଞ’ ସଫଳତାର ସହିତ ଓଡ଼ିଶାରେ ସମ୍ପନ୍ନ କରାଇଥିଲେ ସପ୍ତସୋମଯାଜୀ ବାଜପେୟୀ ଗୋପୀନାଥ ରାୟଗୁରୁ। ଓଡ଼ିଶାର ଅଷ୍ଟାଦଶ ବିଦ୍ୟାରେ ପାଣ୍ଡିତ୍ୟ ଅର୍ଜନ କରିଥିବା ଚୟନୀ ଚନ୍ଦ୍ରଶେଖର ରାୟଗୁରୁ ପେଶୱାରଙ୍କ ଦରବାରକୁ ଯାଇ ଶାସ୍ତ୍ରାର୍ଥରେ ଜୟଲାଭ କରି ରଘୁଜୀ ଭୋଂସଲାଙ୍କୁ ବନ୍ଦୀମୁକ୍ତ କରାଇଥିଲେ। ଓଡ଼ିଶାର ତନ୍ତ୍ର ବିଜ୍ଞାନୀ, କର୍ମକାଣ୍ଡ ବିଜ୍ଞାନୀ ଓ ଭାଷା ତଥା ଧ୍ୱନି କେବଳ ଭାରତରେ ନୁହେଁ, ବିଶ୍ୱରେ ନୂଆ ଦିଗ ଦେଖାଇବାରେ ସମର୍ଥ ହୋଇଥିଲେ ବୋଲି ଡ. ମିଶ୍ର ସୂଚନା ଦେଇ କହିଛନ୍ତି।



ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରିଠାରେ ଚାଲିଥିବା ଫଟୋ ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି ।

## ଓଡ଼ିଶା ଅମଲା ସଂଘ ପୁରୀ ଜିଲା ଶାଖାର ନିନ୍ଦା

ପୁରୀ, ୨୦।୮(ଅଜିତ ମହାନ୍ତି):

**୫-ଟି ସଚିବ, ଜିଲାପାଳଙ୍କୁ କାଳିପାଡ଼ ଘଟଣା**

ଅମଲା କ୍ଲବ୍ ପରିସରରେ ରବିବାର ଓଡ଼ିଶା ଅମଲା ସଂଘ ପୁରୀ ଜିଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ମହେନ୍ଦ୍ର କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଂଘର ସଭାପତି ଜ୍ଞାନ ରଞ୍ଜନ ଦାସ, ଅତିରିକ୍ତ ସମ୍ପାଦକ ଦୁର୍ଗାପ୍ରସନ୍ନ ମହାନ୍ତି, ଲଲାଟେନ୍ଦୁ ହୋତା, ଉପସଭାପତି ପ୍ରଶାନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ବନମାଳି ଗିରି, ଉପଦେଷ୍ଟା ସୁକାନ୍ତ କୁମାର ପଲେଇ, ଦେବାଶିଷ ଦାସ, ମାନସ କୁମାର ପାତ୍ର, ସରୋଜ କୁମାର ଦାସ, ସୁଜିତ୍ ମିଶ୍ର, ବାଦଲ କୁମାର ତରାସିଆ, ଗଣେଶ ପାତ୍ର, ସଞ୍ଜୟ ଶର୍ମା, ସଂଗ୍ରାମ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶନିବାର ସତ୍ୟବାଦୀଠାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଜିଲାପାଳ ସମର୍ଥ ବର୍ମାଙ୍କ ଉପରକୁ କାଳିଫିଙ୍ଗାଯିବା ଘଟଣାକୁ ଓଡ଼ିଶା ଅମଲା ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଓ ସହଯୋଗୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରାଯାଇଛି।

## ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ପୁରୀ,୨୦।୮(ଅଜିତ ମହାନ୍ତି)

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ରବିବାର ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅବକାଶ ଲେନ୍‌ସ୍ଥିତ ମା’ ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପେନସନଭୋଗୀ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ବହୁଦିନର ଦାବି ଚିକିତ୍ସା ଭତ୍ତା ଓ ୮୦ ବର୍ଷ ପରିବର୍ତ୍ତେ ୬୫ ବର୍ଷରୁ ଅତିରିକ୍ତ ପେନ୍‌ସନ୍ ୫ ପ୍ରତିଶତ ୭୦ ବର୍ଷରୁ ୧୦ ପ୍ରତିଶତ ୭୫ ବର୍ଷରୁ ୧୫ ପ୍ରତିଶତ ଓ ପ୍ରଚଳିତ ନିୟମ ଅନୁଯାୟୀ ୮୦ ବର୍ଷରୁ ୨୦ ପ୍ରତିଶତ ପ୍ରଦାନ କରିବାରେ ରାଜ୍ୟ ସରକାରଙ୍କ ଅବହେଳାକୁ ସଭ୍ୟମାନେ ନାପସନ୍ଦ କରି କ୍ଷୋଭ ପ୍ରକାଶ କରିଥିଲେ। ଦେଶର ୨୭ଟି ରାଜ୍ୟ ସରକାର ପେନସନ୍‌ଭୋଗୀଙ୍କୁ ସମସ୍ତ ସହାୟତା ପ୍ରଦାନ କରୁଥିବା ବେଳେ ଓଡ଼ିଶା ସରକାର ଉକ୍ତ ଚିକିତ୍ସା ଭତ୍ତା ଓ ଅତିରିକ୍ତ ପେନସନ୍ ସୁବିଧା ନ ଦେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଥିଲେ। ସରକାର ତରନ୍ତ ଦାବି ପୂରଣ କରିବା ପାଇଁ ସେ ଦାବି କରିଥିଲେ। ସେହିପରି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ଓ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ହେଉଥିବା କେଲେଙ୍କାରୀ ଦୁର୍ଭାଗ୍ୟଜନକ। ଏହାଦ୍ୱାରା ମେଧାବୀ ପ୍ରାର୍ଥୀମାନେ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ବୁଦ୍ଧିଜୀବୀମାନଙ୍କୁ ବ୍ୟଥିତ କରୁଛି । ଏଣୁ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରି ସାଧାରଣ ପ୍ରାର୍ଥୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ବେହେରା ଦାବି କରିଛନ୍ତି। ଏହି ଅବସରରେ ସଂଘର ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେପ୍ଟେମ୍ବର ୫ ତାରିଖରେ ୟୁଥ୍ ହଷ୍ଟେଲ ସଭାଗୃହରେ ବାର୍ଷିକ ଉତ୍ସବ ପାଳନ କରାଯିବ। ଏହି ଉତ୍ସବରେ ପ୍ରଫେସର ମିନତି ଦେ, ରମେଶ ଚନ୍ଦ୍ର ପଣ୍ଡା, ସଦାଶିବ ମିଶ୍ର, ଗଣେଶ୍ୱର ମହାପାତ୍ର, ଲକ୍ଷ୍ମୀଧର ସେଠୀ, ବାସନ୍ତୀ ପ୍ରଧାନ ଏବଂ ସୁକାନ୍ତି ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଘୋଷଣା କରାଯାଇଛି। ବୈଠକରେ ପ୍ରଫେସର ଅଦ୍ୱୈତ ଚରଣ ଧଳ, ପ୍ୟାରୀ ମୋହନ ପଟ୍ଟନାୟକ, ବ୍ରହ୍ମାନନ୍ଦ ଦାସ, ସନ୍ତୋଷ ମହାନ୍ତି, ପ୍ରଫୁଲ୍ଲ ସାହୁ, ଲକ୍ଷ୍ମୀଧର ମିଶ୍ର, ଦୁର୍ଗାବତୀ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରମେଶ ଚନ୍ଦ୍ର ବଳିଆରସିଂହ ଧନ୍ୟବାଦ ଦେଇଥିଲେ।

## ଚାରାରୋପଣ ଆମ ଭିତରେ ସମ୍ପର୍କ ସୃଷ୍ଟି କରିପାରିବ

ଗୋପ,୨୦।୮(ଭାରତୀ ଭୂଷଣ ଉପାଧ୍ୟାୟ)

ସମାଜ ଲାଗି ଚାରାରୋପଣର ଅନେକ ଆବଶ୍ୟକତା ରହିଛି ଓ ତାହା ହିଁ ଆମମାନଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିପାରିବ। ଉତ୍ସର୍ଗ ସଂଗଠନ ପକ୍ଷରୁ ବଳରାମ ପୀଠ ନିକଟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ଖଟୋଇ ଏହା ସୂଚନା ଦେଇଥିଲେ। ସଂଗଠନ ସଭାପତି ଲକ୍ଷ୍ମୀଧର ବେହେରା, ଗୋପ ବନବିଭାଗ ଅଧିକାରୀ ରମେଶ ଚନ୍ଦ୍ର ଜାନି, ସମ୍ପାଦକ ବିଷ୍ଣୁ ମୋହନ ପ୍ରଧାନ, ଭାଗୀରଥି ପ୍ରଧାନ, ବୀରଞ୍ଜନ ପ୍ରଧାନ, ଚନ୍ଦନ ଭୋଇ, ଛବିନ ଓଝାଙ୍କ ସମେତ ଅନ୍ୟ ସଭ୍ୟମାନେ ବଳରାମ ପୀଠ ସମେତ ନିକଟ କୁଶଭଦ୍ରା ନଦୀ ବନ୍ଧ, କେନାଲ ବନ୍ଧରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ।

## ପାଣ୍ଡିଆକେରା ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

କଣାସ,୨୦।୮(ବିଭୂତି ଭୂଷଣ ତ୍ରିପାଠୀ)

**ପ୍ରଶାସନର ନଜର ନାହିଁ**

ପୂର୍ବରୁ ୫ ହଜାର ଜନସଂଖ୍ୟା ବିଶିଷ୍ଟ ପାଣ୍ଡିଆକେରା ଏବଂ ବଡ଼ାସ ପଞ୍ଚାୟତ ଏକାଠି ଥିଲା। ୨୦୦୨ ମସିହାରେ ପାଣ୍ଡିଆକେରା ପଞ୍ଚାୟତରୁ ୬ଟି ଗ୍ରାମକୁ ନେଇ ଅଲଗା ବଡ଼ାସ ପଞ୍ଚାୟତ ଗଠନ କରାଗଲା। ତେବେ ଦୀର୍ଘ ୨୨ ବର୍ଷ ହେବ ପଞ୍ଚାୟତ ଅଲଗା ହୋଇଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା ନେଇ ସରକାର ଗୁରୁତ୍ୱ ଦେଇନାହାନ୍ତି। ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରଟିଏ ନାହିଁ କି ସ୍ୱାସ୍ଥ୍ୟକର୍ମୀ ମଧ୍ୟ ନିଯୁକ୍ତ ହୋଇନାହାନ୍ତି। ପାଣ୍ଡିଆକେରା ଓ ବଡ଼ାସ ପାଇଁ ମାତ୍ର ଜଣେ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ଅଛନ୍ତି। ବଡ଼ାସଠାରୁ ପାଣ୍ଡିଆକେରାର ଦୂରତା ୩ କି.ମି.ରୁ ଊର୍ଦ୍ଧ୍ୱ ହେବ। ବନ୍ୟା ସମୟ ହେଉ କିମ୍ବା ରାତିଅଧରେ କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଲେ ଜନସାଧାରଣ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଥାନ୍ତି। ଜାନୁୟାରୀ ୨୬, ୨୦୨୧ରେ ବଡ଼ାସର ସ୍ୱତନ୍ତ୍ର ଗ୍ରାମ ସଭା ପ୍ରସ୍ତାବ ନଂ. ୫ ଅନୁଯାୟୀ, ବଡ଼ାସଠାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗଠନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ତତ୍‌ସଙ୍ଗେ ବଡ଼ାସର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡିଭାଇନ ଚାରିଟେବୁଲ ଟ୍ରଷ୍ଟ ସମ୍ପାଦକ ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇବା ସହ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗଠନ ନିମନ୍ତେ ଆବଶ୍ୟକ ଜମି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରିତାପର ବିଷୟ ବଡ଼ାସରେ ବର୍ତ୍ତମାନ ସୁଦ୍ଧା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗଠନ ହୋଇପାରିନାହିଁ। ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗଠନ ପାଇଁ ସାଧାରଣରେ ଦାବି ହେଉଛି।

## ପୁରୀ ଜିଲାରେ ବ୍ୟାପୁଛି ଡେଙ୍ଗୁ

ପୁରୀ, ୨୦।୮(ଅଜିତ୍ ମହାନ୍ତି)

ପୁରୀ ଜିଲାରେ ଡେଙ୍ଗୁ ବ୍ୟାପୁଛି। ହୁ ହୁ ହୋଇ ସଂକ୍ରମଣ ବଢିଚାଲିଛି। ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ଏପର୍ଯ୍ୟନ୍ତ ପୁରୀ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ରୁ ଊର୍ଦ୍ଧ୍ୱ ହେଲାଣି। ତଥାପି ପ୍ରଶାସନ ଚେତୁନାହିଁ। ପୁରୀ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ିରହୁଥିବାବେଳେ ପାଣି ଜମୁଛି। ସେଠାରେ ଲାର୍ଭା ସୃଷ୍ଟି ହୋଇ ମଶାବଂଶ ବୃଦ୍ଧି ପାଉଛି। ମଶା ଉତ୍ପତ୍ତିସ୍ଥଳ ନଷ୍ଟ କରାଯିବା, ମଶାତେଲ ସିଞ୍ଚନ ଓ ମଶା ଧୂଆଁ ଛଡ଼ାଯିବା ପ୍ରତି ପ୍ରଶାସନ ଗୁରୁତ୍ୱ



ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ପୁରୀ ସହରକୁ ପ୍ରତିଦିନ ଦେଶ ବିଦେଶରୁ ଭକ୍ତ ଓ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ସେମାନେ ଡେଙ୍ଗୁରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ସ୍ୱାସ୍ଥ୍ୟ ବିଭାଗ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ଗତବର୍ଷଠାରୁ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଇଥିବା କୁହାଯାଉଛି।

## ଅନନ୍ୟା କଳା ମନ୍ଦିର ପକ୍ଷରୁ ରକ୍ତଦାନ ଶିବିର

ପୁରୀ, ୨୦।୮(ଅଜିତ ମହାନ୍ତି)

ସାଂସ୍କୃତିକ ଅନୁଷ୍ଠାନ ଅନନ୍ୟା କଳା ମନ୍ଦିର ପକ୍ଷରୁ ତୃତୀୟ ଥର ପାଇଁ ରକ୍ତଦାନ ଶିବିର ରବିବାର ପୁରୀ ସେବା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ସଭାପତି ଜୟ ଶଙ୍କର ଯୋଶୀ, ସମାଜସେବୀ ଶ୍ୟାମ ପ୍ରକାଶ ସେନାପତି, ପୁରୀ ସେବା ସମିତି କର୍ମକର୍ତ୍ତା ରବି ସେନାପତି ଏବଂ ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାଞ୍ଚନ ଶୁକ୍ଳା, ଜୟଶ୍ରୀ ଦାସ, ଦିଲ୍ଲୀପ ନାୟକ, ଗୌରବ ଚରଣ କରନ, ଦୁର୍ଗାପ୍ରସାଦ ଦାସ ଏବଂ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ମନୋଜ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶିବିରରେ ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି ।

## ‘ପାରସ୍କର ଗୃହ୍ୟସୂତ୍ର’ ସଂକ୍ରାନ୍ତ ଆଲୋଚନାଚକ୍ର

ପୁରୀ, ୨୦।୮(ଅଜିତ ମହାନ୍ତି):

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବେଦ ବିଭାଗ ପକ୍ଷରୁ ରବିବାର ‘ପାରସ୍କର ଗୃହ୍ୟସୂତ୍ର’ ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗର ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଗୋପାଳକୃଷ୍ଣ ଦାଶ ଅଧ୍ୟକ୍ଷତା କରିଥିଲେ। ଆଲୋଚନା ଚକ୍ରରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଳା ସଂକାୟ ପ୍ରମୁଖ ଓ ଉଜ୍ଜୟିନୀସ୍ଥ ସାନ୍ଦୀପନି ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନର ପୂର୍ବତନ ସଚିବ ପ୍ରଫେସର କିଶୋର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗର ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଦିବାକର ମହାପାତ୍ର, ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗର ଅବସରପ୍ରାପ୍ତ ଆଚାର୍ଯ୍ୟ ଓ ସ୍ନାତକୋତ୍ତର ପରିଷଦର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଜୟକୃଷ୍ଣ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗର ଅବସରପ୍ରାପ୍ତ ଆଚାର୍ଯ୍ୟା ପ୍ରଫେସର ପ୍ରତିଭା ମଞ୍ଜରୀ ରଥ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ପାରସ୍କର ଗୃହ୍ୟସୂତ୍ରର ବିଭିନ୍ନ ଦିଗ ତଥା ସାମାଜିକ ଓ ସାଂସ୍କୃତିକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ବେଦ ବିଭାଗରେ ପ୍ରଚଳିତ ଗବେଷଣା ପ୍ରକଳ୍ପର ଏହା ଅଂଶବିଶେଷ ଥିଲା। ଆଲୋଚନା ଚକ୍ର ପ୍ରାରମ୍ଭରେ ବେଦ ବିଭାଗ ଅଧ୍ୟକ୍ଷା ତଥା ଗବେଷଣା ପ୍ରକଳ୍ପ ଅନୁସନ୍ଧାତ୍ରୀ ଡ. ପରାମ୍ବା ଶ୍ରୀଯୋଗମାୟା ସ୍ୱାଗତ ଭାଷଣ ଦେଇଥିଲେ। ବେଦ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଚନ୍ଦନ କୁମାର ମିଶ୍ର ସଭା ସଞ୍ଚାଳନ କରିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ସଭା ପ୍ରାରମ୍ଭରେ ବେଦ ପାଠ କରିଥିଲେ। ଏହି ଆଲୋଚନା ଚକ୍ରରେ ସ୍ନାତକୋତ୍ତର ବେଦ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ନୂଆ ରୂପରେ ବନ୍ଦେ ଭାରତ ଏକ୍ସପ୍ରେସ

ଭୁବନେଶ୍ୱର,୨୦।୮(ଅଭିଜିତ ଦାସ)



## ରଙ୍ଗ ସହ ୨୫ ପରିବର୍ତ୍ତନ

■ ୨୫ ରୁଟ୍‌ରେ ଚାଲିଛି ୫୦ ବନ୍ଦେ ଭାରତ ଏକ୍ସପ୍ରେସ୍

■ ଆସନ୍ତା ବର୍ଷରୁ ବନ୍ଦେ ଭାରତ ସ୍ଲିପର କୋଚ୍

ନୂଆ ରୂପରେ ଗଢ଼ିବ ବନ୍ଦେ ଭାରତ ଏକ୍ସପ୍ରେସ୍। ଏଥିରେ ରଙ୍ଗ ସହ ୨୫ ପ୍ରକାର ପରିବର୍ତ୍ତନ କରାଯାଇ ଶନିବାର ଟ୍ରାଏଲ ଟ୍ରାକ୍‌ରେ ପରୀକ୍ଷଣ କରାଯାଇଛି। ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି(ଆଇସିଏଫ୍)ରୁ ଏକ ନାରଙ୍ଗୀ ଓ ଧଳା ରଙ୍ଗର ବନ୍ଦେ ଭାରତ ଏକ୍ସପ୍ରେସ୍‌ର ସଫଳ ପରୀକ୍ଷଣ ହୋଇଛି। ଆଗାମୀ ଦିନରେ ନୂଆ ରଙ୍ଗର ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବ ବୋଲି ରବିବାର ଭାରତୀୟ ରେଳ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

ଯାତ୍ରୀଙ୍କୁ ଅତ୍ୟାଧୁନିକ ସେବା ଯୋଗାଇ ଦେବା ପାଇଁ ୨୦୧୯ରେ ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିଥିଲା। ରେଳ ଯାତ୍ରୀଙ୍କ ଚାହିଦା ଅନୁଯାୟୀ, ବର୍ତ୍ତମାନ ଦେଶର ୨୫ଟି ରୁଟ୍‌ରେ ୫୦ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚାଲୁଛି। ତେବେ ପୂର୍ବରୁ ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ରଙ୍ଗ ଧଳା ହୋଇଥିବାବେଳେ କିଛି ଅଂଶ ନୀଳ ରହିଥିଲା। ତେବେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ କରାଯାଇଛି। ଟ୍ରେନ୍‌ର ବାହାର ପାର୍ଶ୍ୱ ନାରଙ୍ଗୀ ଓ ଧଳା ରଙ୍ଗ ହୋଇଥିବାବେଳେ ଟ୍ରେନ୍ ଭିତର ଧଳା ଓ ସିଟ୍‌ଗୁଡିକ ନୀଳ ରଙ୍ଗ କରାଯାଇଛି। ଏଥିସହ ଏଥିରେ ୨୫ ପ୍ରକାରର ପରିବର୍ତ୍ତନ ଅଣାଯାଇଛି। ୮ଟି କୋଚ୍ ବିଶିଷ୍ଟ ଏସି ଚେୟାର କାର୍ ଥିବା ଏହି ଟ୍ରେନ୍‌ର ଭିତର ପାର୍ଶ୍ୱରେ ଭିତିଭୂମିରେ କେତେକ ପରିବର୍ତ୍ତନ କରାଯାଇଛି। ଅତ୍ୟାଧୁନିକ ଫାୟାର ସେଫ୍ଟି ବ୍ୟବସ୍ଥା, ସିଟ୍‌ଗୁଡିକର ଓସାର ବୃଦ୍ଧି ସହ ଆରାମଦାୟକ କରାଯାଇଛି। ସେହିପରି ଦିବ୍ୟାଙ୍ଗ ଯାତ୍ରୀଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାବେଳେ ପ୍ରତ୍ୟେକ ସିଟ୍ ତଳେ ଚାର୍ଜିଂ ପଏଣ୍ଟ, ଇ-ଶୌଚାଳୟରେ ଅତ୍ୟାଧୁନିକ ବ୍ୟବସ୍ଥା, ଜଳବାୟୁ ଓ ସ୍ୱାସ୍ଥ୍ୟକୁ ଖାପଖୁଆଇବା ଭଳି ଶୀତତାପ ନିୟନ୍ତ୍ରଣ, ୱାଇ-ଫାଇ, କୋଚ୍ ଭିତରେ ମାଗାଜିନ କର୍ଣ୍ଣର ଭଳି ବିଭିନ୍ନ ସୁବିଧା କରାଯାଇଛି।

ଗତ ସପ୍ତାହରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚେନ୍ନାଇର ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି(ଆଇସିଏଫ୍)ରେ ବନ୍ଦେ ଭାରତର ମରାମତି କାର୍ଯ୍ୟର ତଦାରଖ କରିଥିଲେ। ଏହି ସମୟରେ ସେ କହିଥିଲେ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ୮ଟି କୋଚ୍ ବିଶିଷ୍ଟ ନୂଆ ଥିମ୍‌ର ବନ୍ଦେ ଭାରତ ଏକ୍ସପ୍ରେସ୍‌ର ନିର୍ମାଣ କାର୍ଯ୍ୟ ଚାଲିଛି। ଭାରତୀୟ ରେଳ ନେଟୱର୍କରେ ବନ୍ଦେ ଭାରତ ଏକ୍ସପ୍ରେସ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ସେହିପରି ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଯାତ୍ରୀଙ୍କ ଲାଗି ସ୍ଲିପର କୋଚ୍‌ର ନିର୍ମାଣ କାର୍ଯ୍ୟ ଚାଲିଛି। ଏନେଇ ରୁଷିଆର ଟିଏମ୍ଏଚ୍ ଓ ଭାରତରେ ଆର୍ଏନ୍ଭିଏଲ୍ କମ୍ପାନୀ ମଧ୍ୟରେ ଚୁକ୍ତିନାମା କରାଯାଇଛି। ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ୧୨୦ଟି ସ୍ଲିପର ବିଶିଷ୍ଟ ବନ୍ଦେ ଭାରତ ଏକ୍ସପ୍ରସ୍ ଚଳାଚଳ କରିବ। ସେହିପରି ଆଇସିଏଫ୍‌ର ମହାପ୍ରବନ୍ଧକ ବି.ଜି. ମାଲ୍ୟା କହିଛନ୍ତି, ଜାତୀୟ ପତାକାର ନାରଙ୍ଗୀ ରଙ୍ଗରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ନୂଆ ଲୁକ୍ ଦିଆଯାଇଛି। ଖୁବ୍‌ଶୀଘ୍ର ଟ୍ରାକ୍‌ରେ ଚଳାଚଳ କରିବ ବୋଲି ସେ କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ, ନୂଆଦିଲ୍ଲୀ ପକ୍ଷରୁ ୧୩ତମ ଜାତୀୟ ଓଡ଼ିଶା ସ୍ୱାଭିମାନ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- 'ମେରି ମାଟି ମେରା ଦେଶ' ଶୋଭାଯାତ୍ରା, ଭେଟେରିନାରି କଲେଜ ପରିସର, ପୂର୍ବାହ୍ନ ୧୦ଟା।
- 'ଇମେଜ୍ ଓ ଇମାଜିନେଶନ୍' ଫଟୋ ପ୍ରଦର୍ଶନୀ, ବୁଦ୍ଧ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା।
- ବିଶ୍ୱ ଉଦ୍ୟୋଗୀ ଦିବସ ଅବସରରେ ସ୍ୱାକ୍-ଓ-ଥନ୍, କିଟ୍ ଟିବିଆଇ ଅଡିଟୋରିୟମ୍, ପୂର୍ବାହ୍ନ ୧୧ଟା ୩୦।
- ସିନେମା 'ପ୍ରଥା'ର ଟ୍ରେଲର ଲଞ୍ଚ ଇଭେଣ୍ଟ, ସିନେପଲିସ, ସନ୍ଧ୍ୟା ୭ଟା ୮।

## ଘରକୁ ଫେରିବାକୁ ଭିକ ମାଗୁଛନ୍ତି ବାହାନଗା ପୀଡ଼ିତ



ନନ୍ଦନକାନନ ଛକରେ ଭିକ ମାଗୁଥିବା ଗଣେଶ ସାହାଣୀ।

ବାରଙ୍ଗ,୨୦।୮
(ଲିଙ୍ଗରାଜ ରାଉତ)

### ବାଟରେ ଛାଡ଼ି ପଳାଇଲା ଆମ୍ବୁଲାନ୍ସ

### ସରୁନି ଟ୍ରେନ୍ ଦୁର୍ଘଟଣା ଆହତଙ୍କ ଦୁଃଖ

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଆହତ ବାଲେଶ୍ୱର ଅଞ୍ଚଳର ଗଣେଶ ସାହାଣୀ ଏବେ ନନ୍ଦନକାନନ ଛକରେ ଭିକ ମାଗୁଛନ୍ତି। ନିଜ ଦୁଃଖକୁ ସେ ଅନ୍ୟପାଖରେ ବଖାଣି ନିଜର ଖାଇବା ସହ ଚିକିତ୍ସା ଓ ଘରକୁ ଯିବାକୁ ଅର୍ଥ ଯୋଗାଡ଼ କରୁଛନ୍ତି। ଗଣେଶ ପରିବାର ଚଳାଇବାକୁ ହାଇଦ୍ରାବାଦରେ ଜଣେ ରାଜମିସ୍ତ୍ରି ପାଖରେ କାମ କରୁଥିଲେ। ସେଥିରେ ଯାହା ପାରିଶ୍ରମିକ ମିଳୁଥିଲା ସେଥିରେ ସେ କଷ୍ଟେମଷ୍ଟେ ପରିବାର ଚଳାଉଥିଲେ। କିନ୍ତୁ ହାଇଦ୍ରାବାଦରୁ ଘରକୁ ଫେରୁଥିବାବେଳେ ବାହାନଗା ପାଖରେ ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଚେତା ଆସିବା ବେଳକୁ ସେ କଟକ ବଡ଼ ଡାକ୍ତରଖାନାରେ ନିଜକୁ ପାଇଥିଲେ। ଦୁର୍ଘଟଣାରେ ବାମ ହାତ ଭାଙ୍ଗିଯାଇଥିବାବେଳେ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା। ଭଙ୍ଗାହାତ ଅପରେଶନ ପରେ ଶୁକ୍ରବାର ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥିଲେ। ଡାକ୍ତରଖାନା ପକ୍ଷରୁ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ମାତ୍ର ଆମ୍ବୁଲାନ୍ସ ଡ୍ରାଇଭର ଗଣେଷଙ୍କୁ ଘରକୁ ନ ନେଇ ତ୍ରିଶୂଳିଆ ଛକରେ ଛାଡ଼ି ପଳାଇ ଯାଇଥିଲା। ପାଖରେ ପଇସା ନ ଥିବାରୁ ସେ ଘରକୁ ଯିବା ପାଇଁ ଭିକ ମାଗୁଛନ୍ତି। ଏଥିସହ ଆଗକୁ ଚିକିତ୍ସା ପାଇଁ ଆବଶ୍ୟକ ଥିବା ଟଙ୍କା ଯୋଗାଡ଼ ଚିନ୍ତାରେ ଥିବା ସେ କହିଛନ୍ତି। ଘରେ ସ୍ତ୍ରୀ ସହ ୨ ପିଲା ଅଛନ୍ତି। ହାତ ଭାଙ୍ଗିଯାଇଥିବାବେଳେ ଆଘାତପ୍ରାପ୍ତ ଗୋଡ଼ରେ ଠିକ୍ ଭାବେ ସେ ଚାଲିପାରୁନାହାନ୍ତି। ଏପରିସ୍ଥିତିରେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ତେବେ ଏଭଳି ଅମାନବିକତା କାର୍ଯ୍ୟ କରିଥିବା ଆମ୍ବୁଲାନ୍ସ ଡ୍ରାଇଭର ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## କିମ୍ସରେ ଯୋଗଦେଲେ ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ସତୀଶ ଚନ୍ଦ୍ର

**ଭୁବନେଶ୍ୱର, ୨୦।୮(ଅସମାପିକା ସାହୁ):** ଦେଶର ଅନ୍ୟତମ ଖ୍ୟାତି ସମ୍ପନ୍ନ ସ୍ନାୟୁରୋଗ ବିଶେଷଜ୍ଞ ଡା. ପି ସତୀଶ ଚନ୍ଦ୍ର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍(କିମ୍ସ)ରେ ପ୍ରଫେସର ଏମେରିଟସ୍ ଭାବେ ଯୋଗ ଦେଇଛନ୍ତି। ଏହା ସହିତ ସେ କିମ୍ସ ବହିର୍ବିଭାଗରେ ମଧ୍ୟ ରୋଗୀଙ୍କୁ ନିର୍ଦ୍ଦିଷ୍ଟ ସମୟରେ ପରାମର୍ଶ ଦେବେ। ଦେଶର ଜଣାଶୁଣା ସ୍ନାୟୁରୋଗ ବିଶେଷଜ୍ଞ ଭାବେ ଡା. ସତୀଶଚନ୍ଦ୍ରଙ୍କ ସୁନାମ ରହିଛି। ସୋମବାର ସେ ପ୍ରଥମେ କିମ୍ସ ବହିର୍ବିଭାଗରେ ରୋଗୀଙ୍କୁ ପରାମର୍ଶ ଦେବେ। କିମ୍ସରେ ଡା. ସତୀଶଚନ୍ଦ୍ରଙ୍କ ଯୋଗଦାନ ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଏପିଲେପ୍‌ସି ସମେତ ଅନ୍ୟାନ୍ୟ ରୋଗରେ ପୀଡ଼ିତ ରୋଗୀ ଅତି ନିକଟରେ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ସେ ଭାରତ ସମେତ ବିଭିନ୍ନ ଦେଶର ପ୍ରମୁଖ ମେଡିକାଲ ଅନୁଷ୍ଠାନ ସହ ଜଡ଼ିତ ରହିବା ସହ ବେଙ୍ଗାଲୁରୁର ନିମହାନସର କୁଳପତି ଭାବେ ପୂର୍ବରୁ କାର୍ଯ୍ୟ କରିଛନ୍ତି। ଏଥିସହ ସେ ଚିକିତ୍ସାସେବା କ୍ଷେତ୍ରରେ ବହୁ ପୁରସ୍କାର ଓ ସଫଳତା ହାସଲ କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡା. ସତୀଶଚନ୍ଦ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ମାଷ୍ଟରମାଇଣ୍ଡଙ୍କୁ ଗିରଫ କଲା ଏସ୍‌ଟିଏଫ୍

### ନକଲି ସୂଚନା ଅଧିକାରୀଙ୍କ ଠକେଇ ରାକେଟର ଗୁମର ଖୋଲୁଛି

■ ଭୁବନେଶ୍ୱରରେ ରହି ମଦ ବ୍ୟବସାୟ ସହ ରାକେଟ ଚଳାଉଥିଲେ

■ ଠକେଇ ଟଙ୍କାରେ ଥାଇଲାଣ୍ଡ ବୁଲି ନିକଟରେ ଘରକୁ ଫେରିଥିଲେ

ଭୁବନେଶ୍ୱର,୨୦।୮(ସତ୍ୟଜିତ୍ ରାଉତ)



କାହ୍ନୁ ଚରଣ ପ୍ରଧାନ

ସୂଚନା ଅଧିକାରୀ କର୍ମୀ ପରିଚୟରେ ଲୋକମାନଙ୍କୁ ଚାକିରି ପ୍ରଲୋଭନ ସହ ବିଭିନ୍ନ ସରକାରୀ କାମ କରାଇଦେବାର ପ୍ରତିଶ୍ରୁତି ଦେଇ କରାଯାଇଥିବା ବଡ଼ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ଖୋଳତାଡ଼ କରୁଛି। ଏସ୍‌ଟିଏଫ୍ ଏହି ରାକେଟ୍‌ର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ଅନ୍ଧାରୁଆରେ ରହୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗି ଅଞ୍ଚଳର କାହ୍ନୁ ଚରଣ ପ୍ରଧାନ। ତାଙ୍କଠାରୁ ଦାମୀ ମୋବାଇଲ, ନକଲି ସରକାରୀ ନିର୍ଦ୍ଦେଶନାମା ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ ହୋଇଛି। କାହ୍ନୁଙ୍କୁ ଶନିବାର ଗିରଫ ପରେ କୋରାପୁଟ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ କିଶୋର କୁମାର ମିଶ୍ରଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାରଠୁ ସେ ଜେଲରେ ଅଛନ୍ତି। ଏହି ରାକେଟ୍‌ର ଆହୁରି ଅନେକ ସମ୍ପୃକ୍ତ ଥିବାରୁ କିଶୋର ଓ କାହ୍ନୁଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ପାଇବାକୁ ଏସ୍‌ଟିଏଫ୍ ଯୋଜନା କରୁଛି। ମାଷ୍ଟରମାଇଣ୍ଡ କାହ୍ନୁ ସ୍ନାତକ ପଢ଼ିଛନ୍ତି। ସେ ପୂର୍ବରୁ ମଦ ବ୍ୟବସାୟ କରିବା ସହ ଭୁବନେଶ୍ୱରରେ ରହି ପୂରା ରାକେଟ ଚଳାଉଥିଲେ। କାହ୍ନୁଙ୍କ ନାମରେ ପୂର୍ବରୁ ୪ଟି ମାମଲା ଥିବା ତଦନ୍ତବେଳେ ଜଣାପଡିଛି। ସେ ନିଜକୁ ଓଡ଼ିଶା ସରକାରଙ୍କ ସଚିବ ଓ ଅତିରିକ୍ତ ସଚିବ ବୋଲି ପରିଚୟ ଦେଇ ବିଶ୍ୱାସ ଜନ୍ମାଇବା ସହ ଠକେଇ କରୁଥିଲେ। ଗଣମାଧ୍ୟମରେ ବିଜ୍ଞାପନ ଦେବା ସହ ଏଜେଣ୍ଟଙ୍କ ସହଯୋଗରେ ଲୋକଙ୍କ ପାଖରେ ପହଞ୍ଚୁଥିଲେ। ଠକେଇ ଟଙ୍କାରେ ବିଦେଶ ବୁଲୁଥିଲେ। ତେବେ ସେ କିଛି ମାସ ତଳେ ଥାଇଲାଣ୍ଡ ଚାଲିଯାଇଥିଲେ। ନିକଟରେ ସେ ଓଡ଼ିଶା ଫେରି ଘରେ ଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ତାଙ୍କୁ କାବୁ କରିଥିଲା। ତେବେ କାହ୍ନୁଙ୍କ ଆକାଉଣ୍ଟରେ ବିପୁଳ ଟଙ୍କା ରହିଥିବା ସୂଚନା ପାଇବା ପରେ ଏସ୍‌ଟିଏଫ୍ ଏନେଇ ମଧ୍ୟ ଖୋଳତାଡ଼ କରୁଛି।

ଗତ ମାର୍ଚ୍ଚ ୨୫ରେ ଅଭିଯୁକ୍ତ କିଶୋରଙ୍କୁ କୋରାପୁଟ ସଦର ଥାନାର ତତ୍କାଳୀନ ଥାନାଧିକାରୀ ଧୀରେନ ପଟ୍ଟନାୟକ ଧରିଥିଲେ। ପଚରାଉଚରା ପରେ ଏନେଇ ନିଜଆଡ଼ୁ ଏକ ଠକେଇ ମାମଲା (ନଂ.୧୨୨/୨୦୨୩) ରୁଜୁ କରି ତାଙ୍କୁ ନୋଟିସ୍ ଦେଇ ଛାଡ଼ିଥିଲେ। ଏହାପରେ ବିଭିନ୍ନ ସ୍ଥାନରୁ ଏକାଧିକ ଠକେଇ ଅଭିଯୋଗ ଆସିବା ପରେ କ୍ରାଇମବ୍ରାଞ୍ଚ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି।

## ପୁରୀ ମୁଖ୍ୟ କେନାଲରୁ ନିଖୋଜ ମହିଳାଙ୍କ ମୃତଦେହ ଜବତ

**ବାରଙ୍ଗ,୨୦।୮(ଲିଙ୍ଗରାଜ ରାଉତ):** ପୁରୀ ମୁଖ୍ୟ କେନାଲକୁ ଲୁଗା ଧୋଇବାକୁ ଯାଇ ନିଖୋଜ ଥିବା ମହିଳାଙ୍କ ମୃତଦେହ ରବିବାର କେନାଲରୁ ବାରଙ୍ଗ ଅଗ୍ନିଶମ ବାହିନୀ ଜବତ କରିଛି। ଏନେଇ ପୋଲିସ ନଂ. ୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ସନ୍ଧ୍ୟାରେ ବଡ଼ମୁଣ୍ଡଳୀ ଗ୍ରାମର ପ୍ରେମଲତା ସାହୁ ପୁରୀ ମୁଖ୍ୟ କେନାଲକୁ ଲୁଗାଧୋଇବାକୁ ଯାଇଥିଲେ। ଘରକୁ ଫେରିବାକୁ ଡେରି ହେବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ନ ପାଇବାରୁ ବାରଙ୍ଗ ପୋଲିସ ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅନେକ ଖୋଜିଥିଲେ ମଧ୍ୟ ଅଗ୍ନିଶମ ବାହିନୀ ତାଙ୍କୁ ପାଇ ନ ଥିଲେ। ଘଟଣାସ୍ଥଳଠାରୁ କିଛି ଦୂରରେ ପ୍ରେମଲତାଙ୍କ ମୃତଦେହ ମିଳିଥିଲା।




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ରବିବାର ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁ କଳାକାରମାନେ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ପ୍ରଜ୍ଞା ନୃତ୍ୟାୟନର ନୃତ୍ୟ ଓ ପୂଜ୍ୟପୂଜାର ୧୨ତମ 'ଗୁରୁଶ୍ରୀ ସମ୍ମାନ' ପ୍ରଦାନ ଉତ୍ସବରେ ରବିବାର ଗୁରୁ ନିରଞ୍ଜନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ-ମୌସମ ନନ୍ଦ)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମୀୟ



@ ସୁମୁନି



@ ଶ୍ରାବଣୀ



@ ସୁନୀଲ



@ ଦେବରାଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠାରୁ ପିଆଜ ବିକିବ ଏନ୍‌ସିସିଏଫ୍

ଭୁବନେଶ୍ୱର,୨୦।୮ (ଅଭୟ ଦାଶ)



ଗତ କିଛିଦିନ ହେଲା ପିଆଜ ଦର ଓ ପିଆଜର ମହଜୁଦକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ କେନ୍ଦ୍ର ସରକାର ପିଆଜ ରପ୍ତାନି ଉପରେ କଟକଣା ଲଗାଇବା ସହିତ ଶୁଳ୍କ ମଧ୍ୟ ବୃଦ୍ଧି କରିଛନ୍ତି। ଏପରିକି କେନ୍ଦ୍ର ସରକାର ପିଆଜର ମହଜୁଦ (ବଫର ଷ୍ଟକ୍) ପରିମାଣ ୩ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୫ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିଛନ୍ତି। ଫଳରେ ଚଳିତ ବର୍ଷ ପ୍ରାରମ୍ଭିକ ଭାବେ ସରକାର ୩ ଲକ୍ଷ ଟନ୍ ପିଆଜ ବଫର ଷ୍ଟକ୍ ଭାବେ ମହଜୁଦ କରି ରଖିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ହେଲେ ସେହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ପରେ ଏହାକୁ ହଠାତ୍ ୫ ଲକ୍ଷ ମେଟ୍ରିକ୍ ଟନ୍‌କୁ ବଢ଼ାଇ ଦିଆଯାଇଛି। ବଫର ଷ୍ଟକ୍‌ର ଅର୍ଥ ହେଲା କୌଣସି ଏକ ସାମଗ୍ରୀର ମୂଲ୍ୟ ସ୍ଥିର ରଖିବା ପାଇଁ ତାହାକୁ ଆବଶ୍ୟକ ପରିମାଣରେ ମହଜୁଦ୍ କରି ରଖିବା ଏବଂ ମୂଲ୍ୟ ଓ ଚାହିଦା ବୃଦ୍ଧି ସମୟରେ ତାହାକୁ ବଜାରକୁ ଛାଡ଼ି ତା'ର ମୂଲ୍ୟକୁ ସ୍ଥିର ରଖିବା। ବର୍ତ୍ତମାନ ସରକାର ପିଆଜର ବଫର ଷ୍ଟକ୍ ପରିମାଣ ବୃଦ୍ଧି କରିଥିବାରୁ ଅତିରିକ୍ତ ୨ଲକ୍ଷ ଟନ୍ ପିଆଜ କିଣିବାକୁ କେନ୍ଦ୍ର ଖାଉଟି ବ୍ୟାପାର ବିଭାଗ ଏନ୍‌ସିସିଏଫ୍ ଓ ନାଫେଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇ ସଂସ୍ଥା ଏକ ଲକ୍ଷ ଟନ୍ ଲେଖାଏଁ ପିଆଜ ସଂଗ୍ରହ କରି ତାହାକୁ ମହଜୁଦ୍ ରଖିବେ। ଏହାଛଡା ମୂଲ୍ୟ ସ୍ଥିର ରଖିବା ପାଇଁ ମହଜୁଦ୍ ପିଆଜକୁ ସରକାର ଖାଉଟି ବଜାରକୁ ଛାଡ଼ିବେ। ତଦନୁସାରେ ସରକାରଙ୍କ ପାଖରେ ଯେଉଁ ପିଆଜ ମହଜୁଦ ଥିଲା ତାହାକୁ ବଜାରକୁ ଛଡ଼ାଗଲାଣି। ବର୍ତ୍ତମାନ ଦେଶର ବିଭିନ୍ନ ଅଞ୍ଚଳରେ ପିଆଜର ମୂଲ୍ୟ ସ୍ୱାଭାବିକଠାରୁ ଉପରେ ରହିଛି, ତେଣୁ ମୂଲ୍ୟ ସ୍ଥିର ରଖିବାକୁ ମହଜୁଦ ପିଆଜ ସବୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଯୋଗାଇ ଦିଆଯାଉଛି। ୨୦୨୩ ଅଗଷ୍ଟ ୨୦ ସୁଦ୍ଧା ବଫର ଷ୍ଟକ୍‌ରୁ ସରକାର ପ୍ରାୟ ୧୪୦୦ ମେଟ୍ରିକ ଟନ୍ ପିଆଜ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପଠାଇ ସାରିଛନ୍ତି। ଏହି ଯୋଗାଣ ବ୍ୟବସ୍ଥା ପିଆଜ ବଜାରକୁ ସ୍ଥିର ରଖିବା ପର୍ଯ୍ୟନ୍ତ ଅବ୍ୟାହତ ରହିବ ବଫର ଷ୍ଟକରେ ଥିବା ପିଆଜକୁ ବିଭିନ୍ନ ପ୍ରମୁଖ ବଜାରକୁ ସରକାର ପଠାଇବା ସହିତ ଖୁଚୁରା କ୍ରେତାଙ୍କୁ ରିହାତି ମୂଲ୍ୟରେ କିଲୋ ପିଛା ୨୫ଟଙ୍କା ଦାମରେ ମଧ୍ୟ ବିକିବେ।

ଅପରପକ୍ଷରେ ସୋମବାଠାରୁ ଏନସିସିଏଫ ବିଭିନ୍ନ ଖୁଚୁରା ବିକ୍ରୟ କେନ୍ଦ୍ରରେ ପିଆଜ କିଲୋ ପ୍ରତି ୨୫ ଟଙ୍କାରେ ବିକିବେ। ଏପରିକି ମୋବାଇଲ ଭ୍ୟାନରେ ମଧ୍ୟ ବିଭିନ୍ନ ବଜାରରେ ଏହି ପିଆଜ ୨୫ଟଙ୍କା ମୂଲ୍ୟରେ ଖାଉଟିଙ୍କ ପାଇଁ ଉପଲବ୍ଧ। ଆଗାମୀ ଦିନରେ ଅନ୍ୟାନ୍ୟ ସଂସ୍ଥା ଓ ଇ-କମର୍ସ ମାଧ୍ୟମରେ ଖାଉଟିଙ୍କୁ ମଧ୍ୟ ଶସ୍ତାରେ ପିଆଜ ଯୋଗାଇ ଦେବାକୁ ସରକାର କ୍ରମଶଃ ପ୍ରକ୍ରିୟା ଆରମ୍ଭ କରିବେ। ସରକାର ପିଆଜର ବଫର ଷ୍ଟକ୍ ପରିମାଣ ବୃଦ୍ଧି କରିଥିବାରୁ ଏହାର ଲାଭ ଉଭୟ ଚାଷୀ ଓ ଖାଉଟି ପାଇବେ। ଯେଉଁ ବ୍ୟବସାୟୀମାନେ ପିଆଜ ରପ୍ତାନୀ କରୁଛନ୍ତି ସେମାନଙ୍କୁ ବହୁ ଅଧିକ ରପ୍ତାନୀ ଟିକସ ଏବେ ଦେବାକୁ ପଡିବ। ସରକାର ପିଆଜ ରପ୍ତାନୀ ଉପରେ ମଧ୍ୟ ପରୋନ କଟକଣା ଜାରି କରିଛନ୍ତି।

## ୩ ବର୍ଷରେ କୋଟିପତିଙ୍କ ସଂଖ୍ୟା ୫୦% ବୃଦ୍ଧି

ଭୁବନେଶ୍ୱର,୨୦।୮

ଗତ ୩ ବର୍ଷ ମଧ୍ୟରେ ୫୭,୫୯୧ ନୂଆ କୋଟିପତି ସୃଷ୍ଟି ହୋଇଛନ୍ତି ବୋଲି ସିବିଡିଟି ପକ୍ଷରୁ କୁହାଯାଇଛି। ସିବିଡିଟିର ତଥ୍ୟ ଅନୁଯାୟୀ ଗତ ତିନୋଟି ଆର୍ଥିକ ବର୍ଷରେ ୧ କୋଟିରୁ ଅଧିକ ଆୟ କରୁଥିବା ବ୍ରାକେଟରେ ଦ୍ରୁତ ବୃଦ୍ଧି ହୋଇଛି। ଏପରିକି କରଦାତା ୧କୋଟିରୁ ଅଧିକ ରୋଜଗାର କରୁଥିବା ବ୍ରାକେଟ ଅଧୀନରେ ଆସିଛନ୍ତି। ସେହିଭଳି କୋଭିଡ୍ ପୂର୍ବରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଏହିଭଳି ଟିକସଦାତାଙ୍କ ସଂଖ୍ୟା ୧,୧୧,୯୩୯ ଥିଲା ବେଳେ ୨୦୨୨-୨୩ରେ ସେମାନଙ୍କ ସଂଖ୍ୟା ୧,୬୯,୮୯୦କୁ ବୃଦ୍ଧି ପାଇଛି। ଗତ ତିନିବର୍ଷ ମଧ୍ୟରେ କୋଟିପତିଙ୍କ ସଂଖ୍ୟା ପ୍ରାୟ ୫୧% ବୃଦ୍ଧି ପାଇଛି। ସେହିଭଳି ୨୦୧୬-୧୭ ଆର୍ଥିକ ବର୍ଷରେ ଟିକସଦାତାଙ୍କ ସଂଖ୍ୟା ମାତ୍ର ୬୮,୨୬୩ ଥିଲା। ଗତ ତିନିବର୍ଷ ମଧ୍ୟରେ ୧କୋଟିରୁ ଅଧିକ ଆୟ କରୁଥିବା ଟିକସଦାତାଙ୍କ ସଂଖ୍ୟା ୨୦୨୦-୨୧ ଆର୍ଥିକ ବର୍ଷରେ ଥରେମାତ୍ର ହ୍ରାସ ପାଇଛି।

## ମହିନ୍ଦ୍ରାର ନ୍ୟୁ ଇ-ଆଲ୍‌ଫା ସୁପର ରିକ୍‌ସା

ଭୁବନେଶ୍ୱର,୨୦।୮



ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି (ଏଲ୍‌ଏମ୍‌ଏମ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ମହିନ୍ଦ୍ରା ନ୍ୟୁ ଇ-ଆଲ୍‌ଫା ସୁପର ରିକ୍‌ସାର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ମଡେଲକୁ ଥରେ ଚାର୍ଜ କଲେ ୯୫ କି.ମି.ରୁ ଅଧିକ ଦୂର ସହିତ ଉଚ୍ଚ ରେଞ୍ଜ୍‌କୁ ମଧ୍ୟ ଯାଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ ମଡେଲ ୧୪୦ ଏଏଚ୍ ଲିଡ୍-ଏସିଡ୍ ବ୍ୟାଟେରି ସହିତ ଇ-ଆଲ୍‌ଫା ସୁପର ଏକ ସାର୍ଟିଫାଏଡ୍ ରେଞ୍ଜ ପ୍ରଦାନ କରୁଥିବା ବେଳେ କମ୍ପାନୀ ପୂର୍ବ ମଡେଲଗୁଡ଼ିକ ତୁଳନାରେ ୨୦% ଅଧିକ ରହିଥିବାବେଳେ ଏହା ମୋଟ ୧.୬୪ କିଲୋୱାଟ ପିକ୍ ପାୱାର ଏବଂ ୨୨ ଏନ୍‌ଏମ୍ ଟର୍କ ଉତ୍ପାଦନ ଓ ଉତ୍କୃଷ୍ଟ ପ୍ରଦର୍ଶନ ପ୍ରଦାନ କରିଥାଏ। ଏ ସମ୍ପର୍କରେ ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟିର ସିଇଓ ସୁମନ ମିଶ୍ର କହିଛନ୍ତି, ସ୍ୱଚ୍ଛ ଗତିଶୀଳତାର ଚାହିଦା ବଢୁଥିବାବେଳେ ଆମର ଇ-ଆଲ୍‌ଫା ସୁପର ରିକ୍ସା ଉନ୍ନତ ରେଞ୍ଜ୍ ଏବଂ ରୋଜଗାର କ୍ଷମତା ପ୍ରଦାନ କରୁଛି। ଏପରିକି ଇ-ଆଲ୍‌ଫା ସୁପରରେ ଉନ୍ନତ ୧୮ ଏ ଚାର୍ଜର ରହିଛି, ଯାହା ୧୨ ମାସର ୱାରେଣ୍ଟି ସହିତ ଆସିଥାଏ ଏବଂ ଦ୍ରୁତ ଚାର୍ଜିଂ ସମୟ ପ୍ରଦାନ କରିଥାଏ। ମହିନ୍ଦ୍ରା ୩ଚକିଆ ଇଭି ଗ୍ରାହକମାନେ ଆମର ଚାର୍ଜିଂ ପାର୍ଟନରଙ୍କ ସହାୟତାରେ ଦେଶବ୍ୟାପୀ ୧୦,୦୦୦ରୁ ଅଧିକ ଚାର୍ଜିଂ ଷ୍ଟେଶନକୁ ମଧ୍ୟ ଆକ୍‌ସେସ୍ କରିପାରିବେ।

## ୨୨ରେ ଭାରତ ଏନ୍‌ସିଏପିର ଶୁଭାରମ୍ଭ

ଭୁବନେଶ୍ୱର,୨୦।୮



ମନ୍ତ୍ରୀ ନୀତିନ ଗଡକରୀ

ଦିନକୁ ଦିନ ସଡକ ଦୁର୍ଘଟଣା ବିଭିନ୍ନ କାରଣରୁ ବୃଦ୍ଧି ପାଉଛି। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ୨୨ ଅଗଷ୍ଟ ୨୦୨୩ ରେ

କେନ୍ଦ୍ର ସରକାରଙ୍କର ବହୁ ପ୍ରତୀକ୍ଷିତ ତଥା ଅଭିନବ ପ୍ରକଳ୍ପ 'ଭାରତ ନୂତନ କାର ମୂଲ୍ୟାୟନ କାର୍ଯ୍ୟକ୍ରମ ବା ଭାରତ ଏନସିଏପିର ଆନୁଷ୍ଠାନିକ ଶୁଭାରମ୍ଭ ୨୦୨୩ ଅଗଷ୍ଟ ୨୨ରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କରିବେ ବୋଲି ଜଣାପଡଇଛି। ବିଶେଷ କରି ଭାରତରେ ମୋଟର ଯାନର ସୁରକ୍ଷା ମାନକୁ ୩.୫ ଟନ୍‌କୁ ବୃଦ୍ଧି କରି ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି, ବଜାରରେ ଉପଲବ୍ଧ ମୋଟର ଯାନର ଦୁର୍ଘଟଣା ନିରାପତ୍ତାର ତୁଳନାତ୍ମକ ଆକଳନ କରିବା ପାଇଁ କାର୍ ଗ୍ରାହକମାନଙ୍କୁ ଏକ ଉପକରଣ ପ୍ରଦାନ କରିବା । ସେହିଭଳି ଉକ୍ତ କାର୍ଯ୍ୟକ୍ରମ ଅଧୀନରେ କାର ନିର୍ମାତାମାନେ ସ୍ୱେଚ୍ଛାକୃତ ଭାବେ ଅଟୋମୋଟିଭ୍ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ (ଏଆଇଏସ୍) ୧୯୭ ଅନୁଯାୟୀ ପରୀକ୍ଷା କରାଯାଇଥିବା କାର୍ ଗ୍ରାହକଙ୍କୁ ପ୍ରଦାନ କରିପାରିବେ। ଏପରିକି ପରୀକ୍ଷଣରେ କାରର ପ୍ରଦର୍ଶନକୁ ଆଧାର କରି କାରକୁ ଆଡଲଟ ଅକ୍ୟୁପାଣ୍ଟସ୍ (ଏଓପି) ଏବଂ ଚାଇଲଡ ଅକ୍ୟୁପାଣ୍ଟ (ସିଓପି) ପାଇଁ ଷ୍ଟାର ରେଟିଂ ପ୍ରଦାନ କରାଯିବ।

## ଅକ୍ଷୟ ଶକ୍ତି ଉତ୍ସ ବ୍ୟବହାରକୁ ଗୁରୁତ୍ୱ

ଭୁବନେଶ୍ୱର,୨୦।୮



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅକ୍ଷୟ ଉର୍ଜ୍ଜା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପୁନଃନବୀକରଣ ଯୋଗ୍ୟ ଶକ୍ତି ଏବଂ ଜୈବ ଇନ୍ଧନ ଭଳି ସ୍ଥାୟୀ ବିକଳ୍ପ ସହିତ ଶକ୍ତି ପୋର୍ଟଫୋଲିଓକୁ ବିବିଧ କରିବା ଲାଗି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ଦର୍ଶାଇଛି। ବିଶେଷ କରି ଏହି ଲକ୍ଷ୍ୟ ଦିଗରେ କମ୍ପାନି ୧୩୩୫ ମେଗାୱାଟରୁ ଅଧିକ ଅକ୍ଷୟ ଶକ୍ତି ଉତ୍ସ ବ୍ୟବହାର କରିବାକୁ ଦୀର୍ଘ କାଳୀନ ଶକ୍ତି ବିତରଣ ଚୁକ୍ତି ସ୍ୱାକ୍ଷର କରିଛି। ଫଳରେ ଏହା ଉଭୟ ସ୍ତର ଓ ପବନ ଶକ୍ତିର ମିଶ୍ରଣକୁ ନେଇ ଗଠିତ ହେବ। ଯାହା ଓଡ଼ିଶା ଓ ଛତିଶଗଡ଼ ଭଳି ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ବେଦାନ୍ତ ଆଲୁମିନିୟମର କାର୍ଯ୍ୟପରିସରକୁ ଶକ୍ତି ଯୋଗାଇବାରେ ସହଯୋଗ କରିବ। ସେହିଭଳି ଏହା ମଧ୍ୟ ଗ୍ରୀନ ହାଉସ ଗ୍ୟାସ ନିର୍ଗମନକୁ ୩.୨ଟନ ସିଓ୨ର ହ୍ରାସ କରିବ। ଯାହା ବେଦାନ୍ତର ଡିକାର୍ବନାଇଜେସନ ଲକ୍ଷ୍ୟରେ ଏକ ବଡ଼ ଯୋଗଦାନ ଦେବ। ସେହିପରି ଉକ୍ତ ଦିବସର ଏକ ନୂଆ ପଦକ୍ଷେପ ଯାହାକି ୨୦୦୪ ରେ ଭାରତ ସରକାରଙ୍କ ପଦକ୍ଷେପ ନୂତନ ତଥା ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିଲା। ବିଶେଷ କରି ବେଦାନ୍ତର ବାଲକୋ (ଛତିଶଗଡ଼) ୟୁନିଟ ଏବଂ ଝାରସୁଗୁଡ଼ା (ଓଡିଶା)ର ଏକ ସହାୟକ କମ୍ପାନି ସମେତ କୃଷି ଅବଶେଷାଂଶରୁ ଉତ୍ପାଦିତ ବାୟୋମାସ ପେଲେଟ ଏବଂ ବ୍ରିକେଟ ବ୍ୟବହାରକୁ କମ୍ପାନି ଗ୍ରହଣ କରୁଛି। ବିଗତ ୨ବର୍ଷ ମଧ୍ୟରେ କମ୍ପାନି ବିଭିନ୍ନ କାର୍ଯ୍ୟରେ ଇନ୍ଧନ ବ୍ୟବହାରକୁ ସଫଳତାର ସହ ପାଇଲଟ କରିଛି। ବେଦାନ୍ତ ଆଲୁମିନିୟମ ୧୧.୨୯ କୋଟି ଜୈବ ଇନ୍ଧନ ବ୍ୟବହାର କରିଛି,ଯାହା ଦ୍ୱାରା ଇନ୍ଧନ ବ୍ୟବହାରରୁ ୧୬.୦୭ଟନ ସିଓ୨ ନିର୍ଗମନ ହ୍ରାସ ପାଇଛି।

## ଏଫପିଆଇରେ ୮୪୦୦ କୋଟି ନିବେଶ

ଭୁବନେଶ୍ୱର,୨୦।୮




ଅନ୍ତରାଷ୍ଟ୍ରୀୟ ବଜାରରେ ଅସ୍ଥିରତା ସହିତ ଚାଇନାର ଆର୍ଥିକ ସଙ୍କଟ ଏବଂ ଘରୋଇ ଅର୍ଥବ୍ୟବସ୍ଥାର ସ୍ଥିରତା ମଧ୍ୟରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ)ଙ୍କ ଭାରତୀୟ ବଜାର ଉପରେ ଭରସା ଅଧିକ ମଜଭୁତ ହୋଇଛି। ୨୦୨୩ ଅଗଷ୍ଟ ୧୮ ସୁଦ୍ଧା ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ)ରେ ପ୍ରାୟ ୮,୪୦୦ (୮୩୯୪) କୋଟି ଟଙ୍କାର ନିବେଶ ହୋଇଥିବା ଜଣାପଡିଛି। ଏପରିକି ଏଫପିଆଇ ୨୦୨୩ ଅଗଷ୍ଟ ୧ରୁ ୧୮ ମଧ୍ୟରେ ବିଦେଶୀ ନିବେଶକ ସମୁଦାୟ ୮,୩୯୪ କୋଟି ଟଙ୍କାର ନିବେଶ କରିଛନ୍ତି। ୨୦୨୩ ଅଗଷ୍ଟ ପ୍ରଥମ ସପ୍ତାହରେ ଫିଚ୍ ଦ୍ୱାରା ଆମେରିକାର କ୍ରେଡିଟ୍ ରେଟିଂ ହ୍ରାସ ପରେ ଏଫପିଆଇ ୨ ହଜାର କୋଟି ଟଙ୍କାରୁ ଅଧିକ ପ୍ରତ୍ୟାହାର କରିଛନ୍ତି। କୋଟକ ସିକ୍ୟୁରିଟିଜର ଶ୍ରୀକାନ୍ତ ଚୌହାନ କହିଛନ୍ତି, ଚାଇନାରେ ଚାହିଦା କମ୍ କାରଣରୁ ବିଦେଶୀ ନିବେଶ କମିଛି, ଫଳରେ ବୈଶ୍ୱିକ ଆର୍ଥିକ ପରିସ୍ଥିତି ଚିନ୍ତାଜନକ ରହିଛି। ସେହିପରି ମର୍ଣ୍ଣିଂଷ୍ଟାର ଇଣ୍ଡିଆର ରିସର୍ଚ୍ଚ ପ୍ରବନ୍ଧକ-ସହାୟକ ନିର୍ଦ୍ଦେଶକ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି , ବୈଶ୍ୱିକ ବଜାରରେ ଅନିଶ୍ଚିତତା ଏବଂ ଚାଇନାରେ ଆର୍ଥିକ ଚିନ୍ତା କାରଣ ଏଫପିଆଇର ଭାରତୀୟ ବଜାର ଆଡକୁ ମୁହାଁଉଛି।

ଫୁର୍‌ସତ୍

# ତରଳୁଥିବା ହିମବାହ ପାଇଁ ନୂଆ ପରିବେଶ

ନୂଆଦିଲ୍ଲୀ



ନିକଟରେ ଗବେଷକମାନେ କହିଛନ୍ତି, ତରଳୁଥିବା ହିମବାହ (ଗ୍ଲାସିୟର) ୨୧୦୦ ସୁଦ୍ଧା ନେପାଳ ଏବଂ ଫିନ୍‌ଲାଣ୍ଡର ଆକାର ମଧ୍ୟରେ ଏକ ନୂଆ ଇକୋସିଷ୍ଟମ (ଜୀବ ସମୁଦାୟ ଓ ଏହାର ପରିବେଶ) ସୃଷ୍ଟି କରିପାରେ। ପ୍ରକୃତି ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରୁ ସେମାନେ କହିଛନ୍ତି, ଆଣ୍ଟାର୍କଟିକା ଏବଂ ଗ୍ରୀନ୍‌ଲ୍ୟାଣ୍ଡ ବରଫ ସିଟ୍ ବାହାରେ ଥିବା ମାନବୀୟ ଜଳବାୟୁ ପରିବର୍ତ୍ତନ ହେତୁ ଅଧା ହୋଇପାରେ। ଏହି ଗ୍ଲାସିୟର ତରଳିବା ଏକ ଦ୍ରୁତ ପରିବେଶଗତ ପରିବର୍ତ୍ତନ ଆଣିପାରେ। କାରଣ ପରିବେଶଗୁଡ଼ିକ ଉଦୀୟମାନ ନୂତନ ବାସସ୍ଥାନ ପୂରଣ କରିବାକୁ ବିକଶିତ ହୁଏ। ତେବେ ବିଶ୍ୱସ୍ତରରେ ଏହି ପରିବର୍ତ୍ତନ ବିଶ୍ଳେଷଣର ଅଭାବ ରହିଛି ବୋଲି ସେମାନେ କହିଛନ୍ତି। ଫ୍ରାନ୍ସ ହାଉଟ୍ ସାଭୋଇର ଜାନ୍ ବାପିଷ୍ଟ ବୋଶନ ଏବଂ ତାଙ୍କ ସହଯୋଗୀ ଗ୍ରୀନ୍‌ଲ୍ୟାଣ୍ଡ ବାହାରେ ଥିବା ୬୫୦ ହଜାର ବର୍ଗ କିଲୋମିଟରର ପୂର୍ବାନୁମାନ କରାଯାଇଥିବା ଏକ ବିଂଶ ଶତାବ୍ଦୀର ଟ୍ରାଜେକ୍ଟୋରିକୁ ଯାଞ୍ଚ କରିବା ପାଇଁ ଏକ ବିଶ୍ୱସ୍ତରୀୟ ହିମବାହ ବିବର୍ତ୍ତନ ମଡେଲ ବ୍ୟବହାର କରିଥିଲେ। ୨୦୪୦ ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିକୁ ଖାତିର ନ କରି ଡିଗ୍ଲେସିଏଶନ ଏବଂ ହିମବାହ ରିଟ୍ରେଟ୍ ସମାନ ହାରରେ ଘଟିବ, ମଡେଲିଂ ହିମବାହ ବାହ୍ୟରେଖା, ସବ୍‌ଗ୍ଲାସିଆଲ୍ ଭୂଖଣ୍ଡ ଡିଜିଟାଲ ଉଚ୍ଚତା ମଡେଲ ଏବଂ ଜଳବାୟୁ ତଥ୍ୟ ବ୍ୟବହାର କରି ପୂର୍ବାନୁମାନ କରିଥିଲେ। ଅନୁସନ୍ଧାନକାରୀମାନେ କହିଛନ୍ତି, ଏକ ଉଚ୍ଚ ନିର୍ଗମନ ପରିପ୍ରେକ୍ଷୀରେ ୨୦୭୫ ସୁଦ୍ଧା ବିଶ୍ୱ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ୩ ଗୁଣ ହେବା ସହ ୨୦୨୦ ହିମବାହ ଅଞ୍ଚଳ ପ୍ରାୟ ୨୦୧୧ ସୁଦ୍ଧା ଅଧା ନଷ୍ଟ ହୋଇପାରେ। ଶତାବ୍ଦୀର ଶେଷସୁଦ୍ଧା ନେପାଳ ଓ ଫିନ୍‌ଲାଣ୍ଡର ଆକାର ମଧ୍ୟରେ ଥିବା ଏକ ଅଞ୍ଚଳର ଗ୍ଲାସିଆଲ୍ ତରଳିବାର ଏହା ପୂର୍ବାନୁମାନ କରିଛି।

# ସେପ୍ଟେମ୍ବର ୨୫ରେ ବିବାହ କରିବେ ପରିଣୀତି

ମୁମ୍ବାଇ



ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ଆପ୍ ଲିଡର ରାଘବ ଚଢାଙ୍କ ନିକଟରେ ନିର୍ବନ୍ଧ ସରିଥିବାବେଳେ ସେମାନଙ୍କ ବିବାହକୁ ନେଇ କଳ୍ପନାଜଳ୍ପନା ଚାଲିଥିଲା। ଏହା ମଧ୍ୟରେ ଦୁହିଁଙ୍କ ବିବାହ ତାରିଖ ସାମ୍ନାକୁ ଆସିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଦୁହେଁ ବିବାହ ବନ୍ଧନରେ ବାନ୍ଧିହେବେ। ହେଲେ ଏନେଇ ଉଭୟଙ୍କ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ। ବିବାହର ରୀତିନୀତି ସପ୍ତାହେ ପୂର୍ବରୁ ଆରମ୍ଭ ହେବ। ଉଭୟ ପୂର୍ଣ୍ଣ ରୀତିନୀତି ସହିତ ଏକ ବିରାଟ ଢଙ୍ଗରେ ରାଜସ୍ଥାନରେ ବିବାହ କରିବେ। ଦୁହିଁଙ୍କ ପରିବାର ସଦସ୍ୟଙ୍କ ସହ ବିଶେଷ ବନ୍ଧୁ, ଚଳଚ୍ଚିତ୍ର ଶିଳ୍ପୀ ଏବଂ କିଛି ରାଜନୈତିକ ବ୍ୟକ୍ତି ଏହି ବିବାହରେ ଯୋଗଦେବେ। ଏନେଇ ଉଭୟ ରାଘବ-ପରିଣୀତି ରାଜସ୍ଥାନର ଉଦୟପୁର ପର୍ଯ୍ୟଟନ ବିଭାଗର ଡେପୁଟି ଡାଇରେକ୍ଟରଙ୍କୁ ଭେଟିଛନ୍ତି। ବିବାହ ପରେ ରିସେପ୍ସନ ପାର୍ଟି ଗୁରୁଗ୍ରାମରେ କରିବେ ବୋଲି ଜଣାପଡ଼ିଛି। ପରିଣୀତି ୨୦୧୧ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଦମ୍‌ଦାର ଫିଲ୍ମ ମାଧ୍ୟମରେ ଦର୍ଶକଙ୍କ ପ୍ରିୟ ହୋଇପାରିଛନ୍ତି। ଏବେ ତାଙ୍କ ପାଖରେ ଏକ ସିନେମା ରହିଛି, ଯାହା ନିକଟରେ ରିଲିଜ୍ ହେବାକୁ ଯାଉଛି। ଏଥିସହ ସେ ଅନେକ ଟେଲିଭିଜନ ଶୋ', ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ରରେ ମଧ୍ୟ ନଜରକୁ ଆସିଛନ୍ତି।

# ବିବାହ ବାର୍ଷିକୀରେ ଦମ୍ପତିଙ୍କ ମାଉଣ୍ଟ ୱାଶିଂଟନ୍ ଚଢ଼ା



ୱାଶିଂଟନ

ବିବାହ ପରେ ବିବାହ ବାର୍ଷିକକୁ ସମସ୍ତେ ଭଲରେ କାଟିବାକୁ ଚାହାଁନ୍ତି। ଯେପରି ତାହା ସବୁଦିନ ପାଇଁ ମନେରହିବ। ଏଥିପାଇଁ ଦମ୍ପତି ବିଭିନ୍ନ ପ୍ରକାର ଯୋଜନା ମଧ୍ୟ କରିଥାନ୍ତି। ତେବେ ନିକଟରେ ଏକ ଦମ୍ପତି ତାଙ୍କର ୬୬ତମ ବିବାହ ବାର୍ଷିକୀକୁ କିଛି ନୂଆ ଢଙ୍ଗରେ ପାଳନ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓକୁ ଇନ୍‌ଷ୍ଟାଗ୍ରାମ୍‌ର ଗୁଡ୍‌ନ୍ୟୁଜ୍-ମୋମେଣ୍ଟରୁ ପୋଷ୍ଟ କରାଯାଇଛି। କ୍ୟାପ୍ସନରେ ଲେଖାଯାଇଛି, ୮୮ ବର୍ଷୀୟ ଏବଂ ୮୫ ବର୍ଷୀୟାଙ୍କୁ ୬୬ତମ ବିବାହ ବାର୍ଷିକୀର ଶୁଭକାମନା। ଭିଡିଓ ଦମ୍ପତିଙ୍କୁ ନ୍ୟୁ ହମ୍ପସିରର ମାଉଣ୍ଟ ୱାଶିଂଟନ୍‌ରେ ଚଢୁଥିବା ଦେଖିବାକୁ ମିଳିଛି। ବିବାହ ବାର୍ଷିକୀରେ ଉତ୍ତର-ପୂର୍ବ ସଂଯୁକ୍ତ ରାଷ୍ଟ୍ର ଆମେରିକାର ସବୁଠୁ ଉଚ୍ଚତମ ଶୃଙ୍ଗରେ ଚଢି ଖୁସିବ୍ୟକ୍ତ କରିଛନ୍ତି। ଏହି ପର୍ବତ ନ୍ୟୁ ହମ୍ପସିରର ଧଳା ମାଉଣ୍ଟେନର ପ୍ରେସିଡେନ୍ସିଆଲ ଅଞ୍ଚଳରେ ଅବସ୍ଥିତ। ପର୍ବତ ଉପରେ ଅନେକ ଟାଉନଶିପ୍ ମଧ୍ୟ ରହିଛି। ତେବେ ପାହାଡ଼ ଉପରେ ବେଶ୍ ଜୋରରେ ପବନ ବୋହୁଥାଏ। ଏକ ସମୟରେ ଏଠାରେ ଘଣ୍ଟା ପ୍ରତି ୨୩୧ ମାଇଲ ପବନ ବୋହୁଥିବା ରେକର୍ଡ କରାଯାଇଛି। ଏହାସତ୍ତ୍ୱେ ପ୍ରତିବର୍ଷ ୨୫୦ ହଜାରରୁ ଅଧିକ ଲୋକ ଏହି ପର୍ବତ ଚଢିବାକୁ ଆସିଥାନ୍ତି। ଏହା ସ୍ଥଳ ଭାଗରୁ ୧ହଜାର ୯୧୬. ୬ ମିଟର ପର୍ଯ୍ୟନ୍ତ ବ୍ୟାପିଛି।

# ସକାଳେ ପୂଜାରୀ, ଅପରାହ୍ନରେ ବାଇକର

ଥିରୁଭାନନ୍ତପୁରମ୍

ସାଧାରଣତଃ ମନ୍ଦିରର ପୂଜାରୀଙ୍କ କଥା ଆସିଲେ ମନରେ ତାଙ୍କ ଧୋତିପିନ୍ଧା ଦୃଶ୍ୟ ସହ ସେ ବୃଦ୍ଧ ହୋଇଥିବା ନଜରକୁ ଆସିଥାଏ। ହେଲେ କେରଳର




ଜଣେ ୩୪ ବର୍ଷୀୟ ପୂଜାରୀ ଏହି ଛବିକୁ ବଦଳାଇ ଦେଇଛନ୍ତି। କେରଳ କୋଟ୍ଟାୟମ୍‌ର ବାସିନ୍ଦା ଉନ୍ନିକୃଷ୍ଣନ ଭିଏଲ୍ ପୁଦୁକୁଲମଗାରା ଦେବୀ ମନ୍ଦିରରେ ପୂଜାରୀ ଅଛନ୍ତି। ସକାଳର ପୂଜାବିଧି ପରେ ସେ ସନ୍ଧ୍ୟାକୁ ଜଣେ ବାଇକର ଭାବେ ଜଣାଶୁଣା। ପୂଜା ପରେ ସେ ତାଙ୍କ ହେଲମେଟ୍, ଜୋତା ଏବଂ ବାଇକ୍ ବାହାର କରି ମନ୍ଦିର ପାଖରେ ଷ୍ଟଣ୍ଟ କରିଥାନ୍ତି। ପ୍ରଥମେ ପ୍ରଥମେ ଭକ୍ତମାନେ ପୂଜାରୀଙ୍କ ଏପରି ରୂପ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ, ହେଲେ ଏବେ ତାହା ତାଙ୍କ ଅଭ୍ୟାସରେ ପଡ଼ିଗଲାଣି। ଉନ୍ନିକୃଷ୍ଣନ ୨୦୦୬-୦୭ ମଧ୍ୟରେ ଷ୍ଟଣ୍ଟ କରିବା ଆରମ୍ଭ କରିଥିଲେ। ୨୦୧୦ରେ ସେ ଯୁକ୍ତ ୩ରେ କମ୍ପ୍ୟୁଟର ସାଇନ୍ସ ସରିବା ପରେ କ୍ୟାମ୍ପସ୍‌ରେ ଚାକିରି ପାଇଥିଲେ। ଏହାର ୩ ବର୍ଷ ପରେ ସେ ଚାକିରି ଛାଡ଼ିଦେଇଥିଲେ। କାରଣ ତାହା ତାଙ୍କର ପସନ୍ଦ ନ ଥିଲା। ପରେ ଉତ୍ତରାଖଣ୍ଡ ଯାତ୍ରାରେ ବାହାରିପଡ଼ିଲେ। ସେଠାରେ ୩୦ ଦିନ ବିତାଇବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଥିଲା। ପରେ ସେ ଜଣେ ପୂଜାରୀ ହେବା ସହ ବାଇକ୍ ରେସିଂ, ଷ୍ଟଣ୍ଟର ଇଚ୍ଛାକୁ ପୂରଣ କଲେ। ଭାରତର ସମସ୍ତ ବାଇକ୍ ରେସିଂରେ ଭାଗନେବାକୁ ସେ ଇଚ୍ଛା ରଖିଛନ୍ତି।



ଫିଫା ମହିଳା ବିଶ୍ୱକପ ଚାମ୍ପିୟନ ସ୍ପେନ୍ ଦଳ ପଦକ ସହ ଖୁସି ମୁହୂର୍ତ୍ତରେ।

# ଫିଫା ମହିଳା ବିଶ୍ୱକପ୍: ପ୍ରଥମ ଥର ସ୍ପେନ୍ ଚାମ୍ପିୟନ୍

ସିଡ୍‌ନୀ,୨୦।୮(ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ବିଶ୍ୱକପ ଶେଷ ହୋଇଛି। ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ସ୍ପେନ୍ ୟୁରୋ ଚାମ୍ପିୟନ ଇଂଲଣ୍ଡକୁ ୧-୦ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଉଭୟ ଦଳ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଧିନାୟିକା ଓଲଗା କାରମୋନାଙ୍କ ଏକମାତ୍ର ଗୋଲ ବଳରେ ଇଂଲଣ୍ଡକୁ ୧-୦ରେ ପରାସ୍ତ କରିଛି ସ୍ପେନ୍। ଏହା ସହିତ ୟୁରୋ ୨୦୨୨ କ୍ୱାର୍ଟର ଫାଇନାଲ ପରାଜୟ ପ୍ରତିଶୋଧ ନେଇଛି ସ୍ପେନ୍। ୧୯୬୬ ପରଠାରୁ ଇଂଲଣ୍ଡ ପୁରୁଷ ଓ ମହିଳା ଦଳ ଟ୍ରଫି ହାସଲରେ ବିଫଳ ହୋଇଥିଲେ। ଚଳିତବର୍ଷ ଅପରାଜେୟ ଭାବରେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ସ୍ପେନ୍‌ର ରଣନୀତି ଆଗରେ ଦଳ ହାର୍ ମାନିଛି। କ୍ରମାଗତ ଦ୍ୱିତୀୟ ଥର ପାଇଁ ସରିନା ୱିଗ୍‌ମ୍ୟାନଙ୍କ ଦଳ ରନର ଅପ୍ ରହିଛି। ୨୦୧୯ରେ ସରିନାଙ୍କ ଅଧୀନରେ ଖେଳି







ଗୋଲଡେନ୍ ବଲ୍ ପୁରସ୍କାର ସହ ଆଇଟାନା ବୋନମାଟି। ଗୋଲଡେନ୍ ଗ୍ଲୋଭ୍ ବିଜୟିନୀ ମେରୀ ଅର୍ପସ୍। ଶ୍ରେଷ୍ଠ ଯୁବ ଖେଳାଳି ସଲ୍‌ମା ପାରାଉଲେଓ।

ନେଦରଲାଣ୍ଡ୍ସ ମଧ୍ୟ ରନର ଅପ୍ ହୋଇଥିଲା। ବିଶ୍ୱର ସପ୍ତମ ଖେଳାଳି ଭାବରେ ବିଶ୍ୱକପ୍‌ର ଉଭୟ ସେମିଫାଇନାଲ ଓ ଫାଇନାଲରେ ସ୍କୋର କରିବାର ରେକର୍ଡ କରିଛନ୍ତି ସ୍ପାନିଶ ଅଧିନାୟିକା ଓଲଗା କାରମୋନା। ୨୩ ବର୍ଷ ୬୯ ଦିନରେ ଗୋଲ ସ୍କୋର କରିବା ସହିତ ଫାଇନାଲରେ ଚତୁର୍ଥ ସର୍ବକନିଷ୍ଠ ଖେଳାଳି ଭାବରେ ଏକ ଫାଇନାଲରେ ସ୍କୋର କରିବାର ରେକର୍ଡ କରିଛନ୍ତି।

**ସର୍ବାଧିକ ଗୋଲ୍**

ହିନାଟା ମାୱାଜାୱା-୫(ଜାପାନ)
ଆଲେକ୍‌ଜାଣ୍ଡ୍ରା ପପ୍-୪(ଜର୍ମାନୀ)
ଆମଣ୍ଡା ଇସେଡେଟ୍-୪ (ସୁଇଡେନ୍)
ଜିଲ୍ ରୁର୍ଡ-୪ (ନେଦରଲାଣ୍ଡ୍ସ)
କାଡିଡିଆଟୋଉ ଡିଆନି-୪ (ଫ୍ରାନ୍ସ)।

ସ୍ପେନ୍ ଦଳ ଆରମ୍ଭରୁ ଛୋଟ ପାସ୍‌ରେ ଖେଳି ଇଂଲଣ୍ଡକୁ ଚାପରେ ରଖିଥିଲା। ମ୍ୟାଚ୍‌ର ପଞ୍ଚମ ମିନିଟରେ ଲରେନ୍ ହେମ୍ପଙ୍କ ଶଟ୍‌କୁ ସ୍ପେନ୍ ଗୋଲ କିପର ଅଟକାଇବାରେ ସମର୍ଥ ହୋଇଥିଲେ। ୧୮ ତମ ମିନିଟରେ ପାରାଉଲେଓ ଏକ ଗୋଲ ସ୍କୋର କରିବାର ନିକଟତର ହୋଇଥିବା ବେଳେ ଇଂଲଣ୍ଡ ଗୋଲି ମେରୀ ଅର୍ପସ୍ ଏହାକୁ ରୋକି ଦେଇଥିଲେ। ୨୯ତମ ମିନିଟରେ ଅଧିନାୟିକା ତଥା ଡିଫେଣ୍ଡର ଓଲଗା କାରମୋନା ସ୍କୋର କରିଥିଲେ। ମାରିଓନା କାଲଡାଣ୍ଟେଙ୍କ ପାସ୍‌କୁ ସେ ଗୋଲରେ ପରିଣତ କରିଥିଲେ। ୧-୦ରେ ଆଗୁଆ ରହିବା ପରେ ସ୍ପେନ୍ ପୁନର୍ବାର ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ଆରମ୍ଭ କରିଥିଲା। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟରେ ଲରେନ୍ ହେମ୍ପଙ୍କୁ ୟେଲୋକାର୍ଡ ମିଳିଥିଲା। ୬୬ତମ ମିନିଟରେ ସ୍ପେନ୍ ନିକଟରେ ୨-୦ରେ ଆଗୁଆ ହେବାର ସୁଯୋଗ ରହିଥିଲେ ମଧ୍ୟ ମେରୀ ଅର୍ପସ ଏହାକୁ ରୋକି ଦେଇଥିଲେ।

ରବିବାର ଫାଇନାଲରେ ସ୍ପେନ୍ ନିଜର ଚିରାଚରିତ ଟିକିଟାକା(ଶର୍ଟ ପାସ୍)ରେ ଖେଳି ଇଂଲଣ୍ଡକୁ ଚାପରେ ରଖିଥିଲା। ଦଳ ୫୮ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ଦଳ ୧୩ ଶଟ୍ ମାରିଥିବା ବେଳେ ଏଥି ମଧ୍ୟରୁ ୫ଟି ଟାର୍ଗେଟରେ ରହିଥିଲା। ଅନ୍ୟପକ୍ଷରେ ରବିବାରର ଫାଇନାଲରେ ଇଂଲଣ୍ଡ ଉପରେ ଭାଗ୍ୟଦେବୀ ପ୍ରସନ୍ନ ନ ଥିଲେ। ଇଂଲଣ୍ଡ ଦଳ ୪ ଥର ସ୍କୋରିଂ ସୁଯୋଗ ପାଇଥିଲେ ମଧ୍ୟ ଏହା ଅଫ୍‌ସାଇଡ୍ ରହିଥିଲା। ଅନ୍ୟପକ୍ଷରେ ସ୍ପେନକୁ ୭ଟି କର୍ନର ମିଳିଥିବା ବେଳେ ଇଂଲଣ୍ଡକୁ ୩ କର୍ନର ମିଳିଥିଲା। ସ୍ପେନ୍ ଖେଳାଳି ବଲ୍‌କୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିବା ବେଳେ ଇଂଲଣ୍ଡ ଖେଳାଳି ଫାଉଲ୍ ମାରିଥିଲେ। ଇଂଲଣ୍ଡ ଦଳ ପକ୍ଷରୁ ୧୬ ଫାଉଲ୍ ମରାଯାଇଥିବା ବେଳେ ଲରେନ୍ ହେମ୍ପ ୟେଲୋ କାର୍ଡ ପାଇଥିଲେ।

## ଇଂଲଣ୍ଡ ସହ ଡ୍ର ରଖିଲା ଭାରତ

ଡସେଲ୍‌ଡର୍ଫ,୨୦।୮

ରବିବାର ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ୩-୩ରେ ଡ୍ର ରଖିଛି ଭାରତୀୟ ଜୁନିୟର ମହିଳା ହକି ଦଳ। ଏକଦା ପଛୁଆ ରହିଥିବା ଭାରତୀୟ ଦଳ ଅନ୍ତିମ କ୍ୱାର୍ଟରରେ ଦୁଇଟି ଗୋଲ ସ୍କୋର କରିବା ସହିତ ପଏଣ୍ଟ ବାଣ୍ଟିଥିଲା। ଭାରତ ପକ୍ଷରୁ ହୀନା ବାନୋ(୬ ମିନିଟ), ରୁତୁଜା ଦାଦାସୋ ପିସାଇ(୪୯ ମିନିଟ) ଓ ମୁମତାଜ ଖାନ୍(୫୩ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଲେ ହୁରେ ମାର୍ଥା((୪ ଓ ୧୯) ଡବଲ୍ ଗୋଲ ଦେଇଥିବା ବେଳେ ଆଲେକଜେଣ୍ଡର ବେଥ୍ ଗୋଟିଏ ଗୋଲ ଦେଇଥିଲେ।

## ସିରିଜ୍ ଜିତିଲା ଟିମ୍ଇଣ୍ଡିଆ

ଡବଲିନ୍,୨୦।୮

ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌କୁ ୩୩ ରନରେ ଜତିବା ସହିତ ଆଗୁଆ ସିରିଜ୍ ଜିତି ନେଇଛି ଭାରତ। ପୂର୍ବରୁ ପ୍ରଥମ ମ୍ୟାଚକୁ ଡର୍କୱର୍ଥ ଲୁଇସ ମେଥଡରେ ୨ ରନରେ ଜିତିଥିଲା ଭାରତ। ରତୁରାଜ ଗାଏକ୍ୱାଡଙ୍କ ୫୮ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଆୟର୍ଲାଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୧୫୨ ରନ୍ କରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ରତୁରାଜ ଗାଏକ୍ୱାଡ ସର୍ବାଧିକ ୫୮ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଞ୍ଜୁ ସାମସନ୍ ୪୦, ରିଙ୍କୁ ସିଂ ୩୮ ଓ ଶିବମ ଦୁବେ ଅପରାଜିତ ୨୨ ରନ୍ କରିଥିଲେ। ଗାଏକ୍ୱାଡ ୪୩ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ ରିଙ୍କୁ ସିଂ ଧୂଆଁଧାର ୩୮ ରନ୍ କରିବାରୁ ଭାରତ ୧୮୫ ରନ୍‌ରେ ପହଞ୍ଚିଥିଲେ। ୨୧ ବଲ୍‌ର ଇନିଂସରେ ରିଙ୍କୁ ୨ ଚୌକା ଓ ୩ ଛକା ମାରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ବ୍ୟାରି ମ୍ୟାକାର୍ଥୀ ଦୁଇ ଉଇକେଟ ନେଇଥିଲେ। ଜବାବରେ ଆଣ୍ଡ୍ରୁ ବାଲବର୍ନିଙ୍କ ୭୨ ରନ୍ ସତ୍ତ୍ୱେ ଆୟର୍ଲାଣ୍ଡ ନିର୍ଦ୍ଧାରିତ ଓଭରରେ ୧୫୨ ରନ୍ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ମାର୍କ ଆଦେର ୨୩, କର୍ଟିସ୍ କ୍ୟାମ୍ପର ୧୮ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମରା, ପ୍ରସିଦ୍ଧ କ୍ରିଷ୍ଣା ଓ ରବି ବିଷ୍ଣୋଇ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅର୍ଶଦୀପ ସିଂ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୫/୫(ରତୁରାଜ ଗାଏକ୍ୱାଡ-୫୮, ସଞ୍ଜୁ ସାମସନ୍-୪୦, ରିଙ୍କୁ ସିଂ-୩୮, ବ୍ୟାରୀ ମ୍ୟାକାର୍ଥୀ-୨/୩୬, କ୍ରେଗ୍ ୟଙ୍ଗ-୧/୨୯, ବେଞ୍ଜାମିନ୍ ହ୍ୱାଇଟ୍-୧/୩୩)। ଆୟର୍ଲାଣ୍ଡ ୨୦ ଓଭରରେ ୧୫୨/୮(ଆଣ୍ଡ୍ରୁ ବାଲବର୍ନି-୭୨, ମାର୍କ ଆଦେର-୨୩,କର୍ଟିସ୍ କ୍ୟାମ୍ପର-୧୮, ପ୍ରସିଦ୍ଧ କ୍ରିଷ୍ଣା-୨/୨୯, ରବି ବିଷ୍ଣୋଇ-୨/୩୭, ଯଶପ୍ରୀତ୍ ବୁମ୍‌ରା-୨/୧୫)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରିଙ୍କୁ ସିଂ।

## କରାଟେ ପ୍ରତିଯୋଗିତା ଉଦ୍‌ଯାପିତ



କୃତୀ କରାଟେକାମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୦।୮
(ବିଜୟ ରଣା)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ବାର୍ଷିକ ସ୍ପୋର୍ଟ୍ସ ମିଟ୍ ଆରମ୍ଭ ହୋଇଛି। ଏହାର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୩ଟି ୟୁନିଟ୍‌ରୁ ୩୮୦ଜଣ ପ୍ରତିଯୋଗୀ ୧୧୩ ଟି କାଟେଗୋରୀରେ ଭାଗ ନେଇଥିଲେ। ୬ବର୍ଷରୁ ଆରମ୍ଭ କରି ସିନିୟର ବର୍ଗ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ବିଭିନ୍ନ

**ଉତ୍କଳ ସ୍ପୋର୍ଟ୍ସ ମିଟ୍**

କାଟେଗୋରିରେ ଭାଗ ନେଇଥିବା ବାଳକ ଓ ବାଳିକା ପ୍ରତିଯୋଗୀମାନେ ସେମାନଙ୍କ ପାରଦର୍ଶିତା ଦେଖାଇଥିଲେ। ପ୍ରତିଯୋଗିତାକୁ ସେନସେଇ ଖାରବେଳ ମଲିକ, ଜୟଦେବ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଦୀପକ ସାମନ୍ତରା, ସୌମ୍ୟରଞ୍ଜନ ଦାସ, ଅରବିନ୍ଦ ବାରିକ, ବିଜନ ଦଳବେହେରା, ବିଜୟ ସାମଲ, ଗୋପାଳ ଦାସ, ଉମାକାନ୍ତ ବେହେରା, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ, କ୍ରିଷ୍ଣା ଶିକାରୀ, କୃଷ୍ଣଚନ୍ଦ୍ର ମହାରଣା, ସନ୍ତୋଷ ମହାରଣା, ଅମୀୟ ସାହୁ ଓ ଶୁଭାଶିଷ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ କରାଟେ ସଂଘର ପ୍ରତିଷ୍ଠା ସଦସ୍ୟ ସଞ୍ଜୀୟ ଦାସ, ସନତ ନାୟକ ଓ କାଳି ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

## ୭ ମହାଦେଶରେ ପର୍ବତାରୋହଣ କଲେ ସିଦ୍ଧାର୍ଥ



ସିଦ୍ଧାର୍ଥ ରାଉତରାୟ

ଭୁବନେଶ୍ୱର,୨୦।୮
(ସରୋଜ ଜେନା)

ପ୍ରଥମ ଓଡ଼ିଆ ପର୍ବତାରୋହୀ ଭାବରେ ୭ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ଆରୋହଣ କରିଛନ୍ତି ସିଦ୍ଧାର୍ଥ ରାଉତରାୟ। ଶନିବାର ଅଷ୍ଟ୍ରେଲିଆର ସର୍ବୋଚ୍ଚ ଶିଖର ମାଉଣ୍ଟ କୋସ୍କ୍ୟୁସ୍କୋ ଆରୋହଣ କରିବା ସହିତ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ୨୨୨୮ ମିଟର(୭୩୧୦ ଫୁଟ) ଉଚ୍ଚର ଏହାକୁ ଆରୋହଣ କରିଥିଲେ ସିଦ୍ଧାର୍ଥ। ଏହା ପୂର୍ବରୁ ସିଦ୍ଧାର୍ଥ ସଫଳତାର ସହିତ ଦକ୍ଷିଣ ଆମେରିକାର ମାଉଣ୍ଟ ଆକୋନକାଗୁଆ, ଏସିଆର ମାଉଣ୍ଟ ଏଭରେଷ୍ଟ, ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରେ, ଆଣ୍ଟାର୍କଟିକାର ମାଉଣ୍ଟ ଭିନସନ୍, ୟୁରୋପର ମାଉଣ୍ଟ ଏଲବ୍ରସ ଓ ଉତ୍ତର ଆମେରିକାର ମାଉଣ୍ଟ ଡିନେଲ ସଫଳତାର ସହିତ ଆରୋହଣ କରିଥିଲେ। ମାଉଣ୍ଟ କୋସ୍କ୍ୟୁସ୍କୋ ଶିଖରରେ ପହଞ୍ଚିବା ସହିତ ମହାପ୍ରଭୁ ଜଗନ୍ନାଥଙ୍କ ପତିତ ପାବନ ବାନା ଉଡାଇଥିଲେ।

## ଆର୍‌ଡୋର ଏକାଡେମୀ, କଳିଙ୍ଗ ୟୁଥ୍ ବିଜୟୀ

ଭୁବନେଶ୍ୱର, ୨୦।୮ (ବିଜୟ ରଣା)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ରବିବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସକାଳେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଆର୍‌ଡୋର ଏକାଡେମୀ (ଜୁନିୟର) ୨-୦ ଗୋଲ୍‌ରେ ଗ୍ଲୋବାଲ ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳପକ୍ଷରୁ ରାଜୀବ ମାହାତୋ ୨୩ତମ ମିନିଟ୍‌ରେ ମ୍ୟାଚର ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଦ୍ୱିତୀୟ ଗୋଲ୍‌ଟିକୁ ଅଜୟ ସୋରେନ ୫୦ତମ ମିନିଟ୍‌ରେ ଦେଇଥିଲେ। ଏହି ବିଜୟ ଦ୍ୱାରା ଆରଡୋର ଏକାଡେମୀ ଖେଳିଥିବା ଦୁଇଟି ଯାକ ମ୍ୟାଚ ଜିତି ୪ ପଏଣ୍ଟ ଅର୍ଜନ କରିଥିବା ବେଳେ ଗ୍ଲୋବାଲ ଫୁଟ୍‌ବଲ କ୍ଲବ ତିନୋଟି ମ୍ୟାଚରୁ ୩ ପଏଣ୍ଟ ପାଇଛି। ଆରଡୋର ଏକାଡେମୀର ଅଜୟ ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅନୁଷ୍ଠାନର କାର୍ଯ୍ୟକାରୀ କମିଟି ସଦସ୍ୟ ନିହାରକାନ୍ତ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଅପରାହ୍ଣରେ ଦ୍ୱିତୀୟ ମ୍ୟାଚରେ କଳିଙ୍ଗ ୟୁଥ୍ ୨-୦ ସମାନ ଗୋଲ୍ ବ୍ୟବଧାନରେ ମା'ମଙ୍ଗଳା ଫୁଟ୍‌ବଲ୍ କ୍ଲବକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ସୁନାରାମ ହାଁସ୍‌ଦା (୧୫ତମ ମିନିଟ) ଓ ରାଜକୁମାର ମୁର୍ମୁ (୫୧ତମ) ଗୋଲ୍ ସ୍କୋର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ସୁନାରାମ ହାଁସ୍‌ଦା ଅନୁଷ୍ଠାନର କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ ରାଉତରାୟଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଶୁଟିଂରେ ଶେଓରାନଙ୍କୁ ୫ମ ଅଲିମ୍ପିକ କୋଟା

ବାକୁ (ଆଜରବୈଜାନ), ୨୦।୮ (ପି.ଟି.)

ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ପୁରୁଷ ରାଇଫଲ ୩-ପୋଜିଶନ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିବା ଦ୍ୱାରା ଭାରତର ଅଖିଳ ଶେଓରାନ ଦେଶ ପାଇଁ ୫ମ ଅଲିମ୍ପିକ କୋଟା ହାସଲ କରିଛନ୍ତି। ୮ଜଣ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ଶେଓରାନ ଏଗ୍ରିଗେଟ୍ ୪୫୦.୦ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିବା ସହ ଆସନ୍ତାବର୍ଷ ଅଲିମ୍ପିକ ଗେମ୍ସ ପାଇଁ ଏକ କୋଟା ହାସଲ କରିଛନ୍ତି। କ୍ୱାଲିଫିକେଶନରେ ସେ ଏଗ୍ରିଗେଟ ସ୍କୋର ୫୮୫ ସହ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଅଷ୍ଟ୍ରିଆର ଆଲେକ୍‌ଜାଣ୍ଡର ସ୍କିମିରଲ ୪୬୨.୬ ପଏଣ୍ଟ ସହ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଚେକ୍‌ରିପବ୍ଲିକ୍‌ର ପିଟର ନାଇମ୍‌ବର୍ସ୍କି ମୋଟ ୪୫୯.୨ ସ୍କୋର ସହ ରୌପ୍ୟ ପଦକ ପାଇଛନ୍ତି। ଶେଓରାନଙ୍କ ପୂର୍ବରୁ ବୋନିଶ ମେଣ୍ଡିରାଟା (ପୁରୁଷ ଟ୍ରାପ୍), ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ରୁଦ୍ରାଂଶ ବାଲାସାହେବ ପାଟିଲ (ପୁରୁଷ ୧୦ମିଟର ଏୟାର ରାଇଫଲ), ସ୍ୱପ୍ନିଲ କୁସାଲେ (ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ) ଏବଂ ମେହୁଲି ଘୋଷ (ମହିଳା ୧୦ ମିଟର ଏୟାର ରାଇଫଲ) ଅଲିମ୍ପିକ କୋଟା ହାସଲ କରିସାରିଛନ୍ତି। ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫାଇଂ ଇଭେଣ୍ଟ। ଏଥିରେ ମୋଟ ୪୮ଟି ଅଲିମ୍ପିକ କୋଟା ବ୍ୟବସ୍ଥା ଅଛି। ୧୨ ବ୍ୟକ୍ତିଗତ ଅଲିମ୍ପିକ ଶୁଟିଂ ଇଭେଣ୍ଟ ଶ୍ରେଷ୍ଠ ୪ ଫିନିଶର (ଦେଶ ପିଛା ଜଣେ)ଙ୍କ ଲାଗି କୋଟା ଅଫର ରହିଛି। ଏନ୍‌ଆରଏଆଇ ତରଫରୁ ଟୁଇଟର୍‌ରେ ଆନୁଷ୍ଠାନିକ ଭାବେ ଶେଓରାନଙ୍କ ସଫଳତା ପ୍ରକାଶ ପାଇଛି।

## ଏଚ୍‌ସିଏର ଅନୁରୋଧ

ନୂଆଦିଲ୍ଲୀ,୨୦।୮(ପି.ଟି.)

ଭାରତରେ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ କାର୍ଯ୍ୟସୂଚୀରେ ଆଉ ଏକ ପରିବର୍ତ୍ତନର ସମ୍ଭାବନା ରହିଛି। ପୂର୍ବରୁ ୯ଟି ମ୍ୟାଚର କାର୍ଯ୍ୟସୂଚୀକୁ ପରିବର୍ତ୍ତନ କରାଯାଇଥିବା ବେଳେ ବର୍ତ୍ତମାନ ଆଉ ଏକ ପରିବର୍ତ୍ତନ ପାଇଁ ଅନୁରୋଧ କରିଛି ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ୍(ଏଚ୍‌ସିଏ)। ସୁରକ୍ଷା କାରଣ ଦର୍ଶାଇ ରବିବାର ଏଚ୍‌ସିଏ ପକ୍ଷରୁ ପରିବର୍ତ୍ତନର ଅନୁରୋଧ କରାଯାଇଛି। ଅକ୍ଟୋବର ୫ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି।

## ପ୍ରିୟଙ୍କା, ଶ୍ରୀହନଙ୍କୁ ଟାଇଟଲ

ଭୁବନେଶ୍ୱର, ୨୦।୮
(ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଓ ସୁନ୍ଦରଗଡ଼ ଜିଲା ଚେସ୍ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ୧୯ ବର୍ଷରୁ କମ୍ (ଓପନ୍ ଓ ବାଳିକା) ଚେସ୍ ପ୍ରତିଯୋଗିତା ରବିବାର ସୁନ୍ଦରଗଡ଼ରେ ଶେଷ ହୋଇଛି। ଏହାର ବାଳିକା ବର୍ଗରେ ସୁନ୍ଦରଗଡ଼ର ପ୍ରିୟଙ୍କା ରାଉତରାୟ ଓ ବାଳକରେ ଗଞ୍ଜାମର ଶ୍ରୀହନ ସବତ ଚାମ୍ପିୟନ ହୋଇଛନ୍ତି। ପ୍ରିୟଙ୍କା ୪.୫ ଓ ଶ୍ରୀହନ ୬.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ବାଳିକା ବିଭାଗରେ କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ଏବଂ ପୁରୀର ଶ୍ରେଷ୍ଠୀ ଶ୍ରେୟାସୀ ଓ ଆୟୁଷୀ ମହାନ୍ତି ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳକ ବର୍ଗରେ ସୁନ୍ଦରଗଡ଼ର ଆଦିତ୍ୟ ରଞ୍ଜନ ସାମଲ, ପୁରୀର ଆୟୁଷ୍ମାନ ମହାନ୍ତି ଓ ବଲାଙ୍ଗୀରର ସୂରଜ ମହନ୍ତ ଯଥାକ୍ରମେ ୨ୟରୁ



ପୁରସ୍କାର ସହ ଅତିଥିଙ୍କ ଗହଣରେ କୃତୀ ଚେସ୍ ଖେଳାଳି।

୪ର୍ଥ ସ୍ଥାନ ପାଇଛନ୍ତି। ଉଭୟ ବର୍ଗରେ ଶ୍ରେଷ୍ଠ ୪ ଜଣ ଲେଖାଏ ପ୍ରତିଯୋଗୀ ଆଗାମୀ ୧୯ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହା ସେପ୍ଟେମ୍ବର ୨୦ରୁ ୨୮ ପର୍ଯ୍ୟନ୍ତ ଗୁଜରାଟରେ ଅନୁଷ୍ଠିତ ହେବ। ଶିଳ୍ପପତି ସଞ୍ଜୟ ନନ୍ଦ ମୁଖ୍ୟ ଅତିଥି ଏବଂ ସୁନ୍ଦରଗଡ଼ ମ୍ୟୁନିସପାଲିଟି ଚେୟାରମ୍ୟାନ ତନୟା ମିଶ୍ର, ଅଲ୍‌ଓଡ଼ିଶା ଚେସ୍

**୧୯ ବର୍ଷରୁ କମ୍ ରାଜ୍ୟ ଚେସ୍**

ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ସୁନ୍ଦରଗଡ଼ ଜିଲା ଚେସ୍ ଆସୋସିଏଶନ (ଏସ୍‌ଡିସିଏ) ପରାମର୍ଶଦାତା ରାଜକିଶୋର ଷଡ଼ଙ୍ଗୀ ଓ ପ୍ରଦୀପ ଦତ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସ୍‌ଡିସିଏ ସଭାପତି ଶରତ ଦାସ, ଯୁଗ୍ମ ସମ୍ପାଦକ ଆଲୋକ କୁମାର ଦତ୍ତ, କୋଷାଧ୍ୟକ୍ଷ ନରେନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଅନ୍ତର୍ଜାତୀୟ ଆର୍ବିଟର ପ୍ରସନ୍ନ କୁମାର ନାୟକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସୁସୋଭିତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..........................



ଶୁଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆ ଭୋଟରଙ୍କୁ ପଞ୍ଜୀକରଣ କରିବାରେ ସହଯୋଗ କରିବ ଭାଜପା




ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

**ଭୁବନେଶ୍ୱର, ୨୦।୮ (ସୁନିତ୍ ମିଶ୍ର)**

ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ 'ନୂତନ ଭୋଟର ସଚେତନତା' ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଯେଉଁ ଯୁବତୀ, ଯୁବକମାନଙ୍କୁ ୨୦୨୪ ଜାନୁୟାରୀ ସୁଦ୍ଧା ୧୮ ବର୍ଷ ହୋଇଥିବ ସେମାନେ ନୂତନ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ନେଇ ଭାଜପା କର୍ମୀମାନେ ସହଯୋଗ କରିବେ। ଭୋଟର ତାଲିକାରେ 'ନୂତନ ଭୋଟର' ଯୋଡ଼ିବା ପାଇଁ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଛି। ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ପ୍ରତ୍ୟେକ ବୁଥ୍‌କୁ ଯାଇ ଯୁବତୀ,ଯୁବକଙ୍କୁ ସଚେତନ କରିବା ସହ ନୂତନ ଭୋଟରଙ୍କୁ ଗଣତନ୍ତ୍ର ଅଧିକାରର ଗୁରୁଦାୟିତ୍ୱ ପ୍ରସଙ୍ଗରେ ବୁଝାଇବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ନୂଆ ଭାରତ ଏବଂ ନୂଆ ଓଡ଼ିଶା ଗଠନ'ର ସଂକଳ୍ପକୁ ଆଗେଇ ନେବା ସହ ଆଗାମୀ ୨୦୨୪ ନିର୍ବାଚନ ପ୍ରସଙ୍ଗରେ ନୂତନ ଯୁବ ଭୋଟରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ନୂଆ ଭୋଟରଙ୍କୁ ଦଳରେ ସାମିଲ କରିବା, ମୋଦି ସରକାରଙ୍କ ଯୁବ ଆଧାରିତ ଜନକଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ନୂତନ ଭାରତ ଗଠନ ଏବଂ ସାଧାରଣ ନିର୍ବାଚନର ବିଜୟ ପ୍ରସ୍ତୁତି ସମ୍ବନ୍ଧରେ ବର୍ତ୍ତମାନର ଯୁବକଙ୍କ ଉପସ୍ଥିତି ନିତାନ୍ତ ଆବଶ୍ୟକ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ରରେ ଯୁବ ଭୋଟରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଛନ୍ତି।

## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା





**ଶୁଭବି ମଲ୍ଲିକ (ଶୁଭି)**
ହାଲ୍, ସୁନାବେଡ଼ା

ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏତିକି କାମନା।
**ଶୁଭେଚ୍ଛା ସହ:** ଜେଜେବାପା, ଜେଜେମା, ଅଜା, ଆଈ, ବାପା, ମା, ବଡ଼ବାପା, ବଡ଼ମା, ଦାଦା, ଖୁଡ଼ୀ, ଭଉଣୀ, ମାମୁ, ମାଇଁ, ମଉସା, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ ।
ଧ-୧୧୦୧

# ଇଡି ଭୟରେ ଏନ୍‌ସିପି ନେତା ଭାଜପାରେ ମିଶିଛନ୍ତି: ପାୱାର

**ନୂଆଦିଲ୍ଲୀ, ୨୦।୮**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଯେଉଁ ନେତାମାନେ ଅଜିତ ପାୱାରଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି, ସେମାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ କରିଥିଲା। ବିକାଶ ପ୍ରସଙ୍ଗକୁ ନେଇ ସେମାନେ ସରକାରରେ ସାମିଲ ହେଉଥିବା କଥା କହିଥିଲେ। କିନ୍ତୁ ସେମାନେ ବାସ୍ତବରେ ଇଡି ତଦନ୍ତକୁ ଭୟ କରି ଭାଜପା ସହ ହାତ ମିଳାଇଥିଲେ ବୋଲି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ରବିବାର କହିଛନ୍ତି। ଭାଜପାରେ ଯୋଗ ନ ଦେଲେ ଅଜିତ ପାୱାରଙ୍କ ଗୋଷ୍ଠୀର କେତେଜଣ ନେତାଙ୍କୁ ଅନ୍ୟତ୍ର ପଠାଇ ଦିଆଯିବ ବୋଲି ଧମକ ଦିଆଯାଇଥିଲା। ତଦନ୍ତକାରୀ ସଂସ୍ଥାର ଚାପରେ ସେମାନେ ଦଳ ବଦଳାଇବାକୁ ବାଧ ହୋଇଥିଲେ ବୋଲି ପାୱାର କହିଛନ୍ତି।

# ପାୱାରଙ୍କ ସହଯୋଗୀଙ୍କ ଘରେ ଇଡି ଚଢ଼ାଉ

**ମୁମ୍ବାଇ, ୨୦।୮**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ସହଯୋଗୀ ଈଶ୍ୱରଲାଲ ଜୈନଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନଗଦ ୧ କୋଟି ଟଙ୍କା ସହ ୩୯ କେ.ଜି. ସୁନା ଅଳଙ୍କାର(ଆନୁମାନିକ ମୂଲ୍ୟ ୨୫ କୋଟି ଟଙ୍କା) ଜବତ କରିଛି। ଏନ୍‌ସିପିର ପୂର୍ବତନ କୋଷାଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି ଜୈନ ଓ ତାଙ୍କ ପରିବାର ମନିଲଣ୍ଡରିଂ, ବ୍ୟାଙ୍କ ଋଣ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଇଡି ଶନିବାର ଜୈନଙ୍କ ଜଲଗାଁଓ, ନାସିକ ଏବଂ ଠାଣେରେ ଥିବା ୧୩ଟି କୋଠା ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସେହିପରି ଜୈନଙ୍କ ପୁଅ ମନୀଷଙ୍କ ନାଁରେ ଥିବା ୫୦ ନିୟୁତ ୟୁରୋ ଏଫଡିଆଇକୁ ମଧ୍ୟ ଇଡି ଜବତ କରିଛି। ଏହା ବ୍ୟତୀତ ରାଜକମଲ ଲକିଚାନ୍ଦ ଗ୍ରୁପର ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୬୦ଟି ସମ୍ପତ୍ତି ମଧ୍ୟ ଜବତ କରିଛି।



ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀରେ ରବିବାର ପ୍ରୟାଗରାଜଠାରେ କଂଗ୍ରେସ କର୍ମୀମାନେ ତାଙ୍କ ଫଟୋରେ ପୁଷ୍ପ ଅର୍ପଣ କରୁଛନ୍ତି।

# ୨୯ରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ଦେବ ଦାବିପତ୍ର

**ଭୁବନେଶ୍ୱର, ୨୦।୮ (ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି (ପିସିସି) ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ରବିବାର ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପଞ୍ଚାୟତ ପ୍ରତିନିଧି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ପ୍ରତିନିଧିଙ୍କୁ ରାଜ୍ୟ ସରକାରଙ୍କ ପ୍ରତାରଣା ପ୍ରତିବାଦରେ ଦଳ ପକ୍ଷରୁ ଆସନ୍ତା ୨୯ରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ସମ୍ମିଳନୀରେ ରାଜ୍ୟର ୩୦ ଜିଲାର ଦଳୀୟ ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟଙ୍କ ସମେତ ଅନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

ସଙ୍ଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ସରକାର ପ୍ରଣୟନ କରିଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପଞ୍ଚାୟତ ଅନୁଷ୍ଠାନ ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସାମିଲ କରା ନ ଯିବା ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଛି। ଏହି ଯୋଜନାରେ ପ୍ରତି ପଞ୍ଚାୟତରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ବ୍ୟବସ୍ଥା ରହିଛି। ସମ୍ବିଧାନର ନିର୍ଦ୍ଦେଶ ମୁତାବକ ଅନୁସୂଚିତ ଜାତି ଓ ଜନଜାତି ବହୁଳ ଅଞ୍ଚଳରେ କୌଣସି ବିକାଶମୂଳକ କାର୍ଯ୍ୟ ଗ୍ରାମସଭାର ବିନା ଅନୁମୋଦନରେ ହୋଇପାରିବ ନାହିଁ। ମାତ୍ର ଏହି ଯୋଜନାରେ ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଅଣଦେଖା କରାଯାଇଛି, ଯାହା ପଞ୍ଚାୟତ ବ୍ୟବସ୍ଥା ପ୍ରତି ଉପହାସ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ପ୍ରତାରଣା। ଏହା ବିରୋଧରେ ଆଇନର ଆଶ୍ରୟ ନେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ଆସନ୍ତା ୨୯ରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯିବ। ପିସିସି ସଭାପତି ଶରତ ପଟ୍ଟନାୟକ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟ ସରକାରଙ୍କ ପଞ୍ଚାୟତ ବିରୋଧୀ କାର୍ଯ୍ୟକଳାପର ଦୃଢ଼ ବିରୋଧ କରିଛନ୍ତି। ସଙ୍ଗଠନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହର୍ଷବର୍ଦ୍ଧନ ସପ୍‌କାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶରେ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ରାଜୀବ ଗାନ୍ଧୀଙ୍କ ଅବଦାନ ଏବଂ ୭୩ତମ ସମ୍ବିଧାନ ସଂଶୋଧନ ଆଇନ ଆଣିବା କ୍ଷେତ୍ରରେ କଂଗ୍ରେସର ଭୂମିକା ବିଷୟରେ ଅବତାରଣ କରିଥିଲେ। କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ତୃଣମୂଳସ୍ତରରେ ପଞ୍ଚାୟତ ବ୍ୟବସ୍ଥା ବିକାଶର ଚାବିକାଠି ଏବଂ ଏହାକୁ ରାଜ୍ୟ ସରକାର ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**SOCIAL SERVICE for JOB ASPIRANTS**
Through Pre-Recruitment Training
GOVT., PUBLIC & PRIVATE SECTORS
OUR ASSISTENCE, TILL APPOINTMENT,
NO TRAINING FEE
For Details, Contact
MAJOR DEFENCE ACADEMY
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
9938238840, 9938650175

**ଜଗନ୍ନାଥ ଫାଇନାନ୍ସ କମ୍ପାନୀ**
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ, ସମ୍ପତ୍ତି ଋଣ, ଶିକ୍ଷା ଋଣ



କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ ।
9667440436

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମଧ୍ୟପ୍ରଦେଶରେ ୩,୦୦୦ ଟଙ୍କା ବେରୋଜଗାରୀ ଭତ୍ତା ପ୍ରତିଶ୍ରୁତି ଦେଲେ କେଜ୍‌ରିୱାଲ

**ସାତନା, ୨୦।୮ (ପି.ଟି.)**

ବିଧାନସଭା ନିର୍ବାଚନ ହେବାକୁ ଥିବା ମଧ୍ୟପ୍ରଦେଶରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ଅରବିନ୍ଦ କେଜ୍‌ରିୱାଲ ରବିବାର ଯୁବବର୍ଗଙ୍କୁ ମାସିକ ୩,୦୦୦ ଟଙ୍କା ଲେଖାଏ ବେରୋଜଗାରୀ ଭତ୍ତା ସମେତ ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ଗ୍ୟାରେଣ୍ଟି ମଧ୍ୟରେ ରହିଛି ମାଗଣା ବିଜୁଳି, ମାଗଣା ଚିକିତ୍ସା ସେବା ଏବଂ ଉନ୍ନତ ମାନର ସ୍କୁଲ୍ ନିର୍ମାଣ। ଏକ ସଭାକୁ ସମ୍ବୋଧନ କରି ଏଏପି ଜାତୀୟ ଆବାହକ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ପରୋକ୍ଷରେ ସମାଲୋଚନା କରିଛନ୍ତି। ନିଜ ଝିଆରୀ, ପୁତୁରାଙ୍କୁ ଧୋକ୍କା ଦେଇଥିବା 'ମାମା'(ଶିବରାଜ)ଙ୍କ ଉପରେ ବିଶ୍ୱାସ ନ କରିବାକୁ କେଜ୍‌ରିୱାଲ ଜନସାଧାରଣଙ୍କୁ ଅପିଲ୍ କରିଥିଲେ। ଭାଷଣ ମାଧ୍ୟମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସମାଜର ବିଭିନ୍ନ ବର୍ଗଙ୍କ ନିକଟତର ହେବାକୁ ଉଦ୍ୟମ କରିଥିଲେ। ବିଭିନ୍ନ ଦଳ ନିର୍ବାଚନ ବେଳେ ଇସ୍ତାହାରରେ ବିଭିନ୍ନ ପ୍ରତିଶ୍ରୁତି ଘୋଷଣା କରି ପରେ ଭୁଲିଯାଆନ୍ତି। କିନ୍ତୁ କେଜ୍‌ରିୱାଲଙ୍କ ଗ୍ୟାରେଣ୍ଟି ନିଶ୍ଚୟ ପୂରଣ ହେବ ବୋଲି ସେ ଦୃଢ଼ୋକ୍ତି କରିଥିଲେ। ମଧ୍ୟପ୍ରଦେଶରେ ଭାଜପା ଏବଂ କଂଗ୍ରେସକୁ ଯଥେଷ୍ଟ ସୁଯୋଗ ଦିଆଯାଇଛି। ଏଏପିକୁ ଗୋଟିଏ ଥର ସୁଯୋଗ ଦେଇ ଦେଖନ୍ତୁ। ଦିଲ୍ଲୀ ଓ ପଞ୍ଜାବରେ ଆମେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛୁ ବୋଲି ଏଏପି ନେତା କହିଥିଲେ।



ଅରବିନ୍ଦ କେଜ୍‌ରିୱାଲ

## ରାଜ୍ୟ ଖବର

# ପାତାଳି ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

### ପହରା ପର୍ବ ପାଳନ ବେଳେ ଅଘଟଣ

**ନନ୍ଦପୁର, ୨୦।୮ (ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକର ଚାଟୁଆ, ପାଡୁଆ ଦେଇ ପ୍ରବାହିତ ପାତାଳି ନଦୀରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚାଟୁଆ ପଞ୍ଚାୟତ ସାରିଆପୁଟ ଗ୍ରାମର ଜଗୁ ହନ୍ତାଳ(୩୫)।

ଶନିବାର ଅପରାହ୍ନରେ ସାରିଆପୁଟ ଗ୍ରାମବାସୀ ବାଙ୍କଗୁମୀ ନଦୀଘାଟରେ 'ପହରା ପର୍ବ' ପାଳନ କରୁଥିଲେ। ବର୍ଷାଦିନ ହେତୁ ନଦୀରେ ପ୍ରବଳ ପାଣି ପ୍ରବାହିତ ହେଉଥିଲା। ସେହିସମୟରେ ଜଗୁ ନଦୀରେ ଗାଧୋଇ ପହଁରୁଥିଲେ। ନଦୀ ସ୍ରୋତ ଅଧିକ ଥିବାରୁ ସେ ଭାସି ଯାଇଥିଲେ। ଉପସ୍ଥିତ ଗ୍ରାମବାସୀ ଖୋଜାଖୋଜି କରି ନିରାଶ ହୋଇ ନନ୍ଦପୁର ଅଗ୍ନିଶମ ବାହିନୀ ଓ ପାଡୁଆ ପୋଲିସକୁ ଖବର ଦେଇଥିଲେ। ଶନିବାର ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ରବିବାର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ଜଗୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ଉଦ୍ଧାର ପରେ ସମିତିସଭ୍ୟ କୃଷ୍ଣ ପାଙ୍ଗି ପଞ୍ଚାୟତ ପକ୍ଷରୁ ଦେଇଥିବା ଏତଲାକ୍ରମେ ପାଡୁଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଅଶୋକ ବିଶୋୟୀ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଶେଷକୃତ୍ୟ ନିମନ୍ତେ ମାମୁ କୁସ ଖରାଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତ ପରେ ପରିବାର ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ନରସିଂହ ଗାଦବା ପ୍ରକାଶ କରିଛନ୍ତି।

# ବାଇକ୍-କାର୍ ଧକ୍କା: ୨ ମୃତ

**ଜୟପୁର, ୨୦।୮ (ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ନିକଟସ୍ଥ ରଣ୍ଡାପାଲି ଜାତୀୟ ରାଜପଥରେ ରବିବାର ରାତି ୧୦ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଓ କାର୍ ମୁହାଁମୁହିଁ ଧକ୍କା ଯୋଗୁ ଘଟଣା ସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଜୟପୁର ବ୍ଲକ କେନ୍ଦୁଗୁଡା ଗ୍ରାମର ଶିବ ମୁଦୁଲି ଓ ବିଶ୍ୱନାଥ ମୁଦୁଲି। କାରଟି ବୋରିଗୁମ୍ମା ଅଭିମୁଖେ ଯାଉଥିବା ବେଳେ ବାଇକ୍ ଆରୋହୀ ଶିବ ଓ ବିଶ୍ୱନାଥ ଜୟପୁର ଅଭିମୁଖେ ଆସୁଥିଲେ। ତେବେ ରଣ୍ଡାପାଲିଠାରେ କାରକୁ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ଡାକ୍ତରଖାନାକୁ ପଠାଇଛି।

# ୨ ତୀର୍ଥଯାତ୍ରୀ ବସ୍ ଧକ୍କା, ୧୦ ଗୁରୁତର

**ରୂପ୍‌ସା(ବାଞ୍ଛାନିଧି ଦେ)/ ବସ୍ତା(ହରିଶଙ୍କର ପାଢ଼ୀ), ୨୦।୮**

ବାଲେଶ୍ୱର ଜିଲା ବସ୍ତା ଥାନା ୬୦ନଂ. ଜାତୀୟ ରାଜପଥର ଭେଲୋରା ଛକ ନିକଟରେ ୨ ତୀର୍ଥଯାତ୍ରୀ ବସ୍ ମଧ୍ୟରେ ଧକ୍କା ଲାଗି ୧୦ ଯାତ୍ରୀ ଗୁରୁତର ହୋଇଛନ୍ତି। ଆହତ ଯାତ୍ରୀମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟ ବସ୍‌ରେ ତୀର୍ଥଯାତ୍ରୀ ପୁରୀକୁ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା।

ସୂଚନା ଅନୁଯାୟୀ, ରବିବାର ସକାଳେ ଜ୍ୟୋତି ଟ୍ରାଭେଲର୍ସ ନାମକ ତୀର୍ଥଯାତ୍ରୀ ବସ୍ ୨୫ ଯାତ୍ରୀଙ୍କୁ ନେଇ ବିହାରରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ଭେଲୋରା ନିକଟରେ ରାସ୍ତା ଖରାପ ଥିବାରୁ ଡ୍ରାଇଭର ଗାଡ଼ିର ବେଗ କମାଇ ଦେଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ସାୟନ ସାୟନ୍ତିକା ନାମକ ଅନ୍ୟ ଏକ ତୀର୍ଥଯାତ୍ରୀ ବସ୍ ଭାରସାମ୍ୟ ହରାଇ ସାମ୍ନାରେ ଯାଉଥିବା ବସ୍ ପଛରେ ଧକ୍କା ଦେଇଥିଲା। ଫଳରେ ୧୦ ଯାତ୍ରୀ ଆହତ ହୋଇଥିଲେ। ରାଜପଥ ଆମ୍ବୁଲାନ୍ସରେ ଆହତମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଛି। ଏହି ବସ୍‌ଟି ୪୦ ଜଣ ଯାତ୍ରୀ ନେଇ ପଶ୍ଚିମବଙ୍ଗର ଚବିଶ ପ୍ରଗଣାରୁ ପୁରୀ ଯାଉଥିଲା।

## Classified Everyday 0674-2580101, 2549949




**SALE**

A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452. D-75026

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Apartment, Duplex, plot for sale. Mob- 9556521654, Puri Bypass,Jagamara, Kalinga Vihar. D-1100

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




3BHK flat Mainroad Soubhagya nagar, Unit-8 for Office/ Residence. 9000004523. D-1096

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly opened (one 8 SPA) / (Salon Service) with expert therapist. 9938843929. D-75143

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Full body massage in homely atmosphere in all therapy. Mob: 8114881641. D-73440

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରେଣୁବାଳା ମିଶ୍ର**
ଆବିର୍ଭାବ: ୧୪।୦୯।୧୯୫୦
ତିରୋଧାନ: ୦୨।୦୮।୨୦୨୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ ।**
ଧ-୧୧୦୨

**ତୋରି ସ୍ମୃତିରେ**



**୰ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)**
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ - ବୋଉ ଓ ଆତ୍ମୀୟ ସ୍ୱଜନ
ଧ-୭୪୫୬୬

# କ୍ରାନ୍ତିପାତ ଓ ଅୟନାନ୍ତ



ଇଂ. ମାୟାଧର ସ୍ୱାଇଁ

"ଜୁନ୍ ମାସ ୨୧ ତାରିଖ ଦିନ କର୍କଟ କ୍ରାନ୍ତି ଆଖପାଖ ଅଞ୍ଚଳରେ ଦିନ ୧୩ ଘଣ୍ଟା ଓ ରାତି ୧୧ ଘଣ୍ଟା ହୁଏ। ଏଠାରୁ ଉତ୍ତର ଦିଗକୁ ଗଲେ ଦିନ କ୍ରମଶଃ ବଢ଼ିଥାଏ ଓ ରାତି ଛୋଟ ହୋଇଥାଏ। ଜୁନ୍ ମାସ ୨୧ ତାରିଖ ଦିନ ୬୬.୫ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ଦିନ ୨୪ ଘଣ୍ଟା ହୁଏ ଓ ରାତି ଆଦୌ ହୁଏ ନାହିଁ। ସେଠାରୁ ଆହୁରି ଉତ୍ତରକୁ ଗଲେ ଉତ୍ତର ମେରୁଠାରେ ଛଅ ମାସ ଦିନ ହୁଏ। ଥରେ ସୂର୍ଯ୍ୟ ଉଦୟ ହେଲେ ଏହା ଅସ୍ତ ନ ହୋଇ ଦିଗ୍‌ବଳୟ ଆକାଶରେ ପୂର୍ବରୁ ପଶ୍ଚିମକୁ ପ୍ରତି ୨୪ ଘଣ୍ଟାରେ ଘୂରି ବୁଲୁଥାଏ।"

କ୍ରାନ୍ତିପାତ (Eguinox) ହେଉଛି ବର୍ଷର ଗୋଟିଏ ସମୟ ଯେତେବେଳେ ଦିନ ଓ ରାତି ସମାନ ହୋଇଥାଏ ; ଅର୍ଥାତ୍, ଦିନ ବାର ଘଣ୍ଟା ଓ ରାତି ବାର ଘଣ୍ଟା ହୋଇଥାଏ। ବର୍ଷକରେ ଦୁଇ ଦିନ ଏହା ଆସିଥାଏ। ଗୋଟିଏ ଦିନ ହେଉଛି ମାର୍ଚ୍ଚ ମାସ ୨୧ ତାରିଖ ଓ ଅନ୍ୟ ଦିନଟି ହେଉଛି ସେପ୍ଟେମ୍ବର ମାସ ୨୩ ତାରିଖ। ମାର୍ଚ୍ଚ ମାସ ୨୧ ତାରିଖ ପରେ ଉତ୍ତର ଗୋଲାର୍ଦ୍ଧରେ ବସନ୍ତ ଋତୁ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ଶରତ ଋତୁ ଆରମ୍ଭ ହୋଇଥାଏ।

ଅୟନାନ୍ତ (Solstice) ହେଉଛି ବର୍ଷର ଗୋଟିଏ ସମୟ ଯେତେବେଳେ ଦିନ କିମ୍ବା ରାତିର ଅବଧି ସର୍ବାଧିକ ହୋଇଥାଏ। ଏହା ଜୁନ୍ ମାସ ୨୧ ତାରିଖ ଏବଂ ଡିସେମ୍ବର ମାସ ୨୨ ତାରିଖରେ ଦେଖାଯାଏ। ଜୁନ୍ ୨୧ ତାରିଖରେ ଉତ୍ତର ଗୋଲାର୍ଦ୍ଧରେ ଦିନ ସବୁଠାରୁ ବଡ଼ ଓ ରାତି ସବୁଠାରୁ ଛୋଟ ଥାଏ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ଏହାର ବିପରୀତ ହୋଇଥାଏ। ଅର୍ଥାତ୍ ରାତି ସବୁଠାରୁ ବଡ଼ ଓ ଦିନ ସବୁଠାରୁ ଛୋଟ ଥାଏ। ଅନ୍ୟପକ୍ଷରେ ଡିସେମ୍ବର ୨୨ ତାରିଖରେ ଦକ୍ଷିଣ ଗୋଲାର୍ଦ୍ଧରେ ଦିନ ସବୁଠାରୁ ବଡ଼ ଓ ରାତି ସବୁଠାରୁ ଛୋଟ ହୋଇଥାଏ ଏବଂ ଉତ୍ତର ଗୋଲାର୍ଦ୍ଧରେ ଏହାର ବିପରୀତ ହୋଇଥାଏ। ଜୁନ୍ ୨୧ ତାରିଖରୁ ଉତ୍ତର ଗୋଲାର୍ଦ୍ଧରେ ଗ୍ରୀଷ୍ମଋତୁ ଓ ଦକ୍ଷିଣ ଗୋଲାର୍ଦ୍ଧରେ ଶୀତଋତୁ ଆରମ୍ଭ ହୁଏ। ସେହିପରି ଡିସେମ୍ବର ୨୨ ତାରିଖରେ ଉତ୍ତର ଗୋଲାର୍ଦ୍ଧରେ ଶୀତ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ଗ୍ରୀଷ୍ମଋତୁ ଆରମ୍ଭ ହୁଏ।




ଦେଖିବା ଦିନ ଓ ରାତି ଛୋଟ ବଡ଼ କାହିଁକି ହେଉଛି? ପୃଥିବୀର ନିଜ ଅକ୍ଷ ଚାରିପଟେ ୩୬୫ ଦିନରେ ଥରେ ପରିକ୍ରମଣ ହେଉଛି ଏହାର କାରଣ। ପୃଥିବୀ ନିଜ ଅକ୍ଷ ଚାରିପଟେ ବୁଲୁଥିବାରୁ ଦିନ, ରାତି, ସକାଳ, ସନ୍ଧ୍ୟା ଆଦି ହୁଏ। ପୃଥିବୀର ଆକାର ହେଉଛି କମଳା ପରି ଗୋଲ। ପୃଥିବୀର ଯେଉଁ ଅର୍ଦ୍ଧେକ ସୂର୍ଯ୍ୟ ଆଡକୁ ଥାଏ, ସେଠାରେ ଦିନ ଏବଂ ଅନ୍ୟ ଅର୍ଦ୍ଧେକରେ ରାତି ହୋଇଥାଏ। ସର୍ବଦା ପୃଥିବୀ ଅର୍ଦ୍ଧେକ ଅଂଶ ଦିନ ଓ ଅର୍ଦ୍ଧେକ ଅଂଶ ରାତି ହୋଇଥାଏ।

ପୃଥିବୀ ଅକ୍ଷ ଏହାର କକ୍ଷ ସମତଳ ସହିତ ୬୬.୫ ଡିଗ୍ରୀ କୋଣ କରି ରହିଛି। ଏଣୁ ଏହା ନିଜ କକ୍ଷରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିରେ ଅବସ୍ଥାନ କରିଥାଏ। ଏହା ନିଜ କକ୍ଷରେ ଯେତେବେଳେ ସୂର୍ଯ୍ୟଆଡ଼କୁ ସମାନ ଭାବରେ ଢଳି କରି ଥାଏ, ପୃଥିବୀରେ ଦିନ ଓ ରାତି ସମାନ ହୋଇଥାଏ ; ଅର୍ଥାତ୍ କ୍ରାନ୍ତିପାତ ହୋଇଥାଏ। ଏହା ମାର୍ଚ୍ଚ ମାସ ୨୧ ତାରିଖ ଓ ସେପ୍ଟେମ୍ବର ମାସ ୨୩ ତାରିଖରେ ହୋଇଥାଏ ଏବଂ ଏହି ଦୁଇ ଦିନ ସୂର୍ଯ୍ୟ ବିଷୁବରେଖା ଉପରେ ରହିଥାଏ।

ଜୁନ୍ ମାସ ୨୧ ତାରିଖ ଦିନ ସୂର୍ଯ୍ୟ କର୍କଟକ୍ରାନ୍ତି ଉପରେ ଅବସ୍ଥାନ କରିଥାଏ ଏବଂ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟ ଆଡ଼କୁ ସର୍ବାଧିକ ଢଳିକରି ଥାଏ। ବାସ୍ତବରେ ମାର୍ଚ୍ଚ ୨୨ ତାରିଖରୁ ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟ ଆଡ଼କୁ ଢଳିବା ଆରମ୍ଭ କରେ ଓ ଜୁନ୍ ମାସ ୨୧ ତାରିଖରେ ଏହା ସବୁଠାରୁ ଅଧିକ ଢଳିଥାଏ। ଏଣୁ ମାର୍ଚ୍ଚ ମାସ ୨୩ ତାରିଖରୁ ଉତ୍ତର ଗୋଲାର୍ଦ୍ଧରେ ଦିନ କ୍ରମଶଃ ବଢ଼ିଥାଏ ଓ ରାତି ଛୋଟ ହେଉଥାଏ ଏବଂ ଜୁନ୍ ମାସ ୨୧ତାରିଖରେ ଦିନ ସବୁଠାରୁ ବଡ଼ ଓ ରାତି ସବୁଠାରୁ ଛୋଟ ହୋଇଥାଏ। ଦକ୍ଷିଣ ଗୋଲାର୍ଦ୍ଧରେ ଏହାର ବିପରୀତ ହୁଏ।

ଜୁନ୍ ମାସ ୨୧ ତାରିଖ ଦିନ କର୍କଟ କ୍ରାନ୍ତି ଆଖପାଖ ଅଞ୍ଚଳରେ ଦିନ ୧୩ ଘଣ୍ଟା ଓ ରାତି ୧୧ ଘଣ୍ଟା ହୁଏ। ଏଠାରୁ ଉତ୍ତର ଦିଗକୁ ଗଲେ ଦିନ କ୍ରମଶଃ ବଢ଼ିଥାଏ ଓ ରାତି ଛୋଟ ହୋଇଥାଏ। ଜୁନ୍ ମାସ ୨୧ ତାରିଖ ଦିନ ୬୬.୫ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ଦିନ ୨୪ ଘଣ୍ଟା ହୁଏ ଓ ରାତି ଆଦୌ ହୁଏ ନାହିଁ। ସେଠାରୁ ଆହୁରି ଉତ୍ତରକୁ ଗଲେ ଉତ୍ତର ମେରୁଠାରେ ଛଅ ମାସ ଦିନ ହୁଏ। ଥରେ ସୂର୍ଯ୍ୟ ଉଦୟ ହେଲେ ଏହା ଅସ୍ତ ନ ହୋଇ ଦିଗ୍‌ବଳୟ ଆକାଶରେ ପୂର୍ବରୁ ପଶ୍ଚିମକୁ ପ୍ରତି ୨୪ ଘଣ୍ଟାରେ ଘୂରି ବୁଲୁଥାଏ।

ଡିସେମ୍ବର ୨୨ ତାରିଖ ଦିନ ଠିକ୍ ଏହାର ଓଲଟା ହୁଏ। ସେହିଦିନ ୬୬.୫ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ୨୪ ଘଣ୍ଟା ରାତି ହୁଏ। ସେଠାରୁ ମେରୁ ପର୍ଯ୍ୟନ୍ତ ସ୍ଥାନ ଛଅ ମାସ ପର୍ଯ୍ୟନ୍ତ ଅନ୍ଧାରରେ ରହେ। ଦକ୍ଷିଣ ଗୋଲାର୍ଦ୍ଧରେ ଏହାର ବିପରୀତ ହୁଏ। ସେଠାରେ ଡିସେମ୍ବର ମାସ ୨୨ ତାରିଖରେ ସୂର୍ଯ୍ୟ ମକର କ୍ରାନ୍ତି ଉପରେ ଅବସ୍ଥାନ କରେ ଏବଂ ଏହି ଦିନ ଦକ୍ଷିଣ ଗୋଲାର୍ଦ୍ଧରେ ସବୁଠାରୁ ବଡ଼ ଦିନ ଓ ଛୋଟ ରାତି ହୋଇଥାଏ।

ବାସ୍ତବରେ ସୂର୍ଯ୍ୟ ଗତି କରୁ ନ ଥିଲେ ସୁଦ୍ଧା ଆମକୁ ସୂର୍ଯ୍ୟ ଗତି କରୁଥିବା ଭଳି ପ୍ରତୀତ ହୁଏ। ସୂର୍ଯ୍ୟର ବିଷୁବରେଖାର ଏହିପରି ଚଳନକୁ ଉତ୍ତରାୟନ ଓ ବିଷୁବରେଖାର ଦକ୍ଷିଣକୁ ଏହିପରି ଚଳନକୁ ଦକ୍ଷିଣାୟନ କୁହାଯାଏ। ଭାରତର ବେଦ ଓ ଉପନିଷଦରେ ସୂର୍ଯ୍ୟର ୨୩.୫ ଡିଗ୍ରୀ ଉତ୍ତର ଓ ଦକ୍ଷିଣ ଚଳନକୁ ନେଇ ଉତ୍ତରାୟନ ଓ ଦକ୍ଷିଣାୟନ କଥା ବର୍ଣ୍ଣନା କରାଯାଇଛି।

ମୋଟ ଉପରେ କହିଲେ ପୃଥିବୀର ନିଜ ଅକ୍ଷରେ ଘୂର୍ଣ୍ଣନ, ସୂର୍ଯ୍ୟ ଚାରିପଟେ ପରିକ୍ରମଣ ଏବଂ ଏହାର ଅକ୍ଷ ଏହାର କକ୍ଷପଥ ସହ ଲମ୍ବ ଭାବରେ ନ ରହି ୬୬.୫ ଡିଗ୍ରୀ କୋଣ କରି ରହିଥିବାରୁ ପୃଥିବୀରେ ଦିନ ଓ ରାତିର ଅବଧି ସର୍ବଦା ପରିବର୍ତ୍ତନ ହେଉଥାଏ। ଏହି ସମାନ କାରଣରୁ ପୃଥିବୀରେ ଋତୁ ପରିବର୍ତ୍ତନ ମଧ୍ୟ ହୋଇଥାଏ।

-୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଅଧିକ ଚା' ପିଉଥିଲେ



ଭାରାକ୍ରାନ୍ତ ମନକୁ ହାଲୁକା କରିବାକୁ କପେ ଚା' କିମ୍ବା କଫି ଲୋଡା ପଡ଼େ। ହେଲେ ଏଗୁଡିକର ପରିମାଣ ଯଦି ଅଧିକ ହୋଇଯାଏ ତେବେ ତାହାର ପ୍ରଭାବ ଶରୀର ଉପରେ ପଡିଥାଏ। ଏକ ସଦ୍ୟ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଥର ଚା' ପିଅନ୍ତି ତେବେ ତାହା ଦାନ୍ତ କ୍ଷୟ କରିବାର ଆଶଙ୍କା ରହିଛି। 'ଅତ୍ୟଧିକ ଥର ଚା' ପିଇବା ଏବଂ ଦାନ୍ତ କ୍ଷୟ' ବିଷୟକୁ ନେଇ ସିଓଲ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ପ୍ରତିଦିନ ଅତ୍ୟଧିକ ଚା' ପିଉଥିବା କେତେକ ବ୍ୟକ୍ତିଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଚା'ରେ ଏଭଳି ତତ୍ତ୍ୱ ରହିଛି, ଯାହା ଦାନ୍ତ କ୍ଷୟ କରିବାର ଆଶଙ୍କା ରହିଛି। ତେଣୁ ଏହାର ପରିମାଣ ସୀମିତ ରହିବା ନିହାତି ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଉପକାରୀ ବାସି ରୁଟି



ରୁଟି ଏପରି ଏକ ଖାଦ୍ୟ ଯେଉଁଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଗରମ ଗରମ ରୁଟି ଖାଇବାକୁ ଭାରି ମଜା ଲାଗେ। କେବଳ ସେତିକି ନୁହେଁ, ବାସି ରୁଟିରେ ମଧ୍ୟ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ଏଭଳି ରୁଟି ଏସିଡ୍‌ଜନିତ ସମସ୍ୟା କେତେକାଂଶରେ ଦୂର କରିଥାଏ। ପାଚନ କ୍ରିୟାକୁ ମଧ୍ୟ ସକ୍ରିୟ ରଖେ। ବିଶେଷଭାବରେ ପେଟଜନିତ ସମସ୍ୟା ସହ ଜଡ଼ିତ ବ୍ୟକ୍ତିମାନଙ୍କ ପାଇଁ ଏଭଳି ରୁଟି ବେଶ୍ ଉପକାରୀ। ନିୟମିତ ବାସି ରୁଟି ଖାଇଲେ ତାହା ରକ୍ତଚାପକୁ ସନ୍ତୁଳିତ ରଖିଥାଏ। ଗହମରୁ ପ୍ରସ୍ତୁତ ରୁଟିରେ ଫାଇବର ଭରି ରହିଛି। ଏହି ରୁଟି ଶରୀର ପାଇଁ ବେଶ୍ ଉପକାରୀ।

## ଜାଣି ରଖନ୍ତୁ...



- ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ।
- ଖାଉଥିବା ଖାଦ୍ୟରେ ସବୁବେଳେ ଶାଗ ଜାତୀୟ ଖାଦ୍ୟ ଏବଂ ଫଳ ସାମିଲ୍ କରନ୍ତୁ, ଯାହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇବ।
- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଏହା ମାନସିକ ଶାନ୍ତି ପ୍ରଦାନ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।
- ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ, ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟମ ଆଦି ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଡାକ୍ତରଙ୍କ ସହ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ପରାମର୍ଶ କରନ୍ତୁ।
- କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। କାମ କଲା ବେଳେ ମଝିରେ ମଝିରେ ବିରତି ନିଅନ୍ତୁ। ଫଳରେ ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।
- ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଏହା ଶରୀରରେ ଗ୍ୟାଷ୍ଟ୍ରିକଜନିତ ସମସ୍ୟା ସୃଷ୍ଟି କରିଥାଏ।

## ଅତ୍ୟଧିକ ଖାଦ୍ୟ ଓ ସ୍ମରଣ ଶକ୍ତି



ମନ ପସନ୍ଦର ଖାଦ୍ୟ ଦେଖିଲେ ପ୍ରାୟ ଅନେକଙ୍କ ପାଟିରୁ ଲାଳ ଗଡ଼ିଥାଏ। ହେଲେ ଆମେ ଆବଶ୍ୟକ ମୁତାବକ ଖାଇବା ଦରକାର। ନ ହେଲେ ତାହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ନିକଟରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତି ତେବେ ତାହାର ପ୍ରଭାବ ସମ୍ପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ଉପରେ ପଡ଼ିଥାଏ। 'ଅତ୍ୟଧିକ ପରିମାଣର ଖାଦ୍ୟ ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ଆବଶ୍ୟକ ମୁତାବକ ଖାଦ୍ୟ ଖାଇବାକୁ ଏବଂ ଅନ୍ୟ ଗ୍ରୁପ୍‌ର ବ୍ୟକ୍ତିମାନଙ୍କୁ ସେମାନଙ୍କ ମନମୁତାବକ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ପରିମାଣର ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟତା ଦେଖିବାକୁ ମିଳିଥିଲା।

## ପାକସ୍ଥଳୀ ସଂକ୍ରମଣରୁ ରକ୍ଷା କରେ ଆଖୁରସ



ଆଖୁ ରସରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଏହା ପାକସ୍ଥଳୀ ସଂକ୍ରମଣରୁ ରକ୍ଷା କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଏହି ରସରେ ଭିଟାମିନ୍ ଏବଂ ନ୍ୟୁଟ୍ରିସନ୍ ଯଥା ପଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ମାଙ୍ଗାନିଜ୍, ରିବୋଫ୍ଲାବିନ୍ ଓ ଆମିନୋ ଏସିଡ୍ ଭରି ରହିଛି। ଏହା ଦାନ୍ତ ଓ ଦାନ୍ତର ମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ଆଖୁ ରସରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଅଛି। ଏହାକୁ ପିଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜ୍‌ଭୁତ କରିବାରେ ମଧ୍ୟ ଏହା ସାହାଯ୍ୟ କରେ। ଏଥିରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏହା ଶରୀରରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିଥାଏ। ଶରୀରରେ ଯଦି କୋଲେଷ୍ଟରଲ୍ କିମ୍ବା ସୋଡ଼ିୟମ୍‌ର ପରିମାଣ କମିଯାଏ, ତେବେ ଆଖୁରସ ପିଇବା ଦ୍ୱାରା ଏହା କେତେକାଂଶରେ ସନ୍ତୁଳିତ ଅବସ୍ଥାକୁ ଆସିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ନିଦ୍ରାଜନିତ ସମସ୍ୟା ରହିଛି ତେବେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ଏ ସମ୍ପର୍କରେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ରାତିରେ ଯେତେ ସମ୍ଭବ ହାଲୁକା ଖାଦ୍ୟ ଖାଆନ୍ତୁ। ଏଭଳି ଖାଦ୍ୟ ଖାଇବା ଦରକାର ଯାହା ସହଜରେ ହଜମ ହେଉଥିବ। ରାତ୍ରିଭୋଜନ ଖାଦ୍ୟ ତାଲିକାରେ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଆପଣଙ୍କ ବୟସ ଯଦି ୪୦ ଟପିଲାଣି ତେବେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରୁହନ୍ତୁ। ବିଶେଷଭାବରେ ନିୟମିତ ସମୟ ଅନ୍ତରାଳରେ ବ୍ଲଡପ୍ରେସର, ଡାଇବେଟିସ୍, କୋଲେଷ୍ଟରଲ ଆଦିର ପରିମାଣ କେତେ ରହୁଛି ତାହା ମାପି ନିଅନ୍ତୁ।
- ବୟସ ବଢ଼ିବା ସହ ଯଦି ଆପଣ କିଛି ଶାରୀରିକ ସମସ୍ୟା ଅନୁଭବ କରୁଛନ୍ତି, ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଅଯଥାରେ ଟେନସନରେ ରୁହନ୍ତୁ ନାହିଁ।
- ପରିଶ୍ରମ ଅନୁସାରେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ।




# ଇତିହାସ ରଚିବ ଚନ୍ଦ୍ରୟାନ-୩

(ଶେଷ ଭାଗ)

ପରବର୍ତ୍ତୀ ଚନ୍ଦ୍ରୟାନ-୨ ଅଭିଯାନରେ ଏକ ଅତ୍ୟାଧୁନିକ ଉପକରଣ ବିଶିଷ୍ଟ ଯାନକୁ ଚନ୍ଦ୍ରପୃଷ୍ଠରେ ଏକ ନିରାପଦ ଧୀର ଅବତରଣ ଜରିଆରେ ଖସାଇ ଚନ୍ଦ୍ରମାଟିକୁ ଛୁଇଁବାର ଆଶା ରଖାଯାଇଥିଲା। ମାତ୍ର ଏହି ଅଭିଯାନ କ୍ଷେତ୍ରରେ ଭାରତକୁ ସମ୍ପୂର୍ଣ୍ଣ ସଫଳତା ମିଳି ନ ଥିଲା। ଏଥିରେ ଥିବା 'ଅର୍ବିଟର୍' ଯାନଟି ଯୋଜନା ମତେ ଚନ୍ଦ୍ରକୁ ସଫଳତାର ସହିତ ପରିକ୍ରମା କରି ଚନ୍ଦ୍ରପୃଷ୍ଠର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲାବେଳେ ଏଥିରୁ ବିଚ୍ଛିନ୍ନ ହୋଇ ଏକ ଅବତରକ ଯାନ 'ବିକ୍ରମ' ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ପାଇଁ ଉଦ୍ୟମ କରିଥିଲା। ବିକ୍ରମ ଅବତରକ ଯାନଟିରେ ଏକ ଚକଲଗା ଗାଡି ବା ରୋଭର୍ (ନାମ: ପ୍ରଜ୍ଞାନ) ମଧ୍ୟ ସ୍ଥାନିତ ଥିଲା ଯାହା ଚନ୍ଦ୍ରପୃଷ୍ଠରେ ପହଞ୍ଚିବା ମାତ୍ରେ ଅବତରକ ଯାନରୁ ବାହାରି ଚନ୍ଦ୍ରପୃଷ୍ଠ ଉପରେ ଗଡ଼ିଗଡ଼ି ବୈଜ୍ଞାନିକ ତଥ୍ୟାବଳୀ ସଂଗ୍ରହ କରିବା କଥା। ଦୁର୍ଭାଗ୍ୟକ୍ରମେ, ବିକ୍ରମ ଅବତରକ ଯାନଟି ସୁଚାରୁ ରୂପେ ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରି ନ ପାରି ୨୦୧୯ ମସିହା ସେପ୍ଟେମ୍ବର ୬ ତାରିଖ ଦିନ ଚନ୍ଦ୍ରମାଟିରେ ପିଟି ହୋଇ ନଷ୍ଟ ହୋଇଯିବା ସହିତ ଭୂପୃଷ୍ଠ ସହିତ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା। ଏହା ସହିତ ଭାରତର ଚନ୍ଦ୍ରମାଟିକୁ ଛୁଇଁବାର ସ୍ୱପ୍ନ ଅଧୁରା ରହି ଯାଇଥିଲା।

**ଚନ୍ଦ୍ରକୁ ଛୁଇଁବାର ଆଶା:** ପୂର୍ବର ସଫଳତା ଓ ବିଫଳତାର ମିଶ୍ର ଅନୁଭୂତି ପରେ ଭାରତ ଏବେ ଚନ୍ଦ୍ରୟାନ-୩ ଅଭିଯାନ ଜରିଆରେ ପୂର୍ବର ତ୍ରୁଟିକୁ ସୁଧାରି ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରି ଇତିହାସ ରଚନା କରିବାକୁ ଯାଉଛି। ଚନ୍ଦ୍ରୟାନ-୩ ର ସମୁଦାୟ ତିନୋଟି ଏକକ ବା ମଡ୍ୟୁଲ୍ ରହିଛି, ଯଥା: ପ୍ରପଲସନ୍ ମଡ୍ୟୁଲ ଯାହା ଯାନକୁ ଗତିଶୀଳତା ପ୍ରଦାନ କରିବ। ଦ୍ୱିତୀୟଟି ହେଲା ଅବତରକ ମଡ୍ୟୁଲ ଯାହା ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରି ଚନ୍ଦ୍ରମାଟିକୁ ଛୁଇଁବ। ତୃତୀୟଟି ହେଲା ରୋଭର୍ ମଡ୍ୟୁଲ ଯାହା ଏକ ଚକଲଗା ଗାଡ଼ି ସଦୃଶ ଚନ୍ଦ୍ରପୃଷ୍ଠରେ ଗଡ଼ିଗଡ଼ି ବିଭିନ୍ନ ବୈଜ୍ଞାନିକ ତଥ୍ୟ ସଂଗ୍ରହ କରିବ। ଚନ୍ଦ୍ରୟାନ-୨ ଅଭିଯାନରେ ଥିବା ଅର୍ବିଟର ମଡ୍ୟୁଲକୁ ଚଳିତ ଚନ୍ଦ୍ରୟାନ-୩ ଅଭିଯାନରେ ସ୍ଥାନିତ କରାଯାଇ ନାହିଁ। ଯେହେତୁ ଚନ୍ଦ୍ରୟାନ-୨ ଅଭିଯାନର ଅର୍ବିଟର୍ ମଡ୍ୟୁଲଟି ଏବେବି ଚନ୍ଦ୍ରକକ୍ଷରେ ସକ୍ରିୟ ଅଛି, ଚନ୍ଦ୍ରୟାନ-୩ ପୂର୍ବର ଏହି ବ୍ୟବସ୍ଥାକୁ ବ୍ୟବହାର କରି ଭୂପୃଷ୍ଠ ସହିତ ଯୋଗାଯୋଗ ଭଳି ନିଜର ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରି ପାରିବ। ସୁତରାଂ ଚନ୍ଦ୍ରୟାନ-୩ ଅଭିଯାନରେ ଜାଣିଶୁଣି ଅର୍ବିଟର୍ ମଡ୍ୟୁଲ୍‌କୁ ସ୍ଥାନିତ କରାଯାଇ ନାହିଁ।

ଚନ୍ଦ୍ରୟାନ-୩ ଅଭିଯାନର ପ୍ରମୁଖ ଲକ୍ଷ୍ୟ ହେବ ଚନ୍ଦ୍ରପୃଷ୍ଠରେ ନିରାପଦ ଭାବେ 'ଧୀର ଅବତରଣ' କରିବା। ଏହା ବାସ୍ତବ ପକ୍ଷରେ ଅତ୍ୟନ୍ତ କଠିନ ଓ ଜଟିଳ ପ୍ରକ୍ରିୟା ଏବଂ ଏଥିନିମନ୍ତେ ଅତି ଉଚ୍ଚକୋଟୀର ପ୍ରଯୁକ୍ତି ବିଦ୍ୟା ଓ ଜ୍ଞାନକୌଶଳର ପ୍ରୟୋଗ ଆବଶ୍ୟକ। ଅବତରକ ଯାନଟି ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ଦ୍ରୁତଗତିରେ ଚନ୍ଦ୍ରପୃଷ୍ଠ ଆଡ଼କୁ ଛୁଟି ଯାଉଥିଲାବେଳେ ତୁରନ୍ତ ଏହାର ପ୍ରଚଣ୍ଡ ବେଗକୁ ଯଥେଷ୍ଟ ମାତ୍ରାରେ ହ୍ରାସକରି ଚନ୍ଦ୍ରମାଟିରେ ସୁରକ୍ଷିତ ଧୀର ଅବତରଣ କରାଇବାକୁ ପଡ଼େ। ନହେଲେ ଯାନଟି ଦ୍ରୁତଗତିରେ ଯାଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯାଏ। ମାତ୍ର ଏ କ୍ଷେତ୍ରରେ ଏକ ପ୍ରମୁଖ ସମସ୍ୟା ହେଉଛି, ଚନ୍ଦ୍ରର ପୃଥିବୀ ଭଳି ବାୟୁମଣ୍ଡଳ ନ ଥିବାରୁ ଏଠାରେ ଯାନର ଦୂରନ୍ତ ଅଗ୍ରଗାମୀ ଗତିକୁ ପ୍ରତିହତ କରିବା ପାଇଁ ପାରମ୍ପରିକ ଆକାଶଛତା ବା ପାରାସ୍ୟୁଟ୍ ବ୍ୟବସ୍ଥା କାର୍ଯ୍ୟ କରେ ନାହିଁ। ତେଣୁ ଯାନର ବେଗକୁ ଯଥେଷ୍ଟ ହ୍ରାସ କରିବା ପାଇଁ ଯାନ ସହିତ କିଛି 'ରେଟ୍ରୋ ରକେଟ୍' ଖଞ୍ଜା ଯାଇଥାଏ, ଯାହାର ଇଞ୍ଜିନକୁ ଯାନର ଅଗ୍ରଗାମୀ ଗତିର ବିପରୀତ ଦିଗରେ କ୍ରମାନ୍ୱୟରେ ଚାଳନା କରି ଯାନର ବେଗକୁ ଏକ ସୁରକ୍ଷିତ ଅବତରଣ ନିମନ୍ତେ ମନ୍ଦିତ କରାଯାଏ। ଠିକ୍ ସମୟରେ ଠିକ୍ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ଯାନର ବେଗକୁ ନିୟନ୍ତ୍ରିତ କରିପାରିଲେ ଯାଇ ଏହି ଦୁର୍ବାର ଲକ୍ଷ୍ୟ ହାସଲ କରାଯାଇ ଯାନକୁ ଚନ୍ଦ୍ରମାଟିରେ ଧୀର ଅବତରଣ କରାଯାଇ ପାରିବ; ନଚେତ ଯାନଟି ଦ୍ରୁତଗତିରେ ଚନ୍ଦ୍ର ପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯିବ। ଧୀର ଅବତରଣର ଏହି ପ୍ରଯୁକ୍ତିଗତ ଜଟିଳତା ପାଇଁ ହିଁ ବିଶ୍ୱର ମାତ୍ର ତିନୋଟି ରାଷ୍ଟ୍ର ଏପର୍ଯ୍ୟନ୍ତ ଚନ୍ଦ୍ରପୃଷ୍ଠରେ ନିଜ ଯାନକୁ ସଫଳତାର ସହ ନିରାପଦ ରୂପେ ଅବତରଣ କରାଇବାରେ ସକ୍ଷମ ହୋଇଛନ୍ତି ଏବଂ ଏ କ୍ଷେତ୍ରରେ ମାତ୍ର ଏକ-ତୃତୀୟାଂଶ ପ୍ରୟାସକୁ ସଫଳତା ମିଳିଛି। ଏହି ପ୍ରଯୁକ୍ତିଗତ ବିଫଳତା ପାଇଁ ହିଁ ପୂର୍ବର ଚନ୍ଦ୍ରୟାନ -୨ ଅଭିଯାନ ବିଫଳ ହୋଇଗଲା।



ଚନ୍ଦ୍ରୟାନ-୩ ଅଭିଯାନର ପ୍ରକଳ୍ପ ଖର୍ଚ୍ଚ ହେବ ସମୁଦାୟ ୬୧୫ କୋଟି ଟଙ୍କା। ପୂର୍ବରୁ ଚନ୍ଦ୍ରକୁ ସଫଳ ଅଭିଯାନ ପ୍ରେରଣ କରିଥିବା ବିଭିନ୍ନ ଦେଶ ନିଜ ଯାନକୁ ଚନ୍ଦ୍ରର ବିଷୁବରେଖା ନିକଟରେ ଅବତରଣ କରାଇଥିଲାବେଳେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ରୂପେ ନିଜର ଯାନକୁ ଏହାର ଦକ୍ଷିଣ ମେରୁ ନିକଟରେ ଅବତରଣ କରାଇବାକୁ ଯାଉଛି। ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଏପରି କିଛି ଗଭୀର ଗହ୍ୱର ଅଛି, ଯାହାର ତଳ ସ୍ଥାୟୀ ରୂପେ ଅନ୍ଧକାରରେ ରହେ, ଅର୍ଥାତ ସୂର୍ଯ୍ୟାଲୋକ ସେଠାରେ ଏବେ ସୁଦ୍ଧା ପହଞ୍ଚି ପାରିନାହିଁ। ସୁତରାଂ ଅତ୍ୟଧିକ ଶୀତଳତା ହେତୁ ସେଠାରେ ଜଳ ସମେତ କିଛି ଦୁର୍ଲଭ ରାସାୟନିକ ଉପାଦାନ ଜମାଟ ବାନ୍ଧି କଠିନ ଅବସ୍ଥାରେ ବିଦ୍ୟମାନ ଥିଲାବେଳେ ପରମାଣବିକ ସ୍ତରରେ ପରିବର୍ତ୍ତିତ ନହୋଇ ସୃଷ୍ଟି ସମୟର ଆଦିମ ଅବସ୍ଥାରେ ଅଟକି ରହି ଥିବାର ଅନୁମାନ କରାଯାଏ। ଭାରତର ଚନ୍ଦ୍ରୟାନ-୩ ଅଭିଯାନ ଏହି ସ୍ଥାନରେ ପହଞ୍ଚି ଏଭଳି ବିରଳ ଓ ବିଚିତ୍ର ପଦାର୍ଥର ଅନୁଧ୍ୟାନ ପୂର୍ବକ ସୌରଜଗତ ତଥା ଆମ ବିଶ୍ୱ ସୃଷ୍ଟି ସମ୍ପର୍କରେ ବହୁ ଅଜଣା ଓ ଅସମାହିତ ରହସ୍ୟକୁ ଉନ୍ମୋଚନ କରିବ ବୋଲି ଅଶା କରାଯାଏ। ଚନ୍ଦ୍ରୟାନ-୩ ଅଭିଯାନ ଜରିଆରେ ଆମ ଦେଶ ଚନ୍ଦ୍ରମାଟିକୁ ଛୁଇଁବାରେ ସଫଳ ହୋଇ ପାରିଲେ ଯେ ଏହା ସମଗ୍ର ଦେଶ ତଥା ଆମ ବୈଜ୍ଞାନିକମାନଙ୍କ ପାଇଁ ଏକ ବିରାଟ ଉପଲବ୍ଧି ହେବ, ଏଥିରେ ସନ୍ଦେହ ନାହିଁ।

-ନିକୁଞ୍ଜ ବିହାରୀ ସାହୁ
ମୋ: ୮୯୧୭୬୩୭୯୭୪

# ମହାରାଷ୍ଟ୍ର ପାଇଁ ଗୌରବ ଆଣିଲେ ଓଡ଼ିଆ ପୁଅ

ଭୁବନେଶ୍ୱର, ୨୦।୮
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ରବିବାର ଶେଷ ହୋଇଛି ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍। ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ୨୫ ରାଜ୍ୟ ଓ ଅନୁଷ୍ଠାନରୁ ୯୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୩୨ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୧୫ ମହିଳା ଓ ୧୭ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ପ୍ରତିଯୋଗୀ ପଦକ ଜିତିବାରେ ସକ୍ଷମ ହୋଇନାହାନ୍ତି। ତେବେ ମହାରାଷ୍ଟ୍ର ପାଇଁ ଗୌରବ ଆଣିଛନ୍ତି ଜଣେ ଓଡ଼ିଆ ଖେଳାଳି। ସେ ହେଉଛନ୍ତି ରିଷଭ ଦାସ। ରିଷଭ କେବଳ ଯେ ପଦକ ହାସଲ କରିଛନ୍ତି ତା' ନୁହେଁ ଭାଗ ନେଇଥିବା ୮ ଇଭେଣ୍ଟରୁ ୭ଟି ପଦକ ଜିତି ଏକପ୍ରକାର ସୁଇପ୍ କରିଛନ୍ତି କହିଲେ ଭୁଲ ହେବନି।

ରିଷଭଙ୍କ ଘର କଟକରେ। ତାଙ୍କ ମା'ଙ୍କ ନାମ ପ୍ରଜ୍ଞା ଓ ବାପା ଅନୁପମ ଦାସ। ପରିବାର ସହ ପିଲାଟି ଦିନରୁ ନଭି ମୁମ୍ବାଇରେ ରହୁଥିବା ମହାରାଷ୍ଟ୍ର ରାଜ୍ୟ ପକ୍ଷରୁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆସୁଛନ୍ତି। ୧୬ ବର୍ଷୀୟ ରିଷଭ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୪x୧୦୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୧୦୦ ମିଟର ଫ୍ରିଷ୍ଟାଇଲ ରିଲେ ଏବଂ ୪x୨୦୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ସେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହା ବ୍ୟତୀତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏବଂ ୪x୧୦୦ ମିଟର ମିଡ୍‌ଲେ ରିଲେରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି। କେବଳ ୫୦ ମିଟର ମିଡ୍‌ଲେ ଇଭେଣ୍ଟରେ ସେ ପଦକ ମିସ୍ କରିଥିଲେ। ରିଷଭ ସମ୍ପ୍ରତି ମହାରାଷ୍ଟ୍ରର ଭାଶିସ୍ଥିତ ଅଗ୍ନେଲ ମଲ୍ଟିପର୍ପୋସ ସ୍କୁଲ୍‌ର ୧୦ମ ଷ୍ଟାଣ୍ଡାର୍ଡର ଛାତ୍ର। ଶିବ ଛତ୍ରପତି ପୁରସ୍କାରପ୍ରାପ୍ତ କୋଚ୍ ଗୋକୁଳ କାମାଥ ଓ ରୁତୁଜା ଉଦେଶିଙ୍କଠାରୁ ସେ ପ୍ରଶିକ୍ଷଣପ୍ରାପ୍ତ।

୧୪ ବର୍ଷର ହୋଇଥିବାବେଳେ ରିଷଭ ୨୦୨୧ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ମନୋନୀତ ହୋଇଥିଲେ। ସେଥିରେ ସେ ୧୮ ବର୍ଷରୁ କମ୍ ବର୍ଗରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ସେଠାରେ ସେ ଭାରତର ସର୍ବକନିଷ୍ଠ ଖେଲୋ ଇଣ୍ଡିଆ ପଦକ ବିଜେତା ହୋଇଥିଲେ। ୨୦୨୨ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ। କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଆକ୍ୱାଟିକ୍ ସେଣ୍ଟରରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ରିଷଭ। ଏଠାକାର ଭିତ୍ତିଭୂମି ଏବଂ ସୁବିଧା ସୁଯୋଗରେ ସେ ଅଭିଭୂତ। ଏଥିପାଇଁ ସେ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଛନ୍ତି। ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୨:୦୬. ୧୩ ସେକେଣ୍ଡ ସମୟ ନେଇଥିବା ରିଷଭ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ପଦକ ସହ ରିଷଭ ଦାସ।

# କର୍ଣ୍ଣାଟକ ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୨୦।୮ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ନବନିର୍ମିତ ଆକ୍ୱାଟିକ୍ ସେଣ୍ଟରରେ ଜାତୀୟ ଜୁନିୟର ଏବଂ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ ୧୧୯ଟି ପଦକ ଜିତି କର୍ଣ୍ଣାଟକ ଓଭରଅଲ୍ ଚାମ୍ପିୟନ ହୋଇଛି। ଏହା ମଧ୍ୟରେ ୫୦ ସ୍ୱର୍ଣ୍ଣ, ୪୭ ରୌପ୍ୟ ଓ ୨୭ ବ୍ରୋଞ୍ଜ ପଦକ ସାମିଲ। ମହାରାଷ୍ଟ୍ର ୫୪ଟି ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ରାଜ୍ୟର ପ୍ରତିଯୋଗୀମାନେ ୧୧ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୧୯ ବ୍ରୋଞ୍ଜ ପଦକ ପାଇଛନ୍ତି। ତାମିଲନାଡୁ ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୮ ବ୍ରୋଞ୍ଜ ସହ ମୋଟ ୩୭ଟି ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ବାଳିକା ବର୍ଗରେ ଭ୍ରିଭି ଅଗ୍ରୱାଲ, ତନିଶି ଗୁପ୍ତା ଓ ସନିଧି ମୁଖାର୍ଜୀ ଏବଂ ବାଳକରେ ୟୁଗ୍ ଚେଲାନି, ଇଶାନ ମେହେରା ଓ ଅବ୍‌ଦୁଲ ହାଫିଜ ନିଜ ନିଜ ଏଜ୍ ଗ୍ରୁପ୍‌ରେ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି।

ପ୍ରତିଯୋଗିତାର ଶେଷ ଦିବସରେ ୪ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଗ୍ରୁପ୍-୧ ବାଳିକାରେ ମହାରାଷ୍ଟ୍ରର ପଲକ ଯୋଶୀ ୨:୨୧.୩୮ ସେକେଣ୍ଡ ସମୟ ନେଇ ନୂଆ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ତାଙ୍କୁ ଚ୍ୟାଲେଞ୍ଜ ଦେଇଥିବା କର୍ଣ୍ଣାଟକର ରିଧିମା ବୀରେନ୍ଦ୍ର କୁମାର ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଏଠାରେ ସ୍ୱର୍ଣ୍ଣ ଜିତିବା ପଥରେ ପଲକ ୨୦୧୫ରେ ମାନ୍ନା ପଟେଲ (୨:୨୧.୪୧) କରିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ସେହିପରି ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଗ୍ରୁପ-୨ ବାଳକରେ କର୍ଣ୍ଣାଟକର ବେଦାନ୍ତ ଭି. ମଧୁର ୨:୧୧.୭୪ ସେକେଣ୍ଡ ସମୟ ନେଇ ପୂର୍ବରୁ ଆର୍ଯ୍ୟନ ଭୋସାଲେଙ୍କ ନାମରେ ଥିବା ରେକର୍ଡକୁ ଭଙ୍ଗ କରିଛନ୍ତି।



ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଓଭରଅଲ୍ ଚାମ୍ପିୟନ ହୋଇଥିବା କର୍ଣ୍ଣାଟକ ଦଳ।

## ଜାତୀୟ ଜୁନିୟର ଆକ୍ୱାଟିକ୍ ଉଦ୍‌ଯାପିତ

କର୍ଣ୍ଣାଟକର ତନିଶି ଗୁପ୍ତା ଓ ଧିନିଧି ଦେସିଙ୍ଘୁଙ୍କ ମଧ୍ୟରେ ଅନ୍ତିମ ଦିବସରେ ମଧ୍ୟ କଡ଼ା ଟକ୍କର ହୋଇଥିଲା। ୫୦ ମିଟର ବଟରଫ୍ଲାଏ ଗ୍ରୁପ୍-୨ ବାଳିକାରେ ତନିଶି ୨୮.୫୨ ସେକେଣ୍ଡ ନେଇ ସ୍ୱର୍ଣ୍ଣ ଓ ଧିନିଧି ୨୮.୭୧ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ପାଇଥିଲେ। ଚଳିତ ଦିବସର ପ୍ରାରମ୍ଭରେ ହିଟ୍‌ରେ ତନିଶି ୨୮.୮୬ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିବାବେଳେ ଫାଇନାଲ୍‌ରେ ଉଭୟ ଖେଳାଳି ସେହି ଟାଇମିଂରେ ଉନ୍ନତି ଆଣିଥିଲେ। ଗତବର୍ଷଠାରୁ କିନ୍ତୁ ଧିନିଧି ଏହି ଇଭେଣ୍ଟରେ ରେକର୍ଡର ଅଧିକାରୀ ଥିଲେ। ୨୦୦ ମିଟର ଫ୍ରିଷ୍ଟାଇଲ ଗ୍ରୁପ୍-୨ ବାଳିକାରେ ଧିନିଧି ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୨:୦୫.୬୨ ସେକେଣ୍ଡ ସମୟ ନେଇଛନ୍ତି। ୨୦୧୯ରେ ବଭ୍ୟା ସଚଦେବା ୨:୧୦.୮୧ ସେକେଣ୍ଡ ସମୟ ନେଇ ରେକର୍ଡର ଅଧିକାରୀ ଥିଲେ। କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୋଟ ୧୯ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ମହାସଚିବ ମୋନାଲ ଚୋକସି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ''ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀରେ ଯୋଗଦେଇ ମୁଁ ପ୍ରକୃତରେ ସମ୍ମାନିତ। ଆଥଲେଟ୍ ଓ ତାଙ୍କ ପରିବାରବର୍ଗ ନୂଆ ଆକ୍ୱାଟିକ୍ ସେଣ୍ଟରର ସୁବିଧା ସୁଯୋଗ ଏବଂ ଓଡ଼ିଶାର ଆତିଥେୟତାକୁ ନିଶ୍ଚିତ ଉପଭୋଗ କରିଥିବେ। ୧୯ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଥିବା ଜାଣି ମୁଁ ବହୁତ ଖୁସି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଏହି ସେଣ୍ଟର ପ୍ରସ୍ତୁତ ହୋଇ ସନ୍ତରଣକାରୀଙ୍କ ଲାଗି ଉତ୍ସର୍ଗ ହୋଇଛି। ସନ୍ତରଣର ବିକାଶ ଏବଂ ଭବିଷ୍ୟତର ଚାମ୍ପିୟନ ଗଢ଼ିବା ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ'' ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ